# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୨୨/୨୦୨୧ (୧୨ ପୃଷ୍ଠା) | Bhubaneswar, Saturday, May 22/2021 | ★★★★★★

୪୭ଶ ଭାଗ ୧୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ମହିଳା ଚେସ୍ ବିଶ୍ୱକପ୍‌ରେ ପଦ୍ମିନୀ ଭାଗନେବେ**
ରୁଷିଆର ସୋଚିଠାରେ ହେବାକୁ ଥିବା ମହିଳା ଚେସ୍ ବିଶ୍ୱକପ୍‌ରେ ଭାଗନେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ। **୧୨**

**୧୦** **ଆପଲ୍ ଟିଭିରେ ପ୍ରସାରିତ ହେବ 'ରାଧେ'**
ବଲିଉଡ୍ ଷ୍ଟାର ସଲ୍‌ମାନ ଖାନ୍‌ଙ୍କ 'ରାଧେ' ଚଳଚ୍ଚିତ୍ର ଆପଲ୍ ଟିଭିରେ ପ୍ରସାରିତ ହେବ। ଏହା ୬୫ରୁ ଊର୍ଦ୍ଧ୍ୱ ଦେଶରେ ଉପଲବ୍ଧ ହେବ।



# ବଳ ଗୋଟାଉଛି ୟାସ୍

ଭୁବନେଶ୍ୱର,୨୧।୫(ବ୍ୟୁରୋ)

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଶନିବାର ଏହା ଲଘୁଚାପରେ ପରିଣତ ହେବ। ଧୀରେ ଧୀରେ ଘନୀଭୂତ ହୋଇ ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ। ୨୪ ତାରିଖରେ ଲଘୁଚାପ ସାମୁଦ୍ରିକ ଝଡ଼ରେ ପରିଣତ ହେବ। ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ଆହୁରି ବଳ ଗୋଟାଇ ଭୟଙ୍କର ବାତ୍ୟା 'ୟାସ୍'ରେ ପରିଣତ ହେବ। ୨୬ ତାରିଖ ସକାଳେ ଏହା ଭଦ୍ରକ ଓ ବାଲେଶ୍ୱର କିମ୍ବା ପଶ୍ଚିମବଙ୍ଗର ଦିଘା ଦେଇ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁମାନ କରିଛି। ବାତ୍ୟା ପ୍ରଭାବରେ ଆସନ୍ତା ୨୨ ତାରିଖରେ ଆଣ୍ଡାମାନ ଓ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଘଣ୍ଟାକୁ ୪୫ରୁ ୫୫ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ବେଳେ ବେଳେ ଏହାର ବେଗ ଘଣ୍ଟା ପ୍ରତି ୬୦ କି.ମି. ରହିବ। ୨୪ ତାରିଖରେ ଘନୀଭୂତ ହୋଇ ବାତ୍ୟାରେ ପରିଣତ ହେବ। ଏହା ଉତ୍ତର ପଶ୍ଚିମ ଦିଗକୁ ଗତିକରି ୨୫ ତାରିଖରେ ଆହୁରି ବଳଶାଳୀ ହୋଇ ସ୍ଥଳଭାଗ ମୁହାଁ ହେବାର

**ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ**
- ଆଜି ଲଘୁଚାପ ରୂପ ନେବ
- ୨୬ରେ ବାଲେଶ୍ୱର ଉପକୂଳ ଅତିକ୍ରମ କରିବା ସମ୍ଭାବନା
- ବାତ୍ୟା ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ
- ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବାହିନୀ ପ୍ରସ୍ତୁତ
- ଉପକୂଳ ଜିଲାରେ ହାଇ ଆଲର୍ଟ

ସମ୍ଭାବନା ରହିଛି। ୨୬ ତାରିଖରେ ଏହି ସାମୁଦ୍ରିକ ଝଡ଼ ଓଡ଼ିଶାର ବାଲେଶ୍ୱର ଜିଲା କିମ୍ବା ପଶ୍ଚିମବଙ୍ଗର ଦିଘା ଉପକୂଳ ଦେଇ ସ୍ଥଳଭାଗରେ ମାଡ଼ହେବ ବୋଲି ଆକଳନ କରାଯାଇଛି। ୟାସ୍ ପ୍ରଭାବରେ ୨୫ ତାରିଖ ରାତିରୁ ଉପକୂଳ ଓଡ଼ିଶାର ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ୨୩ ତାରିଖରୁ ସମୁଦ୍ରର ସ୍ଥିତି ଅତ୍ୟନ୍ତ ଖରାପ ରହିବ। ବଡ଼ ବଡ଼ ଲହଡ଼ି ଉଠିବାର ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଗଭୀର ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୨୩ ତାରିଖ ସୁଦ୍ଧା କୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି।

ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତି ଜୋରସୋରରେ ଆରମ୍ଭ କରିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବାତ୍ୟା ପ୍ରସ୍ତୁତି ନେଇ ଶୁକ୍ରବାର ବିଭିନ୍ନ ବିଭାଗ, ଏନ୍‌ଡିଆରଏଫ୍, ଅଗ୍ନିଶମ ଡିଜି, କୋଷ୍ଟଗାର୍ଡ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଗଞ୍ଜାମଠାରୁ ଆରମ୍ଭ କରି ବାଲେଶ୍ୱର ପର୍ଯ୍ୟନ୍ତ ସମସ୍ତ ଜିଲା ପ୍ରଶାସନକୁ ହାଇଆଲର୍ଟରେ ରଖାଯାଇଛି।

ଏସ୍‌ପି, ଅତିରିକ୍ତ ଜିଲାପାଳ, ଜିଲା ଜରୁରିକାଳୀନ ଅଧିକାରୀ, ଜିଲା ଅଗ୍ନିଶମ ସେବା ଅଧିକାରୀଙ୍କୁ ସତର୍କ ରହିବାକୁ କୁହାଯାଇଛି। ବାତ୍ୟା ଆଶ୍ରୟ ସ୍ଥଳୀଗୁଡ଼ିକର ପ୍ରସ୍ତୁତି କାମ ଆରମ୍ଭ ହୋଇଛି। କେଉଁ ଜିଲାରେ ବାତ୍ୟାର ଅଧିକ ପ୍ରଭାବ ରହିବ ସେ ନେଇ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ହେବାକୁ ଥିବା ସମୀକ୍ଷା ବୈଠକରେ ପଦକ୍ଷେପ ନିଆଯିବ। ବିଭିନ୍ନ ବିଭାଗ ପକ୍ଷରୁ ବାତ୍ୟା ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ମୁଖ୍ୟ ଶାସନ ସଚିବ ବୈଠକ ପରେ ସୂଚନା ଦେଇଛନ୍ତି। ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ପ୍ରଦୀପ କୁମାର ଜେନା କହିଛନ୍ତି ଯେ ଆଶ୍ରୟସ୍ଥଳୀଗୁଡ଼ିକରେ ☞ପୃଷ୍ଠା-୪


ଆଇଏମ୍‌ଡି ପକ୍ଷରୁ ଶୁକ୍ରବାର ରାତିରେ ଜାରି କରାଯାଇଥିବା ୟାସ୍ ଗତିପଥର ଚିତ୍ର ।

# ଭିମ୍‌ସାରରେ ୩ ହ୍ୱାଇଟ୍ ଫଙ୍ଗସ୍ ରୋଗୀ

ସମ୍ବଲପୁର,୨୧।୫(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମ୍‌ସାରରେ ଶୁକ୍ରବାର ୩ ଜଣ ହ୍ୱାଇଟ୍ ଫଙ୍ଗସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବରଗଡ ଜିଲାର ଜଣେ ୫୫ ବର୍ଷର ମହିଳା ଓ ଜଣେ ୫୦ ବର୍ଷର ପୁରୁଷ ଅଛନ୍ତି। ସେହିପରି ଆଉ ଜଣେ ସମ୍ବଲପୁର ଜିଲାର ୫୮ ବର୍ଷର ପୁରୁଷ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛି ବୋଲି ଡାକ୍ତର ଶଙ୍କର ରାମ ଚନ୍ଦାନୀ କହିଛନ୍ତି। ଅନ୍ୟପଟେ ଭିମ୍‌ସାରରେ ୨ଜଣ ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ବରଗଡ ଜିଲାରୁ ଆସିଥିବା ବ୍ଲାକ ଫଙ୍ଗସ୍ ରୋଗୀ(୪୫)ଙ୍କୁ ଏଣ୍ଡୋସ୍କୋପି ମାଧ୍ୟମରେ ଅପରେଶନ କରାଯାଇଛି। ସେହିଭଳି ଝାରସୁଗୁଡା ଜିଲାରୁ ଅନ୍ୟଜଣେ ବ୍ଲାକ୍ ଫଙ୍ଗସ୍ ରୋଗୀ (୪୦) ଭିମ୍‌ସରରେ ଚିକିତ୍ସିତ ହେଉଛନ୍ତି। ସେମାନେ କିଭଳି ସୁସ୍ଥ ହେବେ ସେ ନେଇ ଡାକ୍ତରୀ ଟିମ୍ ଚେଷ୍ଟା କରୁଛନ୍ତି। ଇଞ୍ଜେକଶନ ଏଠାରେ ନାହିଁ। ଏମ୍ସ ସହିତ ଯୋଗାଯୋଗ କରାଯାଇଛି ବୋଲି ଇଏନ୍‌ଟି ବିଭାଗର ମୁଖ୍ୟ ଡାକ୍ତର ଶୋଭାଗିନୀ ଆଚାର୍ଯ୍ୟ କହିଛନ୍ତି।

ଏ ସମ୍ପର୍କରେ ଭିମ୍‌ସାର ଅଧ୍ୟକ୍ଷ ପ୍ରଫେସର ଲାଲ ମୋହନ ନାଏକ କହିଛନ୍ତି, ୨ ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କ ମଧ୍ୟରୁ ବରଗଡର ରୋଗୀ ଜଣଙ୍କ କର୍ଣ୍ଣ ନାସା




ଗଳା ବିଭାଗରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଛି। ଚିକିତ୍ସା ପାଇଁ ଆବଶ୍ୟକ ଇଞ୍ଜେକଶନ ଭିମ୍‌ସାରରେ ଷ୍ଟକ୍ ନାହିଁ। ସେ ସୁରତରେ କାମ କରି ଫେରିଥିଲେ। ପୂର୍ବରୁ ଭିମ୍‌ସାରେ କୋଭିଡ୍ ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ହେଲେ ଗତ ଶନିବାରଠାରୁ ସେ ଭିମସାରରେ ଭର୍ତ୍ତି ହେବା ପରେ ବ୍ଲାକ୍ ଫଙ୍ଗସ୍ ସଂକ୍ରମଣ ହୋଇଥିବା ଜଣାପଡିଥିଲା। ଏ ନେଇ ସରକାରଙ୍କୁ ଅବଗତ କରାଯାଇଛି। ସେହିପରି ଶୁକ୍ରବାର ଆଉଜଣେ ରୋଗୀ ଝାରସୁଗୁଡା ଜିଲାରୁ ଆସିଛନ୍ତି। ତାଙ୍କୁ ଭୁବନେଶ୍ୱର ଏମ୍‌ସ କିମ୍ବା ରାଉରକେଲା ଆଇଜିଏଚ୍‌କୁ ଯିବାକୁ ପରାମର୍ଶ ଦିଆଯାଇଥିଲା। ହେଲେ ସେ ଭିମ୍‌ସାରରେ ଚିକିତ୍ସା ହେବାକୁ କହିଥିଲେ। ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି ବୋଲି କହିଥିଲେ।

# ୨୧ ଦିନରେ ପେଟ୍ରୋଲ ୨.୬୩, ଡିଜେଲ ୩.୩୨ ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧।୫

ଦୁଇଦିନର ବିରତି ପରେ ଶୁକ୍ରବାର ପୁଣି ଥରେ ବଢ଼ିଛି ତେଲ ଦର। ଗତ ୨୧ ଦିନ ମଧ୍ୟରେ ଓଡ଼ିଶା ତୈଳ ବଜାରରେ ପେଟ୍ରୋଲ ଲିଟର ପିଛା ୨.୬୩ ଏବଂ ଡିଜେଲ ୩.୩୨ ଟଙ୍କା



ବୃଦ୍ଧି ପାଇଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ସମାନ ସମୟରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୨.୪୯ ଟଙ୍କା ଏବଂ ଡିଜେଲ ୨.୮୯ ଟଙ୍କା ବଢ଼ିଛି।

ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍)ର ସୂଚନା ଅନୁଯାୟୀ, ଶୁକ୍ରବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୯ ପଇସା ଏବଂ ଡିଜେଲ ୩୨ ପଇସା ବଢ଼ିଛି। ଏଠାରେ ପେଟ୍ରୋଲ ଦର ୯୩.୭୫ ଟଙ୍କା ଏବଂ ଡିଜେଲ ୯୧.୩୦ ଟଙ୍କାରେ ପହଞ୍ଚିଛି। ନୂଆଦିଲ୍ଲୀରେ ☞ପୃଷ୍ଠା-୪




# ଆନ୍ଧ୍ର ପଞ୍ଚାୟତ ନିର୍ବାଚନ ଅସିଦ୍ଧ

ପଚ୍ଚାଙ୍ଗୀ,୨୧।୫(ଡି.ଏନ.ଏ.)

ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ପୁଣି ଲାଗିଛି ଝଟକା। ଆନ୍ଧ୍ର ସରକାର ବିଗତ ଦିନରେ କରିଥିବା ପଞ୍ଚାୟତ ଓ ଜିଲା ପରିଷଦ ନିର୍ବାଚନକୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଅସିଦ୍ଧ ଘୋଷଣା କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପଞ୍ଚାୟତ ଓ ଜିଲା ପରିଷଦ ନିର୍ବାଚନ ପାଇଁ ରହିଥିବା ନିୟମକୁ ଆନ୍ଧ୍ର ସରକାର ଉଲ୍ଲଂଘନ କରି ଏହାକୁ ପାଳନ କରି ନ ଥିବା କହିଛନ୍ତି କୋର୍ଟ। ବିଜ୍ଞପ୍ତି ଜାରି ହେବାର ୪ ସପ୍ତାହ ପରେ ନିର୍ବାଚନ କରିବା ନିୟମ ଥିଲେ ମଧ୍ୟ ଏହାକୁ ଅବଜ୍ଞା କରି ଗୋଟିଏ ସପ୍ତାହ ପରେ ନିର୍ବାଚନ କରି ଆନ୍ଧ୍ର ସରକାର ନିର୍ବାଚନ ନୀତିନିୟମକୁ ଉଲ୍ଲଂଘନ କରିଥିବା ଆରୋପ ଲଗାଇଛନ୍ତି ହାଇକୋର୍ଟ । ଏପ୍ରିଲ ୩ରେ ଆନ୍ଧ୍ରର ଭାଜପା, ଟିଡିପି

**ଘୋଷଣା କଲେ ଆନ୍ଧ୍ରପ୍ରଦେଶ ହାଇକୋର୍ଟ**




ଜନସେନା ପାର୍ଟି ମୁଖ୍ୟ ଏନେଇ ଆନ୍ଧ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପ୍ରିଲ ୬ରେ ହାଇକୋର୍ଟ ପକ୍ଷରୁ ଏକ ତିନିଜଣିଆ ଖଣ୍ଡପୀଠ ଏହାକୁ ବିଚାରକୁ ନେଇ ନିର୍ବାଚନ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆନ୍ଧ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିର୍ବାଚନ କରିବାକୁ ଅନୁମତି ଆଣି ଜିଲା ପରିଷଦ ନିର୍ବାଚନ କରିଥିଲେ। ମାତ୍ର ଏହାକୁ ବିରୋଧକରି ପୁଣି ଥରେ ବିରୋଧୀ ଭାଜପା, ଟିଡିପି ଏବଂ ଜନସେନା ପାର୍ଟି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ଭିତ୍ତିକରି ଆନ୍ଧ୍ର ସରକାର ନିର୍ବାଚନ ପ୍ରକ୍ରିୟା ଏବଂ ନିୟମ ପାଳନ କରିଛନ୍ତି କି ନାହିଁ ତଦନ୍ତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜାରି ବିଜ୍ଞପ୍ତି ଅନୁଯାୟୀ ଆନ୍ଧ୍ର ନିର୍ବାଚନ ପ୍ରକ୍ରିୟା କରିଛି କି ନାହିଁ ସୁପ୍ରିମକୋର୍ଟ ଜାଣିବାକୁ ଚାହିଁଥିଲେ। ବିଜ୍ଞପ୍ତି ଜାରି ହେବାର ୪ ସପ୍ତାହ ପରେ ନିର୍ବାଚନ କରିବା ନିୟମ ଥିଲେ ମଧ୍ୟ ଆନ୍ଧ୍ର ସରକାର ତାହା ପାଳନ କରି ନ ଥିବା ଜଣାପଡିବା ପରେ ହୋଇଥିବା ପଞ୍ଚାୟତ ଏବଂ ଜିଲା ପରିଷଦ ନିର୍ବାଚନକୁ କୋର୍ଟ ଅସିଦ୍ଧ ଘୋଷଣା କରିଥିଲେ।

# ଟିକା ଟେଣ୍ଡର ସର୍ତ୍ତାବଳୀ କୋହଳ

ଭୁବନେଶ୍ୱର,୨୧।୫(ବ୍ୟୁରୋ)

ମହାମାରୀ କୋଭିଡ୍-୧୯ର ମୁକାବିଲା ପାଇଁ ୧୮ରୁ ୪୪ ବର୍ଷ ବର୍ଗର ବ୍ୟକ୍ତିଙ୍କୁ ମାଗଣାରେ ଟିକା ଯୋଗାଇ ଦିଆଯିବ। ଏହି ଲକ୍ଷ୍ୟ ହାସଲ କରିବାକୁ ରାଜ୍ୟ ସରକାର ବିଶ୍ୱ ବଜାରରୁ ଟିକା କ୍ରୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଡକାଯାଇଥିବା ଟେଣ୍ଡର ଦସ୍ତାବିଜ ଓ ସର୍ତ୍ତାବଳୀକୁ ସରକାର କୋହଳ କରିଛନ୍ତି। ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୪ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ବିଶ୍ୱସ୍ତରୀୟ ଟେଣ୍ଡର ମାଧ୍ୟମରେ ଖୋଲା ବଜାରରୁ ଟିକା କ୍ରୟ କରିବାକୁ ଓଡ଼ିଶା ରାଜ୍ୟ ଔଷଧ ନିଗମ(ଓଏସ୍‌ଏମ୍‌ସିଏଲ୍) ପକ୍ଷରୁ ମେ' ୧୪ରେ ଟେଣ୍ଡର ଡକାଯାଇଥିଲା। ଗତ ୧୯ ତାରିଖରେ ଏହାର ପ୍ରି ବିଡିଂ ବୈଠକ ହୋଇଥିଲା। ବିଡରମାନଙ୍କର ଅଂଶଗ୍ରହଣକୁ ଅଧିକ ସରଳୀକୃତ କରିବା ସହ ସେମାନଙ୍କର ବିଭିନ୍ନ ପ୍ରଶ୍ନ ଓ ସମସ୍ୟାକୁ ଅନୁଧ୍ୟାନ କରି ଓଏସ୍‌ଏମ୍‌ସିଏଲ ଦ୍ୱାରା ନିଯୁକ୍ତ ଏକ୍ସପର୍ଟ କମିଟିର ପରାମର୍ଶ କ୍ରମେ ଟେଣ୍ଡର


ସୂଚନା ଦେଉଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ।

**କ୍ୟାବିନେଟ ନିଷ୍ପତ୍ତି**
- ରେଙ୍ଗାଲି ବାମପାର୍ଶ୍ୱ କେନାଲ ଟେଣ୍ଡରକୁ ଅନୁମୋଦନ
- ୩୯,୪୧୫.୯୪ ହେକ୍ଟର ଜମିକୁ ହେବ ଜଳସେଚନ
- ମଦ ଦୋକାନ ଲାଇସେନ୍ସ ଫି' ଛାଡ଼ କରିବେ ସରକାର

ଦସ୍ତାବିଜର ସଂଶୋଧନ କରାଯାଇଛି।

ଆସନ୍ତା ୪ ମାସ ମଧ୍ୟରେ ଟିକାକରଣ ସମ୍ପୂର୍ଣ୍ଣ କରିବା ଏବଂ ବିଶ୍ୱ ବଜାରର ଟିକା ଉତ୍ପାଦନକାରୀ ସଂସ୍ଥାଗୁଡ଼ିକୁ ଆକୃଷ୍ଟ କରିବା ପାଇଁ ଇଏମ୍‌ଡି, ବିଡ୍ ସିକ୍ୟୁରିଟି, ଲିକ୍ୟୁଡେଟେଡ ଡ୍ୟାମେଜ ସର୍ତ୍ତ ଆଦି ଛାଡ଼ କରାଯାଇଛି। ପୂର୍ବରୁ ୨ରୁ ୮ ଡିଗ୍ରୀ ସେଣ୍ଟିଗ୍ରେଡ୍ ମଧ୍ୟରେ ଟିକା ସଂରକ୍ଷିତ ରଖିବା ପାଇଁ ସର୍ତ୍ତ ରଖାଯାଇଥିଲା। ଟିକା ଉତ୍ପାଦନକାରୀ/ଯୋଗାଣକାରୀମାନଙ୍କର ବହୁସଂଖ୍ୟାରେ ଅଂଶଗ୍ରହଣକୁ ଦୃଷ୍ଟିରେ ରଖି -୨୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରାରେ ରହିପାରୁଥିବା ଟିକାଗୁଡ଼ିକୁ ଅନୁମତି ଦିଆଯାଇଛି, ଯାହାକି ୨ ଡିଗ୍ରୀରୁ ୮ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରାରେ ଦୀର୍ଘ ୧୨ ଘଣ୍ଟା ପର୍ଯ୍ୟନ୍ତ ଗୁଣବତ୍ତା ଅପରିବର୍ତ୍ତିତ ରହି ପାରୁଥିବ। ସେହି ଟିକା ଉତ୍ପାଦନକାରୀ/ ଯୋଗାଣକାରୀଙ୍କୁ ମଧ୍ୟ ଏହି ଟେଣ୍ଡରରେ ଭାଗନେବା ପାଇଁ ସମ୍ମତି ଦିଆଯାଇଛି। ବହୁ ସଂଖ୍ୟାରେ ଉତ୍ପାଦନକାରୀ ଅଂଶଗ୍ରହଣ କରିବା ସକାଶେ ସିକ୍ୟୁରିଟି ଡିପୋଜିଟ ୩ ପ୍ରତିଶତକୁ ଉଠାଇ ଦିଆଯାଇଛି। ସେଥିପାଇଁ ଓଜିଏଫ୍‌ଆର ଓ ଡିଏଫ୍‌ଆର ଗାଇଡ୍‌ଲାଇନ୍ସକୁ ସଂଶୋଧନ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।

ଆସନ୍ତା ୨୮ ତାରିଖ ସୁଦ୍ଧା ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ସମୟ ଧାର୍ଯ୍ୟ କରାଯାଇଛି। ଯେତେଶୀଘ୍ର ଟେଣ୍ଡର କରାଯାଇ ଟିକା କ୍ରୟ କରାଯିବ ତାହା ଉପରେ ☞ପୃଷ୍ଠା-୪

# କରୋନାରେ ସୁନ୍ଦରଲାଲ ବହୁଗୁଣାଙ୍କ ପରଲୋକ

ନୂଆଦିଲ୍ଲୀ, ୨୧।୫

ଚିପ୍‌କୋ ମୁଭ୍‌ମେଣ୍ଟର କର୍ଣ୍ଣଧାର ଥିବା ଖ୍ୟାତନାମା ପରିବେଶ କର୍ମୀ ସୁନ୍ଦରଲାଲ ବହୁଗୁଣାଙ୍କର ଶୁକ୍ରବାର ମଧ୍ୟାହ୍ନରେ ଉତ୍ତରାଖଣ୍ଡରେ ପରଲୋକ



ହୋଇଯାଇଛି। ତାଙ୍କୁ ୯୪ ବର୍ଷ ହୋଇଥିଲା। ସେ କରୋନା ଆକ୍ରାନ୍ତ ହୋଇ ମେ' ୮ରେ ଋଷିକେଶସ୍ଥିତ ଏମ୍ସରେ ଭର୍ତ୍ତି ହୋଇଥିଲେ। ଗୁରୁବାର ରାତିରେ ଅକ୍ସିଜେନ୍ ସ୍ତର ଅତ୍ୟଧିକ ହ୍ରାସ ପାଇବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା। ଆଇସିୟୁରେ ତାଙ୍କର ସିପିଏପି ଚିକିତ୍ସା କରାଯାଉଥିଲା। ଶୁକ୍ରବାର ଦିନ ୧୨ଟା ୫ ମିନିଟ ସମୟରେ ତାଙ୍କର ଦେହାନ୍ତ ହୋଇଥିବା ଏମ୍ସ ନିର୍ଦ୍ଦେଶକ ରବିକାନ୍ତ କହିଛନ୍ତି। ବହୁଗୁଣାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତିରଥ ସିଂ ରାୱତ୍ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଗାନ୍ଧୀବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ବହୁଗୁଣା ଚିପ୍‌କୋ ଆନ୍ଦୋଳନକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିଥିଲେ। ୭୦ ଦଶକରେ ଭାରତରେ ବ୍ୟାପକ ଜଙ୍ଗଲ କଟାଯାଉଥିଲା। ଜଙ୍ଗଲ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବା ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବନ୍ୟ ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଥିଲା। ବନ ସଂରକ୍ଷଣ ଉଦ୍ୟମରେ ବହୁଗୁଣାଙ୍କ ଚିପ୍‌କୋ ମୁଭ୍‌ମେଣ୍ଟ ଏକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଘରେ ଅନଶନ**

**ଆଜିର ମନ୍ତବ୍ୟ**

"ବିରୋଧୀ ଦଳଗୁଡ଼ିକ ଦୁଇ ଭାରତୀୟ ଭାକ୍ସିନର ନିରାପତ୍ତାକୁ ନେଇ ପ୍ରଶ୍ନ ଉଠାଇବା ସହ ଟିକାକରଣ କାର୍ଯ୍ୟକ୍ରମକୁ ସମାଲୋଚନା କରି ଏଥିରେ ବ୍ୟାଘାତ ସୃଷ୍ଟି ଲାଗି ସମସ୍ତ ଉଦ୍ୟମ ଚଳାଇଛନ୍ତି।

**-ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

# ଖବରଦାତାଙ୍କୁ ପୋଲିସ ଆକ୍ରମଣର ନିନ୍ଦା



**କରୋନା ଭଳି ମହାବିପତ୍ତି ସମୟରେ ପୁରୀରେ ଜଣେ ପରିବା ବ୍ୟବସାୟୀଙ୍କୁ ପୋଲିସର ନିର୍ଘାତ ମାଡ଼ ସମ୍ପର୍କରେ ଖବର ସଂଗ୍ରହ କରୁଥିବା ଧରିତ୍ରୀର ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକ ମଧ ଆକ୍ରମଣର ଶିକାର ହୋଇଛନ୍ତି। ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କ ଉପରେ ପୋଲିସର ଅମାନବୀୟ କାର୍ଯ୍ୟକୁ ବିଭିନ୍ନ ମହଲରୁ କଠୋର ଭାଷାରେ ନିନ୍ଦା କରାଯାଉଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତଥା କରୋନା ଲଢ଼େଇର ସମ୍ମୁଖ ଯୋଦ୍ଧା ସାଜିଥିବା ଖବରଦାତାଙ୍କ ଉପରେ ଆଉ ଏଭଳି ଘଟଣା ଯେମିତି ନ ଘଟିବ ସେଥିପାଇଁ ସମ୍ପୃକ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ଼ ଦାବି ହୋଇଛି।**

## ଗଣତାନ୍ତ୍ରିକ ବ୍ୟବସ୍ଥା ଦୁର୍ବଳ ହେଲେ ପୋଲିସ ଏଭଳି ଆଚରଣ ଦେଖାଏ

ଗଣତାନ୍ତ୍ରିକ ବ୍ୟବସ୍ଥା ଦୁର୍ବଳ ହୋଇପଡ଼ିଲେ ପୋଲିସର ଏଭଳି ଆଚରଣ ପ୍ରକାଶ ପାଏ। ପୁରୀରେ ଖବରଦାତାଙ୍କ ଉପରେ ପୋଲିସର ଆକ୍ରମଣ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ପୋଲିସ ଡିଜିଙ୍କୁ ମଧ ଘଟଣା ସମ୍ପର୍କରେ ଜଣାଯାଇଛି। ଏହା ସତ୍ତ୍ୱେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଓଡ଼ିଶାରେ ପୋଲିସ ଏଭଳି ଆଚରଣ ବାରମ୍ବାର ଘଟାଉଛି। ଏଥିପାଇଁ ରାଜ୍ୟ ସରକାର ଉଚିତ ପଦକ୍ଷେପ ନେବା ଆବଶ୍ୟକ। ସମୟ ଆସିଛି ସମସ୍ତ ଗଣମାଧମ ଏକଜୁଟ୍ ହେବା ଆବଶ୍ୟକ।

- ରବି ଦାସ, ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର

## ଏଭଳି ଘଟଣା ନିନ୍ଦନୀୟ

ପୁରୀ ଜିଲା ଧରିତ୍ରୀର ସାମ୍ବାଦିକ ଦତ୍ତାତ୍ରେୟ ନାୟକଙ୍କ ଉପରେ ହୋଇଥିବା ପୋଲିସର ବର୍ବର ଆକ୍ରମଣକୁ ଘୋର ନିନ୍ଦା କରୁଛି। ଗଣତନ୍ତ୍ର ଶାସନରେ ଏଭଳି ଘଟଣା ନିନ୍ଦନୀୟ। ସମ୍ପୃକ୍ତ ପୋଲିସ କର୍ମଚାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ମୁଁ ଦାବି କରୁଛି।

- ନୀତେଶ ଗଙ୍ଗଦେବ, ଏମ୍‌ପି, ସମ୍ବଲପୁର

## ପୋଲିସର ବ୍ରିଟିଶ୍‌ରାଜ ଅକ୍ଷମଣୀୟ

ପରିବା ଦୋକାନୀଙ୍କୁ ଏମିତି ଅମାନବୀୟ ଭାବେ ମାଡ଼ମାରି ହସ୍ପିଟାଲରେ ଭର୍ତ୍ତି କରିବା ପୁରୀ ପୋଲିସର ବ୍ରିଟିଶ୍‌ରାଜ ମନୋଭାବ ପରିପ୍ରକାଶ କରୁଛି। ପୁଣି ଏହାକୁ ଯେବେ ଜଣେ କାର୍ଯ୍ୟରତ ସାମ୍ବାଦିକ ପ୍ରତିବାଦ କଲେ, ପ୍ରଶ୍ନ କଲେ ପୋଲିସର ଲାଠି ତାଙ୍କ ଉପରକୁ ଉଠିଛି। ଧରିତ୍ରୀର ପୁରୀ ଜିଲା ପ୍ରତିନିଧି ଦତ୍ତାତ୍ରେୟଙ୍କୁ ପୋଲିସର ଏଭଳି ବର୍ବରୋଚିତ ଆକ୍ରମଣ ଅତ୍ୟନ୍ତ ଭାବେ ପୋଲିସର ଅକ୍ଷମଣୀୟ ଅପରାଧ ଓ ଚରମ ବିଶୃଙ୍ଖଳିତ ଆଚରଣ। ଏଥିରେ ସମ୍ପୃକ୍ତ ଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

- ପ୍ରଦୀପ୍ତ କୁମାର ନାୟକ, ମାନବାଧିକାର କର୍ମୀ, ଭୁବନେଶ୍ୱର

## ସାମ୍ବାଦିକଙ୍କୁ ଆକ୍ରମଣ କରିବା ପୋଲିସର ରାଜଧର୍ମ ନୁହେଁ

କାର୍ଯ୍ୟରତ ସାମ୍ବାଦିକଙ୍କୁ ପୋଲିସ ବିନା କାରଣରେ ଆକ୍ରମଣ କରିବା ଅନୁଚିତ ଏବଂ ନିନ୍ଦନୀୟ। ସାମ୍ବାଦିକମାନେ ଜନତାର ସ୍ୱରକୁ ଲୋକଲୋଚନକୁ ଆଣନ୍ତି। ସମାଜର କଲ୍ୟାଣ ନିମନ୍ତେ କାର୍ଯ୍ୟ କରନ୍ତି। କୌଣସି ସମାଜରେ ବାର୍ତ୍ତାବହଙ୍କୁ ଆକ୍ରମଣ କରାଯାଏ ନାହିଁ। ସାମ୍ବାଦିକ ଜଣେ ବାର୍ତ୍ତାବହ, ତାଙ୍କୁ ଆକ୍ରମଣ କରିବା ଆଦୌ ରାଜଧର୍ମ ନୁହେଁ।

- ମୃଣାଳ ଚାଟାର୍ଜୀ, ଆଞ୍ଚଳିକ ନିର୍ଦ୍ଦେଶକ, ଆଇଆଇଏମ୍‌ସି, ଢେଙ୍କାନାଳ

## ସାମ୍ବାଦିକଙ୍କ ମୁହଁ ବନ୍ଦ ପାଇଁ ଆକ୍ରମଣ

ପୋଲିସ ସାଧାରଣ ଜନତାଙ୍କ ଉପରେ ଅତ୍ୟାଚାର କରୁଥିବା ସମୟରେ ଜଣେ କାର୍ଯ୍ୟରତ ସାମ୍ବାଦିକ ଏହାର ବିରୋଧ କରିଥିଲେ। ପୋଲିସ ତାଙ୍କ ମୁହଁ ବନ୍ଦ କରିବା ପାଇଁ ଯୋଜନାବଦ୍ଧ ଭାବେ ତାଙ୍କୁ ମଧ ଆକ୍ରମଣ କଲା। ଏହାକୁ ଯେତେ ନିନ୍ଦା କଲେ ମଧ କମ୍ ହେବ। ସମସ୍ତ ଘଟଣାର ଭିଡିଓ ଥିଲେ ମଧ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଏଥିରେ ସାମିଲ, ସେମାନଙ୍କୁ ଯଦି ତଦନ୍ତ ଭାର ଦିଆଯିବ, ତାହା ହେଲେ ଫଳ ଜଳଜଳ।

- ସୁବ୍ରତ ନନ୍ଦ, ଆବାହକ, ଭ୍ରଷ୍ଟାଚାର ବିରୋଧୀ ସଂଗଠନ

## ପୋଲିସର ଅମାନୁଷିକ କାର୍ଯ୍ୟ

ପୁରୀରେ କାର୍ଯ୍ୟରତ ଖବରଦାତାଙ୍କୁ ପୋଲିସର ମାଡ ମାରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ପୋଲିସକୁ ପ୍ରଶ୍ନ କରିବା ଖବରଦାତାର କାର୍ଯ୍ୟ। କିନ୍ତୁ ପ୍ରତିବଦଳରେ ପୋଲିସର ଅମାନୁଷିକ କାର୍ଯ୍ୟ ଗ୍ରହଣୀୟ ନୁହେଁ। ଅତୀତରେ ମଧ ପୁରୀ ଓ ଅନ୍ୟ ସ୍ଥାନରେ ପୋଲିସର ଆକ୍ରମଣର ଶିକାର ହୋଇଛନ୍ତି ଖବରଦାତା। କିନ୍ତୁ ରାଜ୍ୟର ଶାସନ ବ୍ୟବସ୍ଥା ଏହି ଘଟଣାକୁ ଗୁରୁତ୍ୱ ଦେଇନାହିଁ।

- ରାଜାରାମ ଶତପଥୀ, ବରିଷ୍ଠ ଖବରଦାତା, ଭୁବନେଶ୍ୱର

## ଖାକି ପୋଷାକର ଦାଦାଗିରି

ପୋଲିସ ବର୍ଦ୍ଦି ଲୋକଙ୍କୁ ସାହାଯ୍ୟ ଓ ସୁରକ୍ଷା ଯୋଗାଇବା ଲାଗି, ଲାଠିଚାଳନା ପାଇଁ ନୁହେଁ। ପୁଣି ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧମ ପ୍ରିନିଧିଙ୍କ ପ୍ରତି ପୋଲିସର ଏଭଳି ଆକ୍ରମଣ ନିଶ୍ଚିତ ଖାକି ପୋଷାକର ଦାଦାଗିରି ବୋଲି କହିପାରିବା। ଏହା ଅମାନବୀୟ କାର୍ଯ୍ୟ। ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ।

- ମନୋରଞ୍ଜନ ଦାସ, ଶିକ୍ଷାବିତ୍, ଭୁବନେଶ୍ୱର

## ପୋଲିସ ମାନସିକ ଭାରସାମ୍ୟ ହରାଇଛି

ପୁରୀ ପୋଲିସ ମାନସିକ ଭାରସାମ୍ୟ ହରାଇଥିବା ପରି ମନେହୁଏ। ପୋଲିସ ଯେପରି କର୍ତ୍ତବ୍ୟ ସମ୍ପାଦନ

କରୁଛନ୍ତି, ଖବରଦାତା ମଧ ସେପରି ନିଜ କର୍ତ୍ତବ୍ୟ କରୁଛନ୍ତି। ସୂଚନା ଚାହୁଁଥିବା ଜଣେ ଖବରଦାତାଙ୍କୁ ବଳପୂର୍ବକ ଧରି ମାଡ଼ମାରିବା କ'ଣ ପୋଲିସ ଆଚରଣର ପରିସରଭୁକ୍ତ କି? ଏ ପ୍ରକାର ମାନସିକତାର ପୋଲିସଙ୍କ ପ୍ରତି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯାଇ ଆଚରଣ ପରିବର୍ତ୍ତନ ପାଇଁ ବାର୍ତ୍ତା ଦିଆଯିବା ଆବଶ୍ୟକ। ପୋଲିସ ନିଜକୁ ସରକାରୀ ଗୁଣ୍ଡାରେ ପରିଣତ ନ କରି ସାଧାରଣ ଜନତାଙ୍କ ନିକଟତର ହେବା ଆବଶ୍ୟକ। ନଚେତ ପୋଲିସ ବିରୋଧରେ ଜନମତ ସୃଷ୍ଟି ହେବା ଅବଶ୍ୟମ୍ଭାବୀ।

- ସୌଭାଗ୍ୟ ସୁନ୍ଦରରାୟ, ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ

ପରିବା ବ୍ୟବସାୟୀମାନେ ଖରାତରାରେ ରାସ୍ତାରେ ବସି ବେପାର କରୁଛନ୍ତି। ସେମାନଙ୍କ ଉପରେ ଅତ୍ୟାଚାର କରିବା ସାଂଘାତିକ ଅପରାଧ। ପରିବା ବ୍ୟବସାୟୀଙ୍କ ପ୍ରତି ପୁରୀ ପୋଲିସର କଡ଼ା ଆଭିମୁଖ୍ୟ ଅତ୍ୟନ୍ତ ନିନ୍ଦନୀୟ। ଏଥିସହ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

- ନୀଳକଣ୍ଠ ମହାନ୍ତି, ସମ୍ପାଦକ, କଟକ ଛତ୍ରବଜାର ପୂଜା କମିଟି

## ଓଏଚ୍‌ଆର୍‌ସି ନିଜ ଆଡୁ କାର୍ଯ୍ୟାନୁଷ୍ଠାନ କରନ୍ତୁ

କରୋନା ସମୟରେ ଖବରଦାତାମାନେ ନିଜ ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରୁଥିବାବେଳେ ପୋଲିସ ସେମାନଙ୍କୁ ମାଡ଼ ମାରିବା ଅତି ନିନ୍ଦନୀୟ ଘଟଣା। ପୁରୀରେ ଜଣେ ଖବରଦାତାଙ୍କୁ ସ୍ଥାନୀୟ ପୋଲିସ ଯେଉଁଭଳି ମାଡ଼ ମାରିଲେ ଓ ଦୁର୍ବ୍ୟବହାର କଲେ ତାହା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ପ୍ରତି ଅପମାନ ସଦୃଶ। ଓଡ଼ିଶା ମାନବ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି) ନିଜ ଆଡୁ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ଗରିବ ଓ ଉଠାଦୋକାନୀମାନଙ୍କୁ କରୋନା ନିୟମାବଳୀ ରକ୍ଷା ନାମରେ ପୋଲିସ ଯେଉଁଭଳି ବ୍ୟବହାର ଦେଖାଉଛି ତାହା ନିନ୍ଦନୀୟ।

- ସତ୍ୟ ରାୟ, ବରିଷ୍ଠ ସାମ୍ବାଦିକ, କଟକ

## ଡିଜିପିଙ୍କ ତଦନ୍ତ ନିର୍ଦ୍ଦେଶ ଉଚିତ ପଦକ୍ଷେପ

ଯେଉଁ ଅଭିଯୋଗ ହୋଇଛି ତାହାକୁ ପୋଲିସ ମହାନିର୍ଦ୍ଦେଶକ ଦୃଷ୍ଟିକୁ ନେଇଛନ୍ତି। ସାମ୍ବାଦିକ ଓ ଫଳ ବିକ୍ରେତାଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନର ତଦନ୍ତ ପାଇଁ ଡିଜିପି ନିର୍ଦ୍ଦେଶ ଦେବା ଉଚିତ ପଦକ୍ଷେପ। ତଦନ୍ତ ରିପୋର୍ଟ ଆସିବା ପରେ କାହାର ତ୍ରୁଟି ରହିଛି ସେ ବିଷୟରେ ଆଲୋକପାତ କରିବା ସହ ଦୋଷୀ ପୋଲିସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବେ ଗ୍ରହଣ କରିବେ। ତେବେ ତଦନ୍ତ ରିପୋର୍ଟ ହିଁ ମୁଖ୍ୟ ହେବ।

- ଗୋପାଳ ନନ୍ଦ, ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ, କଟକ

## ପୋଲିସ ମଧରେ ମାନବିକତାର ଅଭାବ ଘଟିଛି

ସାମ୍ବାଦିକମାନେ ହେଉଛନ୍ତି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ସେମାନଙ୍କ ପ୍ରତି ପୋଲିସର ବର୍ବରୋଚିତ ବ୍ୟବହାରକୁ ମୁଁ ଦୃଢ଼ ନିନ୍ଦା କରୁଛି। ପୋଲିସର ଏଭଳି ଘୃଣ୍ୟ କାର୍ଯ୍ୟାନୁଷ୍ଠାନ ସୂଚାଇ ଦେଉଛି ଯେ, ପୋଲିସ ମଧରେ ମାନବିକତାର ଅଭାବ ଘଟିଛି। ତେବେ ସାମ୍ବାଦିକ ଜଣଙ୍କ ଆଇନର ଆଶ୍ରୟ ନେଲେ ଦୋଷୀ ପୋଲିସ ଉଚିତ ଦଣ୍ଡ ପାଇପାରନ୍ତେ।

- ଦେବାଶିଷ ପଣ୍ଡା, କ୍ରିମିନାଲ ଆଡଭୋକେଟ୍, କଟକ

## ପୋଲିସର ଦମନଲୀଳାକୁ ସୂଚାଉଛି

କରୋନା ସମୟରେ ସାମ୍ବାଦିକମାନେ ଗ୍ରାଉଣ୍ଡ ଜିରୋରୁ ଖବର ସଂଗ୍ରହ କରି ଲୋକଙ୍କ ନିକଟରେ ପହଞ୍ଚାଇ ତାଙ୍କର ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଭଳି ସ୍ଥିତିରେ ଜଣେ ସାମ୍ବାଦିକଙ୍କୁ ପୋଲିସ ନିଷ୍ଠୁରତାର ଶିକାର ହେବାକୁ ପଡ଼ିଛି। ସେହିପରି ମହାମାରୀ ସମୟରେ ଗରିବ ଲୋକେ ଜୀବନ ଜୀବିକା ସହ ସଂଘର୍ଷ କରୁଛନ୍ତି। ପୋଲିସର ଏଭଳି ଦମନଲୀଳା ସୂଚାଉଛି ଯେ, ଏବେ ସରକାରୀ କଳ ସମ୍ପୂର୍ଣ୍ଣ ଭାବେ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଚାଲୁଛି। ଏହା ଅତ୍ୟନ୍ତ ନିନ୍ଦନୀୟ।

- ମହମ୍ମଦ ମୋକିମ୍, ବାରବାଟୀ-କଟକ ବିଧାୟକ

## ପୋଲିସଠାରୁ ସହନଶୀଳତା ଆଶା କରାଯାଉଛି

ନିଃସ୍ୱାର୍ଥପର ଭାବେ ଖବର ସଂଗ୍ରହ କରିବା ଗଣମାଧମ ପ୍ରତିନିଧିଙ୍କର ପ୍ରଥମ ଦାୟିତ୍ୱ। ତାହା ସମ୍ପାଦନ କରିବା ସତ୍ତ୍ୱେ ପୋଲିସର ଆକ୍ରମଣ ନିହାତି ନିନ୍ଦନୀୟ ଘଟଣା। ଖବର ପଛରେ ଦିନ ରାତି ସମୟ ଦେବା ପରେ ମଧ ମାଡ଼ ଖାଇବାକୁ ପଡୁଛି। ଏକଥା ଶୁଣି ଦେହ ସମ୍ଭାଳୁନାହିଁ। ପୋଲିସଠାରୁ ସହନଶୀଳତା ଆଶା କରାଯାଉଛି।

- ମଧୁସୂଦନ ମିଶ୍ର, ବରିଷ୍ଠ ଖବରଦାତା, ପୁରୀ

## ସମ୍ପୃକ୍ତ ଖବରଦାତାଙ୍କୁ ନ୍ୟାୟ ମିଳୁ

ଖବରଦାତାଙ୍କ ଦାୟିତ୍ୱ ଯେକୌଣସି ସ୍ଥାନରେ ପହଞ୍ଚି ଖବର ସଂଗ୍ରହ କରିବା। ପୋଲିସ ମଧ ନିଜ କର୍ତ୍ତବ୍ୟ କରୁ।

ଜଣେ ଖବରଦାତାଙ୍କୁ ପୋଲିସର ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରୁଛି। ଏଭଳି ବ୍ୟବହାର ପୁରୀ ପୋଲିସଠାରୁ ଆଶା କରାଯାଉନାହିଁ। ସମ୍ପୃକ୍ତ ଖବରଦାତାଙ୍କୁ ନ୍ୟାୟ ମିଳୁ।

- ସିଦ୍ଧାର୍ଥ ରାୟ, ପୂର୍ବତନ ଅଧକ୍ଷ, ଶିଶୁ କଲ୍ୟାଣ କମିଟି, ପୁରୀ

## ଖବରଦାତାଙ୍କୁ ଆକ୍ରମଣକୁ ନିନ୍ଦା କରୁଛି

ଜଣେ ବ୍ୟକ୍ତି ଖବରଦାତା ବୋଲି ପରିଚୟ ଦେବା ପରେ ବି ପୋଲିସ ଆକ୍ରମଣ କରିବା ଆଦୌ ଠିକ୍ ହୋଇନି। ଘଟଣାକୁ ଦୃଢ ବିରୋଧ କରିବା ସହ ନିନ୍ଦା କରୁଛି। ଅମାନିଆଙ୍କୁ ସାବାଡ୍ କରିବା ପୋଲିସର କାର୍ଯ୍ୟ, ଏଥିରେ ଦ୍ୱିମତ ନାହିଁ। ମାତ୍ର ସମାଜର ଦର୍ପଣ ଖବରଦାତାଙ୍କୁ କାହିଁକି ପୋଲିସ ଆକ୍ରମଣ କରୁଛି ତାହା ବୁଝାପଡୁନାହିଁ।

- ଜୟନ୍ତ ଷଡ଼ଙ୍ଗୀ, ବିଧାୟକ, ପୁରୀ

## ପୋଲିସ କ୍ଷମତାର ଅପବ୍ୟବହାର କରୁଛି

ପୁରୀରେ ଖବରଦାତାଙ୍କୁ ପୋଲିସର ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ପୋଲିସର କାମ ଆଇନଶୃଙ୍ଖଳା ରକ୍ଷା କରିବା। ଗୋଡ଼ାଇ ଗୋଡ଼ାଇ ପିଟିବାକୁ ଅଧିକାର ଦିଆଯାଇନାହିଁ। କରୋନା ନିୟନ୍ତ୍ରଣ ଲାଗି ସରକାର କଟକଣା ଜାରି କରିଛନ୍ତି। ପୋଲିସ ନିଜ କ୍ଷମତାର ଅପବ୍ୟବହାର କରି ଆକ୍ରମଣ କରିବା ଘଟଣାକୁ ନିନ୍ଦା କରୁଛି। ଦଣ୍ଡ ଦେବା ଅଧିକାର କୋର୍ଟଙ୍କର ରହିଛି, ପୋଲିସର ନୁହେଁ। ପୋଲିସ ମହାନିର୍ଦ୍ଦେଶକ ଏଥିରେ ହସ୍ତକ୍ଷେପ କରିବା ଜରୁରୀ ହୋଇପଡିଛି।

- ଶିଶିର ପରିଡ଼ା, ପୂର୍ବତନ ବାର୍ ସଭାପତି, ଖୋର୍ଦ୍ଧା ଓକିଲ ସଂଘ

## ଖବରଦାତାଙ୍କୁ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ

ସରକାର ଏବଂ ଜନତାଙ୍କ ମଧରେ ଖବରଦାତା ହେଉଛନ୍ତି ମାଧମ। କରୋନା ସମୟରେ ସମସ୍ତେ ଘରେ ରହିଥିବା ବେଳେ ଖବରଦାତାମାନେ ନିଜ ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରୁଛନ୍ତି। ପୁରୀରେ ଜଣେ ଛାପା ଗଣମାଧମ ପ୍ରତିନିଧିଙ୍କୁ ପୋଲିସ ଯେଉଁଭଳି ଆକ୍ରମଣ କରିଛି, ଏହା ଅତ୍ୟନ୍ତ ନିନ୍ଦନୀୟ। ମୁଁ ଏହାର ଦୃଢ଼ ବିରୋଧ କରୁଛି।

- ଲୋହିତ ନାରାୟଣ ମହାପାତ୍ର, କାର୍ଯ୍ୟକାରୀ ସଭାପତି, ଓୟୁଜେ, ଖୋର୍ଦ୍ଧା

## ମୁଖ୍ୟମନ୍ତ୍ରୀ ଘଟଣାର ତଦାରଖ କରନ୍ତୁ

ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ପୋଲିସର ଆକ୍ରମଣ ଘଟଣା ପ୍ରଥମେ ସୋସିଆଲ ମିଡିଆରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲି। ଏହା ଏକ ଅସାମ୍ବିଧାନିକ ଓ ନିନ୍ଦନୀୟ ଘଟଣା। କୋଭିଡ୍ ସମୟରେ ଜଣେ ଖବରଦାତା ଆଗଧାଡ଼ିର ଯୋଦ୍ଧା। ତାଙ୍କୁ ଯଦି ପୋଲିସ ଏଭଳି ବ୍ୟବହାର କରିବ, ରାଜ୍ୟର ଶାସନ କେଉଁ ସ୍ତରରେ ପହଞ୍ଚିଛି ଖୋଦ୍ ମୁଖ୍ୟମନ୍ତ୍ରୀ ଏହାକୁ ତଦାରଖ କରିବା ଦରକାର। ଆକ୍ରମଣକାରୀ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍।

- କେଶୁ ଦାସ, ବରିଷ୍ଠ ଶିଳ୍ପୀ, ବାଲେଶ୍ୱର

## ଆଇନକୁ କେହି ନିଜ ହାତକୁ ନେଇପାରିବ ନାହିଁ

ଆଇନକୁ କେହି ନିଜ ହାତକୁ ନେଇପାରିବ ନାହିଁ। ଭାରତର ସମ୍ବିଧାନ, ଆଇପିସି କିମ୍ବା ସିଆର୍‌ପିସିରେ କାହାରିକୁ ଶାରୀରିକ କିମ୍ବା ମାନସିକ ଭାବେ ଦଣ୍ଡ ଦବାକୁ ପୋଲିସକୁ କ୍ଷମତା ଦିଆଯାଇନାହିଁ। କୌଣସି ପୋଲିସ କର୍ମଚାରୀ ଏଭଳି କରିଲେ ସେ ଅନ୍ୟମାନଙ୍କ ପରି ଅପରାଧୀ ହେବେ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଲୋକଙ୍କ ପାଇଁ କାମ କରୁଥିବା ଜଣେ ଖବରଦାତାଙ୍କ ପ୍ରତି ପୋଲିସର ନିଷ୍ଠୁରତାକୁ ବରଦାସ୍ତ କରାଯାଇପାରିବ ନାହିଁ।

- ରବୀନ୍ଦ୍ରନାଥ ମହାନ୍ତି, ବରିଷ୍ଠ ଆଇନଜୀବୀ, ଜଗତ୍‌ସିଂହପୁର କୋର୍ଟ

## ଏସ୍‌ପିଙ୍କୁ ନିଲମ୍ବନ କରାଯାଉ

ଧରିତ୍ରୀର ପୁରୀ ଜିଲା ପ୍ରତିନିଧିଙ୍କୁ ମାଡ଼ ଘଟଣା ପୋଲିସର ଔଦ୍ଧତ୍ୟକୁ ପଦାରେ ପକାଇଛି। ପୋଲିସର ଦବଙ୍ଗଗିରିକୁ ପ୍ରୋତ୍ସାହନ ଦେଉଥିବା ପୁରୀ ଏସ୍‌ପିଙ୍କୁ ନିଲମ୍ବନ କରାଯାଉ। ସେହିପରି କୁମ୍ଭାରପଡ଼ା ଥାନା ଆଇଆଇସି, ସିଟି ଡିଏସ୍‌ପି ଓ ମାଡ଼ ମାରିଥିବା ପୋଲିସ କର୍ମଚାରୀଙ୍କୁ ନିଲମ୍ବନ ସହ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେଉ।

- ପ୍ରମୋଦ ପଟ୍ଟନାୟକ, ସଭାପତି, ଜିଲା ସାମ୍ବାଦିକ ସଂଘ, ନୟାଗଡ଼

## ବିଚାରବିଭାଗୀୟ ତଦନ୍ତ ଆବଶ୍ୟକ

ଧରିତ୍ରୀର ପୁରୀ ଜିଲା ପ୍ରତିନିଧିଙ୍କୁ ପୋଲିସର ମାଡ଼ ଘଟଣାର ବିଚାର ବିଭାଗୀୟ ତଦନ୍ତ ହେବା ଦରକାର। କାରଣ ଡିଜିପିଙ୍କ ନିର୍ଦ୍ଦେଶରେ ଏସ୍‌ପି ତଦନ୍ତ କଲେ ଦୋଷୀ ଦଣ୍ଡପାଇବେ ନାହିଁ। ଖବରଦାତାଙ୍କୁ ମାଡ଼ ଘଟଣା ସମ୍ପର୍କରେ ପୁରୀ ଏସ୍‌ପି ସବୁ ଜାଣିଛନ୍ତି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ପୋଲିସ ବିରୋଧରେ ହେଲାନି। କରୋନା ସମୟରେ ପୋଲିସ ଉଦ୍ଧତ ହେବାରେ ଲାଗିଛି। ତା'ର ଆଚରଣ ଓ ଉଚ୍ଚାରଣରେ ଲଗାମ ରହୁନାହିଁ।

- ରଣଜିତ ଦାଶ, ପୂର୍ବତନ ଜିଲା ସଭାପତି, ନୟାଗଡ଼ ବାର୍ ଆସୋସିଏସନ

## କାର୍ଯ୍ୟାନୁଷ୍ଠାନ ନ ନେଲେ ରାଜରାସ୍ତାକୁ ଓହ୍ଲାଇବୁ

ଏହି ଘଟଣାର ତୀବ୍ର ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଓଡ଼ିଶା ସାମ୍ବାଦିକ ସଂଘ। ଆଗାମୀ ଦିନରେ ଏପରି ଘଟଣାର ଯେପରି ପୁନରାବୃତ୍ତି ନ ହେବ ସେନେଇ ପୋଲିସ ଯତ୍ନବାନ ହେବା ଉଚିତ। ଘଟଣାର ଶୀଘ୍ର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଖବରଦାତାମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଓଡ଼ିଶା ସାମ୍ବାଦିକ ସଂଘ ଚେତାବନୀ ଦେଇଛି।

- ରାଜେନ୍ଦ୍ର କୁମାର ଗୌଡ଼, ସମ୍ପାଦକ, ଓଡ଼ିଶା ସାମ୍ବାଦିକ ସଂଘ, କୋରାପୁଟ

## ଜନତାଙ୍କ ସ୍ୱରକୁ ଚାପିଦେବାର ପ୍ରୟାସ

ପୁରୀରେ ଜଣେ କର୍ତ୍ତବ୍ୟନିଷ୍ଠ ସାମ୍ବାଦିକଙ୍କ ଉପରେ ଯେପରି ଆକ୍ରମଣ କରାଗଲା ମୁଁ ଏହାକୁ ଦୃଢ଼ ନିନ୍ଦା

କରୁଛି। ସରକାର ନିଜ ଦୁର୍ନୀତି ଓ ଏକଛତ୍ରବାଦ ଶାସନକୁ ଲୁଚାଇବା ଏବଂ ସାଧାରଣ ଜନତାଙ୍କ ସ୍ୱରକୁ ଚାପିଦେବାର ଏହା ଏକ ପ୍ରୟାସ। ତେଣୁ ଆକ୍ରମଣ କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ।

- ବିଦ୍ୟାଧର ମହାନ୍ତି, ରାଜ୍ୟ ଅଧକ୍ଷ, ଅଖିଳ ଭାରତୀୟ ଅଣ ସଂଗଠିତ ଶ୍ରମିକ କଂଗ୍ରେସ, ଯାଜପୁର ରୋଡ୍

## ପୋଲିସ ଦୁର୍ବ୍ୟବହାରର ଅନ୍ତ ହେଉନାହିଁ

ସାମ୍ବାଦିକ ଏବଂ ଓକିଲମାନଙ୍କ ପ୍ରତି ପୋଲିସର ଦୁର୍ବ୍ୟବହାରର ଅନ୍ତ ହେଉନାହିଁ। ଗୋଟିଏ ଘଟଣା ମନରୁ ନ ଲିଭୁଣୁ ଆଉ ଗୋଟିଏ ଘଟଣା ଭିଆଉଛନ୍ତି। ଏହା ଏକ ଶୃଙ୍ଖଳିତ ବାହିନୀର କାର୍ଯ୍ୟ ନୁହେଁ। ତେଣୁ ସାମ୍ବାଦିକ ଭାଇଙ୍କ ଉପରେ ବର୍ବରତାକୁ ନିନ୍ଦା କରିବାକୁ ଭାଷା ନାହିଁ। ଡିଜିପି ତାଙ୍କ ବାହିନୀ ଉପରୁ ନିୟନ୍ତ୍ରଣ ହରାଇ ସାରିଲେଣି।

- ଚନ୍ଦ୍ରଶେଖର ପଣ୍ଡା, କୋ-ଚେୟାରମ୍ୟାନ୍ ନିଖିଳ ଓଡ଼ିଶା ଆଇନଜୀବୀ ସଂଘ, ଯାଜପୁର ରୋଡ୍

## କାର୍ଯ୍ୟାନୁଷ୍ଠାନ ନ ହେବାରୁ ସାହସ ବଢୁଛି

ରାଜ୍ୟରେ ଖବରଦାତାମାନେ ସୁରକ୍ଷିତ ନୁହନ୍ତି। ସୁରକ୍ଷା ଆଇନ ଦାବି କରାଯାଉଥିଲେ ମଧ କରାଯାଉ ନାହିଁ। ସେମାନେ କାହାର ଶତ୍ରୁ ନୁହନ୍ତି। ସତ୍ୟ ପ୍ରକାଶ କରିବା ସେମାନଙ୍କ ଧର୍ମ। ପୁରୀରେ ଧରିତ୍ରୀ ପ୍ରତିନିଧି ଏପରି ଏକ ସତ୍ୟ ସମ୍ପର୍କରେ ପଚାରିବାକୁ ଯାଇ ପୋଲିସ ଆକ୍ରମଣର ଶିକାର ହୋଇଛନ୍ତି। ଏହାକୁ ନିନ୍ଦା କରୁଛି। ଦୋଷୀ ପୋଲିସ ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେମାନଙ୍କ ସାହସ ବଢୁଛି। ତେଣୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

- ପ୍ରମୋଦ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ, ସମ୍ବଲପୁର

## ଗଣତନ୍ତ୍ରକୁ ହତ୍ୟା କରାଯାଉଛି

ସାମ୍ବାଦିକ ହେଉଛନ୍ତି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ସେମାନଙ୍କ ଉପରେ ଆକ୍ରମଣ ଅର୍ଥ ଗଣତନ୍ତ୍ରର ହତ୍ୟା। ସତ୍ୟପ୍ରକାଶ କରିବା ଗଣମାଧମର କାମ। ପୁରୀରେ ଧରିତ୍ରୀ ପ୍ରତିନିଧି ସତ୍ୟ କ'ଣ ଜାଣିବା ପାଇଁ ପୋଲିସକୁ ପଚାରିବାରୁ ଆକ୍ରମଣର ଶିକାର ହୋଇଛନ୍ତି। କଣ୍ଠରୋଧ କରିବା ପାଇଁ ପୋଲିସର ଏଭଳି କାର୍ଯ୍ୟକୁ ନିନ୍ଦା କରାଯାଉଛି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

- ଡ. ପ୍ରମୋଦ ରଥ, ସମ୍ବଲପୁର ଜିଲା ଓକିଲ ସଂଘ ସଭାପତି

## ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଲୋଡ଼ା

ପୁରୀ ଖବରଦାତାଙ୍କୁ ପୋଲିସର ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରୁଛି। ଅଭିଯୁକ୍ତ ପୋଲିସଙ୍କ ବିରୋଧରେ ଯଥାଶୀଘ୍ର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ରକ୍ଷକ ଆଜି ଭକ୍ଷକ ସାଜି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ଆକ୍ରମଣ କରିବା ଘଟଣା ରାଜ୍ୟ ପୋଲିସର ଅସଲ ମୁଖା ଖୋଲିଦେଇଛି।

- ହରିନାରାୟଣ ପୂଜାରୀ, ସଭାପତି, ଜିଲା ସାମ୍ବାଦିକ ସଂଘ, ବଲାଙ୍ଗୀର

## ମାନବିକ ଅଧିକାର ଉଲ୍ଲଂଘନ

ଜଣେ ଖବରଦାତା ପ୍ରଶ୍ନ ପଚାରିବାରୁ ତାଙ୍କୁ ପୋଲିସ ଆକ୍ରମଣ କରିବା ଏକ ସାଂଘାତିକ ବିଷୟ। ଲୋକତାନ୍ତ୍ରିକ ବିଧିବ୍ୟବସ୍ଥାରେ ପୋଲିସର ଲାଠି ଶାସନ ଚାଲିବ ନାହିଁ। ଅଭିବ୍ୟକ୍ତିର ସ୍ୱାଧୀନତାକୁ ଚପାଇ ଦେବାକୁ ଉଦ୍ୟମ ସହ ମାନବିକ ଅଧିକାର ଉଲ୍ଲଂଘନ କରାଯାଇଥିବାରୁ ଏ ଦିଗରେ ସମ୍ପୃକ୍ତ ପୋଲିସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

- ଭବାନୀ ଶଙ୍କର ଶତପଥୀ, ବରିଷ୍ଠ ଆଡ୍‌ଭୋକେଟ, ବଲାଙ୍ଗୀର

## ପୋଲିସ ସୀମା ଉଲ୍ଲଂଘନ କରିଛି

ପୁରୀ ବଡଶଙ୍ଖ ପରିବା ମାର୍କେଟ୍‌ରେ ଧରିତ୍ରୀର ପୁରୀ ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ପୋଲିସ ଆକ୍ରମଣ କରିଛି। ଫଳ ଦୋକାନୀଙ୍କ ଉପରେ ପୋଲିସର ବର୍ବରତା ସମୟରେ ଖବର ସଂଗ୍ରହ କରୁଥିବା ଖବରଦାତାଙ୍କୁ ଆକ୍ରମଣ ଘଟଣା ନିନ୍ଦନୀୟ। ପୋଲିସ ଏ କ୍ଷେତ୍ରରେ ସମସ୍ତ ସୀମା ଉଲ୍ଲଂଘନ କରିଛି। ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

- ଗୋରେଖନାଥ ସାହୁ, ସଭାପତି, ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ

## ସରକାର ଦୃଢ଼ ନିଷ୍ପତ୍ତି ନେବା ଦରକାର

କୋଭିଡ୍ ସମୟରେ ଖବରଦାତାମାନେ ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଛନ୍ତି। ଆଉ ଏଭଳି ସ୍ଥିତିରେ ପୁରୀରେ ଧରିତ୍ରୀ ପ୍ରତିନିଧିଙ୍କ ଉପରେ ପୋଲିସ ଯେଭଳି ଆକ୍ରମଣ କଲା, ତାହା ଦୃଢ଼ ନିନ୍ଦନୀୟ। ଏଥିରେ ସମ୍ପୃକ୍ତ ପୋଲିସ କର୍ମଚାରୀ, ଅଧିକାରୀଙ୍କ ବିରୋଧରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏହାସହିତ ସେଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହେବ, ସେଥିପ୍ରତି ସରକାର ମଧ୍ୟ ଦୃଢ଼ ନିଷ୍ପତ୍ତି ନେବା ଦରକାର।

- ରବି ପଣ୍ଡା, ସଭାପତି, ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ୍ ବରଗଡ଼

## ମାନବାଧିକାର ଉଲ୍ଲଂଘନ କରିଛି ପୋଲିସ

ଆଇନଶୃଙ୍ଖଳା ରକ୍ଷା କରିବା ପୋଲିସର କାମ। ସେ ସାଧାରଣ ଜନତା କିମ୍ବା ଖବରଦାତା, କାହାରିକୁ ମାଡ଼ ମାରିବା ପୋଲିସର ଅଧିକାର ନାହିଁ। ପୁରୀ ଘଟଣା ନିନ୍ଦନୀୟ ଏବଂ ଏହି ଘଟଣାରେ ପୋଲିସ ମାନବାଧିକାର ଉଲ୍ଲଂଘନ କରିଛି। ଘଟଣାକୁ ୨ଦିନ ବିତିଯାଇଥିଲେ ସୁଦ୍ଧା ସମ୍ପୃକ୍ତ ପୋଲିସ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଆହୁରି ଚକିତ କରିଛି। ରାଜ୍ୟ ସରକାର ଏବଂ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି।

- ଉମେଶ ବିଶ୍ୱାଳ, ଉପସଭାପତି, ବରଗଡ଼ ସାମ୍ବାଦିକ ସଂଘ

## ନିନ୍ଦନୀୟ ଘଟଣା

ପୁରୀରେ କାର୍ଯ୍ୟରତ 'ଧରିତ୍ରୀ' ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ପୋଲିସ ବର୍ବୋରଚିତ ଆକ୍ରମଣ ନିନ୍ଦନୀୟ।

କରୋନା ମହାମାରୀ ସମୟରେ ମୁଖ୍ୟମନ୍ତ୍ରୀ ସାମ୍ବାଦିକଙ୍କୁ କରୋନାଯୋଦ୍ଧାର ମାନ୍ୟତା ଦେଇଥିବାବେଳେ ଖବରଦାତାଙ୍କୁ ଏଭଳି ବ୍ୟବହାର ପରିତାପର ବିଷୟ। ଏହି ଘଟଣାରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଉ।

- ସତ୍ୟସ୍ୱରୂପ ଦାସ, ସାଧାରଣ ସମ୍ପାଦକ, ଢେଙ୍କାନାଳ ଜିଲା ସାମ୍ବାଦିକ ସଂଘ

## ରକ୍ଷକ ନାମରେ ଭକ୍ଷକ

ପୋଲିସର ଏପରି ବର୍ବରତା କାର୍ଯ୍ୟ ଆଦୌ ଗ୍ରହଣୀୟ ନୁହେଁ। ସେମାନେ ରକ୍ଷକ ନାମରେ ଭକ୍ଷକ ସାଜୁଛନ୍ତି। କୌଣସି ବି ଲୋକଙ୍କୁ ମାଡ଼ ମାରିବାକୁ ପୋଲିସର ଅଧିକାର ନାହିଁ। ଖାକିର ସାହାରାରେ ପୋଲିସ ଯେଉଁଭଳି କାର୍ଯ୍ୟ କରୁଛି ତାହା ତୁରନ୍ତ ବନ୍ଦ କରାଯାଉ। ଏହି ଘଟଣାରେ ନିରପକ୍ଷ ତଦନ୍ତ କରାଯାଇ ଯେଉଁ ପୋଲିସ ଅଧିକାରୀଙ୍କ ସମ୍ପୃକ୍ତି ଥିବ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

- ରାଜୀବ ପଟ୍ଟନାୟକ, ଜାତୀୟ ମାନବାଧିକାର ପ୍ରତିରକ୍ଷାକାରୀ, ଅନୁଗୋଳ

## ପୋଲିସର ବର୍ବରତା ଗ୍ରହଣୀୟ ନୁହେଁ

ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ ଖବରଦାତାମାନଙ୍କ ପ୍ରତି ପୋଲିସ୍‌ର ବର୍ବରତା ଆଦୌ ଗ୍ରହଣୀୟ ନୁହେଁ। ଖବରଦାତାମାନେ ନିଷ୍ପାପର ଭାବେ କାର୍ଯ୍ୟ କରି ଜନସାଧାରଣଙ୍କ ନିକଟରେ ଠିକ୍ ଖବର ପହଞ୍ଚାଉଛନ୍ତି। ପୁରୀରେ ଖବରଦାତାଙ୍କୁ ଆକ୍ରମଣକାରୀ ପୋଲିସ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ।

- ଅଶୋକ ବ୍ରହ୍ମା, ଖବରଦାତା, ବ୍ରହ୍ମପୁର

## ଆକ୍ରମଣ ଘଟଣାର ତଦନ୍ତ ହେଉ

ପୁରୀରେ ଧରିତ୍ରୀର ଜିଲା ପ୍ରତିନିଧିଙ୍କୁ ପୋଲିସ ଆକ୍ରମଣ କରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶାରେ ଅଫିସର୍ ଶାସନ ଚାଲିଛି, ନବୀନ ପଟ୍ଟନାୟକ ନାମକୁ ମାତ୍ର ମୁଖ୍ୟମନ୍ତ୍ରୀ ଏଥିରୁ ସ୍ପଷ୍ଟ ବାରି ହେଉଛି। ପୋଲିସ ଜଣକ କାହାର ଇସାରାରେ ଦତ୍ତାତ୍ରେୟଙ୍କୁ ଆକ୍ରମଣ କଲେ ତାହାର ତଦନ୍ତ ହେଉ।

- କେ. ନାରାୟଣ ରାଓ, ବିଧାୟକ, ପାରଳାଖେମୁଣ୍ଡି

## ଅସହିଷ୍ଣୁତାର ପରିଚୟ

ପୁରୀରେ ଗଣମାଧମ ପ୍ରତିନିଧିଙ୍କ ଉପରେ ପୋଲିସର ବର୍ବରତାକୁ ଫୁଲବାଣୀ ପ୍ରେସ୍ କ୍ଲବ ଦୃଢ଼ ନିନ୍ଦା କରୁଛି। ସରକାର ପୋଲିସ ଓ ସାମ୍ବାଦିକଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା କରିଛନ୍ତି। କିନ୍ତୁ ପୁରୀ ଘଟଣା ପୋଲିସର ଆତ୍ମଗର୍ବ ଓ ଅସହିଷ୍ଣୁତାର ପରିଚୟ ଦେଉଛି। ପୋଲିସ ଏଥିରୁ କ୍ଷାନ୍ତ ରହୁ।

- ଅଜିତ କୁମାର ମହାରଣା, ପ୍ରେସ୍ କ୍ଲବ ସମ୍ପାଦକ, ଫୁଲବାଣୀ

## ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ

ପୁରୀରେ ଘଟିଥିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଆକ୍ରମଣକାରୀ ପୋଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଆକ୍ରମଣର ଶିକାର ହୋଇଥିବା ସାମ୍ବାଦିକଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀ ପୋଲିସ ଡିଜିଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଅନ୍ତୁ।

- ବାଦଲ କୁମାର ତା, ଅଧକ୍ଷ, ରାୟଗଡ଼ା ନାଗରିକ ମଞ୍ଚ

## ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ

ପୋଲିସ ଜାଣିଶୁଣି ଗଣମାଧମ ପ୍ରତିନିଧିଙ୍କୁ ଯେଉଁଭଳି ବ୍ୟବହାର କରୁଛି ତାହା ନିନ୍ଦନୀୟ। ଯେଉଁ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଆକ୍ରମଣ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

- ବାଙ୍କ ବିହାରୀ ବିଷୋୟୀ, ଓଜେୟୁ ନବରଙ୍ଗପୁର ଜିଲା ସଭାପତି

## ଖବରଦାତାଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉ

କୋଭିଡ୍ ଭଳି ବିପଦପୂର୍ଣ୍ଣ ପରିସ୍ଥିତିରେ ଖବରଦାତାମାନେ ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିଆସୁଛନ୍ତି। ତେବେ ପୁରୀରେ ଘଟିଥିବା ଖବରଦାତାଙ୍କ ପ୍ରତି ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ। ମୁଖ୍ୟମନ୍ତ୍ରୀ ଏହାର ବିଚାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଦରକାର।

- ସତ୍ୟନାରାୟଣ ମିଶ୍ର, ବରିଷ୍ଠ ସାମ୍ବାଦିକ, କେନ୍ଦୁଝର

## ଘୃଣ୍ୟ ଘଟଣା

ଖବରଦାତାମାନଙ୍କୁ ସରକାର କରୋନା ଯୋଦ୍ଧା ଆଖ୍ୟା ଦେଇଛନ୍ତି। ପୁରୀରେ ଖବର ସଂଗ୍ରହ ବେଳେ ସର୍ବସାଧାରଣ ସ୍ଥାନରେ ଖବରଦାତାଙ୍କୁ ପୋଲିସ ମାଡ଼ ମାରିବା ଏକ ଘୃଣ୍ୟ ଓ ଅମାନବୀୟ ଘଟଣା। ଏହାର ତଦନ୍ତ କରି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି।

- ଗଦାଧର ବଳ, ସମ୍ପାଦକ, ଭଦ୍ରକ ଜିଲା ଓକିଲ ସଂଘ

## ଏହା ପୋଲିସର ଦବଙ୍ଗଗିରି

ରାଜ୍ୟ ସରକାର ଖବରଦାତାମାନଙ୍କୁ ଆଗଧାଡିର କରୋନା ଯୋଦ୍ଧା ଘୋଷଣା କରିଥିବା ବେଳେ ଧରିତ୍ରୀ ଖବରଦାତାଙ୍କୁ ଏଭଳି ଆକ୍ରମଣ କରିବା ଏହା ପୋଲିସର ଦବଙ୍ଗଗିରି। ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛି।

- ରଜନୀକାନ୍ତ ମିଶ୍ର, ସାଧାରଣ ସମ୍ପାଦକ, କଳାହାଣ୍ଡି ପେସାଦାର ସାମ୍ବାଦିକ ସଂଘ

## ସମାଜ ପାଇଁ ଶୁଭଙ୍କର ନୁହଁ

ପୁରୀରେ ଜଣେ କର୍ତ୍ତବ୍ୟରତ ସାମ୍ବାଦିକ ଖବର ସଂଗ୍ରହ କରୁଥିବା ବେଳେ ପୋଲିସର ମାଡ଼ ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଘଟଣାର ତଦନ୍ତ କରି ଦୋଷୀ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।

- ତାରେଣୀ କୁମାର ମହାପାତ୍ର, ସଭାପତି, ବୌଦ୍ଧ ଜିଲା ଓକିଲ ସଂଘ

**ବିଧାନସଭାରେ ଆତଙ୍କବାଦ ନିରୋଧ ଦିବସ**

ଭୁବନେଶ୍ୱର,୨୧।୫(ବ୍ୟୁରୋ):ବିଧାନସଭା ସଚିବାଳୟ ପକ୍ଷରୁ ଶୁକ୍ରବାର ଆତଙ୍କବାଦ ନିରୋଧ ଦିବସ ପାଳିତ ହୋଇଯାଇଛି। ସମ୍ପୂର୍ଣ୍ଣ କୋଭିଡ୍ କଟକଣା ଗାଇଡ୍‌ଲାଇନ ଅନୁସାରେ ପାଳିତ ହୋଇଥିବା ଏହି ଦିବସରେ ମୁଖ୍ୟଅତିଥି ଭାବେ ବିଧାନସଭା ସଚିବ ଦାଶରଥୀ ଶତପଥୀ ଯୋଗଦେଇଥିଲେ। ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବା ସହ ଆତଙ୍କବାଦ ବିରୋଧରେ ସାମୂହିକ ସଂଗ୍ରାମ ପାଇଁ ବିଧାନସଭା ସଚିବ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................


ବିସ୍ମୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ‘ୟାସ୍’ ପାଇଁ ଏସ୍‌ଓପି

## ମୁକାବିଲା ଲାଗି ପ୍ରସ୍ତୁତ ରୁହ

**ଭୁବନେଶ୍ୱର, ୨୧।୫(ବ୍ୟୁରୋ)**

ସମ୍ଭାବ୍ୟ ବାତ୍ୟା ‘ୟାସ୍’ର ପ୍ରଭାବରେ ଉତ୍ତର ଓଡ଼ିଶା ପ୍ରଭାବିତ ହେବା ଆଶଙ୍କା ଦୃଢ଼ୀଭୂତ ହେବାରେ ଲାଗିଛି। ଏହାର ମୁକାବିଲା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର (ଏସ୍‌ଓପି) ଜାରିକରାଯାଇଛି। ତଦନୁଯାୟୀ ୧୨ ଜିଲାର ୫୬ ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କୁ ସମସ୍ତ ବ୍ୟବସ୍ଥା ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

ବାତ୍ୟା ସମୟରେ ଲୋକଙ୍କ ରହଣି ପାଇଁ ବିକଳ୍ପ ଆଶ୍ରୟସ୍ଥଳଗୁଡ଼ିକୁ ଅନୁଧ୍ୟାନ କରିବା, ଲୋକଙ୍କୁ ଠିକ୍ ସମୟରେ ସ୍ଥାନାନ୍ତର, ଖାଦ୍ୟପେୟ, ଆଲୋକ ବ୍ୟବସ୍ଥା, ବୃଦ୍ଧ, ଗର୍ଭବତୀ, ପ୍ରସୂତି, ଭିନ୍ନକ୍ଷମ, ନବଜାତ ଶିଶୁଙ୍କ ଲାଗି ଆବଶ୍ୟକ ଚିକିତ୍ସା ସୁବିଧା କରିବାକୁ କୁହାଯାଇଛି। କରୋନା ମହାମାରୀ ସମୟରେ ଆଶ୍ରୟସ୍ଥଳଗୁଡ଼ିକରେ ସ୍ୱଚ୍ଛତା ରକ୍ଷା, ଶୌଚାଳୟ ସଫେଇ ଲାଗି ଅତିରିକ୍ତ କର୍ମଚାରୀ ମୁତୟନ, ଆଶ୍ରୟସ୍ଥଳରେ ମହିଳା ହୋମ୍‌ଗାର୍ଡ ଓ ସୁରକ୍ଷାକର୍ମୀ ନିଯୁକ୍ତି, ଏସବୁ କାର୍ଯ୍ୟରେ ସ୍ୱେଚ୍ଛାସେବୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ନିୟୋଜିତ କରିବା ଲାଗି ପଦକ୍ଷେପ ନେବାକୁ ଏସ୍‌ଓପିରେ ଉଲ୍ଲେଖ ରହିଛି। ଏଥିସହ ପୌରାଞ୍ଚଳରେ ନିୟମିତ ଜଳଯୋଗାଣ ପାଇଁ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ସହ ସହଜ ପରିଚାଳନା ଲାଗି ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଗଛ କାଟିବା ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ କର୍ମଚାରୀ ରଖିବା ପାଇଁ କୁହାଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ୍ ଏବଂ ରାସ୍ତାରୁ ଅଳିଆ ହଟାଇବା ପାଇଁ ପ୍ରସ୍ତୁତ ରହିବାକୁ ଏସ୍‌ଓପିରେ ଦର୍ଶାଯାଇଛି। ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ସମୟରେ ପାଣି ଯୋଗାଣ ପାଇଁ ଟ୍ୟାଙ୍କର ବ୍ୟବସ୍ଥା ଓ ନିରବଚ୍ଛିନ୍ନ ଜଳଯୋଗାଣରେ ଲାଗି ଉଚ୍ଚ କ୍ଷମତାସମ୍ପନ୍ନ ଡିଜି ସେଟ୍ ପ୍ରସ୍ତୁତ ରଖିବା ଲାଗି କୁହାଯାଇଛି।

# ବିଦେଶରେ ପ୍ରସ୍ତୁତ ହେବ କୋଭାକ୍ସିନ

**ନୂଆଦିଲ୍ଲୀ, ୨୧।୫**

ଭାରତରେ କୋଭିଡ୍ ଭାକ୍ସିନ ସଙ୍କଟ ଏଡ଼ାଇବା ପାଇଁ କେନ୍ଦ୍ର ସରକାର ବିଦେଶରେ ଟିକା ଉତ୍ପାଦନ ନିମନ୍ତେ ଉଦ୍ୟମ ଆରମ୍ଭ କରିଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ କୋଭାକ୍ସିନ ଉତ୍ପାଦନ ବଢ଼ାଇବା ପାଇଁ ଭାରତ ବାହାରେ ଏହାର ପ୍ରଡକ୍ସନ ସେଣ୍ଟର ପ୍ରତିଷ୍ଠା କରିବା ନିମନ୍ତେ ସରକାର ଚିନ୍ତା କରୁଛନ୍ତି। ଏହି କ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ନିକଟରେ ଉକ୍ତ ପ୍ରସଙ୍ଗ ଉପସ୍ଥାପନ କରାଯିବ। ସେହିପରି ମଡର୍ନା, ଜନ୍‌ସନ ଆଣ୍ଡ ଜନସନ୍ ଓ ଅନ୍ୟ ଟିକା ନିର୍ମାତାମାନଙ୍କୁ ଭାରତରେ ତୃତୀୟ ପକ୍ଷ ଉତ୍ପାଦନକାରୀଙ୍କୁ ପେଟେଣ୍ଟ ଆକ୍ଟ, ୧୯୭୦ ଅନୁଯାୟୀ ଲାଇସେନ୍ସ ଓ ଟିକା ଜ୍ଞାନକୌଶଳ ପ୍ରଦାନ ଲାଗି ଅନୁରୋଧ କରାଯିବ। ମେ’ ୧୮ରେ ହୋଇଥିବା ଆନ୍ତଃମନ୍ତ୍ରଣାଳୟ ବୈଠକରେ ଏ ବିଷୟରେ ଆଲୋଚନା ହୋଇଛି। କୋଭିଶିଲ୍ଡ ନିର୍ମାତା ଆଷ୍ଟ୍ରାଜେନିକା ସହ ଆଲୋଚନା କରିବା ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ କୁହାଯାଇଛି। ମନ୍ତ୍ରଣାଳୟ ଏବଂ ବାୟୋଟେକ୍‌ନୋଲୋଜି ବିଭାଗ କଞ୍ଚାମାଲ କେଉଁଠୁ ଅଣାଯିବ ଏବଂ ତାହା କିଭଳି ଭାବେ ଯୋଗାଇ ଦିଆଯିବ, ସେନେଇ ଏକ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବେ। ଟିକା ଅଭାବକୁ ନେଇ ବିଭିନ୍ନ ରାଜ୍ୟ ଅଭିଯୋଗ କରିଆସୁଥିବାବେଳେ କେନ୍ଦ୍ର ସରକାର କୋଭାକ୍ସିନ ଉତ୍ପାଦନ ବଢ଼ାଇବା ପାଇଁ ପଦକ୍ଷେପ ନେଉଛନ୍ତି।

# ଘୁଞ୍ଚିଲା ମାଟ୍ରିକ ପରୀକ୍ଷା ମାର୍କ ଅପ୍‌ଲୋଡ୍ ତାରିଖ

**କଟକ ଅଫିସ,୨୧।୫**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମାଟ୍ରିକ ପରୀକ୍ଷା ମାର୍କ ଅପ୍‌ଲୋଡ୍‌ର ତାରିଖକୁ ଘୁଞ୍ଚାଇ ଦିଆଯାଇଛି। କୋଭିଡ୍ ମହାମାରୀ ଏବଂ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମେ ୨୪ରେ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରୀକ୍ଷା ମାର୍କ ଅପ୍‌ଲୋଡକୁ ମେ ୨୯ ତାରିଖକୁ ଘୁଞ୍ଚାଇ ଦିଆଗଲା ବୋଲି ଶୁକ୍ରବାର ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ମେ ୨୯ରୁ ଜୁନ ୭ତାରିଖ ପର୍ଯ୍ୟନ୍ତ ୱେବ୍‌ସାଇଟ୍‌ରେ ଦିଆଯାଇଥବା ଲିଙ୍କ୍‌ରେ ମାଟ୍ରିକ ପରୀକ୍ଷାର୍ଥୀଙ୍କ ମାର୍କ ଅପଲୋଡ କରାଯିବ। ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ନବମଶ୍ରେଣୀର ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା ସମେତ ଦଶମଶ୍ରେଣୀର ଦ୍ୱିତୀୟ, ତୃତୀୟ, ଚତୁର୍ଥ ପ୍ରାକ୍ଟିସ୍ ପରୀକ୍ଷାର ସର୍ବାଧିକ ନମ୍ବରକୁ ଅପ୍‌ଲୋଡ୍ କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମେଣ୍ଟର ସ୍କୁଲର ପ୍ରଧାନ ଶିକ୍ଷକ ନିଜ ସ୍କୁଲ ସହିତ ସଂଶ୍ଳିଷ୍ଟ ସ୍କୁଲଗୁଡ଼ିକର ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କ ମାର୍କ ଅପ୍‌ଲୋଡ୍ କରିବେ। ତେବେ ଯଦି କୌଣସି ଛାତ୍ରୀଛାତ୍ରଙ୍କୁ କୌଣସି ବିଷୟରେ ମାର୍କ ଦିଆଯାଇନାହିଁ ତା’ହେଲେ ସେମାନେ ‘ଏବିଏସ୍’ ଲେଖି ଦାଖଲ କରିପାରିବେ । ଏଥିସହ ମାର୍କ ଅପ୍‌ଲୋଡିଂ ସମ୍ପୂର୍ଣ୍ଣ ଗୋପନୀୟତାର ସହ କରିବାକୁ ବୋର୍ଡ ପକ୍ଷରୁ ସ୍କୁଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ମାର୍କ ଅପ୍‌ଲୋଡ୍ ସଂକ୍ରାନ୍ତ ସମସ୍ତ ସୂଚନା ଓ ନିର୍ଦ୍ଦେଶାବଳୀ ବୋର୍ଡର ୱେବ୍‌ସାଇଟ୍ www.bseodisha.ac.inରେ ଉପଲବ୍ଧ ହେବ।

# ରାଜୀବ ଗାନ୍ଧୀଙ୍କ ୩୦ତମ ମହାପ୍ରୟାଣ ଦିବସ

**ଭୁବନେଶ୍ୱର,୨୧।୫(ବ୍ୟୁରୋ)**

ଓଡ଼ିଶା ପ୍ରଦେଶ କଂଗ୍ରେସ(ପିସିସି) କମିଟି ପକ୍ଷରୁ ଶୁକ୍ରବାର ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୦ତମ ମହାପ୍ରୟାଣ ଦିବସ କଂଗ୍ରେସ ଭବନ, ଭୁବନେଶ୍ୱରଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପିସିସି ପକ୍ଷରୁ କଂଗ୍ରେସ ନେତୃବୃନ୍ଦ ପ୍ରଥମେ ରାଜୀବଭବନଠାରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଏବଂ ପରେ କଂଗ୍ରେସ ଭବନ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଦାୟିତ୍ୱ ଗ୍ରହଣ କଲେ ସାହିତ୍ୟ ଏକାଡେମୀ, ସଙ୍ଗୀତ ନାଟକ ଏକାଡେମୀ ସଭାପତି

**ଭୁବନେଶ୍ୱର, ୨୧।୫ (ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସାହିତ୍ୟ ଏକାଡେମୀର ନୂତନ ସଭାପତି ଭାବେ ବିଶିଷ୍ଟ କବି. ଡ. ହୃଷୀକେଶ ମଲ୍ଲିକ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏକାଡେମୀ କାର୍ଯ୍ୟାଳୟରେ ସଚିବ ଶୁଚିସ୍ମିତା ମନ୍ତ୍ରୀ ନୂଆ ସଭାପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଏକାଡେମୀର ଅନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସରକାରଙ୍କ ପକ୍ଷରୁ ଡ. ମଲ୍ଲିକଙ୍କ ନିଯୁକ୍ତିକୁ ନେଇ ଗୁରୁବାର ବିଭାଗୀୟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେ ଏହି ପଦରେ ୩ବର୍ଷ ପାଇଁ କାର୍ଯ୍ୟ କରିବେ। ଉପସଭାପତି ଭାବେ କବି ତଥା ଅନୁବାଦକ ସଂଗ୍ରାମ ଜେନା ମଧ୍ୟ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେହିପରି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ନୂତନ ସଭାପତି ଭାବେ ପଦ୍ମଶ୍ରୀ ଅରୁଣା ମହାନ୍ତି ମନୋନୀତ ହେବା ପରେ ଶୁକ୍ରବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ତାଙ୍କ ସହ ଏକାଡେମୀ ଉପସଭାପତି ଭାବେ ମନ୍ମଥ କୁମାର ଶତପଥୀ ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଅନେକ ଦିନ ଧରି ଏହି ପଦବୀ ଖାଲି ପଡିଥିଲା। ଗୁରୁବାର ତାଙ୍କ ନିଯୁକ୍ତି ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ କ୍ଷେତ୍ରରେ ଅଭିଳଷିତ କାର୍ଯ୍ୟକୁ ନିର୍ବିଘ୍ନରେ ସମାପନ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡିପାରନ୍ତି। କୃତ୍ତିକା ନକ୍ଷତ୍ର ହଠାତ୍ ଆନୁଷ୍ଠାନିକ କାମରେ ଦୂରଯାତ୍ରା କରିବାକୁ ପଡିପାରେ।

**ବୃଷ** ଆଜି ରୋହିଣୀ ନକ୍ଷତ୍ର ଶ୍ରୁତିରୋଚକ କଥା କହି ବନ୍ଧୁଙ୍କ ପ୍ରିୟଭାଜନ ହେବେ। କର୍ମକ୍ଷେତ୍ରରେ ଟେନ୍ସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା ଖର୍ଚ୍ଚ ପରିମାଣକୁ ବୃଦ୍ଧି ଚିନ୍ତାର କାରଣ ହୋଇପାରେ। ସାମାଜିକ ସ୍ତରରେ କିମ୍ବା ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** ସାମୟିକ ଶାରୀରିକ ଅସୁସ୍ଥତା ପୂର୍ବାହ୍ଣକୁ ନିରୁତ୍ସାହିତ କରିବ। ବିବାଦୀୟ ପରିସ୍ଥିତିରେ, କର୍ମକ୍ଷେତ୍ରରେ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। କାମରେ ସଫଳତା ପାଇଲେ ମଧ୍ୟ ପୂର୍ଣ୍ଣ ସନ୍ତୋଷ ଆସି ନ ପାରେ। ଆର୍ଦ୍ରା ନକ୍ଷତ୍ର ଅନ୍ୟମନସ୍କ ନ ହୋଇ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ** ଆଜି ଆନୁଷ୍ଠାନିକ କାମରେ ଏତେଦୂର ମଗ୍ନ ହୋଇପଡିବେ ଯେ ସମୟ ଜାଣିପାରିବେନି। ଆର୍ଥିକ କ୍ଷେତ୍ରରେ ସମସ୍ୟା ରହିଥିଲେ ତାହାର ପୂର୍ଣ୍ଣଚ୍ଛେଦ ଅପରାହ୍ଣରେ ପଡିଯିବ। ଅଫିସିଆଲି କ୍ଷେତ୍ରରେ ସହକର୍ମୀମାନେ କଳହର ମାତ୍ରାକୁ ବଢାଇ ଦେଇପାରନ୍ତି। ପୁନର୍ବସୁ ନକ୍ଷତ୍ରର ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ** ଆଜି ସମୟର ସଦୁପଯୋଗ କରିପାରିଲେ ଫାଇଦାରେ ରହିବେ। ମନରେ ସାହସ ବାନ୍ଧି କାମ ଆରମ୍ଭ କଲେ ଅବଶ୍ୟ ସଫଳତା ପାଇବେ। ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରିବା କାଠିକର ପାଠ ହୋଇପାରେ। ପୂର୍ବଫାଲଗୁନୀ ନକ୍ଷତ୍ରର କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ପ୍ରତିବନ୍ଧକ ଦେଖା ଦେଇପାରେ।

**କନ୍ୟା** ନିଜ ଲୋକଙ୍କୁ ସନ୍ଦେହ କରି ଅପ୍ରିୟତା ଅର୍ଜନ କରିବେ। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିପାରେ। ହସ୍ତା ନକ୍ଷତ୍ର ବ୍ୟବସାୟ, ବାଣିଜ୍ୟ, ଗାଡି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିପାରନ୍ତି। କୌଣସି ଆନୁଷ୍ଠାନିକ କାମରେ ମୁଖ୍ୟ ଭୂମିକା ନିର୍ବାହ କରିବାକୁ ପଡିପାରେ।

**ତୁଳା** ଆଜି ସକାଳୁ ସ୍ୱାତୀ ନକ୍ଷତ୍ରର କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବା ହେତୁ ମନ ଅସ୍ଥିର ରହିବ। ପୂର୍ବରୁ କଳହ ଲାଗିଥିବା ବସ୍ତୁଟି ସମସ୍ୟା ସୃଷ୍ଟି କରିପାରେ। ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଆଜି ସକାଳୁ ବନ୍ଧୁମିଳନ ଓ ଧାର୍ମିକ କାର୍ଯ୍ୟରେ ମନ ଉଲ୍ଲସିତ ରହିବ। ଅନୁରାଧା ନକ୍ଷତ୍ର ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ସ୍ଥାନ କାଳ ପାତ୍ରକୁ ଗୁରୁତ୍ୱ ଦେବା ଭଲ। କ୍ରୀଡା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ। ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରିବ।

**ଧନୁ** ପୂର୍ବ ସମସ୍ୟା ସମାଧାନ ହୋଇଯିବା କାରଣରୁ ମନ ଭଲ ରହିବ। ଉତ୍ତରାଷାଢା ନକ୍ଷତ୍ର ନିଜ ଲୋକମାନଙ୍କ ଗହଣରେ ଦକ୍ଷତାର ସହ କାମ କରି ପ୍ରଶଂସିତ ହେବେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ଗବେଷଣା, ଲେଖାପଢା କ୍ଷେତ୍ରରେ ସୁଫଳ ପାଇବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନ କଲ୍ୟାଣ କାମ ହାତକୁ ନେଇପାରନ୍ତି।

**ମକର** ଆଜି ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ଓ ପାରିବାରିକ ସମସ୍ୟାରୁ ମଧ୍ୟ ମୁକୁଳି ଯାଇ ପାରନ୍ତି। ସାୟାହ୍ନରେ କୌଣସି ସୁଖଦ ଶୁଭଖବର ପାଇ ମନ ବହୁତ ଖୁସି ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିପାରନ୍ତି, ଏଣୁ ସତର୍କ ରହିବା ଭଲ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ତାହା ସହଜରେ ସମ୍ପନ୍ନ ହୋଇପାରିବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ବ୍ୟବସାୟ କ୍ଷେତ୍ରରେ ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଜମିଜମା ସମସ୍ୟା, ମାଲିମକଦ୍ଦମା, ଆନୁଷ୍ଠାନିକ କାମରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମୀନ** ସମସ୍ୟା ରହିଥିଲେ ମଧ୍ୟ ସମାଧାନ ଦିଗରେ ଉଦ୍ୟମର ଅଭାବ ପରିଲକ୍ଷିତ ହେବ। ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତିକୁ ସାମନା କଲେ ଉପକୃତ ହେବେ। ଯାତ୍ରା, ବାଣିଜ୍ୟ, ମାଲିମକଦ୍ଦମା, ସାଂଗଠନିକ କ୍ଷେତ୍ରରୁ ସୁଫଳ ପ୍ରାପ୍ତି ହେବ। ପ୍ଲଟିଂ କାରବାର, ପ୍ରଯୁକ୍ତି ବିଦ୍ୟା, ପ୍ରଶାସନ, ଲୋକ ସମ୍ପର୍କ, ଆଲୋଚନା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଅଗ୍ରଗତି ଘଟିବ।

ଆଜି ବୈଶାଖ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ ଶନିବାର, ମୁକ୍ତିମଣ୍ଡପ ଆନୁକୂଲ୍ୟରେ ସିଂହଦ୍ୱାରଠାରେ ମହାବିଷ୍ଣୁ ଯଜ୍ଞ ଆରମ୍ଭ, ଯଶୋବନ୍ତ ଦାଶଙ୍କ ଆବିର୍ଭାବ ଦିବସ, ରାଜାରାମମୋହନ ରାୟଙ୍କ ଜୟନ୍ତୀ, ମେ ୨୨ ତାରିଖ। ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ, ରାଶି ନକ୍ଷତ୍ର-ଦିବା ଘ.୦୨.୦୪ମି. ପରେ, ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ବିବାହ ପାଣିଗ୍ରହଣ ଏବଂ ଗୃହପ୍ରବେଶ ପାଇଁ ଶୁଭ ଦିନ। ସକାଳ ଘ.୦୫.୧୨ମି. ଗତେ ଘ.୦୬.୦୪ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୨.୦୯ମି.ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୧.୫୩ମି. ଗତେ ଘ.୦୩.୩୭ମି. ମଧ୍ୟେ ଅମୃତ ବେଳା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣାକୁ ଆପେ ବୁଝିଲେ ସରଇ ଅଡୁଆ**
**ବଳଦକୁ ଯେସନ ଲଦନ ଗରୁଆ ।**

ସମସ୍ୟା ଥିଲେ ସମାଧାନ ଅଛି। ସମସ୍ୟା ଭିତରେ ଅଯଥା ଛନ୍ଦି ନ ହୋଇ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ରଖିବା ଶୋଭନୀୟ ହୋଇଥାଏ। ନିଜ ନିଜ ଭିତରେ ସମନ୍ୱୟ ଠିକ୍ ରଖିଲେ ସବୁ ସମସ୍ୟା ଦୂରୀଭୂତ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଜି ମଙ୍ଗନ କାଲି ବାହା**
**କିସ କରୁଛି କନିଆର ମା।**

ଆଜି ମଂଗନ, ରାତି ପାହିଲେ ବାହାଘର। ବାହାଘରରେ ଝିଅ ପକ୍ଷର ବେଶି ଦାୟିତ୍ୱ। ଝିଅର ବାପା ମା’ ବେଶି ବ୍ୟସ୍ତ। କିନ୍ତୁ କିଛି ଯୋଗାଡ଼ ଯନ୍ତ୍ର ହୋଇନି। କନିଆର ବାପା ମା’ କ’ଣ କରୁଛନ୍ତି କିଛି ଜାଣି ହେଉନି। ତାଙ୍କର ଏପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସେଭଳି କିଛି ତତ୍ପରତା ନାହିଁ ବୋଲି ଆଶଙ୍କା ଏବଂ ଆଶ୍ଚର୍ଯ୍ୟ ପ୍ରକଟ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବଜ୍ରପାତରେ ୩ ଯାଯାବରଙ୍କ ସମେତ ୬ ମୃତ

**କେନ୍ଦୁଝର/ଘଟଗାଁ(ସ୍ୱ.ପ୍ର.)/ଆସିକା/ପାତ୍ରପୁର/ମାଲକାନଗିରି,(ଡି.ଏନ୍.ଏ.)୨୧।୫**

କାଳବୈଶାଖୀ ପ୍ରଭାବରେ ଶୁକ୍ରବାର ଅପରାହ୍ଣରେ ହୋଇଥିବା ବଜ୍ରପାତରେ କେନ୍ଦୁଝର, ଗଞ୍ଜାମ ଓ ମାଲକାନାଗିରି ଜିଲାରେ ୬ ଜଣଙ୍କ ଜୀବନ ଯାଇଛି। କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ଢେଙ୍କିକୋଟ କୁନ୍ଦୁରୁଗୁଡା ସାହିରେ ଝଡବର୍ଷା ସହ ବଜ୍ରପାତରେ ୩ ଯାଯାବରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଝାଡ଼ଖଣ୍ଡ ରାଞ୍ଚିର ରାମକେଲି ଭୁସଲେ, ତାଙ୍କ ଝିଅ ଅଶ୍ୱନୀ ଏବଂ ସମ୍ପର୍କୀୟା ଭାଉଜ ଦିଲରୁଣ୍ଡ ପାୱାର। କ୍ୟାମ୍ପ କରି ରହୁଥିବା ଏହି ୩ଜଣ ଅପରାହ୍ଣ ପ୍ରାୟ ୪ଟା ବେଳେ କୌଣସି ଏକ ପାରମ୍ପରିକ ପୂଜା କରୁଥିଲେ। ବର୍ଷା ପବନ ଆସିବାରୁ ଏକ ଗଛମୂଳେ ଆଶ୍ରୟ ନେଇଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ପରେ ଘଟଗାଁ ଥାନାରେ ମାମଲା ରୁଜୁ କରିଛି। ଶନିବାର ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଘଟଗାଁ ଏସଆଇ ମାନସ ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି।

ସେହିପରି ଗଞ୍ଜାମ ଜିଲାରେ ବଜ୍ରପାତରେ ରାୟଗଡ଼ା ଜିଲା ମୁନିଗୁଡାର ଶୁକୁଟା ସାହୁ ଓ ପାତ୍ରପୁର ବ୍ଲକକୁ ଲାଗିଥିବା ଇଚ୍ଛାପୁର ଥାନା ଭିର୍ଲଙ୍ଗି ଗ୍ରାମର ଟି. ପ୍ରଶାନ୍ତ ରେଡ୍ଡୀ। ଅନ୍ୟ ଜଣେ ଜୁରିଆ ବାଡତ୍ୟା ଗୁରୁତର ଆହତ ହୋଇଛନ୍ତି। ମୁନିଗୁଡାର ଶୁକୁଟା ତାଙ୍କ ଜଣେ ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟାରେ ଯୋଗ ଦେବା ପାଇଁ ଧରାକୋଟ ବ୍ଲକ ଅନ୍ତର୍ଗତ ଜଗମୋହନ ଗ୍ରାମକୁ ଆସିଥିଲେ। ଅପରାହ୍ଣରେ ଜଗମୋହନ ଗାଁର ଜୁରିଆ ଓ ଶୁକୁଟା ଉଭୟ ମିଶି ନଦୀରୁ ସ୍ନାନ ଶୌଚ ସାରି ଫେରୁଥିଲା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଉଭୟେ ଗୁରୁତର ହୋଇପଡ଼ିବାରୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶୁକୁଟାଙ୍କୁ ଡାକ୍ତର ମୃତ ଘୋଷଣ କରିଥିଲେ। ସେହିପରି ଇଚ୍ଛାପୁର ଥାନା ଭିର୍ଲଙ୍ଗି ଗ୍ରାମର ପ୍ରଶାନ୍ତ ମଧ୍ୟାହ୍ନରେ ଧାନ କାଟିବାକୁ ବିଲକୁ ଯାଇଥିଲେ। ସେଠାରେ ଇୟର ଫୋନ୍ ଦେଇ ଗୀତ ଶୁଣି କାମ କରୁଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମାଲକାନଗିରି ଜିଲା କାଲିମେଳା ନିକଟ ଏମ୍ ଭି-୬୪ ଗ୍ରାମର ବଲାଇ ବୈରାଗୀଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। କାଳ ବୈଶାଖୀ ବର୍ଷା ସମୟରେ ବଲାଇ ନିଜ ଘର ମାଟିକାନ୍ଥ ଭୁଶୁଡ଼ିବା ଆଶଙ୍କାରେ କାନ୍ଥ ଉପରେ ଶୁଖିଲା ତାଳପତ୍ର ଛତା ଧରି ଘୋଡାଉଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ସେ ଟଳିପଡ଼ିଥିଲେ। ଏହା ଜାଣିବା ପରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ପ୍ରଥମ ପୃଷ୍ଠାରୁ...

### ବଳ ଗୋଟାଉଛି ୟାସ୍...

ବିକଳ୍ପ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଇତ୍ୟାଦି ବ୍ୟବସ୍ଥାର ତଦାରଖ କରାଯାଉଛି। ସମୁଦ୍ରକୁ ଯାଇଥିବା ଅଧିକାଂଶ ମତ୍ସ୍ୟଜୀବୀ ଫେରିଆସିଲେଣି। ଆଉ ୩୯ ଜଣ ଶନିବାର ସୁଦ୍ଧା ଫେରି ଆସିବେ। କୋଷ୍ଟଗାର୍ଡ ପାରାଦୀପରେ ପାଟ୍ରୋଲିଂ ଜାରି ରଖିଛନ୍ତି। ସମୁଦ୍ରରେ କୌଣସି ମାଛଧରା ଡଙ୍ଗା କିମ୍ବା ଟ୍ରଲର ଅଛି କି ନାହିଁ ତାହା ତଦାରଖ କରୁଛନ୍ତି। ସତର୍କ ରହିବାକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ପ୍ରାକ୍ ସୂଚନା ଦେବା ଆରମ୍ଭ ହୋଇଛି। ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନତା କରାଯାଉଛି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଲୋକମାନଙ୍କୁ ସ୍ଥାନାନ୍ତର କାର୍ଯ୍ୟ କରାଯିବ। ବାତ୍ୟା ପ୍ରସ୍ତୁତି ଜୋରସୋରରେ ଚାଲିଛି। ବିଭିନ୍ନ ବିଭାଗ ପକ୍ଷରୁ ପଦକ୍ଷେପ ନେବା ଆରମ୍ଭ ହୋଇଛି ବୋଲି ଏସ୍‌ଆରସି କହିଛନ୍ତି।

### ନିକୋବର ଛୁଇଁଲା ମୌସୁମୀ

ଭୁବନେଶ୍ୱର,୨୦।୫(ବ୍ୟୁରୋ)- ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ଦାନା ବାନ୍ଧୁଥିବା ବେଳେ ଚଳିତ ବର୍ଷର ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ଛୁଇଁଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଦକ୍ଷିଣ ପଶ୍ଚିମ ମୌସୁମୀ ଶୁକ୍ରବାର ଦକ୍ଷିଣ ବଙ୍ଗୋପା ସାଗର, ଉତ୍ତର ଆଣ୍ଡାମାନ ସାଗର, ନିକୋବର ଦୀପପୁଞ୍ଜର କିଛି ଅଞ୍ଚଳ ତଥା ଦକ୍ଷିଣ ଆଣ୍ଡାମାନ ସାଗରର ସମ୍ପୂର୍ଣ୍ଣ ଅଞ୍ଚଳରେ ପ୍ରବେଶ କରିଛି। ଆସନ୍ତା ଜୁନ ପହିଲାରେ କେରଳ ଉପକୂଳ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଓଡିଶାରେ ଜୁନ ୧୦ରୁ ୧୫ ତାରିଖ ମଧ୍ୟରେ ମୌସୁମୀର ପ୍ରବେଶ ହେବ ବୋଲି ପୂର୍ବାନୁମାନ କରାଯାଇଛି।

### ଟିକା ଟେଣ୍ଡର ...

ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରତ୍ୟେକ ଟିକାର ଅଲଗା ଅଲଗା ମୂଲ୍ୟ ଆଧାରରେ ଟେଣ୍ଡର ଚୂଡ଼ାନ୍ତ କରାଯିବ। ସମୁଦାୟ ଟେଣ୍ଡରର ୫୦% ଏଲ୍-୧ ବିଡର ପାଇଁ ରଖାଯାଇଥିବାବେଳେ ଅନ୍ୟମାନଙ୍କ ପାଇଁ ୫୦% ରଖାଯାଇଥିଲା। ଏବେ ସମସ୍ତ ଟିକା ପାଇଁ ଜଣେ ମଧ୍ୟ ଟେଣ୍ଡର ନେଇପାରିବେ। ଏହାଛଡ଼ା କ୍ୟାବିନେଟ ଆଉ ୩ଟି ପ୍ରସ୍ତାବ ଉପରେ ମୋହର ମାରିଛି। ରେଙ୍ଗାଲି ବାମପାର୍ଶ୍ୱ କେନାଲର ୧୦୦.୪୯ କିଲୋମିଟରରୁ ୧୦୭.୫୦ କିଲୋମିଟର ପାଇଁ ଡକାଯାଇଥିବା ୨୪୭.୧୪ କୋଟି ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହି କାର୍ଯ୍ୟ ଆସନ୍ତା ୩୬ ମାସ ଭିତରେ ଶେଷ ହେବ। ଏହି ପ୍ରକଳ୍ପ ଦ୍ୱାରା ଢେଙ୍କାନାଳ, ଯାଜପୁର ଏବଂ କେନ୍ଦୁଝର ଜିଲାର ୩୯,୪୧୫.୯୪ ହେକ୍ଟର ଜମିକୁ ଜଳସେଚନ କରାଯାଇପାରିବ। ଏହି ପ୍ରକଳ୍ପର ୩ୟ ପର୍ଯ୍ୟାୟରେ ମୁଖ୍ୟ କେନାଲକୁ ୧୪୧ କି.ମି. ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇ ଯାଜପୁର ଓ କେନ୍ଦୁଝର ଜିଲାର ୩୩,୫୫୧ ହେକ୍ଟର ଅଣ ଜଳସେଚିତ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇ ପାରିବ। ଓଡ଼ିଶା ଲିଗାଲ ମେଥଡ୍ ଅଫ୍ ରିକ୍ରୁଟମେଣ୍ଟ ଆଣ୍ଡ୍ କଣ୍ଡିଶନ ଅଫ୍ ସର୍ଭିସ ରୁଲ୍ସ-୨୦୧୬ ସଂଶୋଧନକୁ ମଧ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏଥିସହିତ ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡ଼ିକୁ ଲାଇସେନ୍ସ ଫି’ ଛାଡ଼ କରିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଅବକାରୀ ବିଭାଗ ଅଧୀନରେ ଥିବା ଓିପିଖୋଲା ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଓ ରେଷ୍ଟୁରାଣ୍ଟ ବ୍ୟବସାୟୀମାନେ କୋଭିଡ୍ ମହାମାରୀ ପାଇଁ ୨୦୨୦ ଜୁନ୍‌ରୁ ଡିସେମ୍ବର ପର୍ଯ୍ୟନ୍ତ ଲାଇସେନ୍ସ ଫି’ ଛାଡ଼ କରିବାକୁ ଅନୁରୋଧ କରିଥିଲେ। ବ୍ୟବସାୟୀମାନଙ୍କ ଲାଭାଂଶ ଓ ଉଠାଣ ପରିମାଣକୁ ଦୃଷ୍ଟିରେ ରଖି ରିହାତି ଦେବା ପାଇଁ ଅବକାରୀ ବିଭାଗ ନିଷ୍ପତ୍ତି ନେଇଛି। ସେହି ଅନୁସାରେ ୬୧୩ ଓିପିଖୋଲା ମଦ ଦୋକାନ ମଧ୍ୟରୁ ୩୬୪ ବ୍ୟବସାୟୀଙ୍କ ବିକ୍ରି ପରିମାଣକୁ ଭିତ୍ତି କରି ୨୦୨୦ ଜୁନ୍‌ରୁ ୨୦୨୦ ଡିସେମ୍ବର ପର୍ଯ୍ୟନ୍ତ ଲାଇସେନ୍ସ ଫି’ ସ୍ତରଭିତ୍ତିକ ଛାଡ଼କରିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ତେବେ ପୋଚ, ଭାଙ୍ଗ, ତାଡ଼ି ଦୋକାନ ପାଇଁ କୌଣସି ରିହାତି ଦିଆଯାଇନାହିଁ।

### ୨୧ ଦିନରେ ...

ପେଟ୍ରୋଲ ୧୯ ପଇସା ଏବଂ ଡିଜେଲ ୨୯ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୩.୦୪ ଟଙ୍କା ଓ ଡିଜେଲ ୮୩.୮୦ ଟଙ୍କାରେ ବିକ୍ରି ହେଉଛି। ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୪.୭୧ ଟଙ୍କା, ୯୩.୧୧ ଟଙ୍କା ଏବଂ ୯୯.୩୨ ଟଙ୍କାକୁ ବୃଦ୍ଧି ଘଟିଛି। ସେହିପରି ଏହିସବୁ ମେଟ୍ରୋ ସହରରେ ଡିଜେଲ ଲିଟର ପିଛା ୮୮.୬୨ ଟଙ୍କା, ୮୬.୬୪ ଟଙ୍କା ଏବଂ ୯୧.୦୧ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ମଧ୍ୟପ୍ରଦେଶ, ରାଜସ୍ଥାନ ଓ ମହାରାଷ୍ଟ୍ର ଭଳି ରାଜ୍ୟର କେତେକ ସହରରେ ପେଟ୍ରୋଲ ଦର ୧୦୦ ଉପରେ ଥିବା ବେଳେ ଆଉ କେତେକ ସ୍ଥାନରେ ୧୦୦ ନିକଟବର୍ତ୍ତୀ ହୋଇଛି। ଓଡ଼ିଶାର ମାଲକାନଗିରି ଜିଲାରେ ପେଟ୍ରୋଲ ଦର ୧୦୦ ଟଙ୍କା ପାଖାପାଖି ପହଞ୍ଚିଛି। କରୋନା ସମୟରେ ସରକାର ତେଲ ଉପରୁ ଟିକସ ଛାଡ଼ କରୁନାହାନ୍ତି। ଫଳରେ ସାଧାରଣ ଖାଉଟିଙ୍କ ଉପରେ ଅତିରିକ୍ତ ବୋଝ ପଡୁଛି। ଦେଶର ଅଧିକାଂଶ ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଲାଗି ରହିଥିବାରୁ ତୈଳ ଚାହିଦା ବ୍ୟାପକ ମାତ୍ରାରେ ହ୍ରାସ ପାଇଥିବା ତୈଳ ବିପଣନ କମ୍ପାନୀଗୁଡ଼ିକ ସୂଚନା ଦେଇଛନ୍ତି।

### କରୋନାରେ ସୁନ୍ଦରଲାଲ ...

ଟର୍ନିଂ ପଏଣ୍ଟ ଥିଲା। ଉତ୍ତରାଖଣ୍ଡର ଟେହରି ନିକଟବର୍ତ୍ତୀ ମରୋଡା ଗ୍ରାମରେ ୧୯୨୭ ଜାନୁୟାରୀ ୯ରେ ସୁନ୍ଦରଲାଲଙ୍କ ଜନ୍ମ। ୧୩ ବର୍ଷ ବୟସରୁ ସେ ସମାଜସେବା କାର୍ଯ୍ୟରେ ସାମିଲ ହୋଇଥିଲେ। ୭୦ ଦଶକରେ ପରିବେଶ ଆନ୍ଦୋଳନରେ ଯୋଗଦେବା ପୂର୍ବରୁ ସେ ଅସ୍ପୃଶ୍ୟତା ବିରୋଧରେ ଆନ୍ଦୋଳନ କରିଥିଲେ। ପରେ ୧୯୬୫ରୁ ୧୯୭୦ ସେ ପାର୍ବତ୍ୟାଞ୍ଚଳର ମହିଳାମାନଙ୍କୁ ସଂଗଠିତ କରି ମଦ ବିରୋଧୀ ଆନ୍ଦୋଳନ ଚଳାଇଥିଲେ। ପରିବେଶ ସଂରକ୍ଷଣ ଲାଗି ଭାରତ ସରକାର ତାଙ୍କୁ ୨୦୦୯ରେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣରେ ସମ୍ମାନିତ କରିଥିଲେ।

**classifieds Everyday** 0674-2580101, 2549302



**SALE**

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891. D-20685

Contact for House Construction and Interior Design(Modular Kitchen/TV Unit/ Wardrobe) from the experts -7008550473. D-20755

1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891. D-20642

Require, Minimum 2Acre Yellowzone Homested Land with 30/40 feet Road on Outright/ Sharing basis across Bhubaneswar. Contact- 9861022055/ 9938219397. D-20754

Residential Cum commercial plots at Nakhara to Adaspur road. 8249851363, 8118078023. D-70450

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୬୨,୧୭,୪୪୯ | ୩୪,୫୧,୨୮୯ | ୧୪,୭୦,୨୦,୭୧୧ |
| ଭାରତ | ୨,୬୨,୬୩,୧୬୪ | ୨,୯୫,୦୪୭ | ୨,୩୦,୭୭,୦୨୫ |
| ଓଡ଼ିଶା | ୬,୬୮,୪୨୨ | ୨୪୩୦(+୫୩) | ୫,୬୭,୩୮୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପୁରସ୍କାରକୁ ଭ୍ରଷ୍ଟାଚାର ଶୂନ୍ୟ କରାଯିବ

**ଡ. ହୃଷୀକେଶ ମଲ୍ଲିକ। ସାହିତ୍ୟ ଜଗତର ଜଣେ ଜଣାଶୁଣା ଚେହେରା। ତାଙ୍କର ୧୨ଟି କବିତା, ୨ଟି ଗଳ୍ପ ସଙ୍କଳନ, ୧୦ରୁ ଊର୍ଦ୍ଧ୍ୱ ପ୍ରବନ୍ଧ-ସମାଲୋଚନା ସମେତ ୪୦ରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶିତ। ତାଙ୍କର ପ୍ରଥମ କବିତା ପୁସ୍ତକ 'ଧାନ ସାଉଁଟା ଝିଅ'କୁ ମିଳିଥିଲା ସାହିତ୍ୟ ଏକାଡେମୀ ପୁରସ୍କାର (୧୯୮୮)। ଅନ୍ୟତମ କବିତା ଗ୍ରନ୍ଥ 'ଜେଜେ ଦେଖି ନ ଥିବା ଭାରତ' ମର୍ଯ୍ୟାଦାଜନକ 'ଶାରଳା' ପୁରସ୍କାରପ୍ରାପ୍ତ। ଏହାବ୍ୟତୀତ ତାଙ୍କୁ ମିଳିଛି ଅନେକ ସାରସ୍ୱତ ସମ୍ମାନ। ତାଙ୍କର ଏକାଧିକ ଗ୍ରନ୍ଥ ହିନ୍ଦୀ, ବଙ୍ଗଳା ଓ ଓଡ଼ିଆ ଭାଷାକୁ ଅନୁଦିତ ହୋଇ ସର୍ବଭାରତୀୟ ସ୍ତରରେ ପାଠକୀୟ ଆଦୃତି ଲାଭ କରିଛି। 'ଧରିତ୍ରୀ' ଖବରକାଗଜର ସାହିତ୍ୟ ବିଭାଗ ସମ୍ପାଦନାରେ ବହୁବର୍ଷ ଧରି ସେ ସମ୍ପୃକ୍ତ ଅଛନ୍ତି। ଶୁକ୍ରବାର ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ଯୋଗଦେବା ଅବସରରେ ତାଙ୍କ ସହ ଆଳାପରୁ କିଛି...**


କାର୍ଯ୍ୟରେ ଯୋଗଦେବା ଅବସରରେ ଡ. ହୃଷୀକେଶ ମଲ୍ଲିକ।

**■ସଭାପତି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ନେଇ କି କି ସ୍ୱପ୍ନ ଦେଖିଲେଣି?**

ଏକାଡେମୀ ହେଉଛି ରାଜ୍ୟର ସର୍ବୋଚ୍ଚ ପ୍ରତିଷ୍ଠାନ, ଯେଉଁଠି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ପ୍ରଶସ୍ତ ସୁଯୋଗ ରହିଛି। ସରକାର ମଧ୍ୟ ସାହିତ୍ୟ-ସଂସ୍କୃତି କ୍ଷେତ୍ରକୁ ଅନୁଦାନ ଯୋଗାଇବାରେ କୃପଣ ନୁହନ୍ତି। ତେଣୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ କିପରି ନୂଆନୂଆ କାର୍ଯ୍ୟକ୍ରମ ଗ୍ରହଣ କରିହେବ ସେ ଦିଗରେ ବିଶେଷ ଧ୍ୟାନ ଦେବି।

**■ପୁସ୍ତକ ପ୍ରକାଶନ, ଅନୁବାଦ ହେଉ କି ଯୁବପ୍ରତିଭାଙ୍କୁ ସାହିତ୍ୟ ପ୍ରତି ଆକୃଷ୍ଟ କରିବାରେ ଏକାଡେମୀ ପଦକ୍ଷେପ ନେଉ ନ ଥିବା କଥା କୁହାଯାଉଛି। ଏ ଦିଗରେ କ'ଣ ପଦକ୍ଷେପ ନେବେ?**

ଜୟନ୍ତୀ ଓ ଶ୍ରାଦ୍ଧ ପାଳନରେ କ୍ଷେତ୍ରୀୟ ସଭ୍ୟମାନଙ୍କୁ ଅଧିକ ନିୟୋଜିତ କରାଯିବ। ସଭାପତି ଓ ସମ୍ପାଦକ ଏଥିରୁ ସମୟ ବଞ୍ଚାଇ ଏକାଡେମୀର ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯେପରିକି ଦୁଷ୍ପ୍ରାପ୍ୟ ପୁସ୍ତକର ପ୍ରକାଶନ, କାଳଜୟୀ ଲେଖକଙ୍କ ମନୋଗ୍ରାମ ପ୍ରସ୍ତୁତି, ବିଭିନ୍ନ ବିଷୟରେ ଉଚ୍ଚକୋଟୀର ସମ୍ମାନ ଆୟୋଜନ, ଆନ୍ତଃରାଜ୍ୟ ସାରସ୍ୱତ ବିନିମୟ କାର୍ଯ୍ୟକ୍ରମ ଆଦି ସମ୍ପାଦନ କରିବେ। ଅନ୍ୟ ଭାଷାର ସାହିତ୍ୟ ଓଡ଼ିଆକୁ ଅନୂଦିତ ହେବା ଉପରେ ଗୁରୁତ୍ୱ ଦିଆ ନ ଯାଇ ହିନ୍ଦୀ ଓ ଇଂଲିଶକୁ ଅଧିକରୁ ଅଧିକ ଓଡ଼ିଆ ପୁସ୍ତକର ଅନୁବାଦ ଦିଗରେ ଧ୍ୟାନ ଦିଆଯିବ। ଯୁବ ପ୍ରତିଭାଙ୍କୁ ସଙ୍ଗଠିତ କରାଯାଇ ଏକାଡେମୀ ବିଭିନ୍ନ କାର୍ଯ୍ୟରେ ସେମାନଙ୍କ ଦକ୍ଷତାର ବିନିଯୋଗ କରିବ।

**■ସାହିତ୍ୟ ଏକାଡେମୀ ପୁରସ୍କାର ଠିକ୍ ସମୟରେ ମିଳୁ ନ ଥିବାବେଳେ ଅନିୟମିତତା ନେଇ ମଧ୍ୟ ଅଭିଯୋଗ ଉଠୁଛି। ଏହା ଉପରେ କି ପଦକ୍ଷେପ ନେବେ?**

ଚଳିତବର୍ଷ ଶେଷ ସୁଦ୍ଧା ସମସ୍ତ ବାକିଆ ପୁରସ୍କାର ପ୍ରଦାନ ନିମିତ୍ତ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯିବ। ପୁରସ୍କାରକୁ ଭ୍ରଷ୍ଟାଚାର ଶୂନ୍ୟ କରାଯିବ।

**■ବହୁ ମୂଲ୍ୟବାନ ପୁସ୍ତକ ଧୀରେ ଧୀରେ ନଷ୍ଟ ହୋଇଯାଉଛି। ଡିଜିଟାଇଜେଶନ ଦିଗରେ ପଦକ୍ଷେପ ନେବେ କି?**

ଏହା ଏକ ବ୍ୟୟବହୁଳ ବ୍ୟାପାର। ଏଥିପାଇଁ ତାଲିମପ୍ରାପ୍ତ କର୍ମଚାରୀ ଓ ଡିଜିଟାଇଜେଶନ ସାମଗ୍ରୀର ଆବଶ୍ୟକତା ରହିଛି। ଏକାଡେମୀ ପକ୍ଷରୁ ଏଥିପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଭାବୁଛି ଗ୍ରହଣୀୟ ପ୍ରସ୍ତାବର ଅନୁମୋଦନ ପାଇଁ ସରକାର କୁଣ୍ଠିତ ହେବେ ନାହିଁ।

**■ଇଣ୍ଟରନେଟ୍ ଯୁଗରେ ଓଡ଼ିଆ ସାହିତ୍ୟର ପରିବର୍ତ୍ତନ ଓ ସ୍ଥିତିକୁ ନେଇ କିଛି କହିବେ?**

ଇଣ୍ଟରନେଟ୍ ଯୋଗାଯୋଗକୁ ଦ୍ରୁତ ଓ ତ୍ୱରାନ୍ୱିତ କରିଛି। ଏହାଦ୍ୱାରା ସାହିତ୍ୟ ପରିବର୍ତ୍ତିତ ହେବ ନାହିଁ, ବରଂ ସାହିତ୍ୟର ବିସ୍ତରଣ ଇଣ୍ଟରନେଟ୍ ସମ୍ଭବ। ଭର୍ଚୁଆଲ ମୋଡ୍‌ରେ ସମୟ ଓ ସାଧନର କମ୍ ବିନିଯୋଗ କରି ଅଧିକ ଲାଭ ହାସଲ କରିହେବ। କରୋନା ଏ କ୍ଷେତ୍ରରେ ଆମର ଆଖି ଫିଟାଇଛି। ଏକାଡେମୀ ଏ ସୁଯୋଗକୁ ହାତଛଡ଼ା କରିବ ନାହିଁ।

**■ସାହିତ୍ୟ ଏକାଡେମୀକୁ ନେଇ ଆପଣଙ୍କର ସର୍ବୋଚ୍ଚ ଲକ୍ଷ୍ୟ କ'ଣ ରହିବ?**

ଦେଶର ଅନ୍ୟ ଏକାଡେମୀ ତୁଳନାରେ ଆମ ଏକାଡେମୀକୁ ଶ୍ରେଷ୍ଠ ପ୍ରତିପାଦନ କରିବା ମୋର ଲକ୍ଷ୍ୟ। ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱକୀୟ ବୈଶିଷ୍ଟ୍ୟ ଦ୍ୱାରା ଏପରି ଏକ ଏକାଡେମୀ ହେବ, ଯାହାକୁ ଅନ୍ୟ ରାଜ୍ୟର ଏକାଡେମୀମାନେ ଅନୁକରଣ କରିବେ। ଆଉ ପ୍ରତ୍ୟେକ ଓଡ଼ିଆ ଆମ ଏକାଡେମୀକୁ ନେଇ ଗର୍ବ ଅନୁଭବ କରିପାରିବେ। କିନ୍ତୁ ଏହା ସେତେବେଳେ ସମ୍ଭବ ହେବ, ଯେତେବେଳେ ପ୍ରତ୍ୟେକ ଓଡ଼ିଆ ପ୍ରତି କଥାରେ ଏକାଡେମୀକୁ ନ ନିନ୍ଦି ନିଜର ସକାରାତ୍ମକ ପରାମର୍ଶ ଓ ଯୋଗାଯୋଗ ଦ୍ୱାରା ଏହାର ସମୃଦ୍ଧି ଘଟାଇବାକୁ ସଙ୍କଳ୍ପବଦ୍ଧ ହେବେ।

# ସବୁ କଳାର କଳେବର ବୃଦ୍ଧି କରିବାକୁ ଲକ୍ଷ୍ୟ

**ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ବିଶ୍ୱର ଜଣେ ପରିଚିତ ବ୍ୟକ୍ତିତ୍ୱ ଅରୁଣା ମହାନ୍ତି। ଗୁରୁ ଗଙ୍ଗାଧର ପ୍ରଧାନଙ୍କ ପ୍ରତ୍ୟକ୍ଷ ଦିଗ୍‌ଦର୍ଶନ ଓ ତତ୍ତ୍ୱାବଧାନରେ ସେ ଓଡ଼ିଶୀନୃତ୍ୟ ଜଗତକୁ ପ୍ରବେଶ କରିଥିଲେ। ଆଦିଗୁରୁ ପଙ୍କଜ ଚରଣ ଦାସ, ଗୁରୁ ପଦ୍ମବିଭୂଷଣ କେଳୁଚରଣ ମହାପାତ୍ର, ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀ ଓ ପଦ୍ମବିଭୂଷଣ ସୋନାଲ ମାନସିଂହଙ୍କଠାରୁ ନୃତ୍ୟ ଶିଖିବାର ସୌଭାଗ୍ୟ ପାଇଥିଲେ। ଭାରତ ସରକାରଙ୍କଠାରୁ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବା ସହ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭଳି ବହୁ ପୁରସ୍କାର ପାଇଛନ୍ତି। ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଫେଲୋଶିପ୍ ପାଇବା ସହ ଇଣ୍ଡିଆନ ପରଫର୍ମିଂ ଆର୍ଟ ଫାଉଣ୍ଡେଶନ ପକ୍ଷରୁ ମଧ ସମ୍ବର୍ଦ୍ଧିତ ହୋଇଛନ୍ତି। ରାଜ୍ୟ ସରକାର ଏଭଳି ଜଣେ ବ୍ୟକ୍ତିତ୍ୱଙ୍କ ହାତରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭାର ନ୍ୟସ୍ତ କରିଛନ୍ତି। ଶୁକ୍ରବାର ଏକାଡେମୀର ସଭାପତି ଭାବେ ଦାୟିତ୍ୱ ଗ୍ରହଣ ଅବସରରେ ଅରୁଣା ମହାନ୍ତିଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ।**


ଦାୟିତ୍ୱ ଗ୍ରହଣ ଅବସରରେ ଅରୁଣା ମହାନ୍ତି।

**●ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବ ବୋଲି ଆଶା କରିଥିଲେ?**
ମୁଁ କେବେ କୌଣସି ପଦପଦବୀ ପାଇଁ ଆଶା କରି ନ ଥାଏ। ମୁଁ ସବୁବେଳେ ଭାବେ, ଯଦି ମୁଁ ସେ କାମ ପାଇଁ ଯୋଗ୍ୟ ହୋଇଥିବି, ତେବେ ଯେଉଁ ଚୟନ କମିଟି ଅଛି ନିଶ୍ଚିତ ବିଚାରକୁ ନେବ। କମିଟି ଉପରେ ସେତିକି ବିଶ୍ୱାସ ରଖିବା ମଧ ଦରକାର ଯେ, ସେମାନେ ଠିକ୍ ଲୋକଙ୍କୁ ମନୋନୀତ କରିବେ।

**●ଦୀର୍ଘଦିନ ହେବ ଓଡ଼ିଶୀ ନୃତ୍ୟ କ୍ଷେତ୍ରରୁ କେହି ସଭାପତି ହୋଇ ନ ଥିଲେ। ଏ ସମ୍ପର୍କରେ କ'ଣ କହିବେ?**
ଓଡ଼ିଶୀ ନୃତ୍ୟ କ୍ଷେତ୍ରରୁ ନ ରହିଲେ ବି ଜଣେ କଳାକାର ତ ସଭାପତି ହୋଇଛନ୍ତି। କଳା ଓ କଳାକାରଙ୍କ ଉତ୍ତରୋତ୍ତର ଉନ୍ନତି ହେଉଛି ତାଙ୍କର ପ୍ରମୁଖ କାର୍ଯ୍ୟ। ତେଣୁ ଯେଉଁ କ୍ଷେତ୍ରରୁ ବି ସଭାପତି ହେଲେ କୌଣସି ଆପତ୍ତି ନାହିଁ।

**●କଳା ଓ କଳାକାରଙ୍କ ବିକାଶ ପାଇଁ କ'ଣ କାର୍ଯ୍ୟ କରିବାକୁ ଚିନ୍ତା କରିଛନ୍ତି?**
ସଙ୍ଗୀତ ନାଟକ ଏକାଡେମୀର ପରିଧି ସୀମିତ। କିନ୍ତୁ ଓଡ଼ିଶାର କୋଣ ଅନୁକୋଣରେ ବହୁତ କଳା ଅଛି ଓ କଳାକାର ମଧ୍ୟ ଅଛନ୍ତି। ସେମାନଙ୍କୁ ଲୋକଲୋଚନକୁ ଆଣି ଥଇଥାନ ଓ ସମୃଦ୍ଧି ବିଷୟରେ ଚିନ୍ତା କରାଯାଉଛି। କଳାର ପ୍ରଦର୍ଶନ ପାଇଁ ଭିନ୍ନ ଭିନ୍ନ ଜାଗାରେ କାର୍ଯ୍ୟକ୍ରମ କରି ଯେଉଁଥିରେ ପ୍ରଚାର ଓ ପ୍ରସାର ହେବ ଏବଂ କଳାକାରର ଆର୍ଥିକ ସୁବିଧା ହେବ, ସେସବୁ ଦିଗ ପ୍ରତି ଧ୍ୟାନ ଦେବି। କାର୍ଯ୍ୟରେ ଯୋଗଦେବା ପରେ ଏନେଇ ଆଲୋଚନା ହୋଇଛି। ଲକ୍‌ଡାଉନ ଯୋଗୁ ବାହାରକୁ ଯାଇ କାମ କରିହେବ ନାହିଁ। ତେଣୁ ଏକ ଖସଡ଼ା ପ୍ରସ୍ତୁତ କରିବା ପାଇଁ ଯୋଜନା ହୋଇଛି।

**●ସଙ୍ଗୀତ ଓ ନୃତ୍ୟ ବିଶେଷକରି ଓଡ଼ିଶୀର ପ୍ରସାର ପାଇଁ କ'ଣ ପଦକ୍ଷେପ ନେବେ?**
ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ବିଶ୍ୱ ଦରବାରରେ ପହଞ୍ଚିସାରିଲାଣି। ବିଭିନ୍ନ ସହରରେ ମଧ ଓଡ଼ିଶୀ ପ୍ରଶିକ୍ଷଣ ଦିଆଯାଉଛି। ଓଡ଼ିଶୀକୁ ନିଶ୍ଚୟ ସାଙ୍ଗରେ ନେଇ ଚାଲିବା। ସୁନ୍ଦର କଳେବର ବୃଦ୍ଧି ନେଇ ଚିନ୍ତା କରିବା। କିନ୍ତୁ ଯେତେବେଳେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ କଥା କୁହାଯାଉଛି, ସେତେବେଳେ ଓଡ଼ିଶାର ସବୁ କଳାକୁ ଦେଖିବାକୁ ପଡ଼ିବ, ଯାହାର ଉପସ୍ଥିତି ଓଡ଼ିଶୀ ଭଳି ଏତେ ବ୍ୟାପକ ନୁହେଁ। ଓଡ଼ିଶାରେ ଯେତିକି ଲୋକକଳା ରହିଛି ଭାରତବର୍ଷରେ ଆଉ କେଉଁଠି ନ ଥିବ। ତେଣୁ ଏସବୁର କିପରି କଳେବର ବୃଦ୍ଧି ହେବ, ସେ ଦିଗରେ କାର୍ଯ୍ୟ କରିବାକୁ ପଡ଼ିବ।

**●କୋଭିଡ୍ ସମୟରେ କଳାକାରଙ୍କ ଜୀବିକା ବଞ୍ଚାଇବାର ଯୋଜନା କରିବେ କି?**
କଳା ଓ କଳାକାରଙ୍କ ଜୀବିକା ବଞ୍ଚାଇବା ପାଇଁ ଆମ ପୂର୍ବରୁ ଏକାଡେମୀ ସଚିବ ପ୍ରବୋଧ ବାବୁ ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ଲୋକସଙ୍ଗୀତର ଡିଜିଟାଲ ପ୍ଲାଟ୍‌ଫର୍ମରେ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି। ଆଗକୁ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଚେଷ୍ଟା ଜାରି ରହିବ।

**●ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପାଇଁ କ'ଣ ପଦକ୍ଷେପ ନେବେ?**
ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏବେ ରହିଲା, କଳାକାରଙ୍କ ଦ୍ୱାରା ଏହି ପ୍ରୟାସ କେତେ ଆଗକୁ ଯିବ ଓ ସାମାଜିକ ସ୍ତରରେ ତାହା କେତେ ଲୋକାଦୃତ ହେବ।

**●ବିଶ୍ୱ ମଞ୍ଚରେ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ନିଆରା ଭାବେ ପହଞ୍ଚାଇବାର ଯୋଜନା ଅଛି କି ?**
ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ମଞ୍ଚରେ ପହଞ୍ଚିବା ପାଇଁ କେନ୍ଦ୍ର ସରକାରଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଓ ବିଭିନ୍ନ ଏଜେନ୍ସି ରହିଛି। ତେଣୁ ଆମର ଯେଉଁ ଭଲ ଭଲ ସାଂସ୍କୃତିକ ଗ୍ରୁପ୍ ରହିଛି, ତାହାକୁ ଲୋକଲୋଚନକୁ ଆଣିବା ପାଇଁ କେନ୍ଦ୍ର ସରକାରଙ୍କୁ ନିଶ୍ଚିତ ଭାବେ ସୁପାରିସ କରାଯିବ। ଏବେ ବି ସେହିଭଳି କାମ କରାଯାଉଛି। ଆଗକୁ ବି କରାଯିବ।

ସାକ୍ଷାତ୍କାରଃ ଅସମାପିକା ସାହୁ

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2021-22/39, ତା.18.05.2021ରିଖ
କ୍ରମ ସଂ.01, ଟେଣ୍ଡର ନଂ.02211369: ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ବ୍ରେକ୍ ସୁ (Brake shoe) କମ୍ପ୍ଲିଟ ନର୍ମାଲ ସାଇଜ, ପରିମାଣ: T.S. ଅନୁସାରେ ।
କ୍ରମ ସଂ.02, ଟେଣ୍ଡର ନଂ.04211071: ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 4.5 K W 110/120 D C ବ୍ରଶଲେସ୍ ଅଲ୍ଟରନେଟର(Alternator), ପରିମାଣ: 100 ଗୋଟି ।
କ୍ରମ ସଂ.03, ଟେଣ୍ଡର ନଂ.05215003: ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: PVC ଇନ୍‌ସୁଲେଟେଡ୍ (Insulated) ରେଲୱେ ସିଗ୍‌ନାଲିଙ୍ଗ୍ କେବୁଲ, ପରିମାଣ: T.S. ଅନୁସାରେ ।
ଟେଣ୍ଡର ଖୋଲାଯିବା ତାରିଖ: କ୍ରମ ସଂ.01 ପାଇଁ ତା.07.06.21 ରିଖ, କ୍ରମ ସଂ.02 ପାଇଁ ତା.08.06.21 ରିଖ, କ୍ରମ ସଂ.03 ପାଇଁ ତା.15.06.21ରିଖ ।
ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡ଼ି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର
PR-103/M/21-22

**एलास्टिक्स कंपनी में नौकरी**
यह एक एलास्टिक्स बनाने का यूनिट हैं। जो भाई, ओडिशा के आस पास के रहने वाले हैं, वह निचे दिए गए नंबर पर तुरंत संपर्क करें, इतनी दूर अपने गांव को छोड़कर जाने की जरुरत नहीं हैं, अब नजदीक रह कर नौकरी करें, सुनहरे मौका का लाभ उठाएं आने जाने का समय बचाएँ, परिवार के पास रहे, महामारी के समय अपने गांव में तुरंत पहुंच सकते हैं। आवश्कता हैं कुशल कारीगरों की मास्टर (3), जक्वार्ड और प्लेन फोरमैन (5), एवं ऑपरेटर (20) जो के प्लेन और जैक्वॉड एलास्टिक्स चला सके।
शीघ्र संपर्क करें
9810354808
तुलिप एलास्टिक्स प्राइवेट लिमिटेड
C-15 Hoisery Complex Phase 2 Extn Noida-201305

# ଭାଜପାର 'ୱାନ୍ ଡିଷ୍ଟ୍ରିକ୍ଟ ୱାନ୍ କୋଭିଡ୍-୧୯ ହେଲ୍ପଡେସ୍କ' ଆରମ୍ଭ

ଭୁବନେଶ୍ୱର, ୨୧ା୫(ବ୍ୟୁରୋ)

କରୋନାକୁ ମୁକାବିଲା ପାଇଁ ଶୁକ୍ରବାର ଭାଜପା କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ସ୍ତରରେ ଆଉ ଏକ ପାଦ ଆଗେଇଛି । 'ୱାନ୍ ଡିଷ୍ଟ୍ରିକ୍ଟ ୱାନ୍ କୋଭିଡ୍-୧୯ ହେଲ୍ପଡେସ୍କ' ଆଧାରରେ ଦେଶର ସବୁ ଜିଲାରେ ୮୨୪ଟି ହେଲ୍ପଡେସ୍କ ଆରମ୍ଭ ହୋଇଛି। ଭାଜପା ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା ଭର୍ଚୁଆଲରେ ସମସ୍ତ ହେଲ୍ପଡେସ୍କକୁ ଉଦ୍‌ଘାଟନ କରିଛନ୍ତି। ଏହି ହେଲ୍ପଡେସ୍କ ଜରିଆରେ କରୋନା ଭୂତାଣୁ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହ ଏହି ସଂକ୍ରମଣକୁ ପ୍ରତିହିତ କରିବା ପାଇଁ ଟେଷ୍ଟିଂ, ଟ୍ରାକିଂ ଓ ଟ୍ରିଟ୍‌ମେଣ୍ଟ ଆଦି ପ୍ରସଙ୍ଗରେ ଜନଜାଗରଣ କରାଯିବ । ଏହାସହ କରୋନା ସଂକ୍ରମିତଙ୍କ ସକାଶେ ଆମ୍ବୁଲାନ୍ସ, ଅକ୍ସିଜେନ, ମେଡିକାଲ ସେବା ଯୋଗାଇଦେବା ସହ କୋଭିଡ୍ ଟିକାକରଣ ପାଇଁ ହେଲ୍ପଡେସ୍କ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବ । କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା କହିଛନ୍ତି, ଗ୍ରାମାଞ୍ଚଳରେ କରୋନା ସଂକ୍ରମଣକୁ ପ୍ରତିହିତ କରିବା ପାଇଁ କୃଷକ ମୋର୍ଚ୍ଚାର ଅଗଣିତ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ବିଶ୍ୱର ସର୍ବବୃହତ୍ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଛି। ଆଗାମୀ ଦିନରେ ଯଥାଶୀଘ୍ର ସମସ୍ତ ଦେଶବାସୀଙ୍କୁ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ନଡ୍ଡା କହିଛନ୍ତି।

## ଜି.ଭି.ଭି. ଶର୍ମା ରାଜସ୍ୱ ପର୍ଷଦ ସଦସ୍ୟ, ଭେନୁଗୋପାଳ କେବିକେ ମୁଖ୍ୟ ପ୍ରଶାସକ

**ଭୁବନେଶ୍ୱର,୨୧ା୫(ବ୍ୟୁରୋ):** ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କେନ୍ଦ୍ରୀୟ ଡେପୁଟେଶନରୁ ଫେରିବା ପରେ ୧୯୮୬ ବ୍ୟାଚ୍ ଆଇଏଏସ୍ ଅଫିସର ଜି.ଭି.ଭି. ଶର୍ମାଙ୍କୁ ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। କଟକସ୍ଥିତ ରାଜସ୍ୱ ପର୍ଷଦ ସଦସ୍ୟ ତଥା ନୂଆଦିଲ୍ଲୀଠାରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ କମିଶନର ଥିବା ୧୯୮୮ ବ୍ୟାଚ୍ ଆଇଏଏସ୍ ଅଫିସର ସି.ଜେ.ଭେନୁଗୋପାଳଙ୍କୁ କେବିକେ ଜିଲାର ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ସେ ମୁଖ୍ୟ ଆବାସିକ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ସୁଦର୍ଶନ ପାଲ୍ ଠାକୁର କେବିକେ ଜିଲାର ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି ।

# ଏଣିକି କଳାବଜାରକାରୀଙ୍କ ଉପରେ କଡ଼ା ନଜର

ଭୁବନେଶ୍ୱର, ୨୧ା୫(ବ୍ୟୁରୋ)

କୋଭିଡ୍-୧୯ର ତାଲା ବନ୍ଦ ସ୍ଥିତିରେ ଏବଂ ସମ୍ଭାବ୍ୟ ବାତ୍ୟା ଆଶଙ୍କା ଦୃଷ୍ଟିରୁ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରକାରୀ ଓ ବେଆଇନ ମହଜୁଦକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ପ୍ରତି କୋଭିଡ୍-୧୯ର ଦ୍ୱିତୀୟ ଲହର ଯୋଗୁ ସାରା ରାଜ୍ୟରେ ଲକ୍‌ଡାଉନ ଏବଂ ସପ୍ତାହାନ୍ତ ଶଟ୍‌ଡାଉନ ବଳବତ୍ତର ରହିଥିବା ବେଳେ ମେ ୨୬ ତାରିଖରେ ଓଡ଼ିଶା ଉପକୂଳରେ ସମ୍ଭାବ୍ୟ ବାତ୍ୟାର ଆଶଙ୍କା ଦୃଷ୍ଟିରୁ କିଛି ଲୋକ ଆବଶ୍ୟକତାଠାରୁ ଅଧିକ ପରିମାଣରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥା: ଚାଉଳ, ଅଟା, ଡାଲି, ଖାଇବାତେଲ, ଆଳୁ, ପିଆଜ ଇତ୍ୟାଦି କ୍ରୟ କରିବା ସମ୍ଭାବନା ରହିଛି। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାର କରିବା ଆଶଙ୍କା ଦୃଷ୍ଟିରୁ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥେଷ୍ଟ ପରିମାଣରେ ମହଜୁଦ ରହିଛି ଏବଂ ଏହାର ପରିବହନ ଲକ୍‌ଡାଉନ କଟକଣାରୁ ମୁକ୍ତ ରଖାଯାଇଛି। ଏପରି କ୍ଷେତ୍ରରେ ସମ୍ଭାବ୍ୟ ବାତ୍ୟା ଯୋଗୁ ଭୟଭୀତ ହୋଇ ଅଧିକ ପରିମାଣରେ ଖାଦ୍ୟ ସାମଗ୍ରୀ ଆଦି ନ କିଣିବା ପାଇଁ ମନ୍ତ୍ରୀ ସ୍ୱାଇଁ ଖାଉଟିମାନଙ୍କୁ ପରାମର୍ଶ ଦେଇଛନ୍ତି।

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
**Central Mine Planning & Design Institute Ltd.**
( A Subsidiary of Coal India Limited)
Gondwana Place, Kanke Road, Ranchi - 834031, JHARKHAND, INDIA
cmpdi A Mini Ratna Company
**NOTICE**
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI,**www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in
File No. : AIIMS/BBSR/Engg./ 609/ NIT-012/ 2021-22 Dated : 21st May 2021
**NOTICE INVITING E-TENDER**
The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Cleaning of Drain, Manholes, Sweerage lines during and before rainy season (2021-2022) at Hospital Complex, AIIMS, Bhubaneswar** *(NIT No. : AIIMS/BBSR/ Engg./ 012/2021-22)*. The detailed Tender Document along with Last Date & Time of Submission of Tender can be viewed & **downloaded from the website www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**
Sd/-
Executive Engineer(Civil) I/C
AIIMS, Bhubaneswar

## ଫରେଷ୍ଟ ୱାଚ୍‌ମ୍ୟାନଙ୍କୁ ଗୁଳିକରି ହତ୍ୟା

ସଇଁତଳା, ୨୧ା୫(ଡି.ଏନ୍.ଏ)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅଧୀନ କରମ୍‌ତଲା ଫରେଷ୍ଟ ଡିଭିଜନରେ କାର୍ଯ୍ୟରତ ୱାଚ୍‌ମ୍ୟାନ କରମ୍‌ତଲା ଗ୍ରାମର ଯୋଗେଶ୍ୱର ବୁଡେକ୍(୧୯)ଙ୍କୁ ଶୁକ୍ରବାର ରାତି ପ୍ରାୟ ୧୦ଟାରେ କେହି ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଛନ୍ତି। ପୋଲିସ ଓ ଫରେଷ୍ଟ ରେଞ୍ଜର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଫରେଷ୍ଟର ସୁଧୀର କୁମାର ଜେନାଙ୍କ ସହ ୱାଚ୍‌ମ୍ୟାନ୍ ଯୋଗେଶ୍ୱର ଜଙ୍ଗଲ ଭିତରେ ପାଟ୍ରୋଲିଂ କରୁଥିବାବେଳେ କେହି ଦୁର୍ବୃତ୍ତ ଗୁଳି ଚଳାଇଥିଲେ। ଏହା ଯୋଗେଶ୍ୱରଙ୍କ ଦେହରେ ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ତୁରନ୍ତ ତାଙ୍କୁ ଗୁରୁତର ଅବସ୍ଥାରେ ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାର କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କୋଭିଡ୍ ହସ୍ପିଟାଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ପୁରୀ ଅଫିସ,୨୧ା୫

ପୁରୀର ଦ୍ୱିତୀୟ କୋଭିଡ୍ ହସ୍ପିଟାଲକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଲୋକାର୍ପଣ କରିଛନ୍ତି। ପୁରୀ ବାଲିଗୁଆଳିସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ପୁରୀ ଏମ୍‌ପି ପିନାକୀ ମିଶ୍ର ଏବଂ ଜିଲାପାଳ ସମର୍ଥ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଜିଲା ପ୍ରଶାସନ, ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ଏବଂ ପିପିପି ମୋଡରେ ଏହି ହସ୍ପିଟାଲ ନିର୍ମାଣ ହୋଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ କୋଭିଡ୍ ହସ୍ପିଟାଲକୁ ଲୋକାର୍ପଣ କରୁଛନ୍ତି।

ବାଲିଗୁଆଳିସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପରିସରରେ ହୋଇଥିବା ୧୫୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ୍‌ରେ ପ୍ରତି ବେଡ୍‌କୁ ଅକ୍ସିଜେନ୍ ପାଇପ୍ ବ୍ୟବସ୍ଥା ରହିଛି। ଏଠାରେ ୨୦ଟି ଆଇସିୟୁ, ୪୦ଟି ଏଚ୍‌ଡିୟୁ ଓ ୯୦ଟି ସାଧାରଣ ଶଯ୍ୟା ରହିଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଦାସବର୍ମା କହିଛନ୍ତି, ପୁରୀବାସୀଙ୍କ କୋଭିଡ୍ ଚିକିତ୍ସାକୁ ସୁବିଧାଜନକ କରିବା ପାଇଁ ରାଜ୍ୟ ସରକାର ଏହି ହସ୍ପିଟାଲ ଆରମ୍ଭ କରିଛନ୍ତି। ସେ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେହିପରି ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଅଧିକ ରୋଗୀ ଆସିଲେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ। ଏଠାରେ ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର ଅକ୍ସିଜେନ୍ ପ୍ଲାଣ୍ଟ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଶା ରହିଛି।

**BHUBANESWAR DEVELOPMENT AUTHORITY**
AKASH SHOVA BUILDING
SACHIVALAYA MARG, BHUBANESWAR-751001
Ref. No. 19937 / BDA Date 18.5.2021
Estt-(Store)-10/2021
**"ADVERTISEMENT FOR PROCUREMENT OF OFFICE STATIONERIES, PRINTING MATERIALS, COMPUTER PAPER & COMPUTER CONSUMABLES FOR THE YEAR 2021-22"**
Bhubaneswar Development Authority (BDA) invites sealed quotations/tenders from the intending supplier / printing press / Co-operative stores / manufacturers in the prescribed forms as available in the BDA website bda.gov.in or from BDA Office on deposit of non-refundable fees of Rs.1000/- towards the cost of the tender paper.
The detailed tender documents will be available in the BDA website from **25.05.2021 to 17.06.2021**. The last date of submission of sealed quotations/ tender is **17.06.2021 by 4.00 P.M.** Applicants are requested to send their sealed quotations / tenders as per the prescribed forms through Speed Post/ Regd. Post with AD.
BDA has the right to accept / reject any application without assigning any reason thereof.
**Sd./- Secretary**
**Bhubaneswar Development Authority**

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। –ଶ୍ରୀଅରବିନ୍ଦ



# ଘରେ ଅନଶନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମହାସମୁନ୍ଦ ଜିଲା(ଛତିଶଗଡ଼)ର ମହିଳା ଓ ଶିଶୁ ବିକାଶ (ଡବ୍ଲୁସିଡି) ଅଧିକାରୀ ସୁଧାକର ବୋଡେଲେ ତାଙ୍କ ବିଭାଗରେ ହୋଇଥିବା ଦୁର୍ନୀତିବିରୋଧରେ ଅଭିଯାନ ଜାରିରଖିଛନ୍ତି। ବିଭିନ୍ନ ଯୋଜନାରେ ହୋଇଥିବା ୩୦ ଲକ୍ଷ ଟଙ୍କାର ଦୁର୍ନୀତି ଉପରେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ସେ ଆମରଣ ଅନଶନ କରିଛନ୍ତି। ଯଦିଓ ଏହି ଟଙ୍କାର ପରିମାଣ କମ୍, ତଥାପି ଏଭଳି ପ୍ରତିବାଦ ପ୍ରଶାସନରେ ଉକ୍ତ ଅଧିକାରୀଙ୍କର ସାଧୁତା, ସଚ୍ଚୋଟତାକୁ ପତିପାଦିତ କରିଛି। ବୋଡେଲେ ମହାସମୁନ୍ଦ ଜିଲା ଡବ୍ଲୁସିଡିର ଦୁଇଟି ଯୋଜନାର ୩୦ ଲକ୍ଷ ଟଙ୍କାର ପାଣ୍ଠିରେ ହୋଇଥିବା ଦୁର୍ନୀତିରେ ଜଡ଼ିତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଦାବି କରୁଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା (ସିଏମ୍‌କେଭିୱାଇ)ରେ ମାର୍ଚ୍ଚ ୨୦-୨୧ ମଧ୍ୟରେ ୨୦ ଲକ୍ଷ ଟଙ୍କା ମୂଲ୍ୟର ନିମ୍ନମାନର ଜିନିଷ କିଣାଯାଇଛି। ଏହାବାଦ୍ ରେଡି ଟୁ ଇଟ୍ (ଆର୍‌ଟିଇ)ଯୋଜନାରେ ୧୦ ଲକ୍ଷ ଟଙ୍କାର ଅନିୟମିତତା ହୋଇଥିବା ସେ କହିଛନ୍ତି। ତେବେ ଅଭିଯୋଗ ସତ୍ତ୍ୱେ ସିଡବ୍ଲୁସି କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ପ୍ରଥମେ ବୋଡେଲେ ଏହି ଘଟଣାକୁ ଜିଲାପାଳଙ୍କ ନଜରକୁ ଆଣିଥିଲେ। କିନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । କୌଣସି ଏକ ସ୍ଥାନରେ ଆମରଣ ଅନଶନ କରିବା ପାଇଁ ବୋଡେଲେ ଅନୁମତି ମାଗିଥିଲେ, କିନ୍ତୁ ତାଙ୍କୁ ତାହା ଦିଆଗଲା ନାହିଁ। ଫଳରେ ସେ ଘରେ ଆମରଣ ଅନଶନରେ ବସିଗଲେ। ବୋଡେଲେଙ୍କର ଏହି ନିଆରା ରଣନୀତି ଉପରେ ରାଜ୍ୟ ସରକାର କ'ଣ ପ୍ରତିକ୍ରିୟା ରଖୁଛନ୍ତି ତାହା ଉପରେ ସମସ୍ତଙ୍କର ନଜର।

### ଡାକ୍ତରଙ୍କ ଦାବି

କୋଭିଡ୍ ମହାମାରୀର ସଙ୍କଟ କାଳରେ ଆଇଏଏସ୍, ଆଇପିଏସ୍ ଆଦି ସର୍ବ ଭାରତୀୟ ସର୍ଭିସ ଭଳି ଯଥାଶୀଘ୍ର ଇଣ୍ଡିଆନ୍ ମେଡିକାଲ୍ ସର୍ଭିସ ଗଠନ କରିବା ଲାଗି ପୁଣି ଦାବି ଉଠିଛି। ମହାମାରୀର ଦ୍ୱିତୀୟ ଲହର ଭାରତର ସ୍ୱାସ୍ଥ୍ୟ ଭିତ୍ତିଭୂମିର ଦୁର୍ବଳତାକୁ ପଦାରେ ପକାଇଦେଇଛି। ଆଇସିୟୁ ବେଡ୍, ଅକ୍ସିଜେନ, ଚିକିତ୍ସା ଉପକରଣ ଏବଂ ଡାକ୍ତରଙ୍କ ସମେତ ଅନ୍ୟ ମେଡିକାଲ କର୍ମଚାରୀଙ୍କ ଅଭାବ ସାମ୍ନାକୁ ଆସିଛି। ସୂତ୍ରରୁ ପ୍ରକାଶ ଯେ, ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ମେଡିକାଲ ସଂଗଠନ ସମେତ ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ), ଦି ଫେଡେରେଶନ ଅଫ୍ ରେସିଡେଣ୍ଟ୍ ଡକ୍ଟର୍ସ ଆସୋସିଏଶନ (ଏଫ୍‌ଓଆର୍‌ଡିଏ) ଏବଂ ଖ୍ୟାତିସମ୍ପନ୍ନ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ (ଏଆଇଆଇଏମ୍‌ଏସ୍)ର ଡକ୍ଟର୍ସ ଆସୋସିଏଶନ ମଧ୍ୟ ଏହି ଦାବି କରିଆସିଛନ୍ତି। ଏବେ ଏଫ୍‌ଓଆର୍‌ଡିଏ ପୁଣି ଏହି ଦାବି ଦୋହରାଇବା ସହ ଯଥାଶୀଘ୍ର ଏକ ଜାତୀୟ ମେଡିକାଲ ସର୍ଭିସ ଗଠନ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଉପରେ ଗଠିତ ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଂ କମିଟି (ପିଏସସି) ମଧ୍ୟ ପରାମର୍ଶ ଦେଇଛି ଯେ, ଏବେ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ପରିବର୍ତ୍ତନ ଲୋଡ଼ା ଓ ଏହାକୁ ଦୃଷ୍ଟିରେ ରଖି ସରକାର ଏକ ନିଆରା ସର୍ଭିସ ଗଠନ କରିବା ଉପରେ ବିଚାର କରିବା ଆବଶ୍ୟକ। ତେବେ ମୋଦି କୃପା କରି ଏହା ସପକ୍ଷରେ କାମ କରିବେ କି?

### ଅବସର ପରେ ବାବୁଙ୍କୁ ପଦବୀ

ମହାରାଷ୍ଟ୍ର ସରକାର ଗତ ମାସରେ ଜଳସେଚନ ବିଭାଗର ଯୁଗ୍ମ ମୁଖ୍ୟ ସଚିବ ପଦରୁ ଅବସର ନେଇଥିବା ଆଇଏଏସ୍ ଅଧିକାରୀ ଭି.କେ.ଗୌତମଙ୍କୁ ସେହି ବିଭାଗର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଭାବେ ପୁନଃନିଯୁକ୍ତି ଦେଇ ଚାକିରି କରିଥିବା ଏବଂ ଅବସର ନେଇଥିବା ଅନ୍ୟ ଅଧିକାରୀମାନଙ୍କ ସହ ଉତ୍ତମ ବିଚାର କରିନାହାନ୍ତି ବୋଲି କୁହାଯାଉଛି। ମହା ବିକାଶ ଅଘାଡି (ଏମ୍‌ଭିଏ) ସରକାର ଯୁକ୍ତି ଦର୍ଶାଇଛନ୍ତି ଯେ, ଗୌତମ ତାଙ୍କ ପଦରେ ରହି ଦକ୍ଷ ନେତୃତ୍ୱ ପ୍ରତିପାଦନ କରିଥିଲେ ଏବଂ ବୃହତ ପ୍ରକଳ୍ପଗୁଡ଼ିକୁ ସଞ୍ଚାଳନ କରିବାରେ ତାଙ୍କ ଅଭିଜ୍ଞତା ଏବଂ ଦକ୍ଷତାକୁ ଉପଯୋଗ କରିବାକୁ ଚିନ୍ତା କରିଛନ୍ତି। ସୂତ୍ରରୁ ପ୍ରକାଶ ଯେ, ଏମ୍‌ଭିଏ ସରକାର ଜଳସେଚନ ସଚିବ ଭାବେ ଗୌତମଙ୍କୁ ଚୁକ୍ତିଭିତ୍ତିରେ ଆଉ ୩ ବର୍ଷ ରଖିବାକୁ ଅଧିକ ଇଚ୍ଛୁକ ଥିଲେ। ତେବେ ସଚିବ ପଦବୀ କ୍ୟାଡର ପୋଷ୍ଟ ହୋଇଥିବାରୁ ସରକାର ତାହା କରିପାରିଲେ ନାହିଁ କି ଚୁକ୍ତି କରିପାରିଲେ ନାହିଁ। ଏଣୁ ତାଙ୍କୁ ଓଏସ୍‌ଡି ଭାବେ ନିଯୁକ୍ତ କରାଗଲା ଓ ଏହାକୁ ନେଇ କେତେ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କ ଚିନ୍ତା ବଢିଯାଇଛି। ସେମାନେ ଏହାକୁ ଏକ ଭୁଲ୍ ଧାରା ବୋଲି ବିଚାର କରୁଛନ୍ତି। ଆଉ ମଧ୍ୟ ସୂଚନା ମିଳିଛି ଯେ,ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ରାଜ୍ୟ ଗୋଷ୍ଠୀ କ୍ରୀଡା ପରିଚାଳନା କମିଟିର ଜଣେ ସଦସ୍ୟ ଭାବେ ନିୟମ ଉଲ୍ଲଂଘନ କରିବା ଅଭିଯୋଗକୁ ନେଇ ତାଙ୍କ ବିରୋଧରେ ତଦନ୍ତ ଅଟକି ରହିଛି । କିନ୍ତୁ ଗୌତମ ବରିଷ୍ଠ ଅଧିକାରୀ ଭାବେ କେବଳ ଉପକୃତ ହୋଇ ନାହାନ୍ତି, ଅବସର ପରେ ମୁଖ୍ୟ ଶାସନ ସଚିବ ଅଜୟ ମେହେଟ୍ଟାଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରମୁଖ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ସେହିପରି ୨୦୧୮ରେ ଅବସର ନେଇଥିବା ଆର୍.ମୋପଲୱାର ରାଜ୍ୟରେ ପ୍ରମୁଖ ରୋଡ ପ୍ରୋଜେକ୍ଟଗୁଡ଼ିକର ତଦାରଖ କରୁଛନ୍ତି। ଆର୍. ଏ. ରାଜୀବ ମଧ୍ୟ ଗତ ଫେବୃୟାରୀରେ ଅବସର ନେଇ ଏବେ ସୁଦ୍ଧା ଏମ୍‌ଏମ୍‌ଆର୍‌ଡିଏର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଣୁ ଅବସରପ୍ରାପ୍ତ ବାବୁମାନଙ୍କ ପୁନଃନିଯୁକ୍ତି ଜାରି ରଖିବା ଏକ ଖରାପ ନୀତି ହୋଇପାରେ, କିନ୍ତୁ ଏହିଧାରା କେବଳ ମହାରାଷ୍ଟ୍ରରେ ନୁହେଁ ବରଂ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଏହା ଏକ ବ୍ୟାପକ ପ୍ରଚଳିତ ଧାରା ପାଲଟି ଯାଇଛି।

Email: dilipcherian@gmail.com

# ଟିକା ପାଇବା ସୁଯୋଗ ନୁହେଁ, ଅଧିକାର



ଭାଲଚନ୍ଦ୍ର ଷଡ଼ଙ୍ଗୀ

କରୋନାର ଦ୍ୱିତୀୟ ଲହରରେ ସଂକ୍ରମଣ ଭୟଙ୍କର ରୂପ ନେବା ସହିତ ଦେଶସାରା ଏକ ଅଭୂତପୂର୍ବ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରତିଦିନ ସଂକ୍ରମଣ ଓ ମୃତ୍ୟୁ ରେକର୍ଡ ସ୍ତରରେ ପହଞ୍ଚୁଥିବା ବେଳେ ଔଷଧ, ଅକ୍ସିଜେନ୍, ହସ୍‌ପିଟାଲ ଖଟିଆ ପାଇଁ ହାହାକାର ଦେଖାଯାଇଛି। ବିଶେଷ କରି ଏହି ରୋଗର ଚିକିତ୍ସାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଅକ୍ସିଜେନ୍‌ର ଯୋଗାଣ ଅଭାବରୁ ଗତ କିଛିଦିନ ମଧ୍ୟରେ ଦେଶର ବିଭିନ୍ନ ରାଜ୍ୟରେ ଶହ ଶହ ରୋଗୀ ପ୍ରାଣ ହରାଇଛନ୍ତି। କରୋନା ଯୋଗୁ ହେଉଥିବା ମୃତ୍ୟୁର ସଂଖ୍ୟା ଏତେ ବୃଦ୍ଧି ପାଇଛି ଯେ ମୃତଦେହଗୁଡ଼ିକର ଅନ୍ତିମ ସଂସ୍କାର କରିବାରେ ନାହିଁ ନ ଥିବା ସମସ୍ୟା ଦେଖାଯାଇଛି। ଶ୍ମଶାନ ଓ କବରସ୍ଥଳଗୁଡ଼ିକରେ ଅନ୍ତିମ ସଂସ୍କାର ପାଇଁ ପରିଜନଙ୍କ ଲମ୍ବାଧାଡ଼ି ଲାଗି ରହିଥିବା ବେଳେ ଅନେକ ସ୍ଥାନରେ ମୃତଦେହକୁ ନଦୀରେ ଭସେଇଦେବା ଭଳି ଲୋମହର୍ଷଣକାରୀ ଘଟଣା ଆମର ବିବେକକୁ ଏକଦମ୍ ଦୋହଲାଇ ଦେଇଛି। ବଞ୍ଚିଥିବା ବେଳେ ଉପଯୁକ୍ତ ଚିକିତ୍ସା ଯୋଗାଇବାରେ ଅସହାୟ ଆମର ବ୍ୟବସ୍ଥା ମୃତ୍ୟୁ ପରେ ତା'ର ନାଗରିକକୁ ସମ୍ମାନଜନକ ବିଦାୟୀ ଦେବାରେ ବି ବିଫଳ ହୋଇଛି। ମନେହେଉଛି, କରୋନା ଭୂତାଣୁ ମଣିଷର ଶରୀରର ପ୍ରତିରୋଧ ଶକ୍ତିକୁ ପରୀକ୍ଷା କରିବା ସହିତ ଆମର ବ୍ୟବସ୍ଥାର ପ୍ରତିରୋଧ ଶକ୍ତିକୁ ବି ପରୀକ୍ଷା କରୁଛି।

ଦେଶରେ ମହାମାରୀର ଏହି ଭୟଙ୍କର ପରିସ୍ଥିତି ପାଇଁ କେନ୍ଦ୍ର ସରକାର କାଠଗଡ଼ାରେ ଠିଆ ହୋଇଛନ୍ତି। ମହାମାରୀର ମୁକାବିଲାରେ ସରକାରଙ୍କ ବିଭ୍ରାନ୍ତିକର ନୀତି ଓ ବିଜ୍ଞାନସମ୍ମତ ଦୃଷ୍ଟିଭଙ୍ଗୀର ଅଭାବ ମୂଳତଃ ଦାୟୀ ବୋଲି ଦେଶ ବିଦେଶର ଅଧିକାଂଶ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। କରୋନାର ଏହି ଦ୍ୱିତୀୟ ଲହରକୁ ମୁକାବିଲା କରିବାରେ ଭାରତ ସରକାରଙ୍କ ଅପାରଗତାକୁ ଅନ୍ତର୍ଜାତୀୟ ସ୍ତରରେ ତୀବ୍ର ସମାଲୋଚନା କରାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତା ଅନେକ ହ୍ରାସ ପାଇଛି ବୋଲି ବିଭିନ୍ନ ସର୍ଭେରୁ ଜଣାପଡ଼ିଛି। କରୋନାର ଦ୍ୱିତୀୟ ଲହରକୁ ନେଇ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ବିଶେଷଜ୍ଞ ଏପରି କି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ପକ୍ଷରୁ ବାରମ୍ବାର ସତର୍କ କରାଇବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ସତର୍କତା ଅବଲମ୍ବନ କରାଗଲାନି। ବରଂ କରୋନାର ବିପଦ ଚାଲିଯାଇଛି ବୋଲି ଧରି ନିଆଯାଇ ପୂର୍ବରୁ ଥିବା ସମସ୍ତ ପ୍ରକାର କଟକଣାକୁ ଏକଦମ୍ ହଟେଇ ଦିଆଗଲା। ପ୍ରଧାନମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମାର୍ଚ୍ଚ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ଭାରତ କରୋନାକୁ ହରାଇ ସାରିଛି ଓ କରୋନା ବିରୋଧୀ ଲଢ଼େଇରେ ଆମେ ବିଶ୍ୱ ପାଇଁ ଉଦାହରଣ ପାଲଟିଛୁ ବୋଲି ବାହାସ୍ଫୋଟ ମାରୁଥିଲେ। ଖାଲି ସେତିକି ନୁହେଁ, କରୋନାର ମୁକାବିଲା ପାଇଁ ସରକାର ନିଜେ କରିଥିବା ନିର୍ଦ୍ଦେଶାବଳୀର ଖୋଲାଖୋଲି ଉଲ୍ଲଂଘନ କରି ପାଞ୍ଚୋଟି ରାଜ୍ୟର ବିଧାନସଭା ଓ ଉତ୍ତର ପ୍ରଦେଶରେ ପଞ୍ଚାୟତ ନିର୍ବାଚନ ତଥା ଦୀର୍ଘ ଏକମାସ ଧରି କୁମ୍ଭମେଳାର ଆୟୋଜନ କରି ଲକ୍ଷ ଲକ୍ଷ ଲୋକଙ୍କ ସମାଗମକୁ ଅନୁମତି ଦିଆଗଲା।

ବର୍ତ୍ତମାନ ସୁଦ୍ଧା ଟିକାକରଣ ହିଁ କରୋନା ବିରୋଧ ଲଢ଼େଇରେ ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ ବୋଲି ପ୍ରମାଣିତ ହୋଇଥିବା ବେଳେ ସେ କ୍ଷେତ୍ରରେ ମଧ୍ୟ ସରକାର ଆପରାଧିକ ଅବହେଳା ପ୍ରଦର୍ଶନ, ଆଜି ଭାରତର କୋଟି କୋଟି ଲୋକଙ୍କୁ ମୃତ୍ୟୁମୁହଁକୁ ଠେଲିଦେଇଛି। ମାର୍ଚ୍ଚ ଶେଷସୁଦ୍ଧା ଭାରତ ସରକାର ନିଜର ଜନସଂଖ୍ୟାର ୧୦% ପାଇଁ ବି ଟିକା ବରାଦ କରି ନ ଥିବା ବେଳେ ଆମେରିକା ତା'ର ୩୯ କୋଟି ଜନସଂଖ୍ୟା ପାଇଁ ୧୩୦ କୋଟି ଡୋଜ୍, ବ୍ରିଟେନ୍ ତା'ର ୭ କୋଟି ଜନସଂଖ୍ୟା ପାଇଁ ୪୫ କୋଟି ଡୋଜ୍ ଏବଂ କାନାଡା ତା'ର ଜନସଂଖ୍ୟା ତୁଳନାରେ ଦଶ ଗୁଣ ଡୋଜ୍ ପାଇଁ ବରାଦ କରି ସାରିଥିଲା। ଗତବର୍ଷ ଯେତେବେଳେ ସାରା ବିଶ୍ୱର ଉନ୍ନତ ଦେଶଗୁଡ଼ିକ ନିଜ ଲୋକଙ୍କୁ ଟିକାକରଣ ପାଇଁ ଟିକାର ଗବେଷଣା ଓ ବିକାଶରେ ବିପୁଳ ଅର୍ଥ ବିନିଯୋଗ କରୁଥିଲେ, ଉତ୍ପାଦନକାରୀ କମ୍ପାନୀଠାରୁ ଟିକା କିଣିବା ପାଇଁ ବିପୁଳ ଅର୍ଥ ଦେଇ ଆଗୁଆ ବରାଦ କରୁଥିଲେ ଏବଂ ଟିକାର ଉଦ୍ଭାବନ ପରେ ଲୋକଙ୍କୁ ମାଗଣାରେ ବାଣ୍ଟିବା ପାଇଁ ରଣନୀତି ତିଆରି କରୁଥିଲେ, ସେତେବେଳେ ଆମ ସରକାର ଟିକାକରଣ ନେଇ ଏକଦମ୍ ବେଖାତିର ଥିଲେ। ବୋଧହୁଏ ସରକାରଙ୍କ ଧାରଣା ଥିଲା, କରୋନାର ସଂକ୍ରମଣ କମିଯାଇଛି, ତେଣୁ ଟିକାକରଣ ଆଉ ଦରକାର ନାହିଁ। ସେହି କାରଣରୁ ହିଁ ଜାନୁୟାରୀ ୫ରେ ଟିକା ପାଇଁ ଦୁଇଟି କମ୍ପାନୀଙ୍କୁ ମଞ୍ଜୁରୀ ଦିଆଯାଇଥିଲେ ମଧ୍ୟ ଏଯାଏ ଦେଶର ସ୍ୱାସ୍ଥ୍ୟ କର୍ମୀ ଓ ଆଗଧାଡ଼ିର କୋଭିଡ୍ ଯୋଦ୍ଧାଙ୍କ ଟିକାକରଣ ବି ସମାପ୍ତ ହୋଇନାହିଁ।

ଦେଶରେ କରୋନାର ବର୍ଦ୍ଧିତ ସଂକ୍ରମଣ ପାଇଁ ଟିକାକରଣର ମନ୍ଥର ଗତି ହିଁ ଅନେକ ପରିମାଣରେ ଦାୟୀ। ଏଥିରେ ଦ୍ୱିମତ ନାହିଁ ଯେ, ସରକାର ବିଶ୍ୱରେ ସବୁଠାରୁ ବଡ଼ ଟିକାକରଣ ଅଭିଯାନ ଚଳାଇବାର ଯେଉଁ ଦାବି କରୁଥିଲେ, ସେଥିରେ ନିଜ ପାଇଁ ବାହାବା ନେବାର ଇଚ୍ଛାଟି ଅଧିକ ରହିଥିବା ବେଳେ ସମସ୍ତଙ୍କୁ ଟିକାକରଣର ଇଚ୍ଛାଟି ବହୁତ କମ୍ ଥିଲା। ଠିକ୍ ସମୟରେ ନିଜର ଜନସଂଖ୍ୟାର ଏକ ବଡ଼ ଭାଗକୁ ଟିକାକରଣ କରିବା ଫଳରେ ଆମେରିକା, ଇସ୍ରାଏଲ୍, ରୁଷିଆ, ଇଂଲଣ୍ଡ ଓ ଚାଇନା ପରି ଦେଶଗୁଡ଼ିକ ନିଜର ନାଗରିକଙ୍କୁ ବର୍ତ୍ତମାନ କରୋନାରୁ ସୁରକ୍ଷିତ ରଖିବାରେ ପ୍ରାୟତଃ ସକ୍ଷମ ହୋଇଛନ୍ତି। ଏପରି କି ଅନେକ ଦେଶରେ ୧୮ ବର୍ଷରୁ କମ୍ ପିଲାଙ୍କୁ ବି ଟିକାକରଣ କରିବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି। କିନ୍ତୁ ଅନ୍ୟପକ୍ଷରେ ଭାରତରେ ବର୍ତ୍ତମାନ ଯେଉଁ ହାରରେ ଟିକାକରଣ ଚାଲିଛି, ତାହା ଯଦି ଅବ୍ୟାହତ ରହେ ତା'ହେଲେ ଜନସଂଖ୍ୟାର ଅର୍ଦ୍ଧେକ ଲୋକଙ୍କୁ ଟିକାକରଣ କରିବାକୁ ଆମକୁ ଦୁଇ ବର୍ଷରୁ ଅଧିକ ସମୟ ଲାଗିବ।

ଟିକାକରଣ ପାଇଁ ସ୍ୱଚ୍ଛନୀତି ଏବଂ ବିଶେଷ କରି ସମସ୍ତଙ୍କୁ ମାଗଣାରେ ଟିକାକରଣ କରିବାର ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଦେଶରେ ଟିକାକରଣ ନେଇ ଭୟଙ୍କର ଅବ୍ୟବସ୍ଥା ଦେଖାଦେଇଛି। ଗତ ଦୁଇ ମାସ ଧରି ଦେଶବାସୀ ମହାମାରୀ ଯୋଗୁ ତ୍ରାହି ତ୍ରାହି ଡାକୁଥିବା ବେଳେ ଏଯାଏ ଦେଶର ୧୦% ଲୋକଙ୍କୁ ବି ଟିକାକରଣ କରାଯାଇ ପାରିନାହିଁ। ଆମଠାରୁ କମ୍ ଆୟର ବାଂଲାଦେଶ, ମଧ୍ୟମ ଆୟର ବ୍ରାଜିଲ ଏବଂ ଉଚ୍ଚ ଆୟର ଚାଇନା ଓ ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କ ସବୁ ନାଗରିକଙ୍କୁ ମାଗଣାରେ ଟିକାକରଣ କରୁଥିବା ବେଳେ ଆମ ସରକାର ଏଯାଏ ଦେଶର ସବୁ ନାଗରିକଙ୍କୁ ମାଗଣାରେ ଟିକାକରଣ କରିବା ପାଇଁ ଘୋଷଣା କରିବାକୁ ସାହସ ଦେଖାଇ ନାହାନ୍ତି।

ଗତ ବଜେଟ୍‌ରେ ଟିକାକରଣ ପାଇଁ କେନ୍ଦ୍ର ସରକାର ୩୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଥିବା ବେଳେ ଏଯାଏ ମାତ୍ର ୫ ହଜାର କୋଟି ହିଁ ବ୍ୟୟ କରିଛନ୍ତି। ଯଦି ସରକାର ପ୍ରତ୍ୟେକ ଡୋଜ୍ ପିଛା ୧୫୦ ଟଙ୍କାରେ ଟିକା କିଣନ୍ତି ତା'ହେଲେ ବଜେଟ୍‌ରେ ଅନୁମୋଦିତ ଅର୍ଥରେ ଦେଶର ଶହେ କୋଟିରୁ ଅଧିକ ଲୋକଙ୍କୁ ଟିକାକରଣ କରିହେବ। କିନ୍ତୁ ସରକାର ଓଲଟା ସମସ୍ତଙ୍କୁ ଟିକାକରଣ କରିବାର ଦାୟିତ୍ୱରୁ ଓହରିଯାଇ ତାକୁ ରାଜ୍ୟ ସରକାରଙ୍କ ଉପରେ ଲଦି ଦେଇଛନ୍ତି। ମହାମାରୀ ଓ ଲକ୍‌ଡାଉନ୍ ଫଳରେ ଆର୍ଥିକ ଦୁରବସ୍ଥାରେ ଥିବା ରାଜ୍ୟ ସରକାରଙ୍କ ଉପରେ ଟିକାକରଣର ଏହି ଭାର ବେଢ଼ି ଉପରେ କୋରଡ଼ା ମାଡ଼ ପରି ହେବ। ଏପରି ହେଲେ ଆଗାମୀ ଦିନରେ ୟୁପି, ବିହାର ପରି ଦେଶର ଆଠଟି ଗରିବ ରାଜ୍ୟକୁ ସେମାନଙ୍କ ମୋଟ ବଜେଟ୍‌ର ଏକ ତୃତୀୟାଂଶ କେବଳ ଟିକାକରଣ ବାବଦରେ ଖର୍ଚ୍ଚ କରିବାକୁ ପଡ଼ିବ। ଗୋଟିଏ ଦେଶ, ଗୋଟିଏ ନିୟମର କଥା କହୁଥିବା ସରକାର ଏବେ ଟିକା ପାଇଁ ତିନୋଟି ଦର ଧାର୍ଯ୍ୟ କରିଛନ୍ତି। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ତା' ଦ୍ୱାରା ପ୍ରସ୍ତୁତ କୋଭିଶିଲ୍‌ଡ ଟିକାକୁ କେନ୍ଦ୍ର ସରକାରଙ୍କୁ ୧୫୦ ଟଙ୍କାରେ ଦେଉଥିବା ବେଳେ ରାଜ୍ୟ ସରକାରଙ୍କୁ ୩୦୦ଟଙ୍କାରେ ଏବଂ ଘରୋଇ ହସ୍‌ପିଟାଲଗୁଡ଼ିକୁ ୬୦୦ ଟଙ୍କାରେ ଯୋଗାଉଛି। ଟିକାର ଏଭଳି ଭିନ୍ନ ଭିନ୍ନ ଦାମ୍ ପଛରେ କୌଣସି ତର୍କସଙ୍ଗତ କାରଣ ନୁହେଁ ବରଂ ଟିକା ବିକ୍ରି ଜରିଆରେ କମ୍ପାନୀଗୁଡ଼ିକୁ ବିପୁଳ ମୁନାଫା ପହଞ୍ଚାଇବା ଏକମାତ୍ର ଉଦ୍ଦେଶ୍ୟ ହୋଇଯାଇଛି। ଏହି କାରଣରୁ ହିଁ ଟିକା ଉତ୍ପାଦନ ପାଇଁ ଦେଶରେ ମାତ୍ର ଦୁଇଟି କମ୍ପାନୀକୁ ହିଁ ଅନୁମତି ଦିଆଯାଇଛି। ଯଦି ଏଥିପାଇଁ ଅଧିକ କମ୍ପାନୀକୁ ଅନୁମତି ଦିଆଯାଆନ୍ତା, ତା'ହେଲେ ଖୁବ୍ କମ୍ ସମୟରେ ଅଧିକ ଉତ୍ପାଦନ ହୋଇପାରନ୍ତା ଏବଂ ଅଧିକ ଲୋକଙ୍କୁ ଯଥାଶୀଘ୍ର ଟିକା ଦିଆଯାଇ ପାରନ୍ତା। ଅତଏବ କରୋନା ବିରୋଧରେ ଲଢ଼େଇକୁ ସଫଳ କରିବାକୁ ହେଲେ ଦେଶରେ ସାର୍ବଜନୀନ ଟିକାକରଣ ଅତ୍ୟନ୍ତ ଜରୁରୀ। ଟିକାକରଣ ଏକ ସୁଯୋଗ ହେବା ପରିବର୍ତ୍ତେ ସମସ୍ତଙ୍କ ଅଧିକାର ହେବାକୁ ହେଲେ ଦେଶର ପ୍ରତ୍ୟେକ ନାଗରିକକୁ ମାଗଣାରେ ଟିକାକରଣ କରିବା ଆବଶ୍ୟକ।

bhalachandra.odisha@gmail.com
ମୋ:୯୪୩୭୧୬୬୩୯୧

# ମନ ଅଧୀନରେ କର୍ମ



ମୌସୁମୀ ପରିଡ଼ା

ଯେପରି କର୍ମ, ମଣିଷର ବର୍ତ୍ତମାନ ଓ ଭବିଷ୍ୟତକୁ ନିୟନ୍ତ୍ରଣ କରେ ; ସେହିପରି ଚିନ୍ତା ଓ ଚେତନା କର୍ମକୁ ନିୟନ୍ତ୍ରଣ କରନ୍ତି। ଏହି ଚିନ୍ତା ଓ ଚେତନା ପାରିପାର୍ଶ୍ୱିକ ଅବସ୍ଥା, ସମାଜ, ଶିକ୍ଷା ଓ ବ୍ୟକ୍ତିର ବିବେକ ଦ୍ୱାରା ପ୍ରଭାବିତ ହୁଏ। କେବେକେବେ ମଣିଷର ବ୍ୟକ୍ତିସତ୍ତା ତା'ର ଚେତନାର ପରିସରକୁ ବ୍ୟାପକ ଓ ବୁଦ୍ଧିମନ୍ତ କରି ରଖିଥାଏ। ଫଳରେ ତା' ଉପରେ ସ୍ଥିତିର ବିଶେଷ ପ୍ରଭାବ ପଡ଼େନାହିଁ। ପଡ଼ିଲେ ମଧ୍ୟ ତାହା ବେଶି ସମୟ ଧରି ବ୍ୟକ୍ତିକୁ ଆକ୍ରାନ୍ତ କରିପାରେନାହିଁ। ଯାହାର ବ୍ୟକ୍ତିସତ୍ତା ଯେତେ ଉନ୍ନତ, ତା'ର ଚିନ୍ତା, ଚେତନା ସେତେ ସମୃଦ୍ଧ। ମୁନିଋଷି ଓ ମହାନ୍ ଲୋକମାନେ ସେଥିପାଇଁ ଦିଗ୍‌ଦ୍ରଷ୍ଟା ଓ ଦୂରଦୃଷ୍ଟିସମ୍ପନ୍ନ।

ଏହି ଚେତନାଟି ଖୁବ୍ ସୂକ୍ଷ୍ମ, କିନ୍ତୁ ମଣିଷକୁ କବଳିତ କରି ରଖିଥାଏ ଯାବଜ୍ଜୀବନ। ଏହା ମଣିଷର ଅନ୍ତର୍ନିହିତ ଗୁଣ ଦ୍ୱାରା ବିକଶିତ ହୁଏ। ସାଧାରଣ ମଣିଷ ପରି ଦୃଶ୍ୟମାନ ହେଉଥିବା ବ୍ୟକ୍ତିଙ୍କଠାରେ ଅସାଧାରଣ ଗୁଣ ଥାଏ। ଚିରାଚରିତ ଲୋଭ ମୋହ ମାୟାରେ ଜଡ଼ିତ ଥାଇ ସୁଦ୍ଧା ସେମାନେ ଭିନ୍ନ ମନେହୁଅନ୍ତି। ଯେପରି ରାଜା ଦଶରଥ ଓ ରାଜର୍ଷି ଜନକ ଉଭୟ ରାଜା ଥିଲେ ମଧ୍ୟ ବ୍ୟକ୍ତିସତ୍ତା ରାଜର୍ଷି ଜନକଙ୍କଠାରେ ଉନ୍ନତ ଓ ପରିପକ୍ୱ ପରିଲକ୍ଷିତ ହୁଏ। ରାଜଗାଦି ଏକ ଅତୁଟ ମୋହ, ସମ୍ମୋହନ। ଏହାକୁ ଅକ୍ତିଆର କରିବାକୁ କେତେ ରକ୍ତପାତ, ଅଭିସନ୍ଧି, ଉତ୍ପୀଡ଼ନ, ଅପହରଣ! ଅଥଚ ରାଜା ଦଶରଥ ଓ ଜନକ ଉଭୟ ନିଜ ନିଜ ଦୃଷ୍ଟିକୋଣରୁ ଭିନ୍ନ ତଥା ଅଭିଜ୍ଞ ଓ ପ୍ରଜାନୁରଞ୍ଜକ ଥିଲେ। ସେମାନଙ୍କ କାର୍ଯ୍ୟଶୈଳୀ ସେମାନଙ୍କୁ ଅମର କରି ରଖିଛି। ଦଶରଥଙ୍କଠାରେ ସାଂସାରିକ ମୋହ ରାଜା ଜନକଙ୍କଠାରୁ ଅଧିକ ଥିବାରୁ ସେ ମୋହାସକ୍ତ ହୋଇ କୈକେୟୀଙ୍କ ପାଖେ ପ୍ରତିଜ୍ଞା କରିଥିଲେ, ଯାହାକୁ ଭିତ୍ତି କରି ରାମ ବନବାସ, ସୀତା ଚୋରି ଓ ଅନ୍ୟାନ୍ୟ ପ୍ରସଙ୍ଗ ଯୋଡ଼ି ହୋଇଥିଲା। ରାଜା ଜନକ ପ୍ରଜାପାଳକ ଥିଲେ ମଧ୍ୟ ଋଷିସମ ଉଚ୍ଚ ଚେତନାଭିମୁଖୀ ହୋଇଥିବାରୁ ସେ ରାଜର୍ଷି ଥିଲେ। ସୀତା, ମାଣ୍ଡବୀ, ଊର୍ମିଳା ଓ ଶ୍ରୁତିକୀର୍ତ୍ତି ଏହି ଚାରିକନ୍ୟା ତାଙ୍କ ଶିକ୍ଷା ଓ ସଂସ୍କାରର ଦୃଷ୍ଟାନ୍ତ।

ମଣିଷ ନିଜ ଶିକ୍ଷା, ସଂସ୍କାର, ବୁଦ୍ଧି ଓ ବିବେକ ଅନୁଯାୟୀ ନିଜକୁ ଯେଉଁ ମାର୍ଗରେ ପରିଚାଳିତ କରେ, ସେହି ଦୃଷ୍ଟିଭଙ୍ଗୀ ତା' ଭିତରେ ପ୍ରତିଫଳିତ ହୁଏ। ସେଥିପାଇଁ ଜଣେ ଚୋରି କରେ, ଜଣେ ଦାନ କରେ। ଜଣେ ହତ୍ୟାକାରୀ ଭାବେ କୁଖ୍ୟାତ ହୁଏ ତ ଆଉ ଜଣେ ସାଧୁ ଭାବେ ସୁଖ୍ୟାତି ଅର୍ଜନ କରେ। ମଣିଷଠାରେ ନାନା ଭାବ ପ୍ରକଟିତ ହୁଏ, କାରଣ ତା'ର ଜୀବନ ପ୍ରବାହ ବିଭିନ୍ନ ପରିବେଶ ମଧ୍ୟ ଦେଇ ଗତିକରେ ବୋଲି। ଉତ୍‌ଥାନ ପତନ ଦେଇ ସେ ବଞ୍ଚେ। ସେହି ଅନୁସାରେ ତା' ମନ ମଧ୍ୟ ସଙ୍କୁଚିତ ଓ ବିକଶିତ ହୁଏ।

ଖୁବ୍ କମ୍ ବ୍ୟକ୍ତି ଥାଆନ୍ତି, ଯେଉଁମାନଙ୍କ ମନ ସହଜେ ପ୍ରଭାବିତ ହୁଏ ନାହିଁ। ସୁଖ ପରି ଦୁଃଖକଷ୍ଟ ଜୀବନର ଅକାଟ୍ୟ ଅଂଶ ଭାବି ସେମାନେ କାଳାତିପାତ କରନ୍ତି। କିନ୍ତୁ ସର୍ବାଧିକ ଲୋକ ସହଜେ ଆତ୍ମସଂଯମ ହରାଇଦିଅନ୍ତି ହତୋତ୍ସାହିତ ହୋଇ। ସେମାନଙ୍କ ଭିତରେ ଆବେଗ ସମୁଦ୍ରର ଲହରି ପରି ଅହରହ ଉଦ୍‌ବେଳିତ ହେଉଥାଏ। ସାମୟିକ ମୋହମାୟାରେ କବଳିତ ହୋଇ ହିତାହିତ ଜ୍ଞାନ ହରାଇଦିଅନ୍ତି ଏମାନେ। ସେଥିପାଇଁ ଠିକ୍ ଭୁଲ୍, କରଣୀୟ, ଅକରଣୀୟ ଭିତରେ ସେମାନେ ଝୁଲିରହନ୍ତି ସର୍ବଦା। ନା ଭଲ ଚିନ୍ତା କରିପାରନ୍ତି ନା ଭଲ କର୍ମ କରିବାକୁ ଇଚ୍ଛା କରନ୍ତି। ଫଳରେ ସେମାନଙ୍କ ମନର ରୁଗ୍‌ଣତା ବିକଶିତ ହୁଏ। ଫଳରେ ପରଶ୍ରୀକାତରତା, ହିଂସା, ଈର୍ଷା, ଅହଙ୍କାର ମନରେ ବସା ବାନ୍ଧି ବ୍ୟକ୍ତିର ଭଲଗୁଣକୁ ନ୍ୟୂନ କରିଦିଏ। ପ୍ରତ୍ୟେକ ମଣିଷ ଭିତରେ ସମ୍ଭାବନା ସହିତ ସତ୍‌ମଣିଷଟିଏ ଲୁଚି ରହିଥାଏ। କିଛି ସମୟ ପାଇଁ ମନକୁ ଆସି ପୁଣି ଲିଭିଯାଏ। ପାରିପାର୍ଶ୍ୱିକ ସ୍ଥିତି ମଣିଷକୁ ପବନ ପରି ଉଡ଼ାଇନିଏ, ପାଣି ପରି ଚହଲାଇଦିଏ, ସମୁଦ୍ର ପରି ବି ବୁଡ଼ାଇଦିଏ। ମଣିଷକୁ ସବୁବେଳେ ଦୁର୍ବଳ ଓ ଅସହାୟ କରେ। ସ୍ଥିତିଠାରୁ ଊର୍ଦ୍ଧ୍ୱରେ ରହି ଚିନ୍ତା କରିବା ଜମାରୁ ସହଜ ନୁହେଁ, ଏହା ମଧ୍ୟ ଗୋଟେ ପ୍ରକାରର ସାଧନା। ମନକୁ ଆୟତ୍ତ କରି ନ ପାରିଲେ ବିଭିନ୍ନ ସମୟରେ ବିପର୍ଯ୍ୟସ୍ତ ହେବାକୁ ପଡ଼େ।

ମାଟିରେ ପାଣି ଓ ସୂର୍ଯ୍ୟକିରଣ ପଡ଼ିଲେ ବୀଜ ଅଙ୍କୁରିତ ହେବାର ସମ୍ଭାବନା ଥାଏ। ପ୍ରତିଟି ଆବଶ୍ୟକ ଜିନିଷ ସମତୁଲ ଭାବେ ନ ମିଳିଲେ ଗଛଟିଏ ଠିକ୍‌ରେ ବଢ଼ିପାରେନା। ବିଭିନ୍ନ ଜାଗାର ସମାନ ଫଳ ବିଭିନ୍ନ ଆକୃତି ଓ ପ୍ରକୃତିର ହୋଇଥାଏ। କିଛି ତ ଭିନ୍ନତା ଥାଏ। ଠିକ୍ ସେହିପରି ମଣିଷର ମନ, ଯାହା ସମସ୍ତଙ୍କଠାରେ ସମାନ ପରିଲକ୍ଷିତ ହୁଏ ନାହିଁ। ଗୋଟେ ମାଆର ପିଲାମାନେ ମଧ୍ୟ ବିଭିନ୍ନ ପ୍ରକୃତିର। ତେଣୁ ମଣିଷମାନେ ସ୍ଥୂଳ ଓ ସୂକ୍ଷ୍ମଭାବେ ପ୍ରତ୍ୟେକଙ୍କଠାରୁ ଭିନ୍ନ। ମଣିଷ ଭିତରର ଭିନ୍ନତା ଅଦ୍ଭୁତ ନୁହେଁ, ପ୍ରକୃତିର ସମସ୍ତ ଜୀବଙ୍କଠାରେ ଏହା ପ୍ରତିଫଳିତ। କିନ୍ତୁ ହିଂସ୍ରତା ବେଶି ପ୍ରକଟିତ ହେଲେ ତା' ଭିତରେ ମାନବୀୟ ଗୁଣ ମରିଯାଏ। ମଣିଷପଣିଆ ପାଇଁ ମଣିଷ ଓ ପଶୁପକ୍ଷୀ ଭିନ୍ନ। ଯଦି ମଣିଷ, ମଣିଷ ପରି ନ ହୋଇ ପଶୁ ପରି ବ୍ୟବହାର କରେ, ତେବେ ତା' ଭିତରର କମନୀୟତା ହଜିଯାଏ। କୌଣସି ସ୍ଥଳେ ସେ ନିଜର ସ୍ୱାଭାବିକତା ହରାଇବା ଉଚିତ ନୁହେଁ। ମଣିଷଟିଏ ସାଧୁସନ୍ଥ ପରି ନ ହେଉ, କିନ୍ତୁ ମଣିଷ ପରି ହେଉ। କାହାକୁ କଷ୍ଟଦେବା ବା ପ୍ରତିଶୋଧପରାୟଣତାର ବଶବର୍ତ୍ତୀ ହୋଇ କାହାର କ୍ଷତି ଘଟାଇବା ମାନବିକତାର ପରିଚୟ ନୁହେଁ। ଜ୍ଞାନଶୂନ୍ୟ ହୋଇ କାହାକୁ ଖରାପ ବ୍ୟବହାର କରିବା ମଧ୍ୟ ଶୋଭନୀୟ ନୁହେଁ। ପଶୁ ମଧ୍ୟ ନିଜ ପେଟ ପାଇଁ ହିଂସ୍ର ହୋଇଥାଏ, ଅନ୍ୟଥା ନୁହେଁ। ଅନେକ ଲୋକ ନିଜ ଅହଙ୍କାରରେ ଭୁଲିଯାଆନ୍ତି ଯେ ସେମାନଙ୍କ ଉପରେ କିଛି ଅଦୃଶ୍ୟ ଶକ୍ତି ରହିଛି, ଯେ ନିରୀକ୍ଷଣ କରୁଛି ପ୍ରତିଟି କ୍ରିୟାକୁ। କେହି ସେ ଚକ୍ରରୁ ମୁକୁଳି ପାରିନାହାନ୍ତି କି ପାରିବେନି।

ଗାଁ ଗହଳିରେ ପ୍ରବାଦଟିଏ ଅଛି– ଯେ ପର ପାଇଁ ଗାତ ଖୋଳିବ, ସେ ଆଗ ସେ ଗାତରେ ପଡ଼ିବ। ନିଉଟନ୍‌ଙ୍କ ଅନୁସାରେ, ପ୍ରତିଟି କ୍ରିୟାର ସମାନ ଓ ବିପରୀତ ପ୍ରତିକ୍ରିୟା ଥାଏ। ବନ୍ଧୁକରୁ ଗୁଳି ଫୁଟେଇଲାବେଳେ ପଛକୁ ଧକ୍କା ଖାଇବାକୁ ହୁଏ। ସେହିପରି ଆମେ କରୁଥିବା ମନ୍ଦ କର୍ମ, ମନ୍ଦ ଚିନ୍ତାର ପୁଣି ସମାନ ଓ ବିପରୀତ କ୍ରିୟା ରହିବା ସ୍ୱାଭାବିକ। ହୁଏତ ସେ ପ୍ରତିକ୍ରିୟା ଅନ୍ୟ ପ୍ରକାରରେ ବା ଅନ୍ୟ ସମୟରେ ଆସିପାରେ। ଆସିବାଟା ନିଧାର୍ଯ୍ୟ। ନିଜକୁ ଖୁସି ଦେଉଥିବା କଥା ଯଦି ଅନ୍ୟକୁ କ୍ଷତି ଦେଉଥିବ, ତେବେ ତାହା ଖୁସି ନୁହେଁ। ଏହା କୌଣସି ପ୍ରତିଯୋଗିତା ପାଇଁ ପ୍ରଯୁଜ୍ୟ ନୁହେଁ।

ମଣିଷ ଜନ୍ମ ଅନେକ ତପସ୍ୟା ପରେ ମିଳେ ବୋଲି କଥିତ ଅଛି। ଏ ଦିବ୍ୟତାକୁ ନଷ୍ଟ କରି ହିଂସ୍ରତା, ନୃଶଂସତା ଭିତରେ ଛନ୍ଦି ପଶୁତୁଲ୍ୟ ହେବା ମଣିଷକୁ ଶୋଭାପାଏନି। ଅନ୍ୟର କ୍ଷତି କରି ମିଳୁଥିବା ଆନନ୍ଦ ପୈଶାଚିକ ଆନନ୍ଦ। ନିଜକୁ ବଡ଼ ବୋଲାଇବା ପାଇଁ ଅନ୍ୟକୁ ନୁଆଇଁବା ମଧ୍ୟ ନିର୍ମମତାର ଅନ୍ୟତମ ଝଲକ। ଏ ସବୁର ପ୍ରତିକ୍ରିୟା ଅଛି। ଆଜି ନ ହେଲେ କାଲି, କାଲି ନ ହେଲେ ଆଉ କୌଣସି ଦିନ ସେ ପ୍ରତିକ୍ରିୟା ନିଶ୍ଚିତ ଅନୁଭୂତ ହେବ। ପ୍ରକୃତିର ବିଧାନ ତ ସେହିପରି। ଏଣୁ ମଣିଷ କେବଳ ମଣିଷ ହୋଇ ରହୁ, ଯଦି ଦେବତା ହେବା ଅସମ୍ଭବ; କିନ୍ତୁ ପଶୁ ପାଲଟି ନ ଯାଉ। ଅନ୍ୟଥା ତା'ର ପ୍ରତିକ୍ରିୟା ଭୋଗ କରିବାକୁ ହେବ।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ଅନଗ୍ରସର ଅଞ୍ଚଳରେ ରହୁଥିବା ଲୋକମାନେ କିଭଳି ସୁବିଧାରେ ଖାଦ୍ୟ ପାଇ ପାରିବେ ସେହି ବ୍ୟବସ୍ଥା କରିଛନ୍ତି କୋଏମ୍ବାଟୁରର ଏକ ଦମ୍ପତି। ପ୍ରଭୁ ଓ ତାଙ୍କ ସ୍ତ୍ରୀ ବ୍ରିନ୍ଦା କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ ଏବଂ ତେଲଙ୍ଗାନାର ବିଭିନ୍ନ ଅଞ୍ଚଳରେ ରହୁଥିବା ଅଭାବୀ ପରିବାରଙ୍କ ନକଟରେ ସୋଡା ଓ ସ୍ନାକ୍ସ ପହଞ୍ଚାଉଛନ୍ତି। ବିଭିନ୍ନ ସ୍ୱାଦରେ ଓ ପୂରା କମ୍ ଦାମରେ ଏଗୁଡ଼ିକୁ ସେମାନେ ଯୋଗାଇ ଦେଉଛନ୍ତି। ଏହାର ମୂଲ୍ୟ ରଖିଛନ୍ତି ମାତ୍ର ୫ ଟଙ୍କା। ଲୋକମାନେ ବି ଏହା ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଗରିବ ଲୋକମାନଙ୍କ କ୍ରୟ କ୍ଷମତା ବୃଦ୍ଧି କରିବାରେ ଏହା ସହାୟକ ହୋଇପାରୁଛି ବୋଲି କହନ୍ତି ପ୍ରଭୁ। ସେମାନେ ଟିଏବିପି ସ୍ନାକ୍ସ ଆଣ୍ଡ୍ ବିଭରେଜ୍ କମ୍ପାନୀ ପ୍ରତିଷ୍ଠା କରି ସ୍ନାକ୍ସ ଓ ମୃଦୁପାନୀୟ ପ୍ରସ୍ତୁତ କରୁଛନ୍ତି। ଏହାଦ୍ୱାରା ହଜାର ହଜାର ଲୋକଙ୍କୁ ନିଯୁକ୍ତି ଦେବାରେ ସକ୍ଷମ ହୋଇଛନ୍ତି। ଗ୍ରାମାଞ୍ଚଳର ଅଭାବୀ ପରିବାର ନିକଟରେ ସହଜରେ କିଭଳି ଏହି ଖାଦ୍ୟ ପହଞ୍ଚିପାରିବ ତା'ର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏହି କାର୍ଯ୍ୟ ସେମାନେ ୫ ବର୍ଷ ହେବ କରୁଛନ୍ତି। କିନ୍ତୁ ଗତ ଦୁଇବର୍ଷ ହେବ ଏହାକୁ ବ୍ୟାପକ କରିଛନ୍ତି। ଗତବର୍ଷ ସେମାନେ ଏଥିରୁ ୩୫ କୋଟି ଟଙ୍କା ରୋଜଗାର କରିଥିଲେ। ଏହି ରୋଜଗାରରୁ ସେମାନେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟ କରୁଛନ୍ତି, ଯେଉଁଥିରେ ଅସହାୟମାନେ ବେଶ୍ ଉପକୃତ ହୋଇପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ମେ ୧୯୯୬

- ତାଞ୍ଜାନିଆର ପଶ୍ଚିମ ଭାଗରେ ଅବସ୍ଥିତ ମାଞ୍ଜା ସହର ନିକଟରେ ଅବସ୍ଥିତ ଭିକ୍ଟୋରିଆ ହ୍ରଦରେ ଯାତ୍ରୀବାହୀ ଜାହାଜ ବୁଡ଼ିଯିବା ଫଳରେ ୫୦୦ ମୃତ।
- ଦିଲ୍ଲୀର ଦକ୍ଷିଣ ଭାଗରେ ଥିବା ଲଜପତ ନଗର ଅଞ୍ଚଳର କେନ୍ଦ୍ରୀୟ ମାର୍କେଟରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୨୫ ମୃତ।
- ଆନ୍ତର୍ଜାତିକ ଅଲିମ୍ପିକ୍ସ କମିଟିର ପୂର୍ବତନ ଉପସଭାପତି ଜର୍ମାନୀର ୱିଲି ଡାଉମଙ୍କର ୮୨ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଏ ବଦନେ ତବ ନାମ
ଧରି ଯଦି କରେ ଅପମାନ,
ସେ ରସନା ଲଭୁ ମୋର
ସକଳ ରସର ଅବସାନ। -(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | 2 | | | | |
| | 1 | 8 | | | | 3 | | 6 |
| | | | | | | | 7 | 8 |
| | | | 3 | | | | | |
| | 6 | | 5 | | 4 | | 1 | |
| 7 | | | 8 | | | 9 | | 2 |
| | | | | 6 | | | 9 | |
| 5 | 2 | | 7 | | 3 | | | |
| | | 1 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 2 | 9 | 6 | 3 | 4 | 7 | 1 |
| 6 | 9 | 7 | 8 | 4 | 1 | 5 | 2 | 3 |
| 4 | 1 | 3 | 5 | 2 | 7 | 6 | 9 | 8 |
| 5 | 7 | 8 | 1 | 9 | 4 | 3 | 6 | 2 |
| 3 | 4 | 1 | 6 | 7 | 2 | 9 | 8 | 5 |
| 2 | 6 | 9 | 3 | 8 | 5 | 1 | 4 | 7 |
| 7 | 3 | 6 | 4 | 5 | 8 | 2 | 1 | 9 |
| 1 | 2 | 4 | 7 | 3 | 9 | 8 | 5 | 6 |
| 9 | 8 | 5 | 2 | 1 | 6 | 7 | 3 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଇନ ସଂଶୋଧନ ହେଉ

ମହାଶୟ,

ଦେଶରେ ଖାଦ୍ୟ ସୁରକ୍ଷା ଆଇନରେ ମୁଣ୍ଡପିଛା ଖାଦ୍ୟଶସ୍ୟ ପାଞ୍ଚ କେଜି ଦିଆଯାଉଛି। ଖାଉଟିଙ୍କ ଆବଶ୍ୟକତା ଦୃଷ୍ଟିରୁ ସାତ କେଜି ପ୍ରଦାନ କରାଯାଉ। କେନ୍ଦ୍ର ତଥା ରାଜ୍ୟ ସରକାର ପୁନର୍ବିଚାର କରିବା ଆବଶ୍ୟକ ; ଯାହା ଫଳରେ ବଞ୍ଚିବା ପାଇଁ ଯୋଜନାର ଲକ୍ଷ୍ୟ ପୂରଣ ହୋଇପାରିବ। ଆଇନ ସଂଶୋଧନ କରି ଅଧିକ ଖାଦ୍ୟଶସ୍ୟ ଯୋଗାଇ ଦେଲେ ଯୋଜନା ସଫଳ ରୂପାୟନ ହୋଇପାରିବ। ଏହାର ସ୍ୱଚ୍ଛତା ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଉ ଓ ଯୋଜନାରେ ଅଧିକ ଭିନ୍ନ କିସମର ଖାଦ୍ୟଶସ୍ୟ ସାମିଲ କରାଯାଉ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆଜିଠୁ ଭୁବନେଶ୍ୱର ସୁପରଫାଷ୍ଟ ସ୍ପେଶାଲ ଟ୍ରେନ ବନ୍ଦ**

ବାରିପଦା ଅଫିସ: ବାଙ୍ଗିରିପୋଷି ଭୁବନେଶ୍ୱର (୦୨୮୯୧) ସୁପରଫାଷ୍ଟ ସ୍ପେଶାଲ ଟ୍ରେନ ଭାୟା ବାରିପଦା ଷ୍ଟେଶନ ଶନିବାରଠାରୁ ବାତିଲ କରିଛି ଦକ୍ଷିଣ-ପୂର୍ବ ରେଳ ବିଭାଗ। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଥିବା ରେଳ ବିଭାଗ ପକ୍ଷରୁ ୱେବସାଇଟ ଓ ଟ୍ୱିଟର ଜରିଆରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଇଛି। ତେବେ ଆସନ୍ତା ଜୁନ ୧ ସନ୍ଧ୍ୟା ସମୟରେ ଭୁବନେଶ୍ୱର ବାଙ୍ଗିରିପୋଷି ଭାୟା ବାରିପଦା(୦୨୮୯୨) ଛାଡ଼ି ବାରିପଦାରେ ପହଞ୍ଚିବ ବୋଲି ଜଣାଯାଇଛି।

**ସଂକ୍ଷେପରେ**

## ଉମରକୋଟ ବିଧାୟକଙ୍କୁ କରୋନା

**ଉମରକୋଟ, ୨୧।୫(ସ୍ୱ.ପ୍ର.):** ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ କରୋନା ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି। ସେ ନିଜ ଘରେ ସଙ୍ଗରୋଧରେ ଅଛନ୍ତି। ଗତ ୭ ଦିନ ମଧ୍ୟରେ ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ନିଜର ଟେଷ୍ଟ କରାଇ ନିଅନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ସାମାନ୍ୟ ଜ୍ୱର ଓ ଥଣ୍ଡା ଅନୁଭବ କରିବା ପରେ ହାଟବରଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଟେଷ୍ଟ କରାଇଥିଲେ। ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା।

## ପ୍ରଦୀପ, ପାଠକଙ୍କୁ କରୋନା
## ଝାରପଡ଼ା ଜେଲରେ ବ୍ୟାପୁଛି ସଂକ୍ରମଣ



**ଭୁବନେଶ୍ୱର,୨୧।୫(ବ୍ୟୁରୋ):** ଝାରପଡ଼ା ସ୍ପେଶାଲ ଜେଲ୍‌ରେ ଥିବା ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ଆଇଏଫ୍‌ଏସ୍ ଅଫିସର ଅଭୟ ପାଠକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଉଭୟଙ୍କୁ ଆଇସୋଲେଶନରେ ରଖାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜେଲ ପକ୍ଷରୁ ସୂଚନା ଦିଆଯାଇଛି। ୨ଦିନ ତଳେ ଜେଲ ଅନ୍ତେବାସୀଙ୍କ କୋଭିଡ୍ ପରୀକ୍ଷା କରାଯାଇଥିବାବେଳେ ୯୬ଜଣ ଅନ୍ତେବାସୀ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସମସ୍ତ ପଜିଟିଭ ଅନ୍ତେବାସୀଙ୍କୁ ଅଲଗା ୱାର୍ଡରେ ରଖାଯାଇ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଜେଲ ଭିତରେ ସାନିଟାଇଜେଶନ କରାଯାଇଥିବାବେଳେ କୋଭିଡ୍ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଝାରପଡ଼ା ଜେଲ୍‌ର ପୂର୍ବତନ ଅଧୀକ୍ଷକ, ଜେଲରଙ୍କ ସମେତ ୧୧ କର୍ମଚାରୀ ଓ କେତେଜଣ କଏଦୀ କରୋନାରେ ଆକ୍ରାନ୍ତ ହୋଇଥିଲେ। ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଜେଲ୍‌ର ସମସ୍ତ କଏଦୀ ଓ କର୍ମଚାରୀଙ୍କ କୋଭିଡ୍ ଟେଷ୍ଟିଂ ପାଇଁ କର୍ତ୍ତୃପକ୍ଷ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ପତ୍ର ଲେଖିଥିଲେ।

# ପଶ୍ଚିମ ଓଡ଼ିଶାରେ ଭିଟାମିନ୍‌ଯୁକ୍ତ ଚାଉଳ ଉତ୍ପାଦନ ପ୍ଲାଣ୍ଟ

- ରାଜ୍ୟ ସରକାରଙ୍କ ଅନୁମୋଦନ
- ଇଟାଲୀ ଜ୍ଞାନକୌଶଳରେ ନିର୍ମାଣ ହେବ

**ସମ୍ବଲପୁର,୨୧।୫(ବ୍ୟୁରୋ):** ପଶ୍ଚିମ ଓଡ଼ିଶାର ୨ଟି ସ୍ଥାନରେ ଭିଟାମିନ୍‌ଯୁକ୍ତ ଚାଉଳ ଉତ୍ପାଦନ (ଫର୍ଟିଫାଏଡ୍ ରାଇସ୍ କେର୍‌ନେଲ) ପ୍ଲାଣ୍ଟ ସ୍ଥାପନ ହେବ। ଏହା ରାଜ୍ୟରେ ପ୍ରଥମ। ଏହି ପ୍ଲାଣ୍ଟକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଏ ନେଇ ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟରୁ ସମ୍ବଲପୁର ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଚିଠି (ନଂ.୬୯୬୫/ତା୧୩।୫।୨୧ରିଖ) କରାଯାଇଛି। ସମ୍ବଲପୁର ମୁଣ୍ଡୋଘାଟରେ ଥିବା ଆଇପି ରାଇସ ଇଣ୍ଡଷ୍ଟ୍ରି ଓ ସୋନପୁର ଜିଲା ଲଳିତା ରାଇସ ମିଲ ପ୍ରାଇଭେଟ ଲିମିଟେଡକୁ ଏହି ପ୍ଲାଣ୍ଟ ସ୍ଥାପନ ପାଇଁ ଅନୁମତି ଦିଆଯାଇଥିବା ଚିଠିରେ ଉଲ୍ଲେଖ ହୋଇଛି।

ରାସାୟନିକ ସାର ବ୍ୟବହାର ହେଉ କି ପରିବେଶ ପରିବର୍ତ୍ତନ କାରଣରୁ ସମ୍ପ୍ରତି ଖାଦ୍ୟ ସାମଗ୍ରୀରେ ଭିଟାମିନ ପରିମାଣ କମିଯାଉଛି। ଉତ୍ପାଦିତ ଫସଲରେ କିଭଳି ଭିଟାମିନ ମିଶ୍ରଣ କରାଯାଇପାରିବ ସେ ନେଇ ସରକାର ଯୋଜନା କରିଛନ୍ତି। ତେଣୁ ରାଜ୍ୟରେ ୨ଟି ପ୍ଲାଣ୍ଟ ପ୍ରଥମ ପର୍ଯ୍ୟାୟରେ ସ୍ଥାପନ କରିବାକୁ ଅନୁମତି ଦେଇଛନ୍ତି। ଏହି ପ୍ଲାଣ୍ଟରେ ଚାଉଳକୁ ଗୁଣ୍ଡ କରି ଦିଆଯିବ। ପରେ ଗୁଣ୍ଡ ଚାଉଳରେ ବିଭିନ୍ନ ଭିଟାମିନ ମିଶ୍ରଣ କରାଯିବ। ଗୋଟିଏ କେଜି ସାଧାରଣ ଚାଉଳରେ ୧୦୦ ଗ୍ରାମ ଭିଟାମିନଯୁକ୍ତ ଚାଉଳ ମିଶ୍ରଣ କରାଯିବ। ଇଟାଲି ଜ୍ଞାନକୌଶଳରେ ପ୍ଲାଣ୍ଟ ନିର୍ମାଣ କରାଯିବ। ପ୍ରାୟ ୪ରୁ ୬ମାସ ଭିତରେ ଏହା କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟ ରହିଛି। ଉକ୍ତ ଚାଉଳକୁ ପ୍ୟାକେଟ କରି ପ୍ରତ୍ୟେକ ମିଲକୁ ଯୋଗାଇ ଦିଆଯିବ। ଏହି ପ୍ରଣାଳୀ ସରକାରଙ୍କ ଦ୍ୱାରା ପରିଚାଳିତ ହେବ। ଅନ୍ୟ ମିଲର୍ସମାନେ ଉକ୍ତ ଚାଉଳକୁ ନିଜ ଚାଉଳରେ ମିଶ୍ରଣ କରି ପୁଣି ସରକାରଙ୍କୁ ଯୋଗାଇବେ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଗୁଡୁ କହିଛନ୍ତି, ଫର୍ଟିଫାଏଡ ରାଇସ ବା ଭିଟାମିନ୍‌ଯୁକ୍ତ ଚାଉଳ ଲୋକମାନଙ୍କୁ ଯୋଗାଇଦେବା ସରକାରଙ୍କ ଲକ୍ଷ୍ୟ ରହିଛି। ଏହି ଚାଉଳ ଉତ୍ପାଦନ ପାଇଁ ୟୁନିଟ ବସାଯିବ। ପ୍ରତ୍ୟେକ ରାଇସ ମିଲ ଏକ କୁଇଣ୍ଟାଲ ଚାଉଳରେ ୧ କେଜି ଫର୍ଟିଫାଏଡ ଚାଉଳ ମିଶ୍ରଣ କରିବେ। ସେମାନେ ଏହାକୁ ଖୋଲା ବଜାର ଓ ସରକାରଙ୍କୁ ଯୋଗାଇ ଦେବେ ବାଧ୍ୟତାମୂଳକ। ଏହା ଦ୍ୱାରା ମିଲଗୁଡିକରେ କିମ୍ବା ସରକାରୀ ଗୋଦାମରେ ଭାଙ୍ଗିଯାଉଥିବା ଚାଉଳ ପୁଣି ବ୍ୟବହାରରେ ଆସିବ ବୋଲି ସେ କହିଥିଲେ।



ଫର୍ଟିଫାଏଡ ଚାଉଳର ନମୁନା ।

# ୧୨,୫୨୩ ପଜିଟିଭ୍, ୨୭ ମୃତ

## ରାଜ୍ୟରେ କରୋନାର ସର୍ବକାଳୀନ ରେକର୍ଡ

**ଭୁବନେଶ୍ୱର, ୨୧।୫(ବ୍ୟୁରୋ)** ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ଉଭୟ ସଂକ୍ରମଣ ଓ ମୃତ୍ୟୁରେ ସର୍ବକାଳୀନ ରେକର୍ଡ ଭାଙ୍ଗିଛି। ଏଥିରେ ୧୨,୫୨୩ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୭ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ଏବେବି ଖୋର୍ଦ୍ଧା ଜିଲାର ସ୍ଥିତି ସବୁଠି ଅଧିକ ସଙ୍ଗିନ ରହିଛି। ଏଠାରୁ ପୁଣି ସର୍ବାଧିକ ୧,୮୪୨ଜଣ ଚିହ୍ନଟ ହୋଇଛନ୍ତି। ଦୈନିକ ସଂକ୍ରମଣରେ ଦ୍ୱିତୀୟ ସ୍ଥାନକୁ ଚାଲିଆସିଛି କଟକ। ଏଠାରୁ ୧,୦୮୪ଜଣ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୬,୬୮,୪୨୨ରେ ପହଞ୍ଚିଛି। ସେପଟେ ରାଜ୍ୟରେ ଗୋଟିଏ ଦିନରେ ସର୍ବାଧିକ ୨୭ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଓ କୋରାପୁଟରୁ ୪ଜଣ ଲେଖାଏ ଥିବାବେଳେ ନୂଆପଡ଼ା, ରାୟଗଡ଼ା, ସୁନ୍ଦରଗଡ଼ରୁ ୩ଜଣ ଲେଖାଏ ରହିଛନ୍ତି। ସେହିପରି କଳାହାଣ୍ଡିରୁ ୨ଜଣ ଥିବାବେଳେ ଗଜପତି, ବୌଦ୍ଧ, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ନବରଙ୍ଗପୁର, ପୁରୀ ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏ ମରିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୪୩୦କୁ ବୃଦ୍ଧି ପାଇଛି।

# କୋଭିଡ୍ ସଂକ୍ରମଣ ରୋକିବାକୁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଉ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଭାଜପା ବିଧାୟକ ଟିମ୍**

**ଭୁବନେଶ୍ୱର, ୨୧।୫(ବ୍ୟୁରୋ)** ଓଡ଼ିଶାର ଗ୍ରାମାଞ୍ଚଳ ତଥା ଆଦିବାସୀ ବହୁଳ ଅନୁନ୍ନତ ଅଞ୍ଚଳରେ କୋଭିଡ୍ ସଂକ୍ରମଣ ରୋକିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଭାଜପା ବିଧାୟକମାନେ ଦାବି ଜଣାଇଛନ୍ତି। ଏହି ପତ୍ରରେ ଗ୍ରାମାଞ୍ଚଳରେ ଥିବା ସବ୍‌ସେଣ୍ଟର/ପିଏଚ୍‌ସି(ନୂତନ)/ସିଏଚ୍‌ସି ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରି ଡୋର୍ ଟୁ ଡୋର୍ ବ୍ୟାପକ ଟେଷ୍ଟିଂ ଓ ଟ୍ରେସିଂର ବ୍ୟବସ୍ଥା ସହ ସିଏଚ୍‌ସିଗୁଡ଼ିକରେ କୋଭିଡ୍ ସଂକ୍ରମିତଙ୍କ ପାଇଁ ଜରୁରିକାଳୀନ ଚିକିତ୍ସା ଯୋଗାଇବା ନିମନ୍ତେ ଅତି କମ୍‌ରେ ୨୦ଟି ଶଯ୍ୟାର ବ୍ୟବସ୍ଥା କରି ଆବଶ୍ୟକ ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ବ୍ୟବସ୍ଥା ଲାଗି ଉଲ୍ଲେଖ କରାଯାଇଛି। ଏଥିସହ ଜିଲାସ୍ତରୀୟ କୋଭିଡ୍ କେୟାର ସେଣ୍ଟର କେବଳ ଶଯ୍ୟା କିଣାରେ ସୀମିତ ନ ରହି ଆବଶ୍ୟକ ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ବ୍ୟବସ୍ଥା, ଭେଣ୍ଟିଲେଟରଯୁକ୍ତ ଶଯ୍ୟା ଓ ଆଇସିୟୁ ଶଯ୍ୟା ବୃଦ୍ଧିକୁ ପ୍ରାଥମିକତା, ଭେଣ୍ଟିଲେଟର ଅପରେଟର, ଅକ୍ସିଜେନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଯନ୍ତ୍ରପାତି ବ୍ୟବହାର ପାଇଁ ଆବଶ୍ୟକ ହେଉଥିବା ବୈଷୟିକ କର୍ମଚାରୀ ଯୁଦ୍ଧକାଳୀନ ଭିତ୍ତିରେ ନିଯୁକ୍ତି, ଗ୍ରାମାଞ୍ଚଳରେ ଡାକ୍ତର ପଦବୀ ତୁରନ୍ତ ପୂରଣ ଲାଗି ଦାବି କରାଯାଇଛି। ଗ୍ରାମାଞ୍ଚଳରେ କୋଭିଡ୍ ସଂକ୍ରମିତ ବହୁ ପରିବାରରେ ସଙ୍ଗରୋଧରେ ରହିବାର ବ୍ୟବସ୍ଥା ନ ଥିବାରୁ ପଞ୍ଚାୟତ ସ୍ତରରେ କାର୍ଯ୍ୟକ୍ଷମ ନ ଥିବା ଟିଏମ୍‌ସି ଏବଂ ସଙ୍ଗରୋଧ ଗୃହକୁ ପୁନଃ କାର୍ଯ୍ୟକ୍ଷମ ସହ କୋଭିଡ୍ କ୍ରାଇସିସ୍ ମ୍ୟାନେଜମେଣ୍ଟ କମିଟି ଗଠନ ଏବଂ ବିଜ୍ଞାନ ସମ୍ମତ ତଥ୍ୟ ଉପରେ କୋଭିଡ୍ ମୁକାବିଲା ପାଇଁ ସରକାର ତ୍ୱରିତ ପଦକ୍ଷେପ ନେବା ଲାଗି ଦାବିପତ୍ରରେ ଉଲ୍ଲେଖ ହୋଇଛି।

# ଆତଙ୍କବାଦ ନିରୋଧୀ ଶପଥ ପାଠ



ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଡିଜିପି ଅଭୟ ଶପଥ ପାଠ କରାଉଛନ୍ତି।

**କଟକ ଅଫିସ, ୨୧।୫** ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ଶୁକ୍ରବାର ଆତଙ୍କବାଦ ନିରୋଧୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସାମାଜିକ ଦୂରତା ରକ୍ଷା ସହ ମାସ୍କ ପରିଧାନ କରି ଆତଙ୍କବାଦ ନିରୋଧୀ ଶପଥ ପାଠ କରିଥିଲେ। ଦେଶର ଅହିଂସା ଓ ସହନଶୀଳତା ଉପରେ ଦୃଢ଼ ବିଶ୍ୱାସ ରଖି ଆତଙ୍କବାଦ ଏବଂ ହିଂସା ବିରୋଧରେ ସଂଗ୍ରାମ କରିବାକୁ ସେମାନେ ଶପଥ ନେଇଥିଲେ। ଡିଜିପି ଅଭୟ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଏଡିଜିପି (ହେଡକ୍ୱାର୍ଟର) ଲଳିତ ଦାସ, ଏଡିଜିପି (ଆଇନଶୃଙ୍ଖଳା) ୱାଇ. କେ. ଜେଠୱା, ଆଇଜି (ପର୍ସୋନେଲ) ପ୍ରବୀଣ କୁମାର, ଆଇଜି (ପ୍ରୋଭିଜନିଂ) ଯତୀନ୍ଦ୍ର କୋଏଲ, ଆଇଜି (କ୍ରାଇମବ୍ରାଞ୍ଚ) ଅମିତେନ୍ଦ୍ରନାଥ ସିହ୍ନା, ଏଆଇଜି (ହେଡକ୍ୱାର୍ଟର) ପ୍ରତ୍ୟୁଷ ଦିବାକର ପ୍ରମୁଖ ଉପସ୍ଥିତ ଥିଲେ। ସୁବେଦାର ଅଶୋକ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ମୃତ

**ଜଗନ୍ନାଥପ୍ରସାଦ,୨୧।୫(ଡି.ଏନ.ଏ.)** ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଶୁକ୍ରବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କନ୍ଧ ନୂଆପଲ୍ଲୀ ଗ୍ରାମର ଭଗବାନ ରାଉତ ଓ କୁମୁଣ୍ଡା ଗ୍ରାମର ଟୁକୁ ମାଝି। ଭଗବାନ ବିଦ୍ୟୁତ ପୋଲରେ ଚଢ଼ି ଟିଭି କେବୁଲ ତାରକୁ ସଜାଡୁଥିବା ବେଳେ ହଠାତ୍ ୧୧ କେଭି ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ସେହିପରି ଅନ୍ୟ ଏକ ଘଟଣାରେ ଛାମୁଣ୍ଡା ଷ୍ଟେଟ ବ୍ୟାଙ୍କ ସାମ୍ନାରେ ବିଦ୍ୟୁତ୍ ତାର ସଜାଡୁଥିବା ବେଳେ ଟୁକୁ ୧୧ କେଭି ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି।

# ବେଙ୍ଗାଲୁରୁରୁ ଫେରିଲା ମୃତଦେହ

- ଛୁଇଁଲେନି ଗାଁ ଲୋକେ
- ସତ୍କାର କଲେ ବାପା

**କପ୍ତିପଦା, ୨୧।୫(ଡି.ଏନ୍.ଏ.)** ବେଙ୍ଗାଲୁରୁ ଦାଦନ ଖଟିବାକୁ ଯାଇଥିବା ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଶରତ ପଞ୍ଚାୟତର ସୁବ୍ରତ ସେଠୀଙ୍କ ମୃତ୍ୟୁ ହେବା ପରେ ଜିଲା ପ୍ରଶାସନ, ଏମ୍‌ପି ଏବଂ ବିଧାୟକଙ୍କ ଉଦ୍ୟମରେ ମୃତଦେହ ଏକ ଆମ୍ବୁଲାନ୍ସରେ ଅଣାଯାଇଥିଲା। ଶୁକ୍ରବାର ଶରତ ଅଞ୍ଚଳରେ ତାଙ୍କ ମୃତଦେହ ପହଞ୍ଚିବା ପରେ ସତ୍କାରକୁ ନେଇ ବିବାଦ ଉପୁଜିଥିଲା। କେତେଜଣ ଲୋକ କରୋନା ଭୟରେ ପାଖ ମାଡ଼ି ନ ଥିଲେ। ସ୍ଥାନୀୟ ଲୋକପ୍ରତିନିଧି ଶରତଠାରେ ଥିବା ଶବଦାହ ଗୃହରେ ସତ୍କାର କରିବାକୁ ମନା କରିଦେଇଥିଲେ। ଶେଷରେ ସୁବ୍ରତଙ୍କ ବାପା ଶ୍ରୀଧର ସେଠୀ ନିରୁପାୟ ହୋଇ କିଛି ଦୂରରେ ଥିବା ଏକ ନାଳ ନିକଟରେ ଜେସିବି ମାଧ୍ୟମରେ ଗାତ ଖୋଳି ପୁଅର ମୃତଦେହକୁ ପୋତିଥିଲେ।

ସୁବ୍ରତଙ୍କ ମୃତ୍ୟୁରେ ତାଙ୍କ ସ୍ତ୍ରୀ, ଝିଅ, ପୁଅ ଏବଂ ମା' ବାପା ଭାଙ୍ଗିପଡ଼ିଛନ୍ତି। ବେଙ୍ଗାଲୁରୁ ଚିମାସେଣ୍ଡ୍ରାସ୍ଥିତ ପ୍ରିମିୟର ପ୍ରାଇଭେଟ୍ ଲିମିଟେଡ୍‌ରେ ସେ କାମ କରୁଥିବାବେଳେ ଗତ ୧୦ ତାରିଖରେ ଲକ୍‌ଡାଉନ ଯୋଗୁ କମ୍ପାନୀ ବନ୍ଦ ହୋଇଯାଇଥିଲା। ସେ ରହୁଥିବା ଭଡ଼ାଘରେ ମରଶରୀର ପଡ଼ିଥିବା ତାଙ୍କ ମଉସା ବାପା ଶ୍ରୀଧରଙ୍କୁ ଜଣାଇଥିଲେ। ତେବେ ସୁବ୍ରତଙ୍କ ମୃତ୍ୟୁ ସନ୍ଦେହଜନକ ବୋଲି ପରିବାର ଲୋକେ ପ୍ରକାଶ କରିବା ସହ ତାଙ୍କ ମରଶରୀରକୁ ବେଙ୍ଗାଲୁରୁରୁ ଫେରାଇ ଆଣିବାକୁ ପ୍ରଶାସନ ନିକଟରେ ଗୁହାରି କରିଥିଲେ।

# ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ଗାଁକୁ ସଂକ୍ରମଣମୁକ୍ତ କରାଯାଇପାରିବ : ମୁଖ୍ୟମନ୍ତ୍ରୀ

**୨୪ରୁ ଘରକୁ ଘର ବୁଲି ସର୍ଭେ**

**ଭୁବନେଶ୍ୱର, ୨୧।୫ (ବ୍ୟୁରୋ)** କେବଳ ଛୋଟପିଲା ଓ ଗର୍ଭବତୀ ମା'ଙ୍କ ପୋଷଣ ତଥା ସ୍ୱାସ୍ଥ୍ୟରକ୍ଷା ପାଇଁ ନୁହେଁ, ବରଂ କୋଭିଡ୍ ପରିସ୍ଥିତି ମଧ୍ୟରେ ଗତ ଏକ ବର୍ଷରୁ ଅଧିକ ସମୟ ଧରି ଅଙ୍ଗନୱାଡି କାର୍ଯ୍ୟକର୍ତ୍ତାମାନେ ଆଗଧାଡିର ଯୋଦ୍ଧା ଭାବେ କାର୍ଯ୍ୟ କରି ଚାଲିଛନ୍ତି। ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ହେଉ ଅବା ଗୃହ ପୃଥକବାସ କିମ୍ବା କ୍ୱାରାଣ୍ଟାଇନ୍ ପରିଚାଳନା, ସବୁଥିରେ ସେମାନେ ଖୁବ୍ ଭଲ କାମ କରୁଛନ୍ତି। ଆସନ୍ତା ୨୪ ତାରିଖରୁ ଅଙ୍ଗନୱାଡ଼ି କର୍ମୀ ଘରକୁ ଘର ବୁଲି କୋଭିଡ୍ ଲକ୍ଷଣ ଓ ଗୁରୁତର ରୋଗ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କାର୍ଯ୍ୟ ଆରମ୍ଭ କରିବେ। ଏଥିରେ ମଧ୍ୟ ସେମାନେ ନିଶ୍ଚିତ ଭାବେ ସଫଳ ହେବେ। ସେମାନଙ୍କ ମାଧ୍ୟମରେ ଗାଁକୁ ସଂକ୍ରମଣମୁକ୍ତ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। କୋଭିଡ୍ ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ଆଗଧାଡିର କାର୍ଯ୍ୟକର୍ତ୍ତାଙ୍କ ପାଇଁ ଶୁକ୍ରବାର ଭର୍ଚୁଆଲରେ ଦକ୍ଷତା ବୃଦ୍ଧି ୱେବିନାର୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ରାଜ୍ୟର ୭୦ହଜାରରୁ ଊର୍ଦ୍ଧ୍ୱ ଆଇସିଡିଏସ୍ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ମହାମାରୀ ସମୟରେ ଅଙ୍ଗନୱାଡ଼ି କାର୍ଯ୍ୟକର୍ତ୍ତାଙ୍କ କ୍ରମାଗତ ପରିଶ୍ରମ ଓ ନିଷ୍ପାପର ଉଦ୍ୟମକୁ ପ୍ରଶଂସା କରିବା ସହ ନିଜେ ସୁରକ୍ଷିତ ରହି ଗାଁକୁ ସୁରକ୍ଷା ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ କହିଲେ, ବର୍ତ୍ତମାନ ପ୍ରତ୍ୟେକ ମୂଲ୍ୟବାନ ଜୀବନକୁ ସୁରକ୍ଷିତ ରଖିବା ଆମ ପାଇଁ ବଡ଼ ଆହ୍ୱାନ। କରୋନା ମୁକାବିଲା ଦିଗରେ ଆଇସିଡିଏସ୍ କାର୍ଯ୍ୟକର୍ତ୍ତା ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ ଭୂମିକା ନେଉଛନ୍ତି। ବିଭାଗୀୟ ଶାସନ ସଚିବ ଅନୁ ଗର୍ଗ କହିଲେ, କରୋନାର ତୃତୀୟ ଲହରରେ ଶିଶୁମାନେ ଅଧିକ ପ୍ରଭାବିତ ହୋଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ତେଣୁ ଏବେଠାରୁ ଲୋକଙ୍କ ନିକଟରେ କୋଭିଡ୍ ସମ୍ପର୍କରେ ଠିକ୍ ତଥ୍ୟ ପହଞ୍ଚାଇବା, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଶିଶୁ ଓ ମା'ମାନଙ୍କ ପୁଷ୍ଟିସାଧନକୁ ସୁନିଶ୍ଚିତ କରିବା ଅଙ୍ଗନୱାଡି କାର୍ଯ୍ୟକର୍ତ୍ତାଙ୍କ ଗୁରୁଦାୟିତ୍ୱ ବୋଲି ସେ ମତ ଦେଇଥିଲେ।

ଏହି ଅବସରରେ ଅଙ୍ଗନୱାଡି କାର୍ଯ୍ୟକର୍ତ୍ତା କିପରି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସତର୍କତା, ପୁଷ୍ଟିସାଧନ ଓ ଶିଶୁ ସୁରକ୍ଷା ଉପରେ ସର୍ଭେ କରିବେ ତାହା ଉପରେ ବିଶେଷଜ୍ଞ ଏବଂ ଯୋଗାଯୋଗ ବିଶାରଦମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୱେବିନାରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଅମରେନ୍ଦ୍ରନାଥ ମହାନ୍ତି, ସମାଜ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ, ବିଭାଗୀୟ ଯୁଗ୍ମ ଶାସନ ସଚିବ (ପୁଷ୍ଟିସାଧନ), ୟୁନିସେଫ୍ ନ୍ୟୁଟ୍ରିଶନ ବିଶେଷଜ୍ଞ ପ୍ରମୁଖ ଯୋଗଦେଇଥିଲେ।



ନବୀନ ପଟ୍ଟନାୟକ


**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-326 **TENDER ALERT**

**01)ETCN/03/CTC/2020-21:** Award of Annual Maintenance Contract for cleaning, housekeeping and sanitation work of different field units under EHT O&M Circle, Cuttack.
**02)OTCN/08/CTC/2020-21:** Repair of legs with welding & cooping of damaged tower legs of the 132kV Dhenkanal-Khuntuni-ICCL-Choudwar Circuit II and 132kV Nuapatna-Arati-Choudwar Circuit I line under EHT O&M Division, Choudwar.
For details please visit : **www.optcl.co.in**. FIPR-09/2021-22
OIPR-04011/11/0014/2122

ବନଖଣ୍ଡ ଅଧିକାରୀ-ତଥା-ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ବାଲେଶ୍ୱର
ବନ୍ୟପ୍ରାଣୀ ବନଖଣ୍ଡଙ୍କ କାର୍ଯ୍ୟାଳୟ, କୁରୁଡ଼ା, ବାଲେଶ୍ୱର
**OFFICE OF THE DIVISIONAL FOREST OFFICER, BALASORE WILDLIFE DIVISION**
**At/P.O.- Kuruda, Dist.- Balasore, PIN - 756056**
**Ph.: 06782-256142, Email Id: dfobalasorewl.od@gov.in**
No. MM-68: Balasore Wildlife Division is inviting tender for pitting work at different plantation sites to be taken up during 2021-22. The tenderers having eligibility criteria are required to particiapte in such process.
For more details & tender documents please visit the following website or collect the same physically from the Section Officer, O/o. the Divisional Forest Officer, Balasore Wildlife Division, At/P.O.- Kuruda, P.S.- Sadar, Balasore in any working day on or before 21.05.2021.
**www.balasore.nic.in, www.odishaforest.in & www.wildlifeodisha.in**
**Sd./- Divisional Forest Officer**
**Balasore Wildlife Division, Balasore**
OIPR-08036/11/0001/2122

GOVERNMENT OF ODISHA
**OFFICE OF THE EXECUTIVE ENGINEER, M.I. DIVISION, KHORDHA**
PIN - 752056, e-Mail ID: eemidkhurda@yahoo.co.in
**"e" Procurement Notice**
**3rd Corrigendum to Bid Identification No. EEMIDKHD 01/2021-22**
No. A-140: In partial modification to Bid Identification No. EEMIDKHD 01/2021-22, the critical activity dates have been further revised due to extension of lockdown in the State by Govt. of Odisha from 19.05.2021 to 01.06.2021 as mentioned below.

| Sl. No. | Critical Activity | Date as per 2nd Corrigendum Notice | Revised date as per 3rd Corrigendum Notice |
|---|---|---|---|
| 1 | Last date and time of receipt of Bid in Portal | 24.05.2021 upto 5.00 P.M. | 04.06.2021 upto 5.00 P.M. |
| 2 | Date and time of Opening of Bid | 25.05.2021 at 11.30 A.M. onwards | 07.06.2021 at 11.30 A.M. onwards |

All other terms and conditions remain unchanged.
**Executive Engineer, Minor Irrigation Division, Khordha**
OIPR-32042/11/0005/2122

**ନିୟନ୍ତ୍ରିତ ବଜାର କମିଟି, ବଲାଙ୍ଗିର**
**ଜିଲ୍ଲା - ବଲାଙ୍ଗିର**

ଏତଦ୍ ଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ବଲାଙ୍ଗିର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ରବିରତୁ (୨୦୨୦-୨୧) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ତେଣୁ ଚାଷୀ ଭାଇ ଓ ଭଉଣୀ ମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀ (WSHG) ମାନଙ୍କରେ ସପ୍ତାହିକ ୭ ଦିନ ( କେବଳ ରବିବାର ଦିନ ବ୍ୟତିତ) ସକାଳ ୭ଘଣ୍ଟା ରୁ ଅପରାହ୍ନ ୧ ଘଣ୍ଟା ମଧ୍ୟରେ ବିକ୍ରୀ କରିବା ପାଇଁ ଅନୁରୋଧ ।

"ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ । ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ, ବିଷ ମୁକ୍ତ ହୋଇଥିବ ।"

**ଧାନର ଗୁଣାତ୍ମକ ମାନ**

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍ . ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦ % |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା – ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦ % |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ "ଏ" ଧାନ ନିମନ୍ତେ) | ୬.୦ % |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

-: ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :-

| କ୍ର.ନଂ | ଧାନର ମାନ | ସରକାରୀ ଧାର୍ଯ୍ୟ ଦର (କ୍ୱିଣ୍ଟାଲ ପିଛା) | ବସ୍ତା ପିଛା ଦର(୭୫ କେ.ଜି.) |
|---|---|---|---|
| ୧. | ଗ୍ରେଡ - ଏ ଧାନ | ଟ. ୧୮୮୮.୦୦ | ଟ.୧୪୧୬.୦୦ |
| ୨. | ସାଧାରଣ ଧାନ (ଏଫ୍.ଏ.କ୍ୟୁ) | ଟ. ୧୮୬୮.୦୦ | ଟ. ୧୪୦୧.୦୦ |



ବଲାଙ୍ଗିର ଉପଖଣ୍ଡର ପ୍ରାଥମିକ କୃଷି ସମବାୟ ସମିତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଜରିଆରେ ତା. ୧୭.୦୫.୨୦୨୧ ରିଖ ରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି । ଚଳିତବର୍ଷ ଧାନକ୍ରୟ ପାଇଁ ପଞ୍ଜୀକୃତ ହୋଇଥିବା ଚାଷୀମାନଙ୍କୁ (SMS) ଜରିଆରେ ତାଙ୍କର ବିକ୍ରି ଯୋଗ୍ୟ ଧାନ ସହ ଯେଉଁ ତାରିଖରେ ମଣ୍ଡିରେ ଉପସ୍ଥିତ ହେବେ ତାହା ସେମାନଙ୍କର ରେଜିଷ୍ଟରେଡ ମୋବାଇଲ ନମ୍ବରରେ ଜଣାଇ ଦିଆଯିବ । ଚଳିତବର୍ଷ ( SMS)ର ସମୟ ସିମାକୁ ସରକାର ୧୫ ଦିନ ନିର୍ଦ୍ଧାରଣ କରିଛନ୍ତି । ଯଦି ଚାଷୀ ( SMS) ଯିବାର ୭ଦିନ ମଧ୍ୟରେ କ୍ରୟ କେନ୍ଦ୍ରକୁ ଆସି ନପାରନ୍ତି, ତେବେ ତାଙ୍କୁ ପରବର୍ତ୍ତି ୫ଦିନ ମଧ୍ୟରେ ନିଜର ଧାନ ଆଣିବାକୁ (SMS) ଜରିଆରେ ଓଡିଆରେ ସୂଚନା ଦିଆଯିବ । ଅଗ୍ରୀମ ଟୋକନ କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ହେବ ।

ଚାଷୀ ଭାଇ ଭଉଣୀମାନେ ସେମାନେ ନିଜର ନାମ ପଞ୍ଜୀକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ସାଙ୍ଗରେ ନେଇ ମଣ୍ଡିକୁ ଧାନ ଆଣିବା ପାଇଁ ଅନୁରୋଧ ଏବଂ ବିନା ଟୋକନରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଅନୁରୋଧ ।

ପ୍ରକାଶଥାଉକି ଚାଷୀ ଧାନ ବିକ୍ରୟ କଲା ସମୟରେ ସାଙ୍ଗରେ ଯେ କୌଣସି ପରିଚୟ ପତ୍ର ଯଥା ଆଧାର କାର୍ଡ଼, ଭୋଟର ପରିଚୟ ପତ୍ର, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ଼ ଇତ୍ୟାଦି ଆଣିବାକୁ ହେବ ।

**COVID-19 କୁ ରୋକିବା ପାଇଁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିୟମାବଳୀକୁ ପାଳନ ପୂର୍ବକ ସାମାଜିକ ଦୂରତା ବଜାୟରଖିବା ଏବଂ ଧାନ କ୍ରୟ କେନ୍ଦ୍ରର ସୁପରିଚାଳନା ନିମିତ୍ତ ସହଯୋଗ କରିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ ।**

ସ୍ୱା - ସଂପାଦକ
ନିୟନ୍ତ୍ରିତ ବଜାର କମିଟି, ବଲାଙ୍ଗିର

ସ୍ୱା - ଉପଜିଲ୍ଲାପାଳ ବଲାଙ୍ଗିର ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ବଲାଙ୍ଗିର

**ପୌର ପରିଷଦ, ବଲାଙ୍ଗୀର**
କ୍ରମିକ ସଂଖ୍ୟା: ୨୭୭୧ ତା: ୨୧।୦୫।୨୧
No. C-287: ଏତଦ୍ୱାରା ବଲାଙ୍ଗୀର ପୌର ପରିଷଦର ସମସ୍ତ ମହିଳା/କିନ୍ନର ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ପୌର ପରିଷଦର ପୃଥକ୍ ଆବର୍ଜନା ସଂଗ୍ରହ କରିବା ନିମନ୍ତେ ଲାଗୁଥିବା ବ୍ୟାଟେରିଚାଳିତ ଗାଡ଼ି ପାଇଁ ସ୍ୱଚ୍ଛକର୍ମୀଙ୍କର ଆବଶ୍ୟକତା ଅଛି। ସେହି ସ୍ୱଚ୍ଛକର୍ମୀମାନଙ୍କର ଦୁଇ/ଚାରି ଚକିଆଯାନ/ଇ-ରିକ୍ସା ଚଳାଇବା ନିମନ୍ତେ ଆବଶ୍ୟକ ହେଉଥିବା LL/DL ଥିବା ଅତ୍ୟନ୍ତ ଆବଶ୍ୟକ। ଏଥି ନିମନ୍ତେ ଆଗ୍ରହୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବଲାଙ୍ଗୀର ପୌର ପରିଷଦର କାର୍ଯ୍ୟାଳୟ (ମୋ ସରକାର ସେଲ୍)ରେ ନିଜର ଆବେଦନପତ୍ର ଆସନ୍ତା ୨ଦିନ ମଧ୍ୟରେ ଦାଖଲ କରିବା ହେବେ।
ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ପୌର ପରିଷଦ, ବଲାଙ୍ଗୀର
OIPR-13045/11/0004/2122

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
**E-mail: seec.bbsr2010 @ gmail.com**
**Bid Identification No.S.E.E.C (R&B) 01/2021-22**
**No. 1055** **Date: 20.05.2021**
No. B-98: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids Electrical Utility installation & shifting work which are to be received through online bidding, double cover system as detailed in: **https://tendersorissa.gov.in**. The details of bid documents will be available in the above website from 5.00 P.M. of 25.05.2021 to 5.00 P.M. of 31.05.2021. The bidders must possess compatible Digital Signature Certificate of Class II or III. Bids received online shall be opened at 11.30 A.M. of 01.06.2021 in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum / Corrigendum, if required, will be available only in the website.
**Superintending Engineer**
**Electrical Circle (R&B), Odisha, BBSR**
OIPR-34006/11/0001/2122

## ଚାଇନା ହିଁ ବାଛିବ ନୂଆ ଦଲାଇ ଲାମା

ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ଉତ୍ତରାଧିକାରୀ ଚୟନ ଚାଇନାର ବିନା ମଞ୍ଜୁରୀରେ ହୋଇପାରିବ ନାହିଁ। ଭାରତରେ ରହୁଥିବା ବର୍ତ୍ତମାନର ଧର୍ମଗୁରୁ କିମ୍ବା ତାଙ୍କ ଶିଷ୍ୟଙ୍କ ଦ୍ୱାରା ମନୋନୀତ କୌଣସି ନୂଆ ଦଲାଇ ଲାମାଙ୍କୁ ସ୍ୱୀକୃତି ଦିଆଯିବ ନାହିଁ ବୋଲି ଶୁକ୍ରବାର ବେଜିଂ ପକ୍ଷରୁ କୁହାଯାଇଛି। କ୍ୱିଙ୍ଗ୍ ସାମ୍ରାଜ୍ୟରେ ୧୬୪୪-୧୯୧୧ ପର୍ଯ୍ୟନ୍ତ ଦଲାଇ ଲାମାଙ୍କ ଉତ୍ତରାଧିକାରୀ ବାଛିବା ଲାଗି କେନ୍ଦ୍ରୀୟ ସରକାରଙ୍କ ଅନୁମୋଦନ ଆବଶ୍ୟକ ହେଉଥିଲା ବୋଲି ଚାଇନା ପକ୍ଷରୁ ଜାରି ଶ୍ୱେତପତ୍ରରେ ଦାବି କରାଯାଇଛି।

# ଯୁଦ୍ଧ ପରେ ଅସ୍ତ୍ରବିରତି

ଅନ୍ତର୍ଜାତୀୟ ଚାପରେ ମୁଣ୍ଡ ନୁଆଁଇଛନ୍ତି ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍‌ର ହମାସ୍ କଠୋରପନ୍ଥୀ। ଉଭୟ ପକ୍ଷଙ୍କ ମଧ୍ୟରେ ୧୧ ଦିନ ଧରି ଚାଲିଥିବା ସଂଘର୍ଷରେ ଶୁକ୍ରବାର ବିରାମ ଲାଗିଛି। ୨୫୨ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ପରେ ପରସ୍ପରକୁ ଆକ୍ରମଣ ନ କରିବା ପାଇଁ ଆପୋସ ବୁଝାମଣା ହୋଇଛି। ଦୁଇ ପକ୍ଷ ଏହାକୁ ନିଜ ବିଜୟ ବୋଲି ଦାବି କରିଛନ୍ତି। ଅସ୍ତ୍ରବିରତି ଲାଗୁ ହେବା ପରେ ବହୁସଂଖ୍ୟକ ପାଲେଷ୍ଟାଇନ୍ ନାଗରିକ ଗାଜା ରାସ୍ତାରେ ଉତ୍ସବ ମନାଇବାରେ ଲାଗିଛନ୍ତି। ତେବେ ହାତ ଟ୍ରିଗର୍‌ରୁ ହଟିନାହିଁ ଅର୍ଥାତ୍ ଆକ୍ରମଣ କଲେ ଜବାବ ଦେବା ପାଇଁ ପ୍ରସ୍ତୁତ ବୋଲି ହମାସ୍ ପକ୍ଷରୁ ଇସ୍ରାଏଲ୍‌କୁ ଚେତାବନୀ ଦିଆଯାଇଛି।



ଜେରୁଜେଲମ୍‌ର ଅଲ୍-ଅକ୍ସା ମସ୍‌ଜିଦ୍ ପରିସରସ୍ଥିତ ଡୋମ୍ ଅଫ୍ ଦି ରକ୍ ସାମ୍ନାରେ ଇସ୍ରାଏଲ୍ ପୋଲିସ ପକ୍ଷରୁ ବୋମା ଫିଙ୍ଗାଯାଇଛି। ଏହାର ଶବ୍ଦ ଶୁଣି ପାଲେଷ୍ଟାଇନ୍ ନାଗରିକ ଧାଉଁଛନ୍ତି।

**ଗାଜା ସିଟି/ଜେରୁଜେଲମ୍, ୨୧।୫**

ବିବାଦୀୟ ପୂର୍ବ ଜେରୁଜେଲମ୍‌କୁ ନେଇ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍‌ର ହମାସ୍ କଠୋରପନ୍ଥୀ ମୁହାଁମୁହିଁ ହୋଇଥିଲେ। ମେ' ୧୦ରେ ଗାଜାରେ ସଂଘର୍ଷ ଆରମ୍ଭ ହୋଇଥିଲା। ଉଭୟ ପକ୍ଷ ପରସ୍ପରକୁ ଟାର୍ଗେଟ କରି ରକେଟ ଓ ମୋର୍ଟାର ମାଡ଼ କରୁଥିଲେ। ଏଥିରେ ୨୪୦ରୁ ଊର୍ଦ୍ଧ୍ୱ ନିହତ ହୋଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ୨୩୨ ଜଣ କେବଳ ଗାଜା ଷ୍ଟ୍ରିପ୍‌ରେ ପ୍ରାଣ ହରାଇଛନ୍ତି। ପ୍ରାୟ ୧୦୦ ମହିଳା ଓ ଶିଶୁଙ୍କ ଜୀବନ ଯାଇଥିବା ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଇସ୍ରାଏଲ୍‌ର କହିବା ହେଉଛି, ଗାଜାରେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରୁ ଅନ୍ୟୂନ ୧୫୦ ଜଣ କଠୋରପନ୍ଥୀ। ହମାସ୍ ନିଜ ଲୋକଙ୍କ ମୃତ୍ୟୁ ସମ୍ପର୍କରେ ପ୍ରକୃତ ତଥ୍ୟ ସାମ୍ନାକୁ ଆଣିନାହିଁ। ଅନ୍ୟପକ୍ଷେ ଗାଜାରୁ କଠୋରପନ୍ଥୀମାନେ ଇସ୍ରାଏଲ୍ ଉପରେ ପ୍ରାୟ ୪,୦୦୦ ରକେଟ ମାଡ଼ କରିଥିଲେ। ଏଥିରେ ୨ ଶିଶୁଙ୍କ ସମେତ ୧୨ ପ୍ରାଣ ହରାଇଛନ୍ତି। ୫୦୦ରୁ ଊର୍ଦ୍ଧ୍ୱ ରକେଟ ଗାଜାରେ ପଡ଼ିଥିଲା। ଇସ୍ରାଏଲ୍ ଭିତରକୁ ଆସିଥିବା ରକେଟଗୁଡ଼ିକ ମଧ୍ୟରୁ ୯୦%କୁ ମିସାଇଲ୍ ନିରୋଧୀ ସିଷ୍ଟମ୍ ଆୟରନ୍ ଡୋମ୍ ଖସାଇଦେଇଥିଲା।

ମେ' ୭ରେ ଜେରୁଜେଲମ୍‌ର ଅଲ୍-ଅକ୍ସା ମସ୍‌ଜିଦ୍ ନିକଟରେ ବିକ୍ଷୋଭକାରୀ ଓ ପୋଲିସ ମଧ୍ୟରେ ଅନେକ ଥର ସଂଘର୍ଷ ହୋଇଥିଲା। ଉତ୍ତେଜନା ବଢ଼ି ଚାଲିଥିବାବେଳେ ୧୦ ତାରିଖରେ ବଡ଼ ଧରଣର ଲଢ଼େଇ ଆରମ୍ଭ ହୋଇଥିଲା। ଆକ୍ରମଣ ଓ ପ୍ରତିଆକ୍ରମଣକୁ ନେଇ ବିଶ୍ୱ ସମୁଦାୟ ଚିନ୍ତାବ୍ୟକ୍ତ କରିବା ସହ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍‌କୁ ସଂଯମ ହେବାକୁ ପରାମର୍ଶ ଦେଇଥିଲା। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତୁରନ୍ତ ଅସ୍ତ୍ରବିରତି କରିବାକୁ ବୁଧବାର ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କୁ କହିଥିଲେ। ଏହାର ଦିନକ ପରେ ଇସ୍ରାଏଲ୍ କ୍ୟାବିନେଟରେ ନିଃସର୍ତ୍ତ ଅସ୍ତ୍ରବିରତି କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ହୋଇଥିଲା। ହମାସ୍‌ର ଜଣେ ଅଧିକାରୀ କହିଛନ୍ତି, ଆପୋସ ବୁଝାମଣାରେ ଅସ୍ତ୍ରବିରତି ଘୋଷଣା କରାଯାଇଛି। ଏହା ସ୍ଥାନୀୟ ସମୟ ଶୁକ୍ରବାର ରାତି ୨ଟାରେ ଲାଗୁ ହୋଇଛି। ଏନେଇ ବାଇଡେନ୍ କହିଛନ୍ତି, ଅସ୍ତ୍ରବିରତି ଉଭୟ ପକ୍ଷଙ୍କ ପାଇଁ 'ପ୍ରଗତିର ଅସଲ' ସୁଯୋଗ ଆଣିଦେବ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କୁ ପ୍ରଶଂସା କରିଛନ୍ତି। ସେହିପରି ଇଜିପ୍ଟ, କାତାର ଓ ଜାତିସଂଘ ମଧ୍ୟ ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ମଧ୍ୟସ୍ଥତା କରିବାରେ ମୁଖ୍ୟ ଭୂମିକା ନେଇଥିଲେ। ଇଜିପ୍ଟ ରାଷ୍ଟ୍ରପତି ଅଲ୍-ସିସି ଅସ୍ତ୍ରବିରତି ପାଇଁ ୨ ପ୍ରତିନିଧି ଦଳଙ୍କୁ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ କ୍ଷେତ୍ରକୁ ପଠାଇଥିଲେ। ଅନ୍ତର୍ଜାତୀୟ ସମୁଦାୟର ଉଦ୍ୟମ ଓ ଚାପ ଯୋଗୁ ଉଭୟ ପକ୍ଷ ଅସ୍ତ୍ରବିରତି କରିବାକୁ ରାଜି ହୋଇଛନ୍ତି।



ଗୁରୁବାର ରାତିରେ ଅସ୍ତ୍ରବିରତି ଘୋଷଣା ପରେ ଗାଜା ସିଟିରେ ଉତ୍ସବ ମନାଉଛନ୍ତି ଲୋକେ।

- ନିଜ ବିଜୟ ଦାବିକଲେ ଇସ୍ରାଏଲ୍-ହମାସ୍
- ୧୧ ଦିନ ସଂଘର୍ଷରେ ୨୫୨ରୁ ଊର୍ଦ୍ଧ୍ୱ ନିହତ

## ପାକ୍‌ରେ ବିସ୍ଫୋରଣ: ୭ ମୃତ
### ପାଲେଷ୍ଟାଇନ୍ ସପକ୍ଷରେ ରାଲି

**ଇସ୍‌ଲାମାବାଦ, ୨୧।୫**-ପାକିସ୍ତାନର ବେଲୁଚିସ୍ତାନରେ ଶୁକ୍ରବାର ପାଲେଷ୍ଟାଇନ୍ ସପକ୍ଷରେ ରାଲି କରାଯାଉଥିବାବେଳେ ବିସ୍ଫୋରଣ ଘଟିଛି। ଏଥିରେ ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୩ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ରାଜଧାନୀ କ୍ୱେଟାସ୍ଥିତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜନୈତିକ ଦଳ ଉଲେମା-ଇ-ଇସ୍‌ଲାମ-ନଜରୟାତି ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଚମନ ସହରର ମୁର୍ଗୀ ବଜାର ଦେଇ ଲୋକେ ରାଲିରେ ଯାଉଥିବାବେଳେ ବିସ୍ଫୋରଣ ଘଟିଥିଲା। ସମ୍ପୃକ୍ତ ଅଞ୍ଚଳକୁ ସୁରକ୍ଷା ବଳ ସିଲ୍ କରିଦେଇଛି ବୋଲି ବେଲୁଚିସ୍ତାନ ସରକାରଙ୍କ ମୁଖପାତ୍ର ଲିଆକତ୍ ଶାହୱାନି ସୂଚନା ଦେଇଛନ୍ତି।

## ଭୱାନିପୁରରୁ ଲଢ଼ିବେ ମମତା

**କୋଲକାତା, ୨୧।୫**

ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଗତ ବିଧାନସଭା ନିର୍ବାଚନରେ ବିପୁଳ ଭୋଟରେ ବିଜୟୀ ହୋଇଥିବାବେଳେ ନିଜେ ମମତା ନନ୍ଦିଗ୍ରାମ ଆସନରେ ତାଙ୍କ ପୂର୍ବତନ ସହଯୋଗୀ ତଥା ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ହାରିଯାଇଥିଲେ। ଏବେ ସେ ତାଙ୍କର ପୂର୍ବ ଆସନ ଭୱାନିପୁରରୁ ଉପନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ତାଙ୍କୁ ଆସନ ଛାଡ଼ିଦେବା ଲାଗି ଭୱାନିପୁରର ଟିଏମ୍‌ସି ବିଧାୟକ ଶୋଭନଦେବ ଚଟ୍ଟୋପାଧ୍ୟାୟ ଶୁକ୍ରବାର ଅପରାହ୍ନରେ ପଶ୍ଚିମବଙ୍ଗ ବିଧାନସଭାରୁ ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପଦରେ ରହିବାକୁ ହେଲେ ମମତାଙ୍କୁ ୬ ମାସ ମଧ୍ୟରେ ବିଧାନସଭାକୁ ନିର୍ବାଚିତ ହେବାକୁ ପଡ଼ିବ। ରାଜ୍ୟ କୃଷିମନ୍ତ୍ରୀ ଥିବା ଶୋଭନଦେବ ବିଧାନସଭା ବାଚସ୍ପତି ବିମାନ ବନ୍ଦୋପାଧ୍ୟାୟଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି।



ସେ ମନ୍ତ୍ରୀ ପଦରେ ୬ ମାସ ରହିବେ। ଏହି ସମୟ ମଧ୍ୟରେ ତାଙ୍କୁ ଅନ୍ୟ କୌଣସି ଆସନରୁ ଜିତିବାକୁ ହେବ। ସୂଚନାଯୋଗ୍ୟ, ଗତ ନିର୍ବାଚନରେ ଭୱାନିପୁର ଆସନରୁ ଟିଏମ୍‌ସି ପ୍ରାର୍ଥୀ ଶୋଭନଦେବ ୩୯,୬୫୨ ଭୋଟ ପାଇ ନିର୍ବାଚିତ ହୋଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ରୁଦ୍ରନୀଲ ଘୋଷଙ୍କୁ ୧୭,୬୩୨ ଖଣ୍ଡ ଭୋଟ ମିଳିଥିଲା।

## ସଂକ୍ଷେପରେ

### ବିହାର ପରେ ୟୁପିରେ ହ୍ୱାଇଟ୍ ଫଙ୍ଗସ୍



**ନୂଆଦିଲ୍ଲୀ, ୨୧।୫:** ବିହାରର ପାଟନାରେ ୪ ଜଣ ହ୍ୱାଇଟ ଫଙ୍ଗସ୍ ରୋଗୀ ଚିହ୍ନଟ ହେବାର ଦିନକ ପରେ ଶୁକ୍ରବାର ଉତ୍ତରପ୍ରଦେଶର ମାଉ ଜିଲାରେ ଜଣେ ୭୦ ବର୍ଷୀୟ ବ୍ୟକ୍ତି ଏହି ରୋଗରେ ସଂକ୍ରମିତ ହୋଇଛନ୍ତି। ସେ ଗତ ଏପ୍ରିଲରେ କରୋନା ସଂକ୍ରମିତ ହୋଇ ଦିଲ୍ଲୀର ଏକ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଦୀର୍ଘଦିନ ଷ୍ଟିରଏଡ୍ ନେବା ପରେ ତାଙ୍କ ଆଖି ଫୁଲିବା ସହ ସେଥିରେ ଜେଲି ଭଳି ପଦାର୍ଥ ସୃଷ୍ଟି ହୋଇଥିଲା ଓ ସେ ଦୃଷ୍ଟିଶକ୍ତି ହରାଇଥିଲେ ବୋଲି ତାଙ୍କୁ ଚିକିତ୍ସାର କରୁଥିବା ଡାକ୍ତର କହିଛନ୍ତି। ଭିଟ୍ରିଅସ୍ ବାୟୋପ୍ସି ପରେ ଏହା ହ୍ୱାଇଟ୍ ଫଙ୍ଗସ୍ ସଂକ୍ରମଣ ବୋଲି ଜଣାପଡ଼ିଥିଲା।

### ମିଗ୍ ବିମାନ ଦୁର୍ଘଟଣା: ପାଇଲଟ ମୃତ

**ମୋଗା, ୨୧।୫:** ଭାରତୀୟ ବାୟୁସେନା ବିମାନ ମିଗ୍-୨୧ ଗୁରୁବାର ବିଳମ୍ବିତ ରାତିରେ ପଞ୍ଜାବର ମୋଗା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବିମାନର ପାଇଲଟ ତଥା ସ୍କ୍ୱାଡ୍ରନ ଲିଡର ଅଭିନବ ଚୌଧରୀଙ୍କର ମୃତ୍ୟୁ ଘଟିଛି। ବିମାନଟି ନିୟମିତ ପ୍ରଶିକ୍ଷଣ ଉଡ଼ାଣରେ ଯାଇଥିବାବେଳେ ମୋଗା ଜିଲାର ବାଘପୁରାନା ଅନ୍ତର୍ଗତ ଲଙ୍ଗିଆନା ଖୁର୍ଦ୍ଦଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ବୋଲି ବାୟୁସେନା ଅଧିକାରୀ କହିଛନ୍ତି। ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

### ବିଦ୍ରୋହୀ ଆନ୍ଧ୍ର ଏମ୍‌ପିଙ୍କୁ ଜାମିନ



କନୁମୁରି ରଘୁରାମ କ୍ରିଷ୍ଣମ୍ ରାଜୁ

**ହାଇଦ୍ରାବାଦ, ୨୧।୫:** ୱାଇଏସ୍ଆର୍ କଂଗ୍ରେସ ନେତା ତଥା ନରସପୁରମ୍ ଏମ୍‌ପି କନୁମୁରି ରଘୁରାମ କ୍ରିଷ୍ଣମ୍ ରାଜୁଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ଜାମିନ ମଞ୍ଜୁର କରିଛନ୍ତି। ଦେଶଦ୍ରୋହ ମାମଲାରେ ଆନ୍ଧ୍ରପ୍ରଦେଶ ଅପରାଧୀ ତଦନ୍ତ ବିଭାଗ (ସିଆଇଡି) ମେ' ୧୪ରେ ତାଙ୍କୁ ଗିରଫ କରିଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୱାଇଏସ୍ଆର୍ କଂଗ୍ରେସର ପ୍ରତିଷ୍ଠାତା ତଥା ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କୁ ମିଳିଥିବା ଜାମିନ ବାତିଲ କରିବା ଲାଗି କ୍ରିଷ୍ଣମ୍ ରାଜୁ ସିବିଆଇ ସ୍ୱତନ୍ତ୍ର କୋର୍ଟଙ୍କୁ କହିଥିଲେ। ତାଙ୍କଠାରେ ଆଘାତ ଚିହ୍ନ ଥିବା ଆର୍ମି ହସ୍ପିଟାଲ ରିପୋର୍ଟ କରିଥିବାରୁ ହାଜତରେ କ୍ରିଷ୍ଣମ ରାଜଙ୍କୁ ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ କରାଯାଇ ନ ଥିବା ସ୍ପଷ୍ଟ ଜଣାପଡୁଛି ବୋଲି ଜାମିନ ଦେବା ଅବସରରେ ସର୍ବୋଚ୍ଚ ଅଦାଲତ କହିଥିଲେ।

### ପି୩୦୫ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୫୧କୁ ବୃଦ୍ଧି

**ମୁମ୍ବାଇ, ୨୧।୫:** ତଉକ୍ତାଏ ସାମୁଦ୍ରିକ ଝଡ଼ ବେଳେ ଆରବ ସାଗରରେ ଜାହାଜ ପି୩୦୫ ବୁଡ଼ିଯିବା ଘଟଣାରେ ମୃତ୍ୟୁସଂଖ୍ୟା ୫୧ରେ ପହଞ୍ଚିଛି ଓ ଆଉ ୨୭ ଜଣ ନିଖୋଜ ଅଛନ୍ତି। କର୍ତ୍ତବ୍ୟରେ ଅବହେଳା ପାଇଁ ମୁମ୍ବାଇ ପୋଲିସ ଜାହାଜର କ୍ୟାପ୍‌ଟେନ୍‌ଙ୍କ ବିରୋଧରେ ଏତଲା ଦାଏର କରିଛି। ବାତ୍ୟା ସତର୍କ ସୂଚନା ସତ୍ତ୍ୱେ ପାଇଲଟ୍ ଏହାକୁ ଖାତିର ନ କରି ଜାହାଜକୁ ସମୁଦ୍ର ମଧ୍ୟକୁ ନେଇଥିଲେ। ତାଙ୍କ ବିରୋଧରେ ଆଇପିସିର ଧାରା ୩୦୪(୨), ୩୩୮ ଏବଂ ୩୪ରେ ଏତଲା ହୋଇଥିବା ପୋଲିସ କହିଛି। ତଦନ୍ତ ପରେ ଜାହାଜର ଅନ୍ୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

ବର୍ଜ ପି୩୦୫ ଜାହାଜ ମୁମ୍ବାଇ ଉପକୂଳରେ ଓଏନ୍‌ଜିସି ପାଇଁ କାମ କରୁଥିଲା। ସାମୁଦ୍ରିକ ଝଡ଼ ପ୍ରଭାବରେ ଗତ ୧୬ ତାରିଖ ରାତିରେ ପ୍ରବଳ ବର୍ଷା ପବନ ଜାରି ରହିଥିବାବେଳେ ଏହା ସମୁଦ୍ର ମଧ୍ୟକୁ ଯାଇଥିଲା। ଉପକୂଳଠାରୁ ୧୨୦ ନଟିକାଲ ମାଇଲ ଦୂରରେ ଏହା ବୁଡ଼ିଯାଇଥିଲା। ନିଖୋଜ ଜାହାଜର ସନ୍ଧାନ ପାଇଁ ୧୭ ତାରିଖରୁ ନୌସେନା ଓ ତଟସୁରକ୍ଷା ବାହିନୀ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ୧୮୮ ଜଣଙ୍କୁ ଉଦ୍ଧାର କରାଯାଇଛି।

## କର୍ଣ୍ଣାଟକରେ କରୋନା: ୪୦ ହଜାର ଶିଶୁ ଆକ୍ରାନ୍ତ

**ବେଙ୍ଗାଲୁରୁ, ୨୧।୫**

କରୋନା ଦ୍ୱିତୀୟ ଲହରରେ କର୍ଣ୍ଣାଟକରେ ଅଧିକ ଶିଶୁ ଓ କିଶୋର ସଂକ୍ରମିତ ହେଉଛନ୍ତି। ଗତ ଦୁଇ ମାସ ମଧ୍ୟରେ ସେଠାରେ ୯ ବର୍ଷରୁ କମ୍ ପ୍ରାୟ ୪୦,୦୦୦ ଶିଶୁ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ୧୮ ସୁଦ୍ଧା ଯେତିକି ଶିଶୁ ସଂକ୍ରମିତ ହୋଇଥିଲେ ଗତ ଦୁଇମାସରେ ତାହାର ପାଖାପାଖି ଦେଢ଼ଗୁଣ ସଂକ୍ରମିତ ହୋଇଥିବାବେଳେ ୧୦ରୁ ୧୯ ବର୍ଷ ବୟସ ବର୍ଗର ୧୬୦ ପ୍ରତିଶତ ସଂକ୍ରମିତ ହୋଇଛନ୍ତି। ରାଜ୍ୟ ୱାର୍ ରୁମ୍ ସୂଚନା ଅନୁଯାୟୀ ଗତ ମାର୍ଚ୍ଚ ୧୮ରୁ ମେ' ୧୮ ମଧ୍ୟରେ ୦ରୁ ୯ ବର୍ଷ ବୟସ ବର୍ଗରେ ୩୯,୮୪୬ ଶିଶୁ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୦ରୁ ୧୯ ବର୍ଷ ବୟସ ବର୍ଗରେ ୧,୦୫,୦୪୪ ଜଣ ଆକ୍ରାନ୍ତ ହୋଇଛନ୍ତି। ମହାମାରୀ ଆରମ୍ଭରୁ ଚଳିତ ବର୍ଷ ମାର୍ଚ୍ଚ ୧୮ ମଧ୍ୟରେ ୯ ବର୍ଷ ବୟସ ମଧ୍ୟରେ ୨୭,୮୪୧ ଶିଶୁ ଏବଂ ୬୫,୫୫୧ କିଶୋର ସଂକ୍ରମିତ ହୋଇଥିଲେ।



ରାଜସ୍ଥାନର ପୁଷ୍କରରେ କୋଭିଡ୍ ଲକ୍‌ଡାଉନ୍ ବେଳେ ଓଟ ସହ ମାଲିକ।

## ସେନାରି ଗଣହତ୍ୟା: ୧୩ ଦୋଷମୁକ୍ତ

**ପାଟନା, ୨୧।୫(ଆଇଏଏନ୍‌ଏସ୍)**

ବହୁଚର୍ଚ୍ଚିତ ସେନାରି ଗଣହତ୍ୟା ମାମଲାରେ ପାଟନା ହାଇକୋର୍ଟ ୧୩ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ମୁକ୍ତ କରିଦେଇଛନ୍ତି। ୧୯୯୯ ମାର୍ଚ୍ଚ ୧୮ରେ ବିହାରର ଜେହାନାବାଦ ଜିଲା ଅନ୍ତର୍ଗତ ସେନାରି ଗ୍ରାମରେ ମାଓବାଦୀମାନେ ଏକ ନିର୍ଦ୍ଦିଷ୍ଟ ଉଚ୍ଚଜାତିର ୩୪ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲେ। ମାଓବାଦୀମାନେ ଉକ୍ତ ଲୋକମାନଙ୍କୁ ଜବରଦସ୍ତ ସେମାନଙ୍କ ଘରୁ ନେଇଯାଇ ଏକ ମନ୍ଦିର ନିକଟରେ ଧାଡ଼ିରେ ଛିଡ଼ା କରାଇ ଗୁଳି କରିବା ସହ ହାମରରେ ପିଟି ହତ୍ୟା କରିଥିଲେ। ଏହି ମାମଲାରେ ୧୩ ଅଭିଯୁକ୍ତଙ୍କୁ ଜେହାନାବାଦର ସ୍ଥାନୀୟ କୋର୍ଟ ଆଜୀବନ ଜେଲ୍‌ଦଣ୍ଡାଦେଶ ଦେଇଥିଲେ। ଆବଶ୍ୟକ ପ୍ରମାଣ ଅଭାବରୁ ଜଷ୍ଟିସ ଅଶ୍ୱିନୀ କୁମାର ସିଂ ଏବଂ ଅରବିନ୍ଦ ଶ୍ରୀବାସ୍ତବଙ୍କୁ ନେଇ ଗଠିତ ହାଇକୋର୍ଟ ଖଣ୍ଡପୀଠ ସେମାନଙ୍କୁ ଦୋଷମୁକ୍ତ କରିଛନ୍ତି। ହତ୍ୟା ଘଟଣାରେ କେହି ସାକ୍ଷୀ ନ ଥିଲେ ବୋଲି ଅଭିଯୁକ୍ତମାନଙ୍କ ଓକିଲ ଅନଶୁଲ ରାଜ କହିଛନ୍ତି।

## ତରୁଣ ତେଜପାଲ ନିର୍ଦ୍ଦୋଷ

**ପଣଜୀ, ୨୧।୫**

'ତେହେଲକା' ପତ୍ରିକାର ପୂର୍ବତନ ମୁଖ୍ୟ ସମ୍ପାଦକ ତରୁଣ ତେଜପାଲ ଜଣେ ପୂର୍ବତନ ମହିଳା ସହକର୍ମୀଙ୍କୁ ବଳାତ୍କାର କରିବା ଅଭିଯୋଗରୁ ଶୁକ୍ରବାର ଦୋଷମୁକ୍ତ ହୋଇଛନ୍ତି। ଗୋଆସ୍ଥିତ ଏକ ସେସନ୍ସ କୋର୍ଟ ତାଙ୍କୁ ନିର୍ଦ୍ଦୋଷ ଘୋଷଣା କରିଛନ୍ତି। ଆଡିଶନାଲ ସେସନ୍ସ ଜଜ୍ କ୍ଷମା ଜୋଷୀ ଶୁକ୍ରବାର ପୂର୍ବାହ୍ନ ୧୦ଟା ୪୫ରେ ଅଭିଯୁକ୍ତ ତେଜପାଲଙ୍କ ଉପସ୍ଥିତିରେ ରାୟ ଶୁଣାଇଛନ୍ତି। କୋର୍ଟ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ କହିଛନ୍ତି।

୨୦୧୩ ନଭେମ୍ବର ୨୦ରେ ଗୋଆର ଏକ ପଞ୍ଚତାରକା ବିଳାସପୂର୍ଣ୍ଣ ହୋଟେଲରେ 'ତେହେଲକା' ମାଗାଜିନ ପକ୍ଷରୁ ଆୟୋଜିତ ସମ୍ମିଳନୀ ପରେ ରିସର୍ଟର ଏଲିଭେଟରରେ ତେଜପାଲ ତାଙ୍କର ଜଣେ ମହିଳା ସହଯୋଗୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ସେହି ମାସ ୨୦ ତାରିଖରେ ତେଜପାଲଙ୍କୁ ତେହେଲକା ଏଡିଟର୍-ଇନ୍-ଚିଫ୍ ପଦରୁ ବରଖାସ୍ତ କରାଗଲା। ୨୩ତାରିଖରେ ଗୋଆ ପୋଲିସ ତାଙ୍କ ବିରୋଧରେ ଏଫ୍ଆଇଆର୍ କରିଥିଲା। ୨୦୧୪ ମେ'ରେ ତେଜପାଲ ଜାମିନରେ ମୁକୁଳିଥିବାବେଳେ ଗୋଆ କ୍ରାଇମବ୍ରାଞ୍ଚ ଚାର୍ଜଶିଟ୍ ଦାଖଲ କରିଥିଲା। ରାୟ ପରେ ତେଜପାଲଙ୍କ ମନ୍ତବ୍ୟକୁ ତାଙ୍କ ଝିଅ ତାରା ପଣଜୀ ନିକଟସ୍ଥ ମାପୁସା ସହରରେ ଥିବା କୋର୍ଟ ବାହାରେ ମିଡିଆ ଆଗରେ ପଢ଼ି ଶୁଣାଇଥିଲେ। ମୁକ୍ତ ଓ ନିରପେକ୍ଷ ବିଚାର ପାଇଁ ସେ କୋର୍ଟଙ୍କୁ ଧନ୍ୟବାଦ ଦେଇଥିଲେ। ମିଥ୍ୟା ଅଭିଯୋଗ ଯୋଗୁ ସାଢ଼େ ୭ ବର୍ଷ ଧରି ତେଜପାଲଙ୍କୁ ବ୍ୟକ୍ତିଗତ, ବୃତ୍ତିଗତ ଓ ସାଧାରଣ ଜୀବନରେ ଅନେକ ଝଡ଼ଝଞ୍ଜା ସହିବାକୁ ପଡ଼ିଛି ବୋଲି ତାଙ୍କ ଝିଅ କହିଛନ୍ତି।



**ମହିଳା ଖବରଦାତାଙ୍କୁ ବଳାତ୍କାର ମାମଲା**

- ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ ଗୋଆ ସରକାର

## ଗିରଫ ନେତାଙ୍କୁ ଗୃହବନ୍ଦୀ ନିର୍ଦ୍ଦେଶ

**କୋଲକାତା, ୨୧।୫**

**ହାଇକୋର୍ଟରେ ନାରଦ ଷ୍ଟିଙ୍ଗ୍ ମାମଲା**

ନାରଦ ଷ୍ଟିଙ୍ଗ ଅପରେଶନ ମାମଲାରେ ଗିରଫ ହୋଇଥିବା ପଶ୍ଚିମବଙ୍ଗ କ୍ୟାବିନେଟର ଦୁଇ ମନ୍ତ୍ରୀ ଫିରହାଦ ହକିମ ଏବଂ ସୁବ୍ରତ ମୁଖାର୍ଜୀଙ୍କ ସମେତ ଦୁଇ ପୂର୍ବତନ ମନ୍ତ୍ରୀ ମଦନ ମିତ୍ର ଓ ଶୋଭନ ଚାଟାର୍ଜୀଙ୍କୁ ଗୃହବନ୍ଦୀ ରଖିବାକୁ କୋଲକାତା ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ନାରଦ ଷ୍ଟିଙ୍ଗ ଅପରେଶନ ଲାଞ୍ଚ କାରବାର ମାମଲାର ତଦନ୍ତ କରୁଥିବା ସିବିଆଇ ଗତ ସୋମବାର ଉକ୍ତ ନେତାମାନଙ୍କୁ ଗିରଫ କରିଥିଲା। ଦୁଇ ମନ୍ତ୍ରୀଙ୍କ ଗିରଫଦାରିକୁ ବିରୋଧ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତା ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ୬ ଘଣ୍ଟା ଧାରଣା ଦେବା ସହ ଟିଏମ୍‌ସି କର୍ମୀମାନେ ସୁରକ୍ଷା ବଳ ଉପରେ ଢେଲାମାଡ଼ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ଟିଏମ୍‌ସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେହିଦିନ ସିବିଆଇର ସ୍ୱତନ୍ତ୍ର ଅଦାଲତ ଉପରୋକ୍ତ ନେତାମାନଙ୍କୁ ଜାମିନ ମଞ୍ଜୁର କରିଥିଲେ। ଏହା ବିରୋଧରେ ସିବିଆଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ମାମଲାର ବିଚାର ହାଇକୋର୍ଟକୁ ସ୍ଥାନାନ୍ତର ପାଇଁ ଅନୁରୋଧ କରିଥିଲା। କିଛି ସମୟ ପରେ ହାଇକୋର୍ଟ ଟିଏମ୍‌ସି ନେତାମାନଙ୍କ ଜାମିନ ଆବେଦନ ଉପରେ ସ୍ଥଗିତାଦେଶ ଲଗାଇଥିଲେ। ଗୃହବନ୍ଦୀ ନିର୍ଦ୍ଦେଶ ସ୍ଥଗିତ ରଖିବା ଲାଗି ଟିଏମ୍‌ସି ନେତାମାନଙ୍କ ଓକିଲ ଅଭିଷେକ ମନୁ ସିଂଘଭି କୋର୍ଟଙ୍କୁ ଅନୁରୋଧ କରିଛନ୍ତି। ଜଷ୍ଟିସ୍ ଅରିଜିତ ବାନାର୍ଜୀ ଟିଏମ୍‌ସି ନେତାମାନଙ୍କୁ ଜାମିନ ଦେବା ପାଇଁ ରାଜି ହୋଇଥିବାବେଳେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ରାଜେନ୍ଦ୍ର ବିନ୍ଦଲ ଗୃହବନ୍ଦୀ ପାଇଁ ନିର୍ଦ୍ଦେଶ ଦେବା ସହ ଜାମିନ ଆବେଦନର ବିଚାର ପାଇଁ ୫ଜଣିଆ ଖଣ୍ଡପୀଠକୁ ପଠାଇଛନ୍ତି।

## ଏନ୍‌କାଉଣ୍ଟରରେ ୧୩ ମାଓବାଦୀ ନିହତ

**ଗଡ଼ଚିରୋଲି, ୨୧।୫**

ମହାରାଷ୍ଟ୍ର ପୋଲିସକୁ ଶୁକ୍ରବାର ବଡ଼ ସଫଳତା ମିଳିଛି। ଗଡ଼ଚିରୋଲି ଜିଲା ଏଟାପଲ୍ଲୀ ନିକଟସ୍ଥ ଘଞ୍ଚ ଜଙ୍ଗଲରେ ପୋଲିସ ଏନ୍‌କାଉଣ୍ଟରରେ ୧୩ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ମହିଳା ବୋଲି ରାଜ୍ୟ ଗୃହମନ୍ତ୍ରୀ ଦିଲୀପ ୱାଲ୍‌ସେ ପାଟିଲ ସୂଚନା ଦେଇଛନ୍ତି।

ଉକ୍ତ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ନେଇ ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ସି-୬୦ କମାଣ୍ଡୋମାନେ ସେଠାକୁ ଯାଇ ସକାଳ ୬ଟାରେ ତଲାସି ଚଳାଇଥିବାବେଳେ ମାଓବାଦୀମାନେ ଗୁଳିବର୍ଷା କରିଥିଲେ। ଉଭୟ ପକ୍ଷ ମଧ୍ୟରେ ପ୍ରାୟ ଦେଢ଼ଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା। ସୁରକ୍ଷା ବଳର ଗୁଳିମାଡ଼ରେ ୭ ମହିଳା ଓ ୬ ପୁରୁଷ ମାଓବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪-୫ ଜଣ ଆହତ ହୋଇ ଜଙ୍ଗଲରେ ଲୁଚିଯାଇଥିଲେ। ଆଣ୍ଟାଇ ନକ୍ସଲ ଅପରେଶନ୍ସ (ଏଏନ୍‌ଓ)ର ଜଣେ ମୁଖପାତ୍ର କହିଛନ୍ତି, ମାଓବାଦୀମାନେ ବଟି ଅସୁଲ ପାଇଁ ସ୍ଥାନୀୟ ଗ୍ରାମଗୁଡ଼ିକୁ ଯିବା ପାଇଁ ଯୋଜନା କରୁଥିବା ନେଇ ସୂଚନା ମିଳିଥିଲା। ସି-୬୦ କମାଣ୍ଡୋର ଏକ ଟିମ୍ ଜଙ୍ଗଲରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲା। ସେହି ସମୟରେ ୬୦-୭୦ ଜଣ ସଶସ୍ତ୍ର ମାଓବାଦୀ ପୋଲିସ ଟିମ୍‌କୁ ଟାର୍ଗେଟ କରି ଆଖିବୁଜା ଗୁଳି ଚଳାଇଥିଲେ। ପୋଲିସ ପ୍ରଥମେ ମାଓବାଦୀଙ୍କୁ ଆତ୍ମସମର୍ପଣ ପାଇଁ ଅନୁରୋଧ କରିଥିଲା, ଯାହାକୁ ସେମାନେ ଶୁଣି ନ ଥିଲେ। ଏନ୍‌କାଉଣ୍ଟର ସ୍ଥଳରୁ କସାନସୁର ଦଳମ୍‌ର ୧୩ ମାଓବାଦୀଙ୍କ ମୃତଦେହ ମିଳିଛି। ମୃତଦେହ ନିକଟରୁ ଏକେ-୪୭, ଏସ୍ଏଲ୍ଆର୍, କାର୍ବାଇନ୍, ୩୦୩ ରିଭଲଭର, ୧୨-ବୋର ରାଇଫଲ୍ ଭଳି ଅସ୍ତ୍ରଶସ୍ତ୍ର ଏବଂ ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛି। ଉକ୍ତ ସ୍ଥାନରେ ମାଓବାଦୀମାନେ ଏକ ଅସ୍ଥାୟୀ ଶିବିର କରିଥିବା ମନେହେଉଛି। ଜିଲା ତଥା ଆଖପାଖ ଅଞ୍ଚଳର ପୋଲିସକୁ ହାଇଆଲର୍ଟରେ ରଖାଯାଇଛି। ଘଟଣା ପରେ ଗୃହମନ୍ତ୍ରୀ ଦିଲୀପ ଗଡ଼ଚିରୋଲି ପୋଲିସ ମୁଖ୍ୟାଳୟକୁ ଯାଇ ସଞ୍ଜୟ ସାକ୍ସେନା, ସନ୍ଦୀପ ପାଟିଲ, ଅଙ୍କିତ ଗୋୟଲ, ମନୀଷ କଲଭାନିୟା, ସମୀର ଶେଖ୍ ଓ ସୋମୟ ମୁଣ୍ଡେ, ଭାଉସାହେବ ଢୋଲେଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଛତିଶଗଡ଼ ପ୍ରତିପକ୍ଷ ଭୂପେଶ ବଘେଲଙ୍କ ସହ ସୀମାପାର ମାଓବାଦ ଓ ପାରସ୍ପରିକ ସହଯୋଗ ନେଇ ଆଲୋଚନା କରିବେ ବୋଲି ଗୃହମନ୍ତ୍ରୀ କହିଛନ୍ତି।

**ମହାରାଷ୍ଟ୍ର ପୋଲିସର ସଫଳତା**



- ମୃତ ମାଓବାଦୀଙ୍କ ମଧ୍ୟରେ ୭ ମହିଳା
- ବଟି ଅସୁଲି ପାଇଁ ଯୋଜନା ବେଳେ କୋମ୍ବିଂ
- ବିପୁଳ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଜବତ

## ଦେଶୀ ମଦ ଜବତ, ୨ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ଖାରବେଳନଗର ଥାନା ପୋଲିସ ଶୁକ୍ରବାର ୧୨୦ଲିଟର ଦେଶୀ ମଦ ଜବତ କରିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳ ମାଳିସାହିର ବିଜୁ ସାହୁ (୩୨), ଅନୁଗୋଳ ଖମାର ଅଞ୍ଚଳର ଆକାଶ ଜୟସିଂ (୨୫)। ଏଥିରେ ବ୍ୟବହୃତ ଏକ ଅଟୋକୁ ପୋଲିସ ଜବତ କରିଛି। ଅନ୍ୟପକ୍ଷେ ଏଥିରେ ସମ୍ପୃକ୍ତ ଅନ୍ୟଜଣେ ଅଭିଯୁକ୍ତ ପ୍ରକାଶ ବେହେରାଙ୍କୁ ପୋଲିସ ନୋଟିସ ଦେଇ ଛାଡ଼ିଛି।



### ସଂକ୍ଷେପରେ

## ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଶପଥ

ଭୁବନେଶ୍ୱର,୨୧।୫(ବ୍ୟୁରୋ): କମିଶନରେଟ ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ଆତଙ୍କବାଦ ବିରୋଧୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆତଙ୍କବାଦ ବିରୋଧରେ ଲଢ଼େଇ ଜାରି ରଖିବାକୁ ଶପଥପାଠ କରାଇଥିଲେ। ଅତିରିକ୍ତ ପୋଲିସ କମିଶନର ରେଖା ଲୋହାନି, ଡିସିପି (ମୁଖ୍ୟାଳୟ) ରାଜକିଶୋର ପାଇକରାୟଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୪.୯୨ ଲକ୍ଷ ଫେରାଇ ଆଣିଲା ସାଇବର ସେଲ୍

ଭୁବନେଶ୍ୱର,୨୧।୫(ବ୍ୟୁରୋ): ଠକେଇର ଶିକାର ହୋଇଥିବା ଜଣେ ବୃଦ୍ଧଙ୍କ ଆକାଉଣ୍ଟକୁ ଫେରିଛି ୪ ଲକ୍ଷ ୯୨ ହଜାର ଟଙ୍କା। ଚନ୍ଦ୍ରଶେଖରପୁର ଅଞ୍ଚଳର ରବି ନାରାୟଣ ମିଶ୍ର ନାମକ ଜଣେ ବୟସ୍କ ବ୍ୟକ୍ତିଙ୍କୁ ମୋବାଇଲ ରିଚାର୍ଜ ପାଇଁ କଲ୍ କରି ଆପ୍ ଡାଉନଲୋଡ୍ ମାଧ୍ୟମରେ ୫ ଲକ୍ଷ ଟଙ୍କା ଠକି ନେଇଥିଲେ ସାଇବର ଠକ। ଏନେଇ ସେ ସାଇବର ସେଲରେ ଅଭିଯୋଗ କରିଥିଲେ। ଗୋଲ୍ଡେନ ଆୱାର ବା ୧ ଘଣ୍ଟା ଭିତରେ ଅଭିଯୋଗ କରିଥିବାରୁ ଭୁବନେଶ୍ୱର ୟୁପିଡ଼ିର ସାଇବର ସେଲ ତଦନ୍ତ କରି ୪ ଲକ୍ଷ ୯୨ହଜାର ଟଙ୍କା ତାଙ୍କ ଆକାଉଣ୍ଟକୁ ଫେରସ୍ତ ଆଣିବାରେ ସଫଳ ହୋଇଛି। ତେଣୁ ଏ ସଂକ୍ରାନ୍ତ କୌଣସି କଲ୍ ଆସିଲେ ଓଟିପି କିମ୍ବା ବ୍ୟାଙ୍କ ତଥ୍ୟ ନ ଦେବାକୁ ପୋଲିସ ପରାମର୍ଶ ଦେଇଛି। ସେହିଭଳି ଠକେଇର ଶିକାର ହେଲେ ପୋଲିସକୁ ତୁରନ୍ତ ଜଣାଇବାକୁ କୁହାଯାଇଛି।

## ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର,୨୧।୫(ବ୍ୟୁରୋ): ଓଡ଼ିଶା ସାହିତ୍ୟ ଏକାଡେମୀର ନବ ନିଯୁକ୍ତ ସଭାପତି ଡ. ହୃଷୀକେଶ ମଲ୍ଲିକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ନୃତ୍ୟାଙ୍ଗନା ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ସହିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟରତ ବିଭିନ୍ନ ଏକାଡେମୀର ନବ ନିଯୁକ୍ତ କର୍ମକର୍ତ୍ତାଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ନବନିଯୁକ୍ତ କର୍ମକର୍ତ୍ତାମାନେ ନିଜ ନିଜ କ୍ଷେତ୍ରରେ ଯେପରି ପ୍ରତିଷ୍ଠା ଅର୍ଜନ କରିଛନ୍ତି, ନିଜ ଦାୟିତ୍ୱକୁ ତୁଲାଇ ସେହିଭଳି ସମ୍ମାନ ଓ ପ୍ରତିଷ୍ଠା ଅର୍ଜନ କରିବାରେ ସହାୟକ ହେବେ ବୋଲି ଉତ୍କଳ ସମ୍ମିଳନୀ ଆଶା କରିଛି।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ସିକ୍ୟୁରିଟି ଗାର୍ଡ ମୃତ

ଭୁବନେଶ୍ୱର,୨୧।୫(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଢେଙ୍କାନାଳ ଜିଲା ସରକାପାଟଣା ପୋଷ୍ଟ ରାହିଡି ଗ୍ରାମର ବ୍ରହ୍ମାନନ୍ଦ ଜେନା (୨୫)। ବ୍ରହ୍ମାନନ୍ଦ ଲିଙ୍ଗିପୁର ଅଞ୍ଚଳରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରନ୍ତି। ଶୁକ୍ରବାର ଅପରାହ୍ନ ୩ଟାରେ ବ୍ରହ୍ମାନନ୍ଦ ଏକ ବାଇକରେ ମଞ୍ଚେଶ୍ୱର ଥାନା ମଞ୍ଚନାଥ ମନ୍ଦିର ନିକଟ ରାସ୍ତା ଦେଇ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଓ ପୋଲିସ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଫାଣ୍ଡି ନିକଟରୁ ଚନ୍ଦନ ଗଛ ଚୋରି

ବାଲକାଟୀ,୨୧।୫(ଡି.ଏନ୍.ଏ.): ବାଲକାଟୀ ଫାଣ୍ଡି ନିକଟରେ ଥିବା ଜଣେ ଖବରଦାତାଙ୍କ ଘର ପରିସରରୁ ରକ୍ତ ଚନ୍ଦନ ଗଛ ଚୋରି ହୋଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ଏ ନେଇ ବାଲିଅନ୍ତା ଥାନାରେ ନଂ. ୧୫୩/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଖବରଦାତା ମନୋଜ ମଣ୍ଡଳଙ୍କ ଘର ପରିସରରେ ଏକ ରକ୍ତ ଚନ୍ଦନ ଗଛ ଥିଲା। ଗୁରୁବାର ରାତିରେ ୨ ଦୁର୍ବୃତ୍ତ ପାଚେରି ଡେଇଁ ଉକ୍ତ ଗଛ କାଟି ନେଇଯାଇଥିଲେ। ସକାଳେ ମନୋଜ ଏହା ଦେଖି ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଥାନାକୁ ଖବରଦେଇଥିଲେ। ଫାଣ୍ଡି ଅଧିକାରୀ ମନ୍ତାଜ ଅଲ୍ଲୀ ଖାଁ ଘଟଣାସ୍ଥଳକୁ ଆସି ତଦନ୍ତ କରିଥିଲେ। ପୂର୍ବରୁ ମଧ ଫାଣ୍ଡି ନିକଟ ଜଣେ ଶିକ୍ଷକଙ୍କ ଘର ଛାତ ଉପରେ ବୋତଲ ପଡ଼ିବା, ମନୋଜଙ୍କ ଘର ଆଗ ଗ୍ୟାରେଜକୁ ପଥର ଫୋପାଡ଼ିବା ନେଇ ଥାନାକୁ ଜଣାଇଥିଲେ ମଧ ଏଯାବତ କାହାକୁ ଗିରଫ କରାଯାଇ ନ ଥିବାରୁ ପୋଲିସର କାର୍ଯ୍ୟଧାରାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

# ଭୁବନେଶ୍ୱରରେ ବେକାବୁ କରୋନା

### ୧୧,୮୬ ପଜିଟିଭ୍, ୩ ମୃତ, ୧୦୪୧ ସୁସ୍ଥ

- ଝାରପଡ଼ା ଜେଲ୍‌ରୁ ସର୍ବାଧିକ ୮୬ ସଂକ୍ରମିତ
- ପୁରୁଣା ଭୁବନେଶ୍ୱରରୁ ଆଉ ୬୪ ଆକ୍ରାନ୍ତ

ଭୁବନେଶ୍ୱର,୨୧।୫(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ କରୋନାର ଦ୍ୱିତୀୟ ଲହର ବେକାବୁ ହୋଇପଡିଲାଣି। ଦୈନିକ ସଂକ୍ରମଣ ହୁ ହୁ ହୋଇବଢୁଥିବାବେଳେ ମୃତ୍ୟୁ ସଂଖ୍ୟା ମଧ ବଢ଼ିଗଲାଣି। ପ୍ରତିଦିନ ୨ରୁ ୩ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟୁଛି। ଗତ ୨୪ ଘଣ୍ଟାରେ ସହରରୁ ଆଉ ୧୧୮୬ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିଭଳି ମହାମାରୀ ୩ଜଣଙ୍କ ଜୀବନ ନେଇଥିବା ବିଏମ୍‌ସିର କୋଭିଡ୍ ତଥ୍ୟରୁ ଜଣାପଡିଛି।

ନୂଆ ସଂକ୍ରମିତଙ୍କ ମଧ୍ୟରୁ ୧୪୨ଜଣ କ୍ୱାରାଣ୍ଟାଇନରୁ ଚିହ୍ନଟ ହୋଇଥିବାବେଳେ ୧୦୪୪ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ତେବେ ଝାରପଡା ଜେଲ୍‌ରୁ ସର୍ବାଧିକ ୮୬ଜଣ ସଂକ୍ରମିତ ହୋଇଛନ୍ତି। ପୁରୁଣା ଭୁବନେଶ୍ୱରରୁ ୬୪, ପଟିଆରୁ ୪୫, ନୟାପଲ୍ଲୀରୁ ୩୯, ଡୁମୁଡୁମାରୁ ୩୫, ପାତ୍ରପଡାରୁ ୨୪, ୟୁନିଟ-୬ରୁ ୧୮, ଶୈଳଶ୍ରୀ ବିହାରରୁ ୨୫, ଶହୀଦ ନଗରରୁ ୧୬, ୟୁନିଟ-୩ରୁ ୧୭, ରସୁଲଗଡରୁ ୧୬, ସାମନ୍ତରାପୁରରୁ ୧୪, ସୁନ୍ଦରପଦାରୁ ୩୦, ଚନ୍ଦ୍ରଶେଖରପୁରରୁ ୩୪, ଖଣ୍ଡଗିରିରୁ ୩୯, ଝାରପଡାରୁ ୩୦, ବଡଗଡରୁ ୨୦, ବରମୁଣ୍ଡାରୁ ୨୭, ସିଆର୍‌ପିଏଫ୍ କ୍ୟାମ୍ପସରୁ ୧୮, ଲକ୍ଷ୍ମୀସାଗରରୁ ୨୦, ମଞ୍ଚେଶ୍ୱରରୁ ୧୭, ଭୀମଟାଙ୍ଗୀରୁ ୧୬, କାନନ ବିହାର, ଭିଏସ୍ଏସ୍ ନଗର ଓ କଳ୍ପନାରୁ ୧୦ଜଣ ଲେଖାଏ, ବିଜେବି ନଗରରୁ ୧୬ ଓ କଳିଙ୍ଗ ବିହାରରୁ ୧୧ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତ ସଂଖ୍ୟା ୬୬,୮୮୦ରେ ପହଞ୍ଚିଛି। ସେହିପରି ୩ ମୃତକଙ୍କୁ ମିଶାଇଲେ ଭୁବନେଶ୍ୱରରେ ମୃତ୍ୟୁ ସଂଖ୍ୟା ୩୦୭କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଆଉ ୧୦୪୧ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ଆରୋଗ୍ୟ ସଂଖ୍ୟା ୫୩,୮୮୦ ଛୁଇଁଛି। ବର୍ତ୍ତମାନ ଭୁବନେଶ୍ୱରରେ ୧୨,୬୭୨ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

## କଏଦୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କଲା ରାପିଡ୍ ରେସ୍‌ପନ୍ସ ଟିମ୍

ଭୁବନେଶ୍ୱର,୨୧।୫(ବ୍ୟୁରୋ)




ରାଜ୍ୟରେ ଥିବା ଜେଲ୍‌ଗଡ଼ିକରେ ଏବେ ସଂକ୍ରମଣ ବ୍ୟାପିବାରେ ଲାଗିଛି। ଝାରପଡ଼ା ସ୍ପେଶାଲ ଜେଲ୍‌ରେ ସଂକ୍ରମଣ ବିସ୍ଫୋରକ ରୂପ ନେବାରେ ଲାଗିଛି। ପୂର୍ବତନ ଜେଲ୍ ଅଧୀକ୍ଷକ, ଜେଲରଙ୍କ ସମେତ ବହୁ କର୍ମଚାରୀ ଆକ୍ରାନ୍ତ ହୋଇଛନ୍ତି। ଏଥିସହ ୯୬ରୁ ଊର୍ଦ୍ଧ୍ୱ କଏଦୀଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଚେତା ପଶିଛି। ଶୁକ୍ରବାର ରାପିଡ୍ ରେସ୍‌ପନ୍ସ ଟିମ୍ (ଆର୍‌ଆର୍‌ଟି) ଝାରପଡା ଜେଲରେ ପହଞ୍ଚି ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ କୋଭିଡ୍ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ଔଷଧ ଦେଇଛନ୍ତି। ତେବେ କେତେଜଣ ଆକ୍ରାନ୍ତ ଅଭିଯୋଗ କରିବାରୁ ଟିମ୍ ଜେଲ୍ ଭିତରେ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ।

### ଶୂନ୍ୟ ଛାୟା



ଶୁକ୍ରବାର ଶୂନ୍ୟ ଛାୟା ଦିବସରେ ପଠାଣି ସାମନ୍ତ ପ୍ଲାନେଟାରିୟମର ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ଜାଗମରାସ୍ଥିତ ତାଙ୍କ ବାସଭବନରେ କିପରି ବିଭିନ୍ନ ବସ୍ତୁର ଛାଇ ଉଭେଇ ଯାଉଛି ତାହା ଦେଖାଉଛନ୍ତି।

## ଜଗନ୍ନାଥପୁର ଗାଁ କଣ୍ଟେନ୍‌ମେଣ୍ଟ, ତ୍ରିନାଥ ବଜାରକୁ ଶଟ୍‌ଡାଉନ

ବାଲିଅନ୍ତା,୨୧।୫(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ଜଗନ୍ନାଥପୁର ଗ୍ରାମକୁ ଏକ ସପ୍ତାହ ଅର୍ଥାତ୍ ୨୦ରୁ ୨୬ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଓ ସ୍ଥାନୀୟ ତ୍ରିନାଥ ବଜାରକୁ ଶଟ୍‌ଡାଉନ ଘୋଷଣା କରାଯାଇଛି। ଜଗନ୍ନାଥପୁର ଗ୍ରାମର ୨ଟି ୱାର୍ଡରେ ପ୍ରାୟ ୧୨ଜଣ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହେବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ସରପଞ୍ଚ ରଶ୍ମିତା ସାହୁ କହିଛନ୍ତି। ଗ୍ରାମର ୨ ପ୍ରବେଶପଥକୁ ବାଉଁଶ ବନ୍ଧାଯାଇଛି। ଗାଁ ଭିତରକୁ ଯିବାଆସିବା ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସେହିପରି ତ୍ରିନାଥ ବଜାରରେ ଥିବା ଔଷଧ ଦୋକାନକୁ ଛାଡ଼ି ଅନ୍ୟ ସମସ୍ତ ଦୋକାନକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ରହିଛି।





## ଟ୍ରାଫିକ ନିୟନ୍ତ୍ରଣ କଲା ପୋଲିସ

ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍‌ଠାରୁ ରାଜଧାନୀର ବିଭିନ୍ନ ଛକରେ ଟ୍ରାଫିକ ପରିଚାଳନା ବନ୍ଦ କରାଯାଇ କେବଳ ଯାଞ୍ଚ କରାଯାଉଥିଲା। ହେଲେ ରାସ୍ତାରେ ଗାଡ଼ି ସଂଖ୍ୟା ବଢ଼ି ଚାଲିଥିବାବେଳେ ଯିଏ ଜୁଆଡେ ପାରିଲା ଯିବାଆସିବା କରିବାରୁ ବିଶେଷକରି ଟ୍ରାଫିକ ଛକରେ ଅପ୍ରୀତିକର ସ୍ଥିତି ଉପୁଜୁଥିଲା। ତେବେ ଶୁକ୍ରବାରଠାରୁ ଏଜି ଛକରେ ଟ୍ରାଫିକ ପରିଚାଳନା ଆରମ୍ଭ ହୋଇଛି। ପୋଲିସ ଠିଆ ହୋଇ ଟ୍ରାଫିକ ପରିଚାଳନା କରୁଥିବାବେଳେ ବହୁ ବାଟ ପର୍ଯ୍ୟନ୍ତ ଗାଡିମୋଟର ଅଟକି ରହିଥିବା ଦେଖିବାକୁ ମିଳିଥିଲା।

## ୟାସ୍ ପାଇଁ ୭୪ ଟ୍ରେନ୍ ବାତିଲ

ଭୁବନେଶ୍ୱର,୨୧।୫

ସମ୍ଭାବ୍ୟ ବାତ୍ୟା 'ୟାସ୍' କୁ ନଜରରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ପ୍ରାୟ ୭୪ ଟ୍ରେନ୍ ବାତିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବତଟ ରେଳପଥ ପରିସରରେ ଭୁବନେଶ୍ୱର ଏବଂ ପୁରୀ ଭଳି ସ୍ଥାନରୁ ଯାତ୍ରା ଆରମ୍ଭ କରୁଥିବା ଏବଂ ଗନ୍ତବ୍ୟସ୍ଥଳ ଟ୍ରେନ ସମେତ ହାଓଡା-ଚେନ୍ନାଇ ମେନ୍ ଲାଇନରେ ଚଳାଚଳ କରୁଥିବା ବିଭିନ୍ନ ଟ୍ରେନ ଏହା ମଧ୍ୟରେ ସାମିଲ ରହିଛି। ପ୍ରମୁଖ ଟ୍ରେନ ମଧ୍ୟରେ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ସ୍ପେଶାଲ, ଭୁବନେଶ୍ୱର-ହାଓଡା ଜନଶତାବ୍ଦୀ ସ୍ପେଶାଲ, ପୁରୀ-ନୂଆଦିଲ୍ଲୀ ସ୍ପେଶାଲ, ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ସ୍ପେଶାଲ, ହାଓଡା-ପୁରୀ-ହାଓଡା ସ୍ପେଶାଲ, ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ସ୍ପେଶାଲ ଏବଂ ପୁରୀ-ଋଷିକେଶ କଳିଙ୍ଗ ଉତ୍କଳ ସ୍ପେଶାଲ ଟ୍ରେନ୍ ରହିଛି। ସେହିଭଳି ପୁରୀରୁ ବାହାରି ଅହମ୍ମଦାବାଦ, ସୁରଟ ଏବଂ ଆଜମେର ଯାଉଥିବା ଟ୍ରେନ୍ ଏହା ମଧ୍ୟରେ ସାମିଲ ରହିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

## ବାତ୍ୟା ପାଇଁ ଦରବୃଦ୍ଧି: ଆଳୁ ୨୦ ଟପିଲା

ବାଲିଅନ୍ତା,୨୧।୫(ଡି.,ନ.ଏ)

ରାଜ୍ୟରେ ଲକଡାଉନ, ଶଟ୍‌ଡାଉନ ଚାଲିଥିବାବେଳେ ଏବେ ପୁଣି ସମ୍ଭାବ୍ୟ ବାତ୍ୟା ଗରିବ ଓ ମଧ୍ୟବିତଙ୍କ ପାଇଁ ଦାଉ ସାଧିଛି । ଖାଇବାତେଲ ଓ ଡାଲି ଦର ବୃଦ୍ଧି ଯୋଗୁ ଗରିବ ଲୋକେ ହନ୍ତସନ୍ତ ହେଉଥିବା ବେଳେ ହଠାତ୍ ବାତ୍ୟା ପାଇଁ ଆଳୁଦର ବୃଦ୍ଧି ଚିନ୍ତା ବଢ଼ାଇଛି। ବାଲିଅନ୍ତା ବଜାରରେ ଆଳୁର ପାଇକାରୀ ଦର ୫୦ କିଲୋ ପ୍ୟାକେଟ ପାଇଁ ୫୬୦ରୁ ୬୦୦ଟଙ୍କା ବିକ୍ରି ହେଉଛି। କିନ୍ତୁ କିଛି ଖୁଚୁରା ବ୍ୟବସାୟୀ ବାତ୍ୟା ପାଇଁ ଆଳୁର ଚାହିଦା ବୃଦ୍ଧିର ଫାଇଦା ଉଠାଇ ମନଇଚ୍ଛା ମୂଲ୍ୟ ଧାର୍ଯ୍ୟ କରୁଛନ୍ତି । ଶୁକ୍ରବାର ବାଲିଅନ୍ତା ହାଟରେ ହଠାତ୍ ଆଳୁଦର ବୃଦ୍ଧି ଖାଉଟିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଖୁଚୁରା ବ୍ୟବସାୟୀ ୧୫ ଟଙ୍କା ବିକ୍ରି କରୁଥିବା ବେଳେ ଆଳୁର କୃତ୍ରିମ ଅଭାବ ସୃଷ୍ଟି କରି ଅନ୍ୟ କେତେଜଣ ବ୍ୟବସାୟୀ ୨୦ରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା।

## ୧୯୨୯ କଲ୍ ସେଣ୍ଟରକୁ ଆସିଲାଣି ୫୦ହଜାରରୁ ଊର୍ଦ୍ଧ୍ୱ କଲ୍

ଭୁବନେଶ୍ୱର, ୨୧।୫ (ବ୍ୟୁରୋ)

କରୋନା ସମ୍ପର୍କିତ ସଚେତନତା ତଥା ପରାମର୍ଶ ପ୍ରଦାନ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ୨୪ଘଣ୍ଟିଆ ୧୯୨୯ କଲ୍ ସେଣ୍ଟର କାର୍ଯ୍ୟ କରୁଛି। ପ୍ରତିଦିନ ଲୋକମାନେ ଏଠାକୁ କରୋନା ସମ୍ପର୍କିତ ତଥ୍ୟ ପାଇବା ପାଇଁ ଫୋନ୍ କରୁଛନ୍ତି। ଗତ ମାର୍ଚ୍ଚ ୨୫ରେ ଏହି କଲ୍‌ସେଣ୍ଟର ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ସମୟରେ ମାତ୍ର ୨ଟି ୱାର୍କ ଷ୍ଟେଶନ କାମ କରୁଥିଲା। ମାତ୍ର କରୋନାର ସଂକ୍ରମଣ ବୃଦ୍ଧି ପାଉ ଥିବାରୁ ପ୍ରତିଦିନ ଶହ ଶହ ସଂଖ୍ୟାରେ କଲ୍ ଆସିବାକୁ ଲାଗିଲା। ଏହାକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ଆଉ ୩୩ଟି ୱାର୍କ ଷ୍ଟେଶନ ଯୋଡ଼ା ଯାଇଥିଲା। ଏବେ ଏଠାରେ ୩୫ଟି ୱାର୍କ ଷ୍ଟେଶନ ରହିଛି। ସେଥିମଧ୍ୟରୁ ୧୫ଟି ଇନ୍‌କମିଙ୍ଗ୍ କଲ୍ ପାଇଁ, ୫ଟି ଆଉଟ୍‌ଗୋଇଙ୍ଗ୍ ପାଇଁ, ୮ଟି ଡାକ୍ତରଙ୍କ ପରାମର୍ଶ ପାଇଁ ରହିଛି। ତେବେ ଟିକାକରଣ ପାଇଁ ରେଜିଷ୍ଟ୍ରେଶନ୍ ବୁକିଂ, ୬୦ରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ ପାଇଁ ଟିକା ଓ ଟେଷ୍ଟିଂ ପାଇଁ ବୁକିଂ ପାଇଁ ସେଥିରୁ ୪ଟି ୱାର୍କ ଷ୍ଟେଶନ କାମ କରୁଛି। ମେ ୨୦ସୁଦ୍ଧା ଏହି ସେଣ୍ଟର ୫୦ହଜାରରୁ ଊର୍ଦ୍ଧ୍ୱ କଲ୍ କରି ଏକ ମାଇଲ ଷ୍ଟୋନ୍ ସ୍ଥାପନ କରିଛି। ଏଯାବତ୍ କରୋନା ସମ୍ବନ୍ଧୀୟ ୫୧ହଜାର ୩୫୧ ଇନ୍‌କମିଙ୍ଗ କଲ୍ ରିସିଭ୍ କରାଯାଇଥିବାବେଳେ ୫୦ହଜାର ୪୧୪ କଲ୍ ଗୃହ ସଙ୍ଗରୋଧ ବ୍ୟକ୍ତିଙ୍କୁ କଲ୍ ସେଣ୍ଟର ପକ୍ଷରୁ କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝାଯାଇଛି। ସେହିପରି ୧୪ହଜାର ୧୨୭ଜଣ ବ୍ୟକ୍ତି ଫୋନ୍ କରି ୧୯୨୯ରେ ନିୟୋଜିତ ଥିବା ଡାକ୍ତରଙ୍କ ପରାମର୍ଶ ନେଇଛନ୍ତି। କୋଭିଡ୍ ପରିଚାଳନାକୁ ଆହୁରି ସୁଗମ କରିବା ପାଇଁ ୧୯୨୯ର କଲ୍ ସେଣ୍ଟର ଆରମ୍ଭ କରାଯାଇଥିଲା। ଯେପରି କୌଣସି କଲ୍ ଡ୍ରପ୍ ନ ହୁଏ ସେ ନେଇ ପଦକ୍ଷେପ ନେବା ସହ ଏଠାକୁ ଫୋନ୍ କରୁଥିବା ସମସ୍ତ ବ୍ୟକ୍ତିଙ୍କୁ କିପରି ସହଯୋଗ କରାଯାଇ ପାରିବ ସେ ନେଇ ପ୍ରଚେଷ୍ଟା ଜାରି ରହିଛି ବୋଲି ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ କହିଛନ୍ତି।

## ୩୦ଫୁଟ୍ ଭୁଶୁଡ଼ିଲା ରିଟେନିଂ ୱାଲ

ପୁରୁଣା ଭୁବନେଶ୍ୱର,୨୧।୫(ଡି.ଏନ୍.ଏ.)

ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଗଳିକନ୍ଦିରେ ସ୍ୱେରେଜ କାର୍ଯ୍ୟ ଜାରି ରହିଛି। ଏହିକ୍ରମରେ ଶୁକ୍ରବାର ଅପରାହ୍ନରେ ବର୍ଷା ହେବାରୁ ନୂତନଭାବେ ନିର୍ମାଣ ହୋଇଥିବା ଏକ ରାସ୍ତାର ରିଟେନିଂ ୱାଲ ପ୍ରାୟ ୩୦ଫୁଟ ଭୁଶୁଡ଼ି ପଡ଼ିଛି। କପିଳପ୍ରସାଦକୁ ସଂଯୋଗ କରୁଥିବା ଦୟା ୱେଷ୍ଟ କେନାଲର ରାସ୍ତା କାର୍ଯ୍ୟର ରିଟେନିଂ ୱାଲ ଭୁଶୁଡ଼ି ପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସୂଚନାଥାଉ କି, କିଛିଦିନ ପୂର୍ବରୁ ପୁରୀ-ଭୁବନେଶ୍ୱର ରାଜପଥ ରାସ୍ତା କଡ଼ରେ ଥିବା ଡ୍ରେନ ପାଚେରି ଭୁଶୁଡ଼ି ପଡ଼ିଥିଲା।

## ନିଖୋଜର ୩ସପ୍ତାହ ପରେ ବି ମିଳୁନି ପତ୍ତା

ଭୁବନେଶ୍ୱର,୨୧।୦୫(ବ୍ୟୁରୋ)

ସ୍ତ୍ରୀଙ୍କ ନିଖୋଜକୁ ୩ ସପ୍ତାହ ବିତିଲାଣି। ଏନେଇ ସ୍ୱାମୀ ଥାନାରେ ଅଭିଯୋଗ କରିଥିଲେ ବି ପୋଲିସ ଏପର୍ଯ୍ୟନ୍ତ କୌଣସି ସନ୍ଧାନ ପାଇ ନାହିଁ। ଶୁକ୍ରବାର ମଞ୍ଚେଶ୍ୱର ଥାନାକୁ ଆସିଥିବା ବାଲେଶ୍ୱର ଜିଲା ନିଳଗିରି ଥାନା ନୟାପାଟଣା ଗ୍ରାମର ଜ୍ଞାନରଞ୍ଜନ ଜେନା ଆଚାର୍ଯ୍ୟ ବିହାରରେ ଏକ ରେଷ୍ଟୁରାଣ୍ଟରେ କାମ କରନ୍ତି। ୬ ମାସ ହେବ ସେ ସ୍ଥାନୀୟ ରେଲ୍‌ୱେ ମାର୍କେଟ ଆଦିମାତା କଲୋନୀରେ ଏକ ଭଡ଼ା ଘରେ ସ୍ତ୍ରୀ ଓ ଦେଢ ବର୍ଷର ପୁଅ ସହ ରହୁଥିଲେ। ଏପ୍ରିଲ ୨୮ରେ ଜ୍ଞାନରଞ୍ଜନ ରେଷ୍ଟୁରାଣ୍ଟରୁ ଫେରିବା ପରେ ଘରେ ସ୍ତ୍ରୀଙ୍କୁ ପାଇ ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ସ୍ତ୍ରୀଙ୍କୁ ନ ପାଇ ତା'ପର ଦିନ ଅର୍ଥାତ ଏପ୍ରିଲ ୨୯ରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଇତିମଧ୍ୟରେ ୩ସପ୍ତାହ ବିତିଯାଇଥିଲେ ହେଁ, ପୋଲିସ ଜ୍ଞାନରଞ୍ଜନଙ୍କ ସ୍ତ୍ରୀଙ୍କ କୌଣସି ପତ୍ତା ପାଇ ନାହିଁ। ପ୍ରତିଦିନ ଥାନାକୁ ଆସି ପଚାରିବାରୁ ତଦନ୍ତ କରାଯାଉଥିବା ପୋଲିସ କହୁଛି। ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କୁ ପଚାରିବାରୁ ଅଭିଯୋଗକୁ ଭିତ୍ତି କରି ଏକ ଷ୍ଟେଶନ ଡାଏରି କରାଯାଇ ତଦନ୍ତ କରାଯାଉଥିବା କହିଛନ୍ତି।

## କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

### ଖବରଦାତାଙ୍କୁ ପୋଲିସ ଆକ୍ରମଣ ଘଟଣା

ବାରଙ୍ଗ,୨୧।୫(ଡି.ଏନ୍.ଏ.)

ଧରିତ୍ରୀ ପୁରୀ ଜିଲା ପ୍ରତିନିଧିଙ୍କୁ ପୋଲିସର ଆକ୍ରମଣ ଘଟଣାକୁ ଓଡ଼ିଶା ମିଡିଆ ୱେଲଫେୟାର ଆସୋସିଏଶନ ତରଫରୁ ନିନ୍ଦା କରାଯାଇଛି। ଖବର ସଂଗ୍ରହ ବେଳେ ପୋଲିସ ମାଡ଼ମାରି ଗାଡ଼ିରେ ଜବରଦସ୍ତ ଭର୍ତ୍ତିକରିବା ଘଟଣା ପୋଲିସର ଗୁଣ୍ଡାଗିରିର ପରିଚୟ ଦେଇଛି। ସରକାର ଖବରଦାତାଙ୍କୁ କୋଭିଡ୍ ସମୟରେ କରୋନା ଯୋଦ୍ଧାର ମାନ୍ୟତା ଦେଇ ଉତ୍ସାହିତ କରୁଥିବାବେଳେ ଅନ୍ୟପଟେ ଖବରଦାତାଙ୍କୁ ଏଭଳି ବର୍ବରୋଚିତ ଆକ୍ରମଣ ପୋଲିସ କାର୍ଯ୍ୟ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ଘଟଣାରେ ସମ୍ପୃକ୍ତ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ସଂଘ ଚେୟାରମ୍ୟାନ ସତ୍ୟନାରାୟଣ ପଣ୍ଡା, ରାଜ୍ୟ ସଭାପତି ଲିଙ୍ଗରାଜ ରାଉତ, ଉପସଭାପତି ସଞ୍ଜୟ ମହାନ୍ତି, ସମ୍ପାଦକ ଦୁଃଖନିରଞ୍ଜନ ରେଡୀ, ଶରତଚନ୍ଦ୍ର ବେହେରା, ସ୍ୱରୂପାନନ୍ଦ ଦାସ, ସହସମ୍ପାଦକ କମଳାକାନ୍ତ ନାୟକ ଓ ଜଗନ୍ନାଥ ଭଞ୍ଜ, ସଂଗ୍ରାମକେଶରୀ ଦାସ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି । ସେହି ଭଳି ଏହି ଘଟଣାକୁ ବାରଙ୍ଗ ପ୍ରେସ କ୍ଲବ ମଧ ନିନ୍ଦା କରିଛି। ଆକ୍ରମଣକାରୀଙ୍କ ବିରୋଧରେ ପଦକ୍ଷେପ ନିଆଯାଉ ବୋଲି ରୁଦ୍ରନାରାୟଣ ଷଡଙ୍ଗୀ, ଉପସଭାପତି ତ୍ରିଲୋଚନ ଦାସ, ପ୍ରକାସଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସାହୁ, ଚିତ୍ରସେନ ବାରିକ, ଦୁଷ୍ମନ୍ତ ଜେନା, ଅଜୟ ରାଉତ, ଲୋଚନ ମୁଦୁଲି, ସେଖମୁନାବ ପ୍ରମୁଖ ଦାବିକରିଛନ୍ତି।

## ୪ ଜିଲାକୁ ଗଡ଼ିଲା କରୋନା ସଚେତନତା ରଥ

ଭୁବନେଶ୍ୱର, ୨୧।୫ (ବ୍ୟୁରୋ)

କରୋନା ମହାମାରୀଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ତୃଣମୂଳ ସ୍ତରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶୁକ୍ରବାର ସଂସ୍କୃତି ଭବନ ପରିସରରେ ସଚେତନତା ରଥ ଲୋକାର୍ପିତ ହୋଇଛି। କୋଭିଡ୍-୧୯ ସଚେତନତା ଅଭିଯାନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ସହଯୋଗରେ ୮ ରଥ ୪ ଜିଲାକୁ ଯାତ୍ରା ଆରମ୍ଭ କରିଛି। ଏହି ରଥଗୁଡିକ ଖୋର୍ଦ୍ଧା, ପୁରୀ, କଟକ ଓ ଜଗତ୍‌ସିଂହପୁର ଜିଲାରେ ୩ମାସ ପର୍ଯ୍ୟନ୍ତ ଭିଡିଓ ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରିବ। ପ୍ରତି ଜିଲାରେ ୨ଟି ରଥ ପରିକ୍ରମା କରିବ। ଏହି କାର୍ଯ୍ୟକ୍ରମକୁ ରାଜସ୍ୱ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ସଂସ୍କୃତି ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ପ୍ରୋଜେକ୍ଟ ହୋପ୍‌ର ପ୍ରକଳ୍ପ ସଂଯୋଜକ ଆଲୋକ କୁମାର ମହାନ୍ତି, ମାଇଁ ହାର୍ଟର ଉପଦେଷ୍ଟା ଡ. ପ୍ରବୋଧ କୁମାର ମିଶ୍ର, ନିର୍ଦ୍ଦେଶକ ଶକ୍ତିଧର ସାହୁ, ନେହେରୁ ଯୁବ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ନବୀନ ନାୟକ ଓ ୟୁନିସେଫ୍‌ର ରାଜ୍ୟ ସଂସ୍କୃତି ସଂଯୋଜକ ବାସୁଦେବ ମାଳବିଶୋଇ ଉପସ୍ଥିତ ଥିଲେ। ଏହି ଅବସରରେ ଅଭିଯାନ ପାଇଁ ଉତ୍ସର୍ଗୀକୃତ ୩ଟି ସଚେତନତାଧର୍ମୀ ସଂଗୀତ ଲୋକାର୍ପିତ ହୋଇଥିଲା। 'ଭାଙ୍ଗିବା ଲକ୍‌ଡାଉନ୍, ଭାଙ୍ଗିବା ଶଟ୍‌ଡାଉନ୍' ଓ 'କେଉଁ ବେଳାରେ ଆସିଲା ଏହି କରୋନା ଭୂତାଣୁ' ଗୀତକୁ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ରଚନା କରିଛନ୍ତି। ସେହିପରି 'ଆସରେ ଆସ କରିବା ପଣ' ଗୀତକୁ ବାସୁଦେବ ମାଳବିଶୋଇ ରଚନା କରିଛନ୍ତି। ପବିତ୍ର ପଟ୍ଟନାୟକ ଏହାର ସଂଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଗୀତଗୁଡିକୁ ସତ୍ୟଜିତ୍ ଓ ରଶ୍ମି ଗାଇଛନ୍ତି।




ସଚେତନତା ରଥକୁ ଲୋକାର୍ପଣ କରାଯାଉଛି।

### ୩ ମାସ ଧରି ସଚେତନ କରିବ



# ଆପଲ୍ ଟିଭିରେ ପ୍ରସାରିତ ହେବ ସଲମାନଙ୍କ 'ରାଧେ'

**ମୁମ୍ବାଇ:** ବଲିଉଡ୍ ଷ୍ଟାର ସଲ୍‌ମାନ ଖାନ୍‌ଙ୍କ 'ରାଧେ' ଚଳଚ୍ଚିତ୍ର ଆପଲ୍ ଟିଭିରେ ପ୍ରସାରିତ ହେବ। ଏହା ବେଲଜିୟମ, ଡେନ୍‌ମାର୍କ, କାନାଡା, ଫିଜି, ମ୍ୟାଲେସିଆ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଏବଂ ମରିସସ୍ ସମେତ ୬୫ରୁ ଊର୍ଦ୍ଧ୍ୱ ଦେଶରେ ଉପଲବ୍ଧ ହୋଇପାରିବ। ଆପଲ୍ ଟିଭିରେ ଲାଇଭ୍ ପ୍ରସାରଣ ହେବାରେ ରାଧେ ହେବ ବଲିଉଡ୍‌ର ପ୍ରଥମ ସିନେମା। ୧୦୦ରୁ ଊର୍ଦ୍ଧ୍ୱ ଦେଶରେ ଅଧିକ ପ୍ଲାଟଫର୍ମରେ ଉକ୍ତ ସିନେମାକୁ ଉପଲବ୍ଧ କରାଇବା ଲାଗି ଏହାର ପ୍ରଯୋଜକମାନେ ଯୋଜନା କରୁଛନ୍ତି। ଗତ ୧୩ ତାରିଖରେ ଉକ୍ତ ଚଳଚ୍ଚିତ୍ର ଜି୫ରେ ପ୍ରଥମେ ପ୍ରଦର୍ଶିତ ହୋଇଥିଲା। ଏବେ ଜି-ପ୍ଲେକ୍ସରେ ଏହା ପେ' ପର୍ ଭିଉ ଫର୍ମାଟରେ ଉପଲବ୍ଧ ହେଉଛି। ବହୁସଂଖ୍ୟାରେ ଦର୍ଶକ ଏହାକୁ ଓଟିଟି ପ୍ଲାଟଫର୍ମରେ ଦେଖୁଛନ୍ତି। ନିକଟରେ ଅନ୍‌ଲାଇନରେ ରାଧେ ଲିକ୍ ହେବା ପରେ ହ୍ୱାଟ୍ସଆପ୍ ଏବଂ ଫେସ୍‌ବୁକ୍‌ର ୩ ଜଣ ୟୁଜରଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ସେମାନେ ସଲମାନଙ୍କ ଚଳଚ୍ଚିତ୍ରର ପାଇରେଟେଡ୍ ଭର୍ସନକୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଛାଡ଼ିଥିବା ଅଭିଯୋଗ ହୋଇଥିଲା।

# ବିବାହ ପୂର୍ବରୁ ବର ନିଖୋଜ



**କାନପୁର:** ଉତ୍ତରପ୍ରଦେଶର କାନପୁରରେ ବିବାହ ପୂର୍ବରୁ ବର ନିଖୋଜ ହୋଇଯିବାରୁ କନ୍ୟାଘର ଲୋକେ ନିଜର ସମ୍ମାନ ରକ୍ଷା କରିବାକୁ ଯାଇ ଜଣେ ସମ୍ପର୍କୀୟ ଭାଇଙ୍କ ସହ ଝିଅର ବିବାହ କରାଇଛନ୍ତି। ଏହି ଘଟଣା କାନପୁର ନିକଟ ପୋଲହପୁର ଗାଁରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ଗାଁର ଶ୍ରୀରାମ ପ୍ରଜାପତିଙ୍କ ଝିଅ ବିବାହ ଉତ୍ସବ ପାଇଁ ଧୂମଧାମରେ ପ୍ରସ୍ତୁତି ଚାଲିଥିଲା। ସନ୍ଧ୍ୟାରେ ବିବାହ ଅନୁଷ୍ଠିତ ହୋଇଥାନ୍ତା। ରାୟପୁରରୁ ବର ଆସିଥାନ୍ତେ। କିଛି ସମୟ ପୂର୍ବରୁ ବର ଧର୍ମେନ୍ଦ୍ର ଗାଏବ ହୋଇଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ପୁଅ ନ ଫେରିବାରୁ ବାପା ଧର୍ମପାଳ କନ୍ୟା ଘରକୁ ଖବର ଜଣାଇଥିଲେ। ଏହା ଶୁଣିବା ପରେ କନ୍ୟାପକ୍ଷଙ୍କ ପାଦତଳୁ ମାଟି ଖସିଗଲା। ରାତି ୧୧ଟା ପର୍ଯ୍ୟନ୍ତ ବର ନ ଫେରିବାରୁ ଶେଷରେ କନ୍ୟାଘର ଲୋକେ ଝିଅକୁ ସମ୍ପର୍କୀୟ ଭାଇ ମହେଶଙ୍କ ସହ ବିବାହ କରାଇଥିଲେ।

ଦୁଇଦିନ ପରେ ଧର୍ମେନ୍ଦ୍ର ଘରକୁ ଫେରିଥିଲେ। ପୋଲିସ ଧର୍ମେନ୍ଦ୍ରଙ୍କୁ ପଚରାଉଚରା କରିବାରୁ ସତକଥା ଧରାପଡ଼ିଥିଲା। ଧର୍ମେନ୍ଦ୍ର ପୋଲିସକୁ କହିଛନ୍ତି, ବିବାହର ଦୁଇଦିନ ପୂର୍ବରୁ ତାଙ୍କ ପ୍ରେମିକାଙ୍କୁ ନେଇ ଅନ୍ୟ ସ୍ଥାନରେ ରଖିଥିଲେ। ଅଲଗା ଜାଗାରେ ବିବାହ କରିବାକୁ ତାଙ୍କର ଇଚ୍ଛା ନ ଥିଲା। ଏଥିପାଇଁ ସେ ବିବାହ ଦିନ ଫେରାର ହୋଇଯାଇଥିଲେ।

ବିବାହର ୩୮ ବର୍ଷ ଉପଲକ୍ଷେ



ଖୋର୍ଦ୍ଧା: ବେଗୁନିଆ (ଭଇଁରୀ ସାହି) ନିବାସୀ ଶ୍ରୀଯୁକ୍ତ ଶାନ୍ତିଶେଖର ମହାପାତ୍ର (ବାବି ବାବୁ) ଓ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ସବିତା ମହାପାତ୍ରଙ୍କ ବିବାହର ୩୮ ବର୍ଷ ଉପଲକ୍ଷେ ତାଙ୍କର ପରିବାର ତରଫରୁ ଅଭିନନ୍ଦନ ଏବଂ ଶ୍ରୀଜଗନ୍ନାଥଙ୍କ ନିକଟରେ ଉଭୟଙ୍କ ନିରାମୟ ଓ ଦୀର୍ଘ ଜୀବନ କାମନା କରିଛନ୍ତି।

ଧ-୨୦୭୫୩

Happy Birthday



Bismaya Ranjan Mohanty.

The years We shared while growing up are like treasures to me. I can remember our every moment of laughter. Happy Birthday, my dear Son. Jeje, Maa, Bapa, Bou, friends and relative.

D-20757

# ନୂଆ ପ୍ରଜାତିର ସ୍ତନ୍ୟପାୟୀ

**ନୂଆଦିଲ୍ଲୀ:** ଭାରତର ଜୁଲୋଜିକାଲ ସର୍ଭେର ବୈଜ୍ଞାନିକମାନେ ଆଣ୍ଡାମାନ ଦ୍ୱୀପପୁଞ୍ଜରୁ ଏକ ନୂଆ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଆବିଷ୍କାର କରିଛନ୍ତି।



ନେଚର ନାମକ ପତ୍ରିକାରେ ଏହି ଆବିଷ୍କାର ସମ୍ପର୍କରେ ପ୍ରକାଶ ପାଇଛି। ନୂଆ ପ୍ରଜାତି କ୍ରୋସିଡୁରା ଗ୍ରୁପ୍‌ର ବୋଲି କୁହାଯାଉଛି। ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଆଗ୍ନେୟ ନାର୍‌କୋଣ୍ଡାମ୍ ଦ୍ୱୀପରୁ ମିଳିଥିବା କେତେକ ପ୍ରଜାତିର ଉଭୟ ମର୍ଫୋଲୋଜିକାଲ ଏବଂ ମଲିକୁଲାର ପରୀକ୍ଷା କରାଯାଇ ଏହାକୁ କ୍ରୋସିଡୁରା ଗ୍ରୁପ୍‌ରେ ସାମିଲ କରାଯାଇଥିବା ଗବେଷଣା ନିବନ୍ଧରେ ଉଲ୍ଲେଖ କରାଯାଇଛି। ଏହି ଗ୍ରୁପ୍‌ରେ ମୋଟ ୧୯୮ ପ୍ରକାର ପ୍ରାଣୀ ଅଛନ୍ତି। ସେମାନେ ବିଶେଷ କରି ଆଫ୍ରିକା, ୟୁରୋପ ଓ ଏସିଆ ମହାଦେଶରେ ଦେଖାଦେଇଥାନ୍ତି। ଏମାନଙ୍କ ଶରୀର କ୍ଷୁଦ୍ରରୁ ମଧ୍ୟମ ଆକାରର ହୋଇଥିବାବେଳେ ଛୋଟ ଓ ଘଞ୍ଚ ଲୋମ ରହିଥାଏ।

# ୮ କୁକୁରଙ୍କୁ ଗୁଳିକରି ହତ୍ୟା



**କୋହିମା:** ନାଗାଲାଣ୍ଡର ଏକ ଛାତ୍ର ସଙ୍ଗଠନ ପକ୍ଷରୁ ୮ ପୋଷା କୁକୁରଙ୍କୁ ଗୁଳି କରି ହତ୍ୟା କରାଯାଇଛି। କୁକୁରଙ୍କୁ ଭାକ୍ସିନ ଦେବା ପାଇଁ କୁହାଯାଇଥିଲେ ମଧ୍ୟ ମାଲିକମାନେ ଦେଇ ନ ଥିବାରୁ ଛାତ୍ର ସଙ୍ଗଠନ ଏପରି କାଣ୍ଡ ଭିଆଇଛି। ମୋନ୍ ଜିଲା ଡେପୁଟି କମିଶନର ଥଭାସୀଲାନ୍ କେ. ଶୁକ୍ରବାର ଏନେଇ ମାମଲା ରୁଜୁ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ରିପୋର୍ଟ ଆସିବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ମେ' ୧୭ରେ ଏହି କୁକୁରମାନଙ୍କୁ ହତ୍ୟା କରାଯାଇଥିଲା। ଏହାର କାରଣ ସମ୍ପର୍କରେ ବିଭିନ୍ନ ବିଷୟ ଶୁଣିବାକୁ ମିଳିଥିବା ସେ କହିଛନ୍ତି।

ପୋଲିସର କହିବା ହେଉଛି, ନୋକ୍‌ଜାଙ୍ଗ୍ ଷ୍ଟୁଡେଣ୍ଟସ୍ ୟୁନିୟନ୍ ପକ୍ଷରୁ ମୋନ୍ ଜିଲାରେ ମେ' ୮ରେ ଏକ ନୋଟିସ କରାଯାଇଥିଲା। ଆଦିବାସୀ ଅଧ୍ୟୁସିତ ନୋକ୍‌ଜାଙ୍ଗ୍ ଗ୍ରାମରେ ମେ' ୧୫ ତାରିଖ ପୂର୍ବରୁ ନିଜ ନିଜ କୁକୁରଙ୍କୁ ଜଳାତଙ୍କ ଟିକା ଦେବା ପାଇଁ ଏଥିରେ କୁହାଯାଇଥିଲା। ଭାକ୍ସିନ ନ ଦେଲେ କୁକୁରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହାସତ୍ତ୍ୱେ ମାଲିକମାନେ ଭାକ୍ସିନ ନ ଦେବାରୁ କୁକୁରମାନେ ଛୋଟପିଲା ଓ ଅନ୍ୟ ଜୀବଜନ୍ତୁଙ୍କୁ କାମୁଡ଼ିବାରେ ଲାଗିଥିଲେ। ତେଣୁ ଛାତ୍ର ସଙ୍ଗଠନ କର୍ମକର୍ତ୍ତା ୮ କୁକୁରଙ୍କୁ ଗୁଳି କରିଥିବା ପୋଲିସ କହିଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ କେତେଜଣ କର୍ମକର୍ତ୍ତା ନିର୍ଦ୍ଦେଶ ମାନି ନ ଥିବା କୁକୁର ମାଲିକଙ୍କଠାରୁ ୫୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରିଛନ୍ତି। ମ୍ୟାନ୍‌ମାର, ଆସାମ ଓ ଅରୁଣାଚଳ ପ୍ରଦେଶ ସୀମା ସହ ସଂଲଗ୍ନ ନାଗାଲାଣ୍ଡ ମୋନ୍ ଜିଲାର ଜନସଂଖ୍ୟା ହେଉଛି ୨,୫୦,୨୬୦। ନାଗାଲାଣ୍ଡ ଓ ମିଜୋରାମର କେତେକ ସମ୍ପ୍ରଦାୟ ପାଇଁ କୁକୁର ମାଂସ ଏକ ସୁସ୍ୱାଦୁ ବ୍ୟଞ୍ଜନ।

# ନିର୍ବନ୍ଧ ମୁଦି ୮.୭୫ କୋଟି



ଜେନିଫର୍ ଲୋପେଜ୍

**ୱାଶିଂଟନ:** ହଲିଉଡ ଷ୍ଟାର ଜେନିଫର୍ ଲୋପେଜ୍ ତାଙ୍କ ଲଭଲାଇଫ୍‌କୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ପ୍ରେମିକ ଆଲେକ୍ସ ରୋଡ୍ରିଗୁଏଜ୍‌ଙ୍କ ସହ ଜେନିଫରଙ୍କର ବ୍ରେକଅପ ହୋଇଯାଇଛି। ବ୍ରେକଅପ୍ ପରେ ଅଭିନେତ୍ରୀଙ୍କୁ ଏବେ ତାଙ୍କ ପୂର୍ବତନ ପ୍ରେମିକ ବେନ୍ ଆଫ୍ଲେକଙ୍କ ସହ ଦେଖିବାକୁ ମିଳୁଛି। ଜେନିଫର ଏବଂ ବେନ୍‌ଙ୍କ ନିର୍ବନ୍ଧ ମୁଦି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବେନ ୬.୧ କ୍ୟାରେଟ ପିଙ୍କ୍ ସଲିଟାୟାର୍ କଷ୍ଟମ ମେଡ ଡାଏମଣ୍ଡ ରିଙ୍ଗ୍ ସହିତ ଜେନିଫରଙ୍କୁ ପ୍ରପୋଜ କରିଛନ୍ତି। ଏହି ରିଙ୍ଗର ମୂଲ୍ୟ ୧.୨ ମିଲିୟନ ଡଲାର ଯାହା କି ଭାରତୀୟ ମୁଦ୍ରାରେ ୮ କୋଟି ୭୫ ଲକ୍ଷ ଟଙ୍କାରୁ ଅଧିକ। ୨୦୦୨ରେ ନିର୍ବନ୍ଧ ହେବାର ବର୍ଷକ ପରେ ଏହା ଭାଙ୍ଗିଯାଇଥିଲା। ଏବେ ପୁଣିଥରେ ଦୁହେଁ ଏକାଠି ହେବା ଲୋକଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

## Business

# ଏସ୍‌ବିଆଇର ଲାଭ ୮୦% ବଢ଼ିଲା

**ନୂଆଦିଲ୍ଲୀ,୨୧।୫:** ଦେଶର ସର୍ବବୃହତ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏସ୍‌ବିଆଇ ୨୦୨୦-୨୧ ଆର୍ଥିକ ବର୍ଷ ୪ର୍ଥ ତ୍ରୈମାସ ନେଟ୍ ଲାଭରେ ୮୦% ବୃଦ୍ଧି ଘଟି ୬୪୫୦ କୋଟି ଟଙ୍କା ରହିଛି। ବ୍ୟାଙ୍କର ଏନ୍‌ପିଏ ହ୍ରାସ ହେବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ୨୦୧୯-୨୦ ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ବ୍ୟାଙ୍କ ୩୫୮୦.୮୧ କୋଟି ଟଙ୍କାର ଲାଭ ହାସଲ କରିଥିଲା। ଗତ ଆର୍ଥିକ ବର୍ଷ ଜାନୁୟାର-ମାର୍ଚ୍ଚ ଅବଧିରେ ବ୍ୟାଙ୍କ ମୋଟ ଆୟ ୮୧,୩୨୬.୯୬ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ଏହା ୨୦୧୯-୨୦ ସମାନ ଅବଧିରେ ୭୬,୦୨୭.୫୧ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ନେଟ ସୁଧ ଜନିତ ଆୟ ୧୯% ବୃଦ୍ଧି ପାଇ ୨୭,୦୬୭ କୋଟି ଟଙ୍କା ରହିଛି; ଯାହା ଗୋଟିଏ ବର୍ଷ ତଳେ ସମାନ ଅବଧିରେ ୨୨,୭୬୭ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ଏନ୍‌ପିଏ ସ୍ଥିତି ଉନ୍ନତ ହେବା ସହ ୪.୯୮ % ସ୍ତରରେ ରହିଛି। ଏହା ପୂର୍ବ ଅବଧିରେ ୬.୧୫% ସ୍ତରରେ ରହିଥିଲା।

# ଆର୍‌ବିଆଇ ଦେବ ୯୯ ହଜାର କୋଟିର ଲାଭାଂଶ

**ମୁମ୍ବାଇ,୨୧।୫**

କୋଭିଡ୍-୧୯ ଦ୍ୱିତୀୟ ଲହର ଏବେ ଚିନ୍ତା ବଢ଼ାଇଛି। ଏଥିଲାଗି ବର୍ତ୍ତମାନ ସରକାରଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଏଭଳି ସ୍ଥିତିରେ ଆର୍‌ବିଆଇ ଏକ ଖୁସି ଖବର ଆଣିଛି। କେନ୍ଦ୍ରୀୟ ବ୍ୟାଙ୍କ ସରକାରଙ୍କୁ ୯୯,୧୨୨ କୋଟି ଟଙ୍କାର ଲାଭାଂଶ ହସ୍ତାନ୍ତର କରିବ ବୋଲି ଶୁକ୍ରବାର ଘୋଷଣା କରିଛି। କୋଭିଡ୍-୧୯ ଲଢ଼େଇରେ ସାମିଲ ହେବା ସହ ଆର୍‌ବିଆଇ ଅଦ୍ୟାବଧି ବିଭିନ୍ନ ପଦକ୍ଷେପ ଘୋଷଣା କରିଛି। ବର୍ତ୍ତମାନ ଏଭଳି ନୂଆ ଯୋଜନା ଦ୍ୱାରା ସରକାରଙ୍କୁ ଏହା ସହଯୋଗର ହାତ ବଢ଼ାଇଛି।

ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ପ୍ରାୟ ୯ ମାସର ବଳକା ଅର୍ଥ ବାବଦ ଏହି ରାଶି ଆର୍‌ବିଆଇ ସରକାରଙ୍କ ରାଜକୋଷକୁ ଦେବାକୁ ନିଷ୍ପତ୍ତି ନେଇଛି।



ଭିଡିଓ କନ୍‌ଫରେନ୍ସ ଯୋଗେ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ୟାଙ୍କର କେନ୍ଦ୍ରୀୟ ବୋର୍ଡ ବୈଠକରେ ଏ ନେଇ ସହମତି ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କ ଦେଉଥିବା ସରପ୍ଲସ୍‌କୁ ଡିଭିଡେଣ୍ଡ କୁହାଯାଇଥାଏ। ଆର୍‌ବିଆଇ ଏହାର ଆକାଉଣ୍ଟିଂ ବର୍ଷ ଅବଧି ଜୁଲାଇ-ଜୁନ୍‌କୁ ସରକାରଙ୍କ ଆର୍ଥିକ ବର୍ଷ ଏପ୍ରିଲ-ମାର୍ଚ୍ଚ ସହ ସମାନ୍ତରାଳ କରିଛି। ୧୯୪୦ଠାରୁ ଜୁଲାଇ-ଜୁନକୁ ଆର୍‌ବିଆଇ ଆର୍ଥିକ ବର୍ଷ ଭାବେ ଧାର୍ଯ୍ୟ କରିଥିଲା। ଏହାପୂର୍ବରୁ ଆର୍ଥିକ ବର୍ଷ ଜାନୁୟାରୀ-ଡିସେମ୍ବର ରହିଥିଲା। ବିମଲ ଜଲାନ କମିଟିର ସୁପାରିସ ମୁତାବକ, କେନ୍ଦ୍ରୀୟ ବ୍ୟାଙ୍କର ଜରୁରିକାଳୀନ ରିସ୍କ ପାଣ୍ଠିକୁ ୫.୫୦% ସ୍ତରରେ ରଖିବାକୁ ନିଷ୍ପତ୍ତି ହୋଇଛି। କରୋନା ଯୋଗୁ ଉପୁଜିଥିବା ସ୍ଥିତି ଦେଶର ଅର୍ଥ ବ୍ୟବସ୍ଥାକୁ କିଭଳି ପ୍ରଭାବିତ କରିଛି ସେ ନେଇ ମଧ୍ୟ ଆର୍‌ବିଆଇ ବୋର୍ଡ ବିଭିନ୍ନ ଦିଗକୁ ବିଚାର କରିଛି। ସେହିଭଳି ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଆଲୋଚନା ପରିସରଭୁକ୍ତ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଆର୍‌ବିଆଇ ୨୦୧୯-୨୦ ଆର୍ଥିକ ବର୍ଷରେ ସରକାରଙ୍କୁ ୫୭,୧୨୮ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଥିଲା। ୨୦୧୮-୧୯ରେ ଏହି ରାଶି ୧.୭୬ ଲକ୍ଷ କୋଟି ଟଙ୍କା ଥିଲା। ଏହା ମଧ୍ୟରେ ଲାଭାଂଶ ବାବଦ ୧.୨୩ ଲକ୍ଷ କୋଟି ଏବଂ ପରିବର୍ତ୍ତିତ ଇକୋନୋମିକ କ୍ୟାପିଟାଲ ଫ୍ରେମ୍‌ୱାର୍କ (ଇସିଏଫ୍) ବାବଦ ୫୨,୬୩୭ କୋଟି ଟଙ୍କା ରହିଥିଲା। କେନ୍ଦ୍ରୀୟ ବ୍ୟାଙ୍କର ୫୮୯ତମ ବୋର୍ଡ ବୈଠକରେ ଡେପୁଟି ଗଭର୍ନର ମୁକେଶ କୁମାର ଜୈନ, ମାଇକେଲ ଦେବବ୍ରତ ପାତ୍ର, ଏମ୍.ରାଜେଶ୍ୱର ରାଓ ଏବଂ ଟି.ରବିଶଙ୍କରଙ୍କ ସମେତ କେନ୍ଦ୍ରୀୟ ବୋର୍ଡର ନିର୍ଦ୍ଦେଶକ ଏନ୍.ଚନ୍ଦ୍ରଶେକରନ, ସତୀଶ କେ.ମରାଠେ, ଏସ୍.ଗୁରୁମୂର୍ତ୍ତି, ରେବତୀ ଆୟାର ଏବଂ ସଚିନ ଚତୁର୍ବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସରକାରଙ୍କ ଆର୍ଥିକ ସେବା ବିଭାଗ ସଚିବ ଦେବାଶିଷ ପଣ୍ଡା ଏବଂ ଅର୍ଥନୈତିକ ବ୍ୟାପାର ବିଭାଗ ସଚିବ ଅଜୟ ସେଠ୍ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।

# ନିବେଶକଙ୍କ ସମ୍ପତ୍ତି ୨.୪୧ ଲକ୍ଷ କୋଟି ବୃଦ୍ଧି

**ମୁମ୍ବାଇ,୨୧।୫**

ଶୁକ୍ରବାର ଭାରତୀୟ ପୁଞ୍ଜିବଜାରରେ କାରବାର ବେଶ୍ ଉନ୍ନତ ରହିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ୯୭୬ ପଏଣ୍ଟ ଊର୍ଦ୍ଧ୍ୱରେ ରହିଥିବା ଜଣାପଡ଼ିଛି। ଫଳରେ ନିବେଶକଙ୍କ ସମ୍ପତ୍ତି ୨.୪୧ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ଗତ ୨ ଦିନ କାରବାର କ୍ଷତି ପରେ ଶେୟାର ବଜାରରେ ଏଭଳି ପରିବର୍ତ୍ତନ ନଜରକୁ ଆସିଛି। କୋଭିଡ୍ ମାମଲା ସାମାନ୍ୟ ହ୍ରାସ ଏବଂ ଏସ୍‌ବିଆଇର ଲାଭ ଘୋଷଣା ଦ୍ୱାରା ନିବେଶକଙ୍କ ମନୋଭାବ ଉପରେ ଭଲ ପ୍ରଭାବ ପଡିଛି। ବିଶ୍ୱ ବଜାରର ଉନ୍ନତ ସ୍ଥିତି ଏବଂ ଡଲାର ତୁଳନାରେ ଟଙ୍କା ଦୃଢ଼ ହେବା ଯୋଗୁ ନିବେଶକ ଉତ୍ସାହିତ ଅଛନ୍ତି। ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସ ୯୭୫.୬୨ ପଏଣ୍ଟ (୧.୯୭%) ବୃଦ୍ଧି ଘଟି ୫୦,୫୪୦.୪୮ ପଏଣ୍ଟରେ ବନ୍ଦ ହୋଇଛି। ଚଳିତ ବର୍ଷ ମାର୍ଚ୍ଚ ୩୦ ପରଠାରୁ

**୯୭୬ ପଏଣ୍ଟ ଉଠିଲା ସେନ୍‌ସେକ୍ସ**



ସେନ୍‌ସେକ୍ସରେ ଏହା ସର୍ବାଧିକ ଦିନିକିଆ ବୃଦ୍ଧି ବୋଲି ଜଣାପଡିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି କାରବାର ୨୬୯.୨୫ ପଏଣ୍ଟ(୧.୮୧%) ବଢ଼ିବା ଯୋଗୁ ଏହା ୧୫,୧୭୫.୩୦ ପଏଣ୍ଟରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ସବୁଠାରୁ ଭଲ କାରବାର ହାସଲ କରିଥିବା ଶେୟାର ମଧ୍ୟରେ ଏଚ୍‌ଡିଏଫ୍‌ସି ଆଗରେ ରହିଛି। ଏହାର ଶେୟାର ୪.୪୮% ବଢ଼ିଛି। ସେହିଭଳି ଏସ୍‌ବିଆଇ ଶେୟାର ୪.୩୦% ବଢ଼ିଥିବା ନଜରକୁ ଆସିଛି।

# ଇନ୍‌ସଲଭେନ୍ସି ପ୍ରକ୍ରିୟା ଅଟକିବ ନାହିଁ

**ନୂଆଦିଲ୍ଲୀ,୨୧।୫**

ଇନ୍‌ସଲଭେନ୍ସି ପ୍ରକ୍ରିୟା ସାମ୍ନା କରୁଥିବା ବା ଦେବାଳିଆ କମ୍ପାନୀଙ୍କ ପ୍ରମୋଟର ଏବଂ ଏହାର ଗ୍ୟାରେଣ୍ଟରଙ୍କୁ ଜବରଦସ୍ତ ଝଟକା ଲାଗିଛି। ପ୍ରମୋଟର ଗ୍ୟାରେଣ୍ଟି ଉପରେ ଏକ ମାମଲାର ଶୁଣାଣି ସୁପ୍ରିମକୋର୍ଟ କରିଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି, ଦେବାଳିଆ ମାମଲାର ସମାଧାନ ପ୍ରକ୍ରିୟା ଅଟକିବ ନାହିଁ। ଦେବାଳିଆ କମ୍ପାନୀଙ୍କ ପ୍ରମୋଟର ଏବଂ ଗ୍ୟାରେଣ୍ଟରଙ୍କ ବିରୋଧରେ ଇନ୍‌ସଲଭେନ୍ସି ପ୍ରକ୍ରିୟା ଆରମ୍ଭ କରିବା ଲାଗି ଦେଶର ବ୍ୟାଙ୍କ ସମୂହଙ୍କ ଉଦ୍ୟମ

**ପ୍ରମୋଟର ଗ୍ୟାରେଣ୍ଟି ଉପରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଶୁଣାଣି**

ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଫାଇଲ କରାଯାଇଥିଲା। ଏହି ପିଟିଶନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଫଳରେ ବ୍ୟାଙ୍କ ସମୂହଙ୍କୁ ଆଶ୍ୱସ୍ତି ମିଳିଛି। ଅର୍ଥାତ୍ ଦେବାଳିଆ କମ୍ପାନୀଙ୍କ ପ୍ରମୋଟରଙ୍କ ଗ୍ୟାରେଣ୍ଟରଙ୍କ ବିରୋଧରେ ବର୍ତ୍ତମାନ ପୁଣି ଥରେ ଇନ୍‌ସଲଭେନ୍ସି ପ୍ରକ୍ରିୟା ଜାରି କରାଯାଇପାରିବ।



ଜଷ୍ଟିସ ଏଲ୍. ନାଗେଶ୍ୱର ରାଓ ଏବଂ ରବୀନ୍ଦ୍ର ଭଟ୍ଟଙ୍କ ଖଣ୍ଡପୀଠ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍ (ଆଇବିସି) ଅଧୀନରେ ୨୦୧୯ରେ ଜାରି କରାଯାଇଥିବା ବିଜ୍ଞପ୍ତିକୁ ଠିକ୍ ବୋଲି କହିଛନ୍ତି। ୨୦୧୯ରେ ସରକାର ଏ ନେଇ ଆଇନ ଆଣିଥିଲେ। ବ୍ୟାଙ୍କ ଗ୍ୟାରେଣ୍ଟି ଦେଉଥିବା କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କ ବିରୋଧରେ ସମାନ୍ତରାଳ ଭାବେ ଇନ୍‌ସଲଭେନ୍ସି ପ୍ରକ୍ରିୟା ଜାରି କରିବା ଲାଗି ଏଥିରେ ଅନୁମତି ଦିଆଯାଇଥିଲା। ବ୍ୟାଙ୍କ ସମୂହ ଗତବର୍ଷ ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନୀଲ ଅମ୍ବାନୀ, ଦିୱାନ ହାଉସିଂ ଫାଇନାନ୍ସ ଲିମିଟେଡ୍‌ର ଅଧ୍ୟକ୍ଷ କପିଲ ୱାଧୱାନ, ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ୍‌ର ସଞ୍ଜୟ ସିଂଘଲଙ୍କ ସମେତ ଅନ୍ୟ ବ୍ୟବସାୟୀଙ୍କ ବିରୋଧରେ ମାମଲା ଦାୟର କରିଥିଲେ। ହାଇକୋର୍ଟରେ ଏ ନେଇ ଆବେଦନ ହେବା ପରେ ମାମଲାକୁ ରୋକିଦିଆଯାଇଥିଲା। ଏବେ ଏହି ବ୍ୟକ୍ତିବିଶେଷଙ୍କ ଅଡୁଆ ବଢ଼ିବ। ବର୍ତ୍ତମାନ କୋର୍ଟଙ୍କ ନିଷ୍ପତ୍ତି ପରେ ଗ୍ୟାରେଣ୍ଟରଙ୍କଠାରୁ ବ୍ୟାଙ୍କ ନିଜ ରାଶି ଅସୁଲ କରିପାରିବେ। ଏହା ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ସମାଧାନ ଦିଗରେ ସହାୟକ ହେବ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ୱ ସୀମାଞ୍ଚଳ ସାହୁ
ତିରୋଧାନ: ୧୨।୦୫।୨୦୨୧
ତୋର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁଗଣ ୧୯୮୮ ବ୍ୟାଚ୍ କ୍ୟାପିଟାଲ ହାଇସ୍କୁଲ

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱ ଡଃ ପଦ୍ମିନୀ ମିଶ୍ର
ଆବିର୍ଭାବ - ୦୧.୦୨.୧୯୪୫
ତିରୋଧାନ - ୦୨.୦୫.୨୦୧୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୧୧୦୪

ଅଶ୍ରୁଳ ଓ ଭାବପୂତ ଶ୍ରଦ୍ଧାଞ୍ଜଳି



ୱ ଶୁଭ୍ରାଂଶୁ ଲାଲ୍
ଜନ୍ମ: ୦୬।୦୧।୧୯୭୧
ବିୟୋଗ: ୧୨।୦୫।୨୦୨୧
ଆଜିକୁ ୧୦ଦିନ ପୂର୍ବରୁ ସମସ୍ତଙ୍କୁ ଭବସାଗରରେ ଭସାଇ ଦେଇ ଚାଲିଗଲୁ ନିଷ୍ଠୁର ନିୟତିର ଡାକରେ। ଛାଡ଼ି ଚାଲିଗଲୁ ତୋର ଛୋଟ ଝିଅ ଓ ସ୍ତ୍ରୀକୁ, ମାଆକୁ, ଭାଇ ଓ ଭଉଣୀମାନଙ୍କୁ। ତୋର ସେଇ ହସହସ ମୁହଁ ଏବେ ବି ଆଖି ଆଗରେ ନାଚି ବୁଲୁଛି। ତୋତେ ଭୁଲି ହେଉନି କି ବିଶ୍ୱାସ ବି କରି ହେଉନି।
ତୋର ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ
ତୋର ଆତ୍ମା ଶାନ୍ତିରେ ରହୁ
ଧ-୨୦୭୫୬

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱ ମଞ୍ଜୁଳା ମହାନ୍ତି
ସ୍ୱାମୀ - ଶ୍ରୀ ଜୀବନାନନ୍ଦ ମହାନ୍ତି
ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ : ୦୯.୧୦.୧୯୫୨
ତିରୋଧାନ : ୧୨.୦୫.୨୦୨୧
ଆପଣ ହଠାତ୍ ଆମକୁ ଶୋକସାଗରରେ ଭସାଇ ବାହୁଡ଼ି ଗଲେ। ହେଲେ, ଆପଣଙ୍କ ଅନାବିଳ ସ୍ନେହ ମମତା ଓ ଶ୍ରଦ୍ଧା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ଆଜୀବନ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ।
ଶୋକସନ୍ତପ୍ତ
ପୁଅ-ଉମେଶ, ବୋହୂ-ମୀନର୍ଭା, ଝିଅ - ମୋନାଲିସା ଜ୍ୱାଇଁ - ଦିଗନ୍ତ, ନାତି - ସ୍ୱପ୍ନାଂଶ, ନାତୁଣୀ-ଆଶ୍ମିକା ପରିବାରବର୍ଗ, ବନ୍ଧୁ ଏବଂ ଆତ୍ମୀୟସ୍ୱଜନ
ଧ-୨୦୭୫୨

## କବିତା

### ପାଠ ପଢ଼ିବା, ଦେଶ ଗଢ଼ିବା



ଆଲୁଅ ପଛେ ଆସେ ଅନ୍ଧାର
ଦିଶଇ କେଡ଼େ କି ମନୋହର।

ପଢ଼ିଲେ ପାଠ ଦେଶର ଚାଟ
ଶିକ୍ଷାର ନଭେ ବସିବ ହାଟ।

ଦୁଃଖ ଯାତନା ଯିବ ଦୂରେଇ
ନୂଆ ଚେତନା ନିଶ୍ଚେ ଖେଳଇ।

ଜ୍ଞାନୀଟି ଯେବେ ଅଜ୍ଞାନୀ ହୁଏ
ମୂର୍ଖତା ଦୂର କରିବ କିଏ ?

ମଣିବା ସଭି ଭଉଣୀ ଭାଇ
ଛୁଆଁ ଅଛୁଆଁ ପଡ଼ିବ ନାହିଁ।

ପାଠ ପଢ଼ିବା ଦେଶ ଗଢ଼ିବା
ଶାନ୍ତ କପୋତ ଉଡ଼ାଇ ଦେବା।

*-ଜଗନ୍ନାଥ ସାମଲ*
*ତୁଳସୀପୁର, ଭଣ୍ଡାରୀପୋଖରୀ*

### ବଇଶାଖ

ବଇଶାଖ ଖରା ଆସିଲାଣି ପରା
ତତେଇ ଦେଲାଣି ଧରାକୁ
ଫାଟିଲାଣି ଭୂଇଁ ହେଉନାହିଁ ଚାହିଁ
ଦେଖି ଏ ପ୍ରଚଣ୍ଡ ଖରାକୁ।

ଝାଞ୍ଜି ବହିଲାଣି ଆମ୍ବ ପାଚିଲାଣି
ଶୋଭା ଦିଶେ ଆମ୍ବ ତୋଟାଟା
ଗମ ଗମ ଝାଳ ବହେ ପରବଳ
ଭିଜିଯାଏ ଦେହ ସାରାଟା।

ଏ କାଳେ ପଣସ ମହ ମହ ବାସ
ଲୋଭ ବଢ଼େ ଥରେ ଖାଇବି
କଷି ତାଳ ଗଜା ଆହା କେଡେ ମଜା
ଭୋଜନେ ଉଦର ଭରିବି।

ଋତୁ ଚକ୍ର ତାଳେ ଭୁବନ ମଣ୍ଡଳେ
ବଇଶାଖ ଯେବେ ଆସିବ
ଅସହ୍ୟ ଖରାକୁ ଦହି ପଖାଳକୁ
କିଏ ଅବା ଭୁଲି ପାରିବ।

*-ବସନ୍ତ କୁମାର ଦାସ*
*ରମ୍ଭା, ବରି, ଯାଜପୁର*

### ବାୟା ବସା



ବାୟା ଚଢ଼େଇ ବସା ସୁନ୍ଦର
ନିଖୁଣ ଗଢ଼ଣ ବସା ଉଡଲ

ସରୁ ସରୁ ସୂତା ତାଳ ପତ୍ରର
ସୁନ୍ଦର ସିଲେଇ ବାୟା ବସାର

ଅତି ଯତନରେ ତିଆରି ବସା
ପାଣି ପବନର ନାହିଁ ଆଶଙ୍କା

ନାଆଁ ସିନା ବାୟା କାମେ କୌଶଳ
ସୁନ୍ଦର ସ୍ଥାପତ୍ୟ ସ୍ଥପତି ଭଲ
ଅତି ମନୋରସ ବାୟାର ଘର
ଭଲ କାରିଗର ବାୟା ସୁନ୍ଦର।

*-ଧ୍ରୁବଚରଣ ଘିବେଲା*
*ବଡଦରାଜ, ବୌଦ୍ଧ*

### ଆଲୋକ ସଂଶ୍ଳେଷଣ

ପତ୍ରରେ ଥିବା ସବୁଜ କଣା
ସୂର୍ଯ୍ୟକିରଣ ପାଇ
ବାୟୁମଣ୍ଡଳୁ ଅଙ୍ଗାରକାମ୍ଳ
ଗ୍ୟାସ ସାହାଯ୍ୟ ନେଇ।

ଗଛର ମୂଳ ଶୋଷଣ କରି
ଭୂମିରୁ ଆଣେ ପାଣି
ଶ୍ୱେତସାର ଜାତୀୟ ଖାଦ୍ୟ
ପ୍ରସ୍ତୁତ ସେହିକ୍ଷଣି।

ଆଲୋକ ସଂଶ୍ଳେଷଣ ପ୍ରକ୍ରିୟା
ଏହାକୁ କୁହାଯାଏ
ଏପରି ଭାବେ ଖାଦ୍ୟ ପ୍ରସ୍ତୁତ
ବୃକ୍ଷ ହିଁ କରିଥାଏ।

ଖାଦ୍ୟ ପ୍ରସ୍ତୁତ ସମୟେ
ବୃକ୍ଷ ଅଙ୍ଗାରକାମ୍ଳ ନିଏ
ଦିନରେ ଖାଦ୍ୟ ପ୍ରସ୍ତୁତ ବେଳେ
ଅମ୍ଳଜାନ ହିଁ ଦିଏ।

*-ନିରଞ୍ଜନ ସାହୁ*
*ନିତ୍ୟାନନ୍ଦପୁର, ନିହଲପ୍ରସାଦ, ଢେଙ୍କାନାଳ*

### କୃଷ୍ଣଚୂଡ଼ା ହସେ



ତପନ ଜାଳନ୍ତି ଦାବାନଳ
ପ୍ରାଣୀଏ ହୁଅନ୍ତି ଭାରି ବିକଳ
ମେଘ ଭାସୁଥାଏ ପବନ ଦୋଳିରେ
ସଭିଏଁ ଚାହାନ୍ତି ହୋଇ ଆକୁଳ।

ଆକାଶକୁ ଚାହିଁ କୃଷ୍ଣଚୂଡ଼ା
ନାଲିଓଠ ମେଲି ହସେ ଖିଲିଖିଲି
ବାଣ୍ଟୁଛି କି ସୁଖ ମନ ଖୋଲି।

ସୂରୁଜ ବାଣ୍ଟନ୍ତି ଟାଣୁଆ ଖରା
ଛାଇତଳେ ବସି ବାଟୋଇ ଭାଇ
ଦୁଃଖ ଭୁଲିଯାଏ ତୋତେ ଚାହିଁ।

ଜାଣିଛୁକି ତୁହି ଯାଦୁ ମନ୍ତର
ମନ ମୋହୁଥାଏ ରୂପଟି ତୋର
ଝାଞ୍ଜି ପବନରେ ଦୋହଲି ଦୋହଲି
ସମସ୍ତଙ୍କୁ କରୁ କେଡ଼େ ନିଜର।

*-ସତ୍ୟନାରାୟଣ ପ୍ରସାଦ ନାୟକ*
*ଗୋସାଗରେଶ୍ୱର ଛକ, ରଥ ରୋଡ, ପୁରୁଣା ଭୁବନେଶ୍ୱର*

## ମତାମତ

➤ ପିଲାଙ୍କ ଧରିତ୍ରୀ ପୃଷ୍ଠାରେ କବିତାଗୁଡ଼ିକ ଛୋଟ ଏବଂ ବହୁତ ସୁନ୍ଦର ଲାଗିଲା।
*-ଜୟନ୍ତି ସ୍ୱାଇଁ, କେନ୍ଦ୍ରାପଡା*

➤କବିତା ସ୍ତମ୍ଭରେ ଚିତ୍ରଗୁଡ଼ିକ ମଧ୍ୟ ଏଥର ବହୁତ ସୁନ୍ଦର ହୋଇଥିଲା।
*-ବ୍ରହ୍ମାନନ୍ଦ ଖୁଣ୍ଟିଆ, କଟକ*

➤ଏହି ପୃଷ୍ଠାରେ ପ୍ରକାଶିତ ଗପଟିରେ ବହୁତ କିଛି ଶିକ୍ଷଣୀୟ କଥା ରହିଥିଲା।
*-ରଶ୍ମିରଞ୍ଜନ ପରିଡ଼ା, କୋରାପୁଟ*

➤କହିଲ ଦେଖି ସ୍ତମ୍ଭରେ ଛୋଟ ଛୋଟ କବିତା ଶୈଳୀରେ କଥା ଗୁଡ଼ିକ ସୁନ୍ଦରଭାବେ ଉପସ୍ଥାପିତ ହୋଇଥିଲା।
*-ସଂଗ୍ରାମ ପରିଡ଼ା, ଜଗତ୍‌ସିଂହପୁର*

- ତୁମ ତୂଳୀରୁ ସ୍ତମ୍ଭରେ ପିଲାଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ ଭାରି ସୁନ୍ଦର ଲାଗିଲା।
*-ଅସ୍ମିତା ମହାନ୍ତି, ପୁରୀ*

## ଆଇନା




ପ୍ରତିଲିପି
୯ ବର୍ଷ

## ଗପ

# ସତ

**ଶଶୀଧର ମହନୀ**

ଏକ ରାଜ୍ୟରେ ଜଣେ ପ୍ରସିଦ୍ଧ ରାଜା ଥିଲେ। ସେ ଭାରି ଧର୍ମପରାୟଣ ବ୍ୟକ୍ତି ଥିଲେ। ଦାନଧର୍ମ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ହେଲେ ସେହି ରାଜ୍ୟରେ କେତେକ ଖଳ ପ୍ରକୃତିର ଲୋକ ରହି ସାଧୁମାନଙ୍କୁ କଷ୍ଟ ଦେଉଥିଲେ।

ସେମାନଙ୍କ ଭିତରେ ଜଣେ ଥିଲା ସୁଦାମ। ସେ ଚୋରି କରେ। ସବୁବେଳେ ମିଛ କହେ। ଥରେ ଏସବୁ ବିଷୟରେ ରାଜା ଜାଣିବାକୁ ପାଇଲେ। ସୁଦାମ ମନକୁ କିପରି ପରିବର୍ତ୍ତନ କରାଯିବ ସେଥିପାଇଁ ସେ ଜଣେ ସାଧୁ ଲୋକଙ୍କୁ ସୁଦାମ ନିକଟକୁ ପଠାଇଲେ। ରାଜାଙ୍କଠାରୁ ଆଦେଶ ପାଇବା ପରେ ସେହି ସାଧୁ ବ୍ୟକ୍ତି ତା' ପର ଦିନ ସୁଦାମ ଘରେ ପହଞ୍ଚିଗଲେ। ତା' ପରିବାର ସହ ସେ ଏମିତି ମିଶିଗଲେ ଯେ ସାଧୁ ଜଣକ ନିଜର ଜନ୍ମ ବୃତ୍ତାନ୍ତ ଏବଂ ନିଜ ପରିବାର କଥା ସେମାନଙ୍କୁ କହି ପକାଇଲେ। ସୁଦାମକୁ ସାଧୁ କହିଲେ, 'ଦେଖ ସୁଦାମ, ତମେ ଜଣେ ଭଲ ମଣିଷ। ଏବେ ତୁମେ କ'ଣ କରୁଛ କୁହ।' ସୁଦାମ କହିଲା, ''ନିଜ ପରିବାର ଚଳାଇବାକୁ ମୁଁ ଚୋରି କରୁଛି, ନିଶାଦ୍ରବ୍ୟ ବିକୁଛି। ତା'ସହ ମିଛ କହୁଛି।'' ଏକଥା ଶୁଣି ସାଧୁ ପୁଣି ପଚାରିଲେ, 'ଆଚ୍ଛା ସୁଦାମ, ଏହାଦ୍ୱାରା ତୁମେ କ'ଣ ଶାନ୍ତିରେ ଅଛ ?' ସୁଦାମ ଉତ୍ତର ଦେଲା, ''ମୁଁ ଯେତେ ରୋଜଗାର କଲେ ମଧ୍ୟ ଅଭାବ ପଡୁଛି।

ସେଥିପାଇଁ ସବୁଦିନ ଆମ ଘରେ ଝଗଡ଼ା। ଭାରି ଅଶାନ୍ତିରେ କାଳ କାଟୁଛି। ଭାବୁଛି, ମୁଁ ଅନ୍ୟାୟ ବାଟରେ ତ ଏତେ ରୋଜଗାର କରୁଛି, ହେଲେ ମୋତେ ଅଣ୍ଟୁନାହିଁ କାହିଁକି ?'' ସାଧୁ ବ୍ୟକ୍ତି ସୁଦାମର କଥା ଶୁଣି ହସି ହସି କହିଲେ, 'ତୁମେ ଆଦୌ ବ୍ୟସ୍ତ ହୁଅନା। ମୁଁ ତୁମକୁ ଏପରି ମନ୍ତ୍ର ଦେବି ଯାହାକୁ ପାଳନ କଲେ ତୁମେ ଅତି ଆନନ୍ଦରେ ପରିବାର ପୋଷଣ କରିବ।' ପ୍ରଥମ କଥା, ତମେ ନିଶାଦ୍ରବ୍ୟ ବିକ୍ରି ଆଉ ଚୋରି ଛାଡିପାରିବ କି ? ସୁଦାମ ଉତ୍ତର ଦେଲା, ''ନା'। କାରଣ ଚୋରି କଲେ ମୁଁ ରାତିଏ ଗଲେ ହାତୀଏ ଆଣୁଛି। ତେଣୁ ଏ ଦୁଇଟି ଜିନିଷକୁ ଛାଡି ପାରିବି ନାହିଁ।'' ସାଧୁ କହିଲେ, ଆଚ୍ଛା ଠିକ୍ ଅଛି, ତୁମେ ମିଛ କହିବା ଛାଡି ପାରିବ ? ସୁଦାମ କହିଲା, ହଁ, ମିଛ କହିବା ଛାଡିପାରିବି। କାରଣ ଏଥିରେ କିଛି ଅସୁବିଧା ନାହିଁ। ଏକଥା ଶୁଣିବା ପରେ ସାଧୁ ମନେ ମନେ ଭାବିଲେ, 'ଏବେ ସୁଦାମ ବାଟକୁ ଆସିବ'। ତା'ପରେ ସୁଦାମକୁ କହିଲେ, 'ଆଜି ତୁମେ ଶପଥ ନିଅ ଯେ ଆଜିଠାରୁ କେବେ ମିଛ କହିବ ନାହିଁ।' ସୁଦାମକୁ ଶପଥ କରାଇ ସାଧୁ ବିଦାୟ ନେଲେ।



କିଛି ଦିନ ପରେ ସୁଦାମ ଗୋଟିଏ ଜାଗାକୁ ଚୋରି କରିବାକୁ ଗଲା। ଦେଖିଲା ବେଳକୁ ତାହା ରାଜ ପ୍ରାସାଦ। ପାଚେରି ଡେଇଁ ଭିତରକୁ ଯିବା ପରେ ଦେଖିଲା ସେଠାରେ ଆଉ ଜଣେ ବ୍ୟକ୍ତି ଠିଆ ହୋଇଛି। ସେ ସୁଦାମକୁ କହିଲା ଯେ ସେ ଜଣେ ଚୋର। ସୁଦାମ କହିଲା, ଆମେ ମିଶିକରି ଚୋରି କରିବା। ଯାହା ନେବା ଅଧା ଅଧା। ଚୋରି ଜିନିଷ ବଣ୍ଟା ହେଲା ବେଳେ ଅନ୍ୟ ଚୋର ଜଣକ ସୁଦାମକୁ କହିଲା, 'ଆମେ ସବୁ ନେଇ ଦୁଇଟି ହୀରା ହାର ରଖି ଦେଇଯିବା।' ପରଦିନ ମନ୍ତ୍ରୀ ଆସି ରାଜାଙ୍କୁ କହିଲେ, ଆଜ୍ଞା କାଲି କିଏ ଆମ ଭଣ୍ଡାର ଘରୁ ସବୁ ସୁନାରୁପା ଗହଣା ଚୋରି କରିନେଇଛି। ହେଲେ ଚୋର ଛାଡି ଦେଇ ଯାଇଥିବା ଦୁଇଟି ହୀରା ହାରକୁ ମନ୍ତ୍ରୀ ନିଜ ପକେଟରେ ରଖିଦେଇଥିଲେ। ରାଜା ଯେତେବେଳେ ସୁଦାମକୁ ଡାକି ଚୋରି କଥା ପଚାରିଲେ, ସେ କହିଲା, ଆଜ୍ଞା, ମୁଁ ଏବଂ ଆଉ ଜଣେ ଚୋର ମିଶି କରି ସୁନା ଗହଣା ନେଇଛୁ, ଏକଥା ସତ, ହେଲେ ଦୁଇଟି ହୀରା ହାର ଛାଡି ଦେଇ ଯାଇଥିଲୁ। ଏକଥା ଶୁଣି ରାଜା କହିଲେ, ଆରେ, ସେ ଚୋର ମୁଁ ନିଜେ ଥିଲି ଏବଂ ତୁମେ କେତେ ସତ କହୁଛ ତାହା ଜାଣିବାକୁ ଏପରି ଯୋଜନା କରିଥିଲି। ମନ୍ତ୍ରୀ ହୀରା ହାର ରଖିଥିବା କଥା ଜଣାପଡିଲା ଏବଂ ସେ ମନ୍ତ୍ରୀ ପଦ ହରାଇଲେ। ତା'ପରେ ସୁଦାମ ଭଲ ଲୋକ ହୋଇ ସୁଖରେ ଜୀବନ ଯାପନ କଲା।

*-ଚରମ୍ପା, ଭଦ୍ରକ*
*ମୋ : ୭୯୭୯୫୦୬୬୪୭*

## ଖିଲିଖିଲି ହସ

ଥରେ ସୋମ୍ ଘୋଡା ଉପରେ ବସି ଯାଉଥିଲା। ଏହାଦେଖି ତା' ସାଙ୍ଗ ସୁନୀତ ପଚାରିଲା, ଆରେ, ତୁ କାହିଁକି ହେଲମେଟ ପିନ୍ଧିନୁ ? ସୋମ୍ ବିଳମ୍ବ ନ କରି ଉତ୍ତର ଦେଲା, 'ଆରେ ମୁଁ କ'ଣ ଦୁଇ ଚକିଆରେ ଯାଉଛି ଯେ ହେଲମେଟ ପିନ୍ଧିବି ? ମୁଁ ତ ଚାରିଚକିଆରେ ଯାଉଛି। ତେଣୁ ହେଲମେଟ ପିନ୍ଧିବା କିଛି ଦରକାର ନାହିଁ।

ରାମବାବୁ ଅଫିସରୁ ଫେରିବା ପରେ ବାରଣ୍ଡାରେ ବସି ଚା' ପିଉଥାଆନ୍ତି। ଏହି ସମୟରେ ଗୋପାଳ ନାମକ ରୋଷେଇ କରୁଥିବା ବ୍ୟକ୍ତି ଜଣକ ଆସି ପଚାରିଲେ, 'ଆଜ୍ଞା, ମୋଟର ଖରାପ ହୋଇଯାଇଛି, କ'ଣ କରିବି ? ରାମ ବାବୁ କହିଲେ, ଆରେ ଏବେ ତ ସନ୍ଧ୍ୟା ହେଲାଣି। ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ଅପେକ୍ଷା କର। ମେକାନିକ ଡାକି ସଜାଡିଦେବା। ଗୋପାଳ କହିଲା, ଠିକ୍ ଅଛି ବାବୁ, ଆଜି ରାତିରେ ମୁଁ ଆଳୁ ମଟର ବଦଳରେ ଆଳୁ କୋବି ତରକାରି କରିଦେଉଛି।

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ରାତିରେ ସନଗ୍ଲାସ



ପିଲାମାନେ ତୁମେ ତ ଜାଣିଛ ପ୍ରବଳ ଖରାରୁ ରକ୍ଷା ପାଇବା ପାଇଁ ସମସ୍ତେ ସନଗ୍ଲାସ ପିନ୍ଧନ୍ତି। ତେଣୁ ରାତିରେ ସନଗ୍ଲାସ ଲଗାଇବାର କୌଣସି ଆବଶ୍ୟକତା ନ ଥାଏ। କିନ୍ତୁ ଏମିତି ରାତିରେ ବି ସନଗ୍ଲାସ ଲଗାଇବା ଏକ ସଉକ ହୋଇଗଲାଣି। ଏପରି କ୍ଷେତ୍ରରେ ଆମେରିକାର ଗ୍ରାଣ୍ଡ ରାପିଡ୍ ଅନୁଷ୍ଠାନ ନିଜ ନାମକୁ ଗିନିଜ ୱାର୍ଲ୍ଡ ରେକର୍ଡ ଅନ୍ତର୍ଭୁକ୍ତ କରିବାରେ ସକ୍ଷମ ହୋଇଛି। ଏହି ଅନୁଷ୍ଠାନ କେତେକ ବ୍ୟକ୍ତିମାନଙ୍କୁ ଏକତ୍ର କରି ବିଶ୍ୱ ରେକର୍ଡ କରିବାକୁ ମନସ୍ଥ କରିଥିଲା। ଉକ୍ତ ସଂସ୍ଥାର ଅନୁରୋଧ ରକ୍ଷା କରି ୧,୬୭୫ ଜଣ ବ୍ୟକ୍ତି ଗୋଟିଏ ସ୍ଥାନରେ ଏକତ୍ର ହୋଇଥିଲେ ଏବଂ ସମସ୍ତେ ସନଗ୍ଲାସ ପିନ୍ଧିଥିଲେ। ଏହାକୁ ଏକ ରେକର୍ଡ ଭାବରେ ଗ୍ରହଣ କରାଯାଇ ଗିନିଜ ୱାର୍ଲ୍ଡ ରେକର୍ଡ ପରିସରଭୁକ୍ତ କରାଯାଇଛି।

## ଟଗଲା ଭୀମୁ




## କହିଲ ଦେଖି

ଏମିତି ଅଟଇ ଲତାଟେ ମୁହିଁ
ଫଳ ନାହିଁ ମୋର ପତର ନାହିଁ
ନା ଅଛି ମୂଳ ମୋର ନା ଅଛି ଚେର
କିଏ ସେ ପାରିବ କହି ନାମ ମୋହର।



ଉ- **ନିର୍ମୂଳି**

ଶରୀର ଉପରେ ଖୋଳପାଟିଏ
ମନ୍ଥର ଗତିରେ ଚାଲଇ ସିଏ
ହାତ ଗୋଡ ମୁହଁ ଲୁଚାଉଥାଏ
କେବେ ଜଳ କେବେ ସ୍ଥଳରେ ରୁହେ
ନାମଟି ତାହାର କୁହ କହିବ କିଏ।



ଉ-**କଇଁଛ**

ସକାଳ ହୋଇଲେ ଡାକ ଛାଡଇ
ପାହିଗଲା ରାତି କାନେ କୁହଇ
କଳା ଅଟେ ସିନା ରୂପ ମୋହର
ଅଳସ ନ ହୋଇ ମୁଁ ଥାଏ ତତ୍ପର।



ଉ-**କୁଆ**

ହାତେ ଥାଳ ଥାଏ ମୁଣ୍ଡରେ ଛତା
ଦେହ ସାରା ତାଙ୍କ ଚିଳିକି ଚିତା
ବୋଲୁଥାନ୍ତି କେତେ ଗୀତ କବିତା
ଶିଖାଉଥାନ୍ତି କେତେ ମହତ୍ କଥା
ମୁହଁରେ ଥାଏ ସଦା ଢଗଢମାଳି
କିଏ ସେ ପାରିବ କହି ନାମ ଆମରି।



ଉ- **ଚକୁଳିଆ ପଣ୍ଡା**

*-ପ୍ରଶାନ୍ତ କୁମାର ନାଥ*
*ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର*

## ତୁମ ତୂଳୀରୁ




**ସତ୍ୟ ନାରାୟଣ ବାରିକ,** କ୍ଲାସ- ୯, ବି.ବି ହାଇସ୍କୁଲ, ଢେଙ୍କାନାଳ




**ଗାର୍ଗି ଦାସ,**କ୍ଲାସ-୫, ଲୟୋଲା ସ୍କୁଲ, ଭୁବନେଶ୍ୱର



**ଅନନ୍ୟା ରୁପାଲି ତ୍ରିପାଠୀ,** କ୍ଲାସ-୬, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି

# ମହିଳା ଚେସ୍ ବିଶ୍ୱକପ୍‌ରେ ଭାଗନେବେ ପଦ୍ମିନୀ

**ଭୁବନେଶ୍ୱର, ୨୧।୫(କ୍ରୀଡ଼ା ପ୍ରତିନିଧି)**

କରୋନାର କଷଣ ମଧ୍ୟରେ ରାଜ୍ୟ ଚେସ୍ ପାଇଁ ଆସିଛି ଏକ ଖୁସି ଖବର। ଓଡ଼ିଶା ଚେସ୍ ଆଇକନ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ପଦ୍ମିନୀ ରାଉତ ଫିଡେ ମହିଳା ଚେସ୍ ବିଶ୍ୱକପ୍‌ରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫିଡେ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁସାରେ ୨୦୧୮ରେ ଏସିଆନ ମହିଳା ଚାମ୍ପିୟନ ଭାବେ ପଦ୍ମିନୀ ଆଗାମୀ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଫିଡେ ମହିଳା ବିଶ୍ୱକପ୍ ୨୦୨୧ ରୁଷିଆର ସୋଚିଠାରେ ଜୁଲାଇ ୧୦ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ଭାରତୀୟ ଖେଳାଳିମାନେ ହେଲେ ଗ୍ରାଣ୍ଡମାଷ୍ଟର (ଜିଏମ୍) କୋନେରୁ ହମ୍ପି, ଜିଏମ୍ ହାରିକା ଦ୍ରୋଣାଭାଲି ଓ ଆଇଏମ୍ ଭକ୍ତି କୁଲକର୍ଣ୍ଣୀ।



ପଦ୍ମିନୀ ରାଉତ

୧୯୯୪ ଜାନୁୟାରୀ ୫ରେ ଜନ୍ମିତ ପଦ୍ମିନୀ ଚେସ୍ ଜଗତରେ ଏକ ପରିଚିତ ନାମ। ୨୦୦୩ରୁ ସେ ଏ ପର୍ଯ୍ୟନ୍ତ ଚେସ୍‌ରେ ସକ୍ରିୟ ରହି ଅନେକ ସୁନାମ ସାଉଁଟିଛନ୍ତି। ୨୦୦୫ରେ ପ୍ରଥମ ଜାତୀୟ ଟାଇଟଲ(୧୧ ବର୍ଷରୁ କମ୍ ବାଳିକା, ନାଗପୁର) ସ୍ୱାଦ ଚାଖିଥିବା ପଦ୍ମିନୀ ୨୦୦୬ରେ ଉଭୟ ୧୩ ବର୍ଷରୁ କମ୍ ବାଳିକା ଏବଂ ୧୨ ବର୍ଷରୁ କମ୍ ବାଳିକା ଏସିଆନ ଚାମ୍ପିୟନ ହୋଇଥିଲେ। ୨୦୦୮ରେ ସେ ଉଭୟ ୧୪ ବର୍ଷରୁ କମ୍ ଏସିଆନ ଏବଂ ୱାର୍ଲ୍ଡ ୟୁଥ୍ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଥିଲେ। ଏହାର ପରବର୍ଷ ସେ ଏସିଆନ ଜୁନିୟର (୨୦ ବର୍ଷରୁ କମ୍) ବାଳିକା ଚାମ୍ପିୟନଶିପ୍‌ରେ ସେ ପ୍ରଥମସ୍ଥାନ ଅଧିକାର କରିଥିଲେ। ୨୦୧୦ରେ ଜାତୀୟ ଜୁନିୟର ବାଳିକା (୧୯ ବର୍ଷରୁ କମ୍) ଚାମ୍ପିୟନ ହେବା ସହ ଉଭୟ ଏସିଆନ ଏବଂ ବିଶ୍ୱ ଜୁନିୟର ବାଳିକା ଚେସ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ବିଜୟିନୀ ହୋଇଥିଲେ। ୨୦୧୧ ଏସିଆନ ମହିଳା ଚେସ୍ ଚାମ୍ପିୟନଶିପ୍‌ରେ ସେ ରୌପ୍ୟ ପଦକ ଜିତିଥିବା ଭିଏତନାମ୍‌ର ଫାମ୍ ଲି ଥାଓ ଏନ୍‌ଗୁଏନଙ୍କ ସମକକ୍ଷ ୬ ପଏଣ୍ଟ ପାଇଥିଲେ ହେଁ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ତେବେ ୨୦୧୮ରେ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୭ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଥିଲେ। ୨୦୧୪ରେ ସେ ୪୧ତମ ଜାତୀୟ ମହିଳା ପ୍ରିମିୟର ଚେସ୍ ଚାମ୍ପିୟନଶିପ୍‌ରେ ଟାଇଟଲ ଜିତିଥିଲେ। ୨୦୧୫, ୨୦୧୬ ଓ ୨୦୧୭ରେ ସେ ଏହି ଟାଇଟଲ ବଜାୟ ରଖିଥିଲେ। ଏହା ବ୍ୟତୀତ ୨୦୧୫ରେ ସେ ରାଜ୍ୟଗୋଷ୍ଠୀ ଚେସ୍ ଟାଇଟଲ ହାସଲ କରିଥିଲେ। ପ୍ରଦର୍ଶନକୁ ଭିତ୍ତିକରି ପଦ୍ମିନୀ ମହିଳା ଚେସ୍ ଅଲିମ୍ପିଆଡ, ମହିଳା ବିଶ୍ୱ ଟିମ୍ ଚେସ୍ ଚାମ୍ପିୟନଶିପ୍ ଏବଂ ମହିଳା ଏସିଆନ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ୨୦୧୪ରେ ସେ ନରୱେରେ ଅନୁଷ୍ଠିତ ମହିଳା ଚେସ୍ ଅଲିମ୍ପିଆଡ୍‌ର ରିଜର୍ଭ ବୋର୍ଡରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରଥମ ଭାରତୀୟ ଭାବେ ସେ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର ଗୌରବ ଅର୍ଜନ କରିଥିଲେ। ଏହାପରେ ୨୦୧୬ରେ ବାକୁ, ଆଜରବୈଜାନ ଏବଂ ୨୦୧୮ରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡ୍‌ରେ ଭାରତୀୟ ଦଳର ସଦସ୍ୟା ରହି ଆସିଛନ୍ତି।

ଖେଳ ପ୍ରତି ପ୍ରତିଶ୍ରୁତିବଦ୍ଧତା ପାଇଁ ସେ ୨୦୦୭ରେ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲୁଜିଏମ୍) ଏବଂ ୨୦୧୫ରେ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଟାଇଟଲ ହାସଲ କରିଥିଲେ। ଏସ୍‌ଆର୍ ଚେସ୍ ସେଣ୍ଟରରେ ସତ୍ୟରଞ୍ଜନ ପଟ୍ଟନାୟକଙ୍କଠାରୁ କୋଚିଂ ନେଇ ସେ ଚେସ୍ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ନୀରଜ କୁମାର ମିଶ୍ର, ଶେଖର ଚନ୍ଦ୍ର ସାହୁ, ୟୁକ୍ରେନ ଗ୍ରାଣ୍ଡମାଷ୍ଟର ଜର୍ଜି ଟିମୋଶେଙ୍କୋ ଆଦି କୋଚ୍‌ଙ୍କଠାରୁ ପ୍ରଶିକ୍ଷଣ ନେଇଥିଲେ। ସମ୍ପ୍ରତି ୨୩୭୦ ରେଟିଂରେ ଥିବା ପଦ୍ମିନୀ କ୍ୟାରିୟରରେ ଗୋଟିଏ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରି ସାରିଛନ୍ତି। ଫଳରେ ଦେବାଶିଷ ଦାସ (୨୫୦୧) ଏବଂ ସ୍ୱୟମ୍ଭ ମିଶ୍ର(୨୪୮୯)ଙ୍କ ପରେ ସେ ରାଜ୍ୟର ତୃତୀୟ ଗ୍ରାଣ୍ଡମାଷ୍ଟର ହେବା ଆଶା ଉଜ୍ଜୀବିତ କରିଛନ୍ତି।

## ‘ଭଲ ପ୍ରଦର୍ଶନ ଆଶା ରହିଛି’

ଏପରି ଏକ ଖବରରେ ସ୍ୱାଭାବିକ ଭାବେ ଖୁସି ଜାହିର କରିଛନ୍ତି ପଦ୍ମିନୀ। ଏହା ଏକ ସମ୍ମାନଜନକ ଟୁର୍ନାମେଣ୍ଟ। ତେଣୁ ଏଥିପାଇଁ ମୁଁ ବିଶେଷ ପ୍ରସ୍ତୁତି ଚଳାଇଛି। କୋଭିଡ୍-୧୯ ମହାମାରୀଜନିତ କଟକଣା ଲାଗି ରହିଥିବାରୁ ଘରେ ବସି ଅନ୍‌ଲାଇନ୍‌ରେ ସାଥିମାନଙ୍କ ସହ ଅଭ୍ୟାସ କରିବା ସହ ଟ୍ରେନରଙ୍କଠାରୁ ପରାମର୍ଶ ନେଉଛି। ଅନ୍ୟ ସମୟରେ ବହି ପଢ଼ି ଜ୍ଞାନ ଆହରଣ କରୁଛି ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ପଦ୍ମିନୀ। ପ୍ରସ୍ତୁତି ଠିକ୍ ଚାଲିଛି। ଆଗାମୀ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବି ବୋଲି ଆଶା ରହିଛି। ଜୁଲାଇ ବେଳକୁ କରୋନା ସଂକ୍ରମଣ କମିଥିବ ବୋଲି ଆଶା କରୁଛି। ଫଳରେ ରୁଷିଆ ଯିବା ପାଇଁ ସମସ୍ତ ଆନୁଷଙ୍ଗିକ କାଗଜପତ୍ର ପ୍ରସ୍ତୁତ ହୋଇପାରିବ ବୋଲି ସେ କହିଛନ୍ତି।

# ହକି ଇଣ୍ଡିଆକୁ ଏଫ୍‌ଆଇଏଚ୍ ପୁରସ୍କାର

**ଲାଉସାନେ, ୨୧।୫ (ପି.ଟି.)**

ଦେଶରେ ହକି ଖେଳର ସମୃଦ୍ଧି ଓ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହକି ଇଣ୍ଡିଆକୁ ଶୁକ୍ରବାର ସମ୍ମାନଜନକ ଇଟିନ୍ ଗ୍ଲିଚିଚ୍ ପୁରସ୍କାର ମିଳିଛି। ଏଠାରେ ଅନ୍‌ଲାଇନ୍‌ରେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ୪୭ତମ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏଥିରେ ଏଫ୍‌ଆଇଏଚ୍‌ର ସମ୍ମାନଜନକ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ହକି ପାଇଁ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷ, ଟିମ୍ ଓ ସଙ୍ଗଠନର କାର୍ଯ୍ୟକୁ ସ୍ୱୀକୃତି ପାଇଁ ଏହି ପୁରସ୍କାର ଦିଆଯାଇଥାଏ। ପାବ୍‌ଲୋ ନର୍ଗେ ପୁରସ୍କାର ଉଜ୍‌ବେକିସ୍ତାନ ହକି ମହାସଂଘକୁ ମିଳିଥିଲା। ନୂଆ ଭିତ୍ତିଭୂମି ଜରିଆରେ ପ୍ଲେଇଂ କଣ୍ଡିଶନରେ ଉନ୍ନତି ଆଣିବା, ୟୁଥ୍ ଡେଭଲପମେଣ୍ଟ ମଡେଲର ପ୍ରଚଳନ କ୍ଷେତ୍ରରେ ଉଦ୍ୟମ ପ୍ରଚେଷ୍ଟା ପାଇଁ ଏହି ପୁରସ୍କାର ଦିଆଯାଇଛି। ପୋଲାଣ୍ଡ ହକି ଆସୋସିଏଶନକୁ ଥେଓ ଇକେମା ପୁରସ୍କାର ଦିଆଯାଇଛି। ଆସୋସିଏଶନ ହକିର ବିକାଶ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ୩୦ଜଣ ନୂଆ କୋଚ୍‌ଙ୍କୁ ତାଲିମ ଦେବା ସହ ଦେଶର ୩,୦୦୦ ସ୍କୁଲ ପିଲାଙ୍କୁ ହକି ଖେଳ ସହିତ ସମ୍ପୃକ୍ତ କରାଇଛି। ବ୍ୟକ୍ତିଗତ ଭାବେ ଯେଉଁମାନେ ପୁରସ୍କାର ଜିତିଛନ୍ତି ସେମାନଙ୍କ ମଧ୍ୟରେ ରହିଛନ୍ତି ଇଂଲଣ୍ଡ ଷ୍ଟ୍ରାଇକର ସାମ୍ ୱାର୍ଡ, ୨୦୧୯ରେ ତାଙ୍କ ଆଖିରେ ଆଘାତ ଲାଗିବାରୁ ତାଙ୍କ କ୍ୟାରିୟର ପ୍ରତି ବିପଦ ଦେଖା ଦେଇଥିଲା। ସେ ସୁପର ଫେୟାର ପ୍ଲେ ଟ୍ରଫି ରେନେ ଜି’ ଫ୍ରାଙ୍କ୍ ପୁରସ୍କାର ଲାଭ କରିଛନ୍ତି। ଗଷ୍ଟ ଲାଥୋର୍ସ ମେମୋରିଆଲ ଟ୍ରଫି କ୍ରୋଏସିଆର ଇଭୋନା ମାକାର ଜିତିଥିଲେ। ଅମ୍ପାୟରିଂ ଡେଭଲପମେଣ୍ଟ କାର୍ଯ୍ୟ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ନ୍ୟୁଜିଲାଣ୍ଡର ଶାରନ ୱିଲିୟମସନ ଏଚ୍‌ଆର୍‌ଏଚ୍ ସୁଲ୍‌ତାନ ଆଜଲାନ୍ ଶାହା ପୁରସ୍କାର ପାଇଛନ୍ତି। ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡଠାରେ ନୂଆ ଜାତୀୟ ହକି ସେଣ୍ଟର ପ୍ରତିଷ୍ଠା ଦିଗରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ଏଫ୍‌ଆଇଏଚ୍‌ର ସମ୍ମାନଜନକ ପୁରସ୍କାର ୪୭ତମ ଅଧିବେଶନର ପ୍ରଥମ ଦିବସରେ ଘୋଷଣା କରାଯାଇଥିଲା।




# ପଲକ-ପାରୁଲଙ୍କୁ ପାରାଲିମ୍ପିକ୍ସ ଯୋଗ୍ୟତା



ପଲକ କୋହଲି ଓ ପାରୁଲ ପାରମାର।

**ନୂଆଦିଲ୍ଲୀ, ୨୧।୫ (ପି.ଟି.):** ଭାରତର ପ୍ରଥମ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଭାବେ ପଲକ କୋହଲି ଓ ପାରୁଲ ପାରମାର ଯୋଡ଼ି ଟୋକିଓ ପାରାଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କୋଭିଡ୍-୧୯ ମହାମାରୀଜନିତ ଭ୍ରମଣ କଟକଣା ଯୋଗୁ ୧୮ ବର୍ଷୀୟ ପଲକ ଏବଂ ଭେଟେରାନ ପାରୁଲ ମେ’ ୧୧ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ପାନିଶ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିପାରି ନ ଥିଲେ। ମାତ୍ର ପୂର୍ବ ପ୍ରଦର୍ଶନ ଆଧାରରେ ଏହି ଦୁଇ ଖେଳାଳି ପାରାଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଥିବା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ ଶୁକ୍ରବାର ସ୍ପଷ୍ଟ କରିଛି। ପଲକ ଓ ପାରୁଲ ଏସ୍‌ଏଲ୩-ଏସ୍‌ୟୁ୫ ମହିଳା ଡବଲ୍ସ ପାରା ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ ପାଇଁ ଯୋଗ୍ୟତା ପାଇଛନ୍ତି। ଏହା ହେବ ଦୁହିଁଙ୍କ ପାଇଁ ପ୍ରଥମ ପାରାଲିମ୍ପିକ୍ସ। ସ୍ପାନିଶ ଇଭେଣ୍ଟ ପୂର୍ବରୁ ଏହି ଯୋଡ଼ି ର୍‍ୟାଙ୍କିଙ୍ଗର ୫ମ ସ୍ଥାନରେ ଥିଲେ। ବିଡବ୍ଲ୍ୟୁଏଫ୍ ର୍‍ୟାଙ୍କିଙ୍ଗର ଶୀର୍ଷ ୬ ଯୋଡ଼ି ପାରାଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବା ନିୟମ ରହିଛି। ଭାରତୀୟ ଯୋଡ଼ି ଯଦିଓ ନିଶ୍ଚିତ ଥିଲେ ତେବେ ଅଫିସିଆଲ ଘୋଷଣାକୁ ଅପେକ୍ଷା କରିଥିଲେ। ଲକ୍ଷ୍ନୌରେ ଥିବା ପ୍ରଥମ ପେସାଦାର ପାରା ବ୍ୟାଡ୍‌ମିଣ୍ଟନ ଏକାଡେମୀ (ଗୌରବ ଖାନ୍ନା ଏକ୍ସେଲିଆ ବ୍ୟାଡ୍‌ମିଣ୍ଟନ ଏକାଡେମୀ)ରେ ପଲକ ଓ ପାରୁଲ ସମ୍ପ୍ରତି ଟ୍ରେନିଂ ନେଉଛନ୍ତି।

# ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ତାରିଖ ଘୋଷିତ

**ଭୁବନେଶ୍ୱର, ୨୧।୫(କ୍ରୀଡ଼ା ପ୍ରତିନିଧି)**

ଆଗାମୀ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଆୟୋଜନ ତାରିଖକୁ ଫିଫା କାଉନ୍‌ସିଲ ଅନୁମୋଦନ କରିଛି। ଫଳରେ ୟୁଥ ବିଶ୍ୱକପ୍ ଭାବେ ପରିଚିତ ହେଉଥିବା ଏହି ପ୍ରତିଯୋଗିତା ୨୦୨୨ ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ହେବା ନିଶ୍ଚିତ ହୋଇଛି। ଭାରତ ଦ୍ୱିତୀୟଥର ପାଇଁ ଏପରି ଏକ ବିଶ୍ୱସ୍ତରୀୟ ଫିଫା ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛି। ୨୦୧୭ରେ ଫିଫା ୧୭ ବର୍ଷରୁ କମ୍ (ପୁରୁଷ) ବିଶ୍ୱକପ୍ ଭାରତ ଆୟୋଜନ କରିଥିଲା। ଫିଫା ଇତିହାସରେ ଏହାକୁ ସବୁଠାରୁ ଅଧିକ ଦର୍ଶକ ଉପଭୋଗ କରିଥିଲେ। ୨୦୨୨ରେ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ର ୭ମ ସଂସ୍କରଣ ଭାରତରେ ଆୟୋଜିତ ହେବ। ପ୍ରକାଶଯୋଗ୍ୟ ଯେ, ୨୦୨୦ରେ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଆୟୋଜନ ପାଇଁ ଭାରତ ଅଧିକାର ପାଇଥିଲା। ମାତ୍ର କରୋନା ସଂକ୍ରମଣ ବଢ଼ିବାରୁ ଏହାକୁ ୨୦୨୧କୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଏହା ସମ୍ଭବ ହୋଇ ନ ଥିଲା। ତେଣୁ ୨୦୨୨ରେ ଏହାକୁ ଆୟୋଜନ ପାଇଁ ଭାରତକୁ ଅଧିକାର ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତା ଭାରତର ୫ ଭେନ୍ୟୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ, କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମ, ଗୁଆହାଟୀର ଇନ୍ଦିରା ଗାନ୍ଧୀ ଆଥ୍‌ଲେଟିକ୍ ଷ୍ଟାଡିୟମ, ଅହମଦାବାଦର ଏକ୍କା ଆରେନା ଓ ନଭି ମୁମ୍ବାଇର ଡି.ୱାଇ. ପାଟିଲ ଷ୍ଟାଡିୟମରେ ଆୟୋଜନ ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା।



# ବକ୍ସିଂ କୋଚ୍ ଓ.ପି. ଭରଦ୍ୱାଜଙ୍କ ପରଲୋକ

**ନୂଆଦିଲ୍ଲୀ, ୨୧।୫(ପି.ଟି.)**

ଜଣାଶୁଣା ବକ୍ସିଂ କୋଚ୍ ଓ.ପି. ଭରଦ୍ୱାଜ ୮୨ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ବକ୍ସିଂରେ ସେ ଭାରତର ପ୍ରଥମ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଜିତିଥିଲେ। ବୟସାଧିକ୍ୟ କାରଣରୁ ସେ ଦୀର୍ଘ ଦିନ ଧରି ଅସୁସ୍ଥ ରହି ଆସୁଥିଲେ। ୧୦ ଦିନ ତଳେ ତାଙ୍କ ସ୍ତ୍ରୀ ସନ୍ତୋଷ ସ୍ୱାସ୍ଥ୍ୟଗତ ଦୁର୍ବଳତା କାରଣରୁ ମୃତ୍ୟୁବରଣ କରିଥିଲେ। ୧୯୮୫ରେ ଭରଦ୍ୱାଜ ମିଳିତ ଭାବେ ରେସଲିଂ କୋଚ୍ ବାଲଚନ୍ଦ୍ର ଭାସ୍କର ଭଗବତ୍ ଓ ଆଥ୍‌ଲେଟିକ୍ସ କୋଚ୍ ଓ.ଏମ୍. ନାମ୍ବିଆରଙ୍କ ସହ କୋଚିଂରେ ଦେଶର ସର୍ବଶ୍ରେଷ୍ଠ ପୁରସ୍କାର ଦ୍ରୋଣାଚାର୍ଯ୍ୟ ପୁରସ୍କାର ଜିତିଥିଲେ। ଦୀର୍ଘଦିନ ଧରି ଅସୁସ୍ଥ ରହିବା ପରେ ସେ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ୧୦ ଦିନ ତଳେ ସ୍ତ୍ରୀଙ୍କ ଦେହାନ୍ତ କାରଣରୁ ସେ ମାନସିକ ଭାବେ ଆଘାତ ପାଇଥିଲେ ବୋଲି ତାଙ୍କର ଜଣେ ପାରିବାରିକ ବନ୍ଧୁ କହିଛନ୍ତି।

# ଅଲିମ୍ପିକ୍ସ ସୁରକ୍ଷିତ: ଆୟୋଜକ, ଜନତା ନାରାଜ

**ଟୋକିଓ, ୨୧।୫(ଏପି)**

ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ମାତ୍ର ୨ ମାସ ବାକି ରହିଛି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଆୟୋଜକମାନଙ୍କ ସହ ମିଶି ଶୁକ୍ରବାର ଅଲିମ୍ପିକ୍ସ ଆୟୋଜନ ନେଇ ତା’ର ଅନ୍ତିମ ପ୍ଲାନିଂ ସେସନ ସ୍ଥିର କରିଛି। କିଭଳି ଅଲିମ୍ପିକ ସଫଳତାର ସହ ଆୟୋଜନ ହେବ ତାହା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଆଗାମୀ ୩ ଦିନ ମଧ୍ୟରେ ବହୁତ କିଛି କରିବାକୁ ରହିଛି ବୋଲି ଆଇଓସି ଉପସଭାପତି ଜନ୍ କୋଟ୍ସ କହିଛନ୍ତି।

ଜାପାନର ୬୦ରୁ ୮୦ ପ୍ରତିଶତ ଲୋକ କୋଭିଡ୍-୧୯ ମହାମାରୀ ମଧ୍ୟରେ ଅଲିମ୍ପିକ୍ସ ଆୟୋଜନ ହେଉ ବୋଲି ଚାହୁଁନାହାନ୍ତି। ଜନସାଧାରଣ ଏ ନେଇ ଖୋଲାଖୋଲି ଭାବେ ଅସନ୍ତୋଷ ଜାହିର କରିସାରିଛନ୍ତି। ଫଳରେ ଜନସାଧାରଣ ଓ ଆୟୋଜକ ତଥା ସରକାରଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ସୃଷ୍ଟି ହୋଇଛି। ଯଦିଓ ଆୟୋଜକମାନେ ଅଲିମ୍ପିକ୍ସ ସମ୍ପୂର୍ଣ୍ଣ ସୁରକ୍ଷିତ ପରିବେଶରେ ଓ ନିରାପତ୍ତାରେ ଆୟୋଜନ ହେବ ବୋଲି ପ୍ରତିଶ୍ରୁତି ଦେଇ ଆସୁଛନ୍ତି ତେବେ ଅଲିମ୍ପିକ୍ସ ବାତିଲ କରିବା ନେଇ କୌଣସି ସୂଚନା ଦେଖିବାକୁ ମିଳିନାହିଁ। ଅଲିମ୍ପିକ୍ସ ଆୟୋଜନ ହେବ ବୋଲି ଆଇଓସି ବାରମ୍ବାର କହି ଆସୁଛି। ତେବେ ଅଲିମ୍ପିକ୍ ଆୟୋଜନ



ନେଇ ଅନ୍ତିମ ନିଷ୍ପତ୍ତି ନେବାର ଡେଡ୍ ଲାଇନ ଏବେ ବି ବାକି ଅଛି। ଏ ନେଇ ଅନ୍ତିମ ତାରିଖ ଆହୁରି ଗୋଟିଏ ମାସ ବାକି ଅଛି ବୋଲି ଆଇଓସିର ସବୁଠାରୁ ବରିଷ୍ଠ ଅଧିକାରୀ ରିଚାର୍ଡ ପାଉଣ୍ଡ କହିଛନ୍ତି। ଜୁନ୍ ଶେଷ ହେବା ପୂର୍ବରୁ ଅଲିମ୍ପିକ୍ସ ଆୟୋଜନ ହେବ କି ନା ସେ ନେଇ ସ୍ପଷ୍ଟ ହୋଇଯିବ ବୋଲି ସେ କହିଛନ୍ତି। ଇତିମଧ୍ୟରେ ଟୋକିଓ, ଓସାକା ଓ ଅନ୍ୟ ପ୍ରାନ୍ତରେ ଷ୍ଟେଟ୍ ଇମର୍ଜେନ୍ସି ଜାରି ରହିଛି। ମେ’ ୩୧ରେ ଏହା ଶେଷ ହେବ।

ଅନ୍ୟପଟେ ଷ୍ଟେଟ୍ ଇମର୍ଜେନ୍ସି ଜାରି ରହିଥିଲେ ମଧ୍ୟ ଅଲିମ୍ପିକ୍ସ ଆୟୋଜନ ହେବ ବୋଲି ଆଇଓସି ଉପସଭାପତି ଦାୟିତ୍ୱରେ ଥିବା ଜନ୍ କୋଟ୍ସ କହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏବଂ ଅନ୍ୟ ସାଇଣ୍ଟିଫିକ୍ ଓ ମେଡିକାଲ ଆଡ୍‌ଭାଇସ୍ ଅନୁସାରେ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ନିରାପତ୍ତା ମଧ୍ୟରେ ଅଲିମ୍ପିକ୍ସ ଆୟୋଜନ ହେବ ବୋଲି ସେ କହିଛନ୍ତି। କ୍ୱାଲିଫାଇଂ ଇଭେଣ୍ଟରୁ ୮୦ ଓ ର୍‍ୟାଙ୍କିଙ୍ଗରୁ ୨୦ ପ୍ରତିଶତ ଆଥ୍‌ଲେଟଙ୍କୁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ସୁଯୋଗ ଦିଆଯିବ। ଜୁଲାଇ ୧୨ରେ ଆଇଓସି ଅଧ୍ୟକ୍ଷ ଥୋମାସ ବାକ ଟୋକିଓରେ ପହଞ୍ଚିବାର ଯୋଜନା କରୁଛନ୍ତି। କରୋନା ପାଇଁ ସେ ତାଙ୍କର ପୂର୍ବ ଗସ୍ତକୁ ବାତିଲ କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସାଲେପୁରରୁ ୨୭ ପଜିଟିଭ୍ ଚିହ୍ନଟ

ସାଲେପୁର,(ଡି.ଏନ୍.ଏ.): ସାଲେପୁର ବ୍ଲକରେ ଜଣେ ତହସିଲ କର୍ମଚାରୀଙ୍କ ସମେତ ଶୁକ୍ରବାର ୨୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ୮ ବର୍ଷର ଶିଶୁପୁତ୍ର ରହିଛନ୍ତି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୮୨ ଜଣଙ୍କ ଆଣ୍ଟିଜେନ୍ ଓ ୫୨ଜଣଙ୍କ ଆରଟିପିସିଆର ପରୀକ୍ଷା ପରେ ଏହି ରିପୋର୍ଟ ମିଳିଛି।

## ସଂକ୍ଷେପରେ

### କଟକ ଜିଲାରେ ୧୦୮୪ ଆକ୍ରାନ୍ତ ଚିହ୍ନଟ

**କଟକ ଅଫିସ,୨୧।୫:** କ୍ରମାଗତ ଦ୍ୱିତୀୟ ଦିନ ପାଇଁ କଟକ ଜିଲାରେ ଏକହଜାର ଟପିଛି କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା। ଶୁକ୍ରବାର ଜିଲାରେ ୧୦୮୪ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସିଏମ୍ସି ଅଞ୍ଚଳରୁ ୫୩୨ ଆକ୍ରାନ୍ତ ରହିଛନ୍ତି। ସେହିଭଳି ଆଠଗଡ଼ରୁ ୭୦, ଆଠଗଡ଼ ଏନ୍ଏସିରୁ ୯, ବଡମ୍ବାରୁ ୯, ବାଙ୍କୀରୁ ୪୪,ବାରଙ୍ଗରୁ ୨୪, ଚୌଦ୍ୱାରରୁ ୩୩, କଟକ ସଦରରୁ ୪୭, ଡମପଡ଼ାରୁ ୧୩, କଣ୍ଟାପଡାରୁ ୬୦, ମାହାଙ୍ଗାରୁ ୪୨, ନରସିଂହପୁରରୁ ୨୪, ନିଆଳିରୁ ୩୨, ନିଶ୍ଚିନ୍ତକୋଇଲିରୁ ୩୧, ସାଲେପୁରରୁ ୩୦, ଟାଙ୍ଗୀରୁ ୪୪, ତିଗିରିଆରୁ ୧୩ ଏବଂ କଟକର ଅନ୍ୟ ଅଞ୍ଚଳରୁ ୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ ଶୁକ୍ରବାର ୬୪୬ ଜଣ କୋଭିଡ୍ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

### ଅସ୍ଥାୟୀ ହାଟ ବନ୍ଦ କଲା ପୋଲିସ

**କଟକସଦର,୨୧।୫(ଡି.ଏନ୍.ଏ.):** କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ କଟକ ସଦର ବ୍ଲକରେ କିଶୋର ନଗର ହାଟକୁ ବନ୍ଦ କରି ଦିଆଯାଇଥିଲା। ହେଲେ ଶୁକ୍ରବାର କିଶନ ନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ବ୍ୟବସାୟୀମାନେ ପରିବା ବିକ୍ରି ପାଇଁ ଆସିଥିଲେ। ମାତ୍ର ଜନ ସମାଗମ ବୃଦ୍ଧି ପାଇବାରୁ ତହସିଲଦାର ସୁଚେତା ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ୨ ଘଣ୍ଟା ପରେ ଅସ୍ଥାୟୀ ହାଟକୁ ବନ୍ଦ କରି ଦେଇଥିଲା। ଶୁକ୍ରବାର ସ୍ଥାୟୀ ହାଟର ପାଳି ହୋଇଥିବାରୁ ବ୍ୟବସାୟୀ ଓ ଖାଉଟିମାନେ ସକାଳ ୭ଟାବେଳେ ପ୍ରବଳ ମାତ୍ରାରେ ଭିଡ଼ ଜମାଇଥିଲେ।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ସାଲେପୁର,୨୧।୫(ଡି.ଏନ୍.ଏ.):** ସାଲେପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମର ଶରତ କୁମାର ସାହୁଙ୍କ ପୁତ୍ର ସରୋଜ କୁମାର ସାହୁଙ୍କ ଶୁକ୍ରବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସକାଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସରୋଜଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ଜଣେ ପରୋପକାରୀ ଯୁବକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ସାଲେପୁର ହାଇସ୍କୁଲ ଆଲୁମ୍ନି ଆସୋସିଏଶନ୍ ଆବାହକ ନନ୍ଦକିଶୋର ଭୂୟାଁ, ସାଇରାମ ଭୂୟାଁ, ପ୍ରଣବ ମହାନ୍ତି, ମାନସ ରଞ୍ଜନ ଭୂୟାଁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ଅଙ୍ଗନୱାଡ଼ି କେନ୍ଦ୍ର ସହାୟିକାଙ୍କ ପରଲୋକ

**ସାଲେପୁର,୨୧।୫(ଡି.ଏନ୍.ଏ.):** ସାଲେପୁର ବ୍ଲକ୍ ଅନ୍ତର୍ଗତ ରୋଧପୁର ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ ସହାୟିକା ଭାବେ କାର୍ଯ୍ୟ କରୁଥିବା ମୀନାରାଣୀ ଦାସ(୫୪)ଙ୍କ ଗୁରୁବାର ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ରୋଗାକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ସିଡିପିଓ ସୁଷମା ମହାପାତ୍ର, ସୁପରଭାଇଜର ସ୍ୱାଗତିକା ବେହେରା, ଅଙ୍ଗନୱାଡ଼ି କର୍ମୀ ବିଦ୍ୟୁଲତା ଦେଇ, ପ୍ରେମଲତା ପରିଡ଼ା, କୁନିଲତା ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ମହିମା ଧର୍ମର ପ୍ରବର୍ତ୍ତକ ପବିତ୍ର ବାବାଙ୍କ ଦେହାନ୍ତ

**ଖୁଣ୍ଟୁଣୀ,୨୧।୫(ଡି.ଏନ୍.ଏ.):** ମହିମା ଧର୍ମର ପ୍ରବର୍ତ୍ତକ, ବ୍ରହ୍ମ ଅବଧୂତ, ବିଶ୍ୱ ପ୍ରସିଦ୍ଧ ଜୋରନ୍ଦା ମହିମା ସାଧୁ ସମାଜ ସଭାପତି ପବିତ୍ର ବାବାଙ୍କର ଗୁରୁବାର ରାତିରେ କଟକ ଯୋବ୍ରାସ୍ଥିତ ମହିମା ଆଶ୍ରମରେ ଦେହାନ୍ତ ହୋଇଛି। ଶେଷ ସମୟବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ସେ ଏପ୍ରିଲ ୨୨ତାରିଖରୁ ଶଯ୍ୟାଶାୟୀ ଥିଲେ। ତାଙ୍କର ମରଶରୀରକୁ ଶୁକ୍ରବାର ଯୋବ୍ରାରୁ ଅଣାଯାଇ ତାଙ୍କର ଆଠଗଡର ଗୋବରା ମହିମା ଆଶ୍ରମରେ କୋଭିଡ୍ ନିୟମ ଅନୁସାରେ ସମାଧି କରାଯାଇଥିଲା। ଗୁରୁକୁଳ ତଥା ମହିମା ଧର୍ମର ସୁରକ୍ଷା ନିମନ୍ତେ ସେ ୬୦ ବର୍ଷ ଧରି ଆଠଗଡ଼, ଢେଙ୍କାନାଳ, ଭୁବନେଶ୍ୱର, କଟକ ଜିଲାର ବିଭିନ୍ନ ଗ୍ରାମକୁ ପଦଯାତ୍ରା କରି ଶିଷ୍ୟଙ୍କୁ ଗୁରୁ ବାନା ବଲ୍କଳ ପ୍ରଦାନ କରିଥିଲେ। ମହିମା ସ୍ୱାମୀ ବିଶ୍ୱନାଥ ବାବାଙ୍କ ଦେହାନ୍ତ ପରେ ପବିତ୍ର ବାବା ତାଙ୍କଠାରୁ ଦାୟିତ୍ୱ ନେଇଥିଲେ। ତାଙ୍କ ଦେହାନ୍ତ ମହିମା ସାଧୁ ସମାଜ ପାଇଁ ଅପୂରଣୀୟ କ୍ଷତି ଘଟିଲା ବୋଲି ଗୋବରାର ସାମାଜିକ କର୍ମୀ ଶରତ ଖୁଣ୍ଟିଆ କହିଛନ୍ତି। ତାଙ୍କ ସମାଧି ସ୍ଥଳରେ ବିଶିଷ୍ଟ ସାଧୁ ନକୁଳ ବାବା, ଲମ୍ବୋଦର ବାବା, ଶୁକ ବାବା, କୈଳାସ ବାବା ଓ ଅନାମ ବାବା ପ୍ରମୁଖ ଉପସ୍ଥିତ ଥିଲେ।

# କରୋନା ଉଜାଡ଼ିଲା ବେଉସା

- ଚିନ୍ତାରେ ବ୍ୟବସାୟୀ
- ପରିବାର ଚଳାଇବା କଷ୍ଟକର ହୋଇପଡୁଛି

**କଟକ ଅଫିସ,୨୧।୫**

ରାଜ୍ୟରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଲକ୍ଡାଉନ୍ ଓ ଶଟ୍ଡାଉନ୍ ଅବଧିକୁ ବୃଦ୍ଧି କରିଛନ୍ତି। ଏହାର ପ୍ରଭାବ କଟକ ସହରରେ ଥିବା ଛୋଟ ଦୋକାନୀ, ଉଠାଦୋକାନୀଙ୍କ ଉପରେ ପଡିଛି। ଲକ୍ଡାଉନ୍ ଓ ଶଟ୍ଡାଉନ୍ ଯୋଗୁ ବ୍ୟବସାୟୀମାନେ ସେମାନଙ୍କ ଦୋକାନ ଖୋଲିପାରୁନାହାନ୍ତି। ଫଳରେ ସେମାନଙ୍କର ବ୍ୟବସାୟ ଠପ୍ ହୋଇଯାଇଛି। ପୂର୍ବବର୍ଷ ଲକ୍ଡାଉନ୍ ସମୟରେ ସେମାନଙ୍କ ବ୍ୟବସାୟରେ ବ୍ୟାପକ କ୍ଷତି ହୋଇଥିଲା। ପରିସ୍ଥିତିରେ ସୁଧାର ଆସିବା ପରେ ସେମାନେ ବ୍ୟବସାୟ ଆରମ୍ଭ କରିଥିଲେ। ହେଲେ କରୋନାର ଦ୍ୱିତୀୟ ଲହର ସେମାନଙ୍କ ବେଉସା ଉଜାଡିଦେଇଛି। ରୋଜଗାର ନ ଥିବାରୁ ସେମାନେ ଘରେ ବସିଛନ୍ତି। ଏଭଳି ପରିସ୍ଥିତିରେ ପରିବାର ପ୍ରତିପୋଷଣ କରିବା, ଘରଭଡା ଓ ପିଲାଙ୍କ ପାଠପଢା ଖର୍ଚ୍ଚ ଦେବା ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ତୁରନ୍ତ ସରକାର କିଛି ଆର୍ଥିକ ସହାୟତା ଯୋଗାଇଦେଲେ ପରିସ୍ଥିତିରେ ସୁଧାର ଆସିପାରନ୍ତା ବୋଲି ବ୍ୟବସାୟୀମାନେ କହିଛନ୍ତି।



ସିଏମ୍ସି ପକ୍ଷରୁ ୨୦୧୭ ମସିହାରେ ହୋଇଥିବା ସର୍ଭେ ଅନୁସାରେ ସହରରେ ୩୪୬୩ ଜଣ ଛୋଟ ଓ ଉଠା ଦୋକାନୀ ଅଛନ୍ତି। ସେଥିମଧ୍ୟରୁ ପୂର୍ବବର୍ଷ ଲକ୍ଡାଉନ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୯୧୯ କ୍ଷୁଦ୍ର ବ୍ୟବସାୟୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ଦିଆଯାଇଥିଲା। ଅନ୍ୟ ୧୫୪୪ ଜଣ ବ୍ୟାଙ୍କ ଡିଟେଲ୍ସ ଠିକ୍ ଭାବେ ଦେଇ ନ ପାରିବାରୁ ସେମାନେ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି।

**-ଅମ୍ରିତ ସରକାର, ସିଏମ୍ସି ବସ୍ତି ଉନ୍ନୟନ ଅଧିକାରୀ**



ଗତବର୍ଷ ଲକ୍ଡାଉନ୍ବେଳେ କେନ୍ଦ୍ର ସରକାର କ୍ଷତିପୂରଣ ବାବଦକୁ ବ୍ୟବସାୟୀମାନଙ୍କୁ ୧୦ ହଜାର ଟଙ୍କା ଲେଖାଏ ଦେଇଥିଲେ। ହେଲେ ୨୦ ଦିନ ତଳେ କେତେଜଣ ବ୍ୟବସାୟୀଙ୍କୁ ବ୍ୟାଙ୍କ୍ ପକ୍ଷରୁ ଏହି ଅର୍ଥ ପ୍ରଦାନ କରାଯାଇଥିଲା। ଆହୁରି ଅନେକ ଜଣ ଏ ବାବଦ ଅର୍ଥ ପାଇନାହାନ୍ତି। ଚଳିତବର୍ଷ ଲକ୍ଡାଉନ୍, ଶଟ୍ଡାଉନ୍ ଯୋଗୁ ବ୍ୟବସାୟ ଠପ୍ ହୋଇଯାଇଛି। ସରକାର ଯଦି କିଛି ଅର୍ଥ ସହାୟତା କରନ୍ତେ ଭଲ ହୁଅନ୍ତା।

**-ଚନ୍ଦନ କୁମାର ଦତ୍ତ, ଚା' ଦୋକାନୀ**



ଆଗରୁ ଦିନକୁ ୪/୫ ହଜାର ଟଙ୍କା ବ୍ୟବସାୟ ହେଉଥିଲା। ଏବେ ଲକ୍ଡାଉନ୍ ଓ ଶଟ୍ଡାଉନ୍ ଯୋଗୁ ବ୍ୟବସାୟ ବନ୍ଦ ହୋଇଯାଇଛି। ମାଲିକ ଦୋକାନ ଘର ବାବଦକୁ ଭଡା ଛାଡୁନାହାଁନ୍ତି। ଏପରିସ୍ଥିତିରେ ଚଳିବା କଷ୍ଟକର ହୋଇପଡିଛି। ସରକାର ଛୋଟ ଦୋକାନୀଙ୍କ ପ୍ରତି ଦୃଷ୍ଟି ଦେଇ ସହାୟତା ଯୋଗାଇ ଦିଅନ୍ତୁ।

**-ସତ୍ୟଜିତ୍ ରାଉତ, ଜଳଖିଆ ଦୋକାନୀ**



ଦୋକାନ ବନ୍ଦ ରହିବାରୁ ଘରଭଡା, ପିଲାଙ୍କ ପାଠପଢ଼ା ଖର୍ଚ୍ଚ ଓ ପରିବାର ଚଳାଇବା ଆମ ପାଇଁ କଷ୍ଟକର ହୋଇଯାଇଛି। ଆୟ ତୁଳନାରେ ବ୍ୟୟ ଅଧିକ ମାତ୍ରାରେ ହେଉଛି।

**-ଶରତ ସାହୁ, ପାନ ଦୋକାନୀ**

## ପୋଲିସ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

**ଚୌଦ୍ୱାର,୨୧।୫(ଡି.ଏନ୍.ଏ.)**

ପୁରୀରେ କାର୍ଯ୍ୟରତ ଧରିତ୍ରୀ ଖବରଦାତାଙ୍କୁ ପୋଲିସର ଆକ୍ରମଣ ଘଟଣାକୁ ଚୌଦ୍ୱାର ଅଞ୍ଚଳରେ ଥିବା ବିଭିନ୍ନ ଅନୁଷ୍ଠାନ, ବୁଦ୍ଧିଜୀବୀ, ଖବରଦାତା ସଂଘ ଓ ବ୍ୟବସାୟୀ ସଂଘ ନିନ୍ଦା କରିଛନ୍ତି। ପୋଲିସର ଏଭଳି ଅମାନୁଷିକ ଆକ୍ରମଣକୁ ଶୁକ୍ରବାର ଚୌଦ୍ୱାର ପ୍ରେସ କ୍ଲବର ସଭାପତି ତଥା ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ବରିଷ୍ଠ ଖବରଦାତା ରମେଶ ଚନ୍ଦ୍ର ସାମଲ, ଗଙ୍ଗାଧର ସାହୁ, ମହେନ୍ଦ୍ର ବିଶ୍ୱାଳ, ସୌରେନ୍ଦ୍ର ପଣ୍ଡା, ପ୍ରକାଶ ନାୟକ, ଅଜିତ ସ୍ୱାଇଁ, ଲକ୍ଷ୍ମୀଧର ଦାସ, ତପନ ସାହୁ, ସୁରେଶ ପୃଷ୍ଟି, ବର୍ଷାରାଣୀ ରାଉତରାୟ ପ୍ରମୁଖ ଖବରଦାତା ଦୃଢ ନିନ୍ଦା କରି ପୋଲିସ ବିରୋଧରେ ଉଚ୍ଚପଦସ୍ଥ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି। ସେହିପରି ଉତ୍କଳ ସାମ୍ବାଦିକ ସଂଘର ସଭାପତି ସତ୍ୟବ୍ରତ ଦାସ, ଟାଙ୍ଗୀ–ଚୌଦ୍ୱାର ସାମ୍ବାଦିକ ସଂଘର ସମ୍ପାଦକ ପଦ୍ମନାଭ ବରାଳ, ଆଞ୍ଚଳିକ ପେସାଦାର ସାମ୍ବାଦିକ ସଂଘ ଓ ଏକତା ସଂଘ ପକ୍ଷରୁ ମଧ୍ୟ ଘଟଣାକୁ ନିନ୍ଦା କରାଯାଇଛି। କଳିଙ୍ଗ ବଜାର ବ୍ୟବସାୟୀ ସଂଘର ସଭାପତି କରୁଣାକର ସାହୁ, ସ୍ୱେଚ୍ଛାସେବୀ ସଂଗଠନ ଉଦ୍ଧାର ଫାଉଣ୍ଡେଶନର ସଭାପତି ନରୋତ୍ତମ ଦାସ, ଲ'ସଂଗଠନର ସୁଶାନ୍ତ ନାୟକ, ଓଟିଏମ ବଜାର ବଣିକ ସଂଘର ଅର୍ଜୁନ ପଣ୍ଡା ପ୍ରମୁଖ ଏହାର ଦୃଢ ନିନ୍ଦା କରିଛନ୍ତି।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ୪୦ହଜାର ଲୁଟ୍

**ଚୌଦ୍ୱାର,୨୧।୫(ଡି.ଏନ୍.ଏ)**

ଚୌଦ୍ୱାର ଥାନା ଚାଉଳିଆ ପୋଲ ନିକଟରୁ ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ୪୦ହଜାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁଯାୟୀ, କଟକ ଦୋଳମୁଣ୍ଡେଇସ୍ଥିତ ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀ ସୁଶାନ୍ତ ଦାସ ଶୁକ୍ରବାର ଦିନ ୧୨ଟାରେ ସ୍ଥାନୀୟ ଅଙ୍ଗତରାଡିହ ଗ୍ରାମରୁ ମହିଳାମାନଙ୍କୁ ଦିଆଯାଇଥିବା ଋଣ ଟଙ୍କା ଆଦାୟ କରି ନିଜ ବାଇକ୍ରେ କଟକ ଫେରୁଥିଲେ। ବାଟରେ ଚାଉଳିଆ ପୋଲ ନିକଟରେ ପଛରୁ ୩ଜଣ ଯୁବକ ଏକ କଳା ରଙ୍ଗର ପଲସର ଗାଡ଼ିରେ ଆସି ତାଙ୍କୁ ଅଟକାଇଥିଲେ। ପରେ ଦୁର୍ବୃତ୍ତମାନେ ସୁଶାନ୍ତଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କ ପାଖରେ ଥିବା ବ୍ୟାଗରେ ଆଦାୟ ଟଙ୍କା ୪୦ହଜାର ଛଡାଇ ନେଇ ଚମ୍ପଟ ମାରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ଛାନ୍ଭିନ୍ କରିଛନ୍ତି। ହେଲେ ଏଯାବତ୍ କୌଣସି ସୁରାକ୍ ମିଳିପାରି ନାହିଁ। ଏ ନେଇ ପୋଲିସ ନଂ.୧୧୫/୨୧ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଥିବା ଆଇଆଇସି ବିରଞ୍ଚି ନାରାୟଣ ପତି ସୂଚନା ଦେଇଛନ୍ତି।



ଆର୍ଡିସି ଅନିଲ କୁମାର ସାମଲ ଓ ଅନ୍ୟ ଅଧିକାରୀମାନେ ତାଳଦଣ୍ଡା ରାସ୍ତା ପ୍ରକଳ୍ପ ବୁଲି ଦେଖୁଛନ୍ତି।

## ସଚେତନତା, ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ

**କଟକ ଅଫିସ, ୨୧।୫:** କଟକ ଭାଜପା ପକ୍ଷରୁ ଶୁକ୍ରବାର ବସ୍ତିରେ କରୋନା ସମ୍ବନ୍ଧରେ ସଚେତନ ଓ ସାନିଟାଇଜେଶନ କରାଯିବା ସହ ଶରୀରର ଅକ୍ସିଜେନ ଲେଭଲ ମପାଯାଇଥିଲା। ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀଙ୍କ ନେତୃତ୍ୱରେ ଦୋଳଗୋବିନ୍ଦ ବେହେରା, ଗଙ୍ଗାଧର ବେହେରା ୪୧ ଓ ୪୨ ୱାର୍ଡରେ ଏହି କାର୍ଯ୍ୟ ହୋଇଥିଲା। କୃଷକ ମୋର୍ଚ୍ଚା ସଭାପତି ପୂର୍ଣ୍ଣଚନ୍ଦ୍ର ଜେନା, ସୁଶାନ୍ତ ମହାନ୍ତି, ସତ୍ୟ ପଟ୍ଟନାୟକଙ୍କ ନେତୃତ୍ୱରେ ସିଡିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ହେଲ୍ପଡେସ୍କ ଖୋଲି ଲୋକଙ୍କୁ ସେବା ଯୋଗାଯାଇଥିଲା। ଶ୍ୟାମସୁନ୍ଦର ସାହୁ, ସତ୍ୟବ୍ରତ ମିଶ୍ର, ଜୟକୃଷ୍ଣ ସ୍ୱାଇଁ, ସବିର ଭାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଇପିଏଫ୍ ପେନ୍ସନଭୋଗୀଙ୍କୁ ମାସିକ ୯୦୦୦ ଟଙ୍କା ଦିଆଯାଉ

**କଟକ ଅଫିସ, ୨୧।୫**

ଇପିଏଫ୍ ପେନ୍ସନଭୋଗୀଙ୍କୁ ମାସିକ ୯୦୦୦ ଟଙ୍କା ଦେବାକୁ ଇପିଏଫ୍ କଟକ ଜିଲା ସଂଘ ପକ୍ଷରୁ ଦାବି କରାଯାଇଛି। ଅର୍ଦ୍ଧସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରି ଅବସର ନେଉଥିବା କର୍ମଚାରୀଙ୍କ ପାଇଁ କେନ୍ଦ୍ର ସରକାର ଇପିଏଫ୍ ପେନସନ ଯୋଜନା ୧୯୯୫ରେ ଲାଗୁ କରିଥିଲେ। ଏହା ପରେ ୨୦୧୪ରେ କେନ୍ଦ୍ର ସରକାର ବିନା ମହଙ୍ଗା ଭତ୍ତାରେ ମାସିକ ୧୦୦୦ ଟଙ୍କା ନିର୍ଦ୍ଧାରଣ କଲେ। ରାଜ୍ୟରେ ୧ଲକ୍ଷ ୬୨ହଜାର ପେନସନଭୋଗୀ ବର୍ତ୍ତମାନ କରୋନା ମହାମାରୀ ସମୟରେ ସ୍ୱଳ୍ପ ପେନସନ ପାଇ ଦୟନୀୟ ଜୀବନ ବିତାଉଛନ୍ତି। ଏଣୁ କେନ୍ଦ୍ର ସରକାର ଇପିଏଫ୍ ପେନସନଭୋଗୀଙ୍କୁ ମାସିକ ୯୦୦୦ ଟଙ୍କା ପେନସନ, ମହଙ୍ଗା ଭତ୍ତା ଓ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଇପିଏଫ୍ କଟକ ଜିଲା ସଂଘ ସମ୍ପାଦକ ବିନୋଦ ବେହେରା, ସଭାପତି ରାଜକିଶୋର ସ୍ୱାଇଁ, ପ୍ରଦୀପ ସାହୁ, ଭାଗ୍ୟଧର ବ୍ରହ୍ମା ପ୍ରମୁଖ ଏକ ପ୍ରେସ୍ ବିବୃତ୍ତିରେ ଶୁକ୍ରବାର ଜଣାଇଛନ୍ତି।

## ତାଳଦଣ୍ଡା ରାସ୍ତା ପ୍ରକଳ୍ପ ପରିଦର୍ଶନ କଲେ ଆର୍ଡିସି

**ଜୁଲାଇ ସୁଦ୍ଧା ବର୍ଦ୍ଧିତ କାମ ସାରିବାକୁ ନିର୍ଦ୍ଦେଶ**

**କଟକ ଅଫିସ, ୨୧।୫**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍ଡିସି) ଅନିଲ କୁମାର ସାମଲ ଶୁକ୍ରବାର ତାଳଦଣ୍ଡା ରାସ୍ତାର ବର୍ଦ୍ଧିତ ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ତାଳଦଣ୍ଡା ରାସ୍ତାର ବାମ ପାର୍ଶ୍ୱସ୍ଥ ୮୦୦ ବସ୍ତି ପରିବାରଙ୍କୁ ସ୍ଥାନାନ୍ତର କରାଯାଇଥିବାବେଳେ ଆଉ ୪୦୦ ପରିବାରକୁ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସ୍ଥାନାନ୍ତର କରିବାକୁ ଆର୍ଡିସି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସରକାରୀ ଜମିରେ ଥିବା ଦୋକାନଘର ଭାଙ୍ଗିବା ସହ ବେସରକାରୀ ଜମି ଅଧିଗ୍ରହଣ କାର୍ଯ୍ୟ ଆସନ୍ତା ୧ ସପ୍ତାହ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ରେଲୱେ ଜମି ଅଧିଗ୍ରହଣ କରିବା, ବର୍ଦ୍ଧିତ ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମର ହଟାଇବା, ଅଧିଗୃହୀତ ଜମିରେ ଥିବା ପାଣି ପାଇପ ଉଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଡାହାଣ ପାଖ ବନ୍ଧ ରାସ୍ତାର ନିର୍ମାଣ କାର୍ଯ୍ୟ ଜୁନ ଶେଷ ସୁଦ୍ଧା ସାରିବା ସହ ବାମପାର୍ଶ୍ୱ ବନ୍ଧ ରାସ୍ତା କାମ ପାଇଁ ସମସ୍ତ ଅନୁମୋଦନ ଜୁନ ପ୍ରଥମ ସପ୍ତାହ ସୁଦ୍ଧା ଆଣିବାକୁ ପୂର୍ତ୍ତ ବିଭାଗ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଦ୍ଧିତ ତାଳଦଣ୍ଡା ରାସ୍ତା କାର୍ଯ୍ୟ ଜୁଲାଇ ସୁଦ୍ଧା ସାରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆର୍ଡିସି ନିର୍ଦ୍ଦେଶ ଦେଇଥିଲେ।

## ରାଜସ୍ୱ ରଥ ଉଦ୍ଘାଟିତ

**କଣ୍ଟାପଡା/ଖୁଣ୍ଟୁଣୀ, ୨୧।୫ (ଡି.ଏନ.ଏ.):** କରୋନା ସମୟରେ ଜନସାଧାରଣ ତହସିଲ ଅଫିସରେ ଭିଡ ନ ଜମାଇ ଘରେ ରହି ସେବା ପାଇବା ଉଦ୍ଦେଶ୍ୟରେ କଣ୍ଟାପଡା ତହସିଲ ପକ୍ଷରୁ ରାଜସ୍ୱ ରଥ ଉଦ୍ଘାଟିତ ହୋଇଯାଇଛି। କଣ୍ଟାପଡା ତହସିଲ ଅଫିସ ପରିସରରେ ଏହି ରଥକୁ ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ ଉଦ୍ଘାଟନ କରିଥିଲେ। ଏହି ରଥ କଣ୍ଟାପଡା ତହସିଲ ଅଞ୍ଚଳର ବିଭିନ୍ନ ରାଜସ୍ୱ ସର୍କଲରେ ବୁଲି ଲୋକଙ୍କ ଘରକୁ ଯାଇ ରାଜସ୍ୱ ସେବା ଯୋଗାଇବ। ଖୁଣ୍ଟୁଣୀ ଅଞ୍ଚଳରେ ଏହି ରାଜସ୍ୱ ରଥର ଶୁଭାରମ୍ଭ ହୋଇଛି। ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାଓ, ତହସିଲର ବରିଷ୍ଠ କିରାଣି ଜ୍ୟୋତିରଞ୍ଜନ ପରିଡ଼ା ପ୍ରମୁଖ ଖୁଣ୍ଟୁଣୀ, ଦୋରୋଡ ଓ ଭୋଗରା ପଞ୍ଚାୟତର ପ୍ରାୟ ୧୯ ଜଣ ଜମି ମାଲିକଙ୍କ ଘର ଆଗରେ ଏହି ରଥ ରହି ନୂତନ ପଟ୍ଟା ଓ ଲିଗାଲ ହେୟାର ସାର୍ଟିଫିକେଟ ପ୍ରଦାନ କରିଛନ୍ତି।



ଡିଜିପି ଅଭୟ ଶୁକ୍ରବାର କଟକ ଓଏସ୍ଏପି ଷଷ୍ଠ ବାଟାଲିୟନସ୍ଥିତ ଓଡ୍ରାଫ୍ ୟୁନିଟ୍ ପରିଦର୍ଶନ କରୁଛନ୍ତି।

## ଜ୍ୱର ପୀଡ଼ିତଙ୍କ ଚିକିତ୍ସାକୁ ନେଇ ଉତ୍ତେଜନା

**କଟକସଦର,୨୧।୫(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରସ୍ଥି ରାଜକୃଷ୍ଣ ବୋଷ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ସକାଳେ ଜଣେ ଜ୍ୱର ଆକ୍ରାନ୍ତ ଚିକିତ୍ସିତ ହେବା ଲାଗି ଆସିଥିଲେ। ଆଉଟଡୋରରେ ଅନ୍ୟ ରୋଗୀଙ୍କ ସହ ଉକ୍ତ ରୋଗୀ ଜଣକ ଲାଇନ୍ ଦେଇଥିଲେ। ରୋଗୀଙ୍କର ଜ୍ୱର, ବାନ୍ତି ହେଉଥିବା ଜାଣି ତାଙ୍କ ଆତ୍ମୀୟଙ୍କୁ ସାଲାଇନ ଦେବାକୁ ଡାକ୍ତର କହିଥିଲେ। ଏହି କଥା ଶୁଣିବା ପରେ ଲାଇନ୍ରେ ଅନ୍ୟ ରୋଗୀମାନେ ଆତଙ୍କିତ ହୋଇପଡ଼ିଥିଲେ। କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପରିସ୍ଥିତି ଲାଗିରହିଥିଲା। ଜ୍ୱର ପୀଡ଼ିତଙ୍କୁ ସ୍ୱତନ୍ତ୍ର ତଥା ଅଲଗା ଭାବେ ଚିକିତ୍ସା ଓ ପରାମର୍ଶ ଦେବା ପାଇଁ ଉପସ୍ଥିତ ଅନ୍ୟ ରୋଗୀମାନେ ଡା.ବଞ୍ଚୁ ମାରାଣ୍ଡିଙ୍କ ନିକଟରେ ଦାବି କରିଥିଲେ। ଏହି କଥା ଶୁଣି ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଅନ୍ୟ ପାରା ମେଡିକାଲ ଷ୍ଟାଫମାନେ ମଧ ଭୟଭୀତ ହୋଇପଡ଼ିଥିଲେ। ଶେଷରେ ଡା. ମାରାଣ୍ଡି ପହଞ୍ଚି ଅନ୍ୟ ରୋଗୀ ଓ ଷ୍ଟାଫମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## କରୋନା ସହାୟତା କାର୍ଯ୍ୟକ୍ରମ

**କଟକ ଅଫିସ, ୨୧।୫:** କଟକ ନଗର କଂଗ୍ରେସ କମିଟି ପକ୍ଷରୁ ସିଡିଏ ସେକ୍ଟର–୧୩ ମୁଣ୍ଡାସାହି ଓ ଯୋବ୍ରା ଅଞ୍ଚଳରେ ଶୁକ୍ରବାର କରୋନା ସଚେତନତା ଓ ସହାୟତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରବାଟୀ–କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୋକିମ ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ କରୋନା ସଂକ୍ରମଣ ସମ୍ପର୍କରେ ସଚେତନ କରିବା ସହ ମାସ୍କ, ସାନିଟାଇଜର, ଭିଟାମିନ ଔଷଧ ସମେତ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ସିଏମ୍ସି ଅନ୍ତର୍ଗତ ସମସ୍ତ ୱାର୍ଡରେ ପର୍ଯ୍ୟାୟ କ୍ରମେ ସଚେତନତା ଓ ସହାୟତା କାର୍ଯ୍ୟକ୍ରମ କରାଯିବ ବୋଲି ମୋକିମ କହିଥିଲେ। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଗାୟତ୍ରୀ ମଲ୍ଲ, ସେକ୍ ବାବଜାନୀ, ବିକ୍ରମ ସାମଲ, ସେକ ଆବିଦ ପ୍ରମୁଖ ସାମିଲ ଥିଲେ।

## ବିବାହ ଭୋଜିରେ ଚଢ଼ାଉ: ୨୦,୦୦୦ ଜରିମାନା

**କଟକ ଅଫିସ,୨୧।୫:** ବିବାହ ଭୋଜି ଚାଲିଥିବାବେଳେ କଟକ ମହାନଗ ନିଗମ (ସିଏମ୍ସି) ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢାଉ କରିଛି। ଶୁକ୍ରବାର କଟକ ପିଠାପୁ ଖୁଣ୍ଟିଆ ଲେନ ରେ ଶୈଇଳେନ୍ଦ୍ର ମହାପାତ୍ରଙ୍କ ଘରେ ବିବାହ ଭୋଜି ଚାଲିଥିବା ଖବରପାଇ ପୁରୀଘାଟ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ୍ ପହଞ୍ଚି ଚଢ଼ାଉ କରିଥିଲେ। ପୂର୍ବାହ୍ନ ୧୧ ଘଟିକାରେ ବାହାଘର ସରିଥିବାବେଳେ ଉକ୍ତ ସ୍ଥାନରେ ୨୦୦ରୁ ଅଧିକ ଲୋକଙ୍କ ପାଇଁ ଭୋଜିରନ୍ଧା ହୋଇଥିବା ଦେଖିବାକୁ ମିଳିଥିଲା। ତେବେ ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ୍ ପହଞ୍ଚିଲା ବେଳକୁ ୧୦ରୁ ୧୫ଜଣ ଲୋକ ଉପସ୍ଥିତ ଥିଲେ। ସ୍କ୍ୱାଡ୍ ପକ୍ଷରୁ ବଳକା ଖାଦ୍ୟକୁ ପରିବାର କୁଟୁମ୍ବଙ୍କ ମଧ୍ୟରେ ପାର୍ଶଲ ଜରିଆରେ ବାଣ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। ତେବେ କୋଭିଡ୍ ଗାଇଡ୍ ଲାଇନ ଉଲ୍ଲଂଘନ ଅଭିଯୋଗରେ ୨୦,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି।

## ଆଧୁନିକ ଭାରତ ଗଠନରେ ରାଜୀବଙ୍କ ଅବଦାନ ସ୍ମରଣୀୟ

**କଟକ ଅଫିସ, ୨୧।୫**

କଟକ ନଗର କଂଗ୍ରେସ ପକ୍ଷରୁ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଶୁକ୍ରବାର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୦ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବାରବାଟୀ–କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ରାଜୀବଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୋକିମ କହିଥିଲେ, ଆଧୁନିକ ଭାରତ ଗଠନରେ ଯୁବଶକ୍ତିର ବିନିଯୋଗ, ବୈଦ୍ୟୁତିକ ଜ୍ଞାନକୌଶଳ, ଗଣଯୋଗାଯୋଗ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ରାଜୀବଙ୍କ ଅବଦାନ ଚିରସ୍ମରଣୀୟ। ଏହି କାର୍ଯ୍ୟକ୍ରମରେ ଏନ୍. ନୀଳାଦ୍ରି ରାଓ, ତୃପ୍ତି ଦାସ, ଆର୍ଯ୍ୟବୀର ଲେଙ୍କା, ମହମ୍ମଦ ଆଲିମ, ସୁରଜିତ ସାହୁ, ସନ୍ତୋଷ ପାତ୍ର, ସ୍ମୃତି ରଞ୍ଜନ ରାଉତ, ବିକ୍ରମ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ରାଜୀବ ଗାନ୍ଧୀ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ କଂଗ୍ରେସ କର୍ମୀ।

## ୪ ଜିଲାକୁ ଗଡ଼ିଲା କରୋନା ସଚେତନତା ରଥ

**ଭୁବନେଶ୍ୱର, ୨୧।୫ (ବ୍ୟୁରୋ)**

କରୋନା ମହାମାରୀଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ତୃଣମୂଳ ସ୍ତରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶୁକ୍ରବାର ସଂସ୍କୃତି ଭବନ ପରିସରରେ ସଚେତନତା ରଥ ଲୋକାର୍ପିତ ହୋଇଛି। କୋଭିଡ୍–୧୯ ସଚେତନତା ଅଭିଯାନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ସହଯୋଗରେ ୮ ରଥ ୪ ଜିଲାକୁ ଯାତ୍ରା ଆରମ୍ଭ କରିଛି। ଏହି ରଥଗୁଡିକ ଖୋର୍ଦ୍ଧା, ପୁରୀ, କଟକ ଓ ଜଗତ୍ସିଂହପୁର ଜିଲାରେ ୩ମାସ ପର୍ଯ୍ୟନ୍ତ ଭିଡିଓ ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରିବ। ପ୍ରତି ଜିଲାରେ ୨ଟି ରଥ ପରିକ୍ରମା କରିବ। ଏହି କାର୍ଯ୍ୟକ୍ରମକୁ ରାଜସ୍ୱ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ସଂସ୍କୃତି ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ପ୍ରୋଜେକ୍ଟ ହୋପ୍ର ପ୍ରକଳ୍ପ ସଂଯୋଜକ ଆଲୋକ କୁମାର ମହାନ୍ତି, ମାଇଁ ହାର୍ଟର ଉପଦେଷ୍ଟା ଡ. ପ୍ରବୋଧ କୁମାର ମିଶ୍ର, ନିର୍ଦ୍ଦେଶକ ଶକ୍ତିଧର ସାହୁ, ନେହେରୁ ଯୁବ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ନବୀନ ନାୟକ ଓ ୟୁନିସେଫ୍ର ରାଜ୍ୟ ସଂସ୍କୃତି ସଂଯୋଜକ ବାସୁଦେବ ମାଳବିଶୋଇ ଉପସ୍ଥିତ ଥିଲେ। ଏହି ଅବସରରେ ଅଭିଯାନ ପାଇଁ ଉତ୍ସର୍ଗୀକୃତ ୩ଟି ସଚେତନତାଧର୍ମୀ ସଂଗୀତ ଲୋକାର୍ପିତ ହୋଇଥିଲା। 'ଭାଙ୍ଗିବା ଲକ୍ଡାଉନ୍, ଭାଙ୍ଗିବା ଶଟ୍ଡାଉନ୍' ଓ 'କେଉଁ ବେଳାରେ ଆସିଲା ଏହି କରୋନା ଭୂତାଣୁ' ଗୀତକୁ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ରଚନା କରିଛନ୍ତି। ସେହିପରି 'ଆସରେ ଆସ କରିବା ପଣ' ଗୀତକୁ ବାସୁଦେବ ମାଳବିଶୋଇ ରଚନା କରିଛନ୍ତି। ପବିତ୍ର ପଟ୍ଟନାୟକ ଏହାର ସଂଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଗୀତଗୁଡିକୁ ସତ୍ୟଜିତ୍ ଓ ରଶ୍ମି ଗାଇଛନ୍ତି।

**୩ ମାସ ଧରି ସଚେତନ କରିବ**




କରୋନା ସଚେତନତା ରଥକୁ ଲୋକାର୍ପଣ କରାଯାଉଛି।

## ବୁଲା ପ୍ରାଣୀଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ

ଜଟଣୀ,(ଡି.ଏନ୍.ଏ.): କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକଡାଉନ୍ ଓ ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଅସହାୟଙ୍କଠାରୁ ଆରମ୍ଭ କରି ବୁଲା ପ୍ରାଣୀଙ୍କ ବଞ୍ଚିବା କଷ୍ଟକର ହୋଇପଡିଛି। ସହରର ବିଭିନ୍ନ ଗଳିକନ୍ଦି ଏବଂ ବଜାରରେ ରହୁଥିବା ବୁଲା ପ୍ରାଣୀମାନେ ଖାଇବାକୁ ନ ପାଇ ହଇରାଣ ହେଉଛନ୍ତି। ଏଭଳି ସ୍ଥିତିରେ ଜଟଣୀର ଶାନ୍ତିଲତା ଦାସ ସ୍ମୃତି କମିଟି ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ଦାସଙ୍କ ନେତୃତ୍ୱରେ ଶୁକ୍ରବାର ସହରର କୋର୍ଟଛକ, ରେଳବାଇ କଲୋନି, ସୀତାରାମ ଛକ, ମୁଖ୍ୟ ରାସ୍ତାରେ ବୁଲା ପ୍ରାଣୀଙ୍କୁ ରନ୍ଧା ଖାଦ୍ୟ ଦିଆଯାଇଥିଲା। ଏହି ସେବା ଆଗାମୀ ଦିନରେ ଜାରି ରହିବ ବୋଲି ଆଇନଜୀବୀ ଦାସ କହିଛନ୍ତି।

## ସଂକ୍ଷେପରେ

### ମାଙ୍କଡ଼ା ଖଣିରେ ଚଢ଼ାଉ, ୩ ଗାଡ଼ି ଜବତ

ବେଗୁନିଆ,୨୧ା୫(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ଦିନକୁ ଦିନ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ବେଗୁନିଆ ତହସିଲ ପକ୍ଷରୁ ଶୁକ୍ରବାର ରାତିରେ ବେଆଇନ ମାଙ୍କଡା ଖଣିରେ ଚଢ଼ାଉ କରାଯାଇଛି। ଓଗାଳପୁର ଖଣିରେ ମାଙ୍କଡା ବୋଝେଇ ହେଉଥିବାବେଳେ ୨ଟି ମିନିଟ୍ରକ୍ ଏବଂ ଗୋଟିଏ ଟ୍ରକ୍‌କୁ ଜବତ କରାଯାଇଛି। ଏହି ଚଢ଼ାଉରେ ତହସିଲ ଓ ପୋଲିସ କର୍ମଚାରୀ ସାମିଲ ଥିଲେ।

### ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ସିକ୍ୟୁରିଟି ଗାର୍ଡ ମୃତ

ଭୁବନେଶ୍ୱର,୨୧ା୫(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଢେଙ୍କାନାଳ ଜିଲା ସରକାପାଟଣା ପୋଷ୍ଟ ରାହିଡି ଗ୍ରାମର ବ୍ରହ୍ମାନନ୍ଦ ଜେନା। ବ୍ରହ୍ମାନନ୍ଦ ଲିଙ୍ଗିପୁର ଅଞ୍ଚଳରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରନ୍ତି। ଶୁକ୍ରବାର ଅପରାହ୍ନ ୩ଟାରେ ବ୍ରହ୍ମାନନ୍ଦ ଏକ ବାଇକରେ ମଞ୍ଚେଶ୍ୱର ଥାନା ମଞ୍ଚନାଥ ମନ୍ଦିର ନିକଟ ରାସ୍ତା ଦେଇ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଓ ପୋଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

### ୪.୯୨ ଲକ୍ଷ ଫେରାଇ ଆଣିଲା ସାଇବର ସେଲ୍

ଭୁବନେଶ୍ୱର,୨୧ା୫(ବ୍ୟୁରୋ): ଠକେଇର ଶିକାର ହୋଇଥିବା ଜଣେ ବୃଦ୍ଧଙ୍କ ଆକାଉଣ୍ଟକୁ ଫେରିଛି ୪ ଲକ୍ଷ ୯୨ ହଜାର ଟଙ୍କା। ଚନ୍ଦ୍ରଶେଖରପୁର ଅଞ୍ଚଳର ରବି ନାରାୟଣ ମିଶ୍ର ନାମକ ଜଣେ ବୟସ୍କ ବ୍ୟକ୍ତିଙ୍କୁ ମୋବାଇଲ ରିଚାର୍ଜ ପାଇଁ କଲ୍ କରି ଆପ୍ ଡାଉନଲୋଡ୍ ମାଧ୍ୟମରେ ୫ ଲକ୍ଷ ଟଙ୍କା ଠକି ନେଇଥିଲେ ସାଇବର ଠକ। ଏନେଇ ସେ ସାଇବର ସେଲରେ ଅଭିଯୋଗ କରିଥିଲେ। ଗୋଲ୍‌ଡେନ ଆୱାର ବା ୧ ଘଣ୍ଟା ଭିତରେ ଅଭିଯୋଗ କରିଥିବାରୁ ଭୁବନେଶ୍ୱର ୟୁପିଡ଼ିର ସାଇବର ସେଲ ତଦନ୍ତ କରି ୪ ଲକ୍ଷ ୯୨ହଜାର ଟଙ୍କା ତାଙ୍କ ଆକାଉଣ୍ଟକୁ ଫେରସ୍ତ ଆଣିବାରେ ସଫଳ ହୋଇଛି। ତେଣୁ ଏ ସଂକ୍ରାନ୍ତ କୌଣସି କଲ୍ ଆସିଲେ ଓଟିପି କିମ୍ବା ବ୍ୟାଙ୍କ ତଥ୍ୟ ନ ଦେବାକୁ ପୋଲିସ ପରାମର୍ଶ ଦେଇଛି। ସେହିଭଳି ଠକେଇର ଶିକାର ହେଲେ ପୋଲିସକୁ ତୁରନ୍ତ ଜଣାଇବାକୁ କୁହାଯାଇଛି।

### ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧଦିବସ

ଜଟଣୀ,୨୧ା୫(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୦ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଜଟଣୀ ହରିଭାଇନା ଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ସ୍ୱର୍ଗତ ଗାନ୍ଧୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ ସାଧାରଣ ଲୋକଙ୍କୁ ମାସ୍କ ଏବଂ ସାନିଟାଇଜର ପ୍ରଦାନ କରିଥିଲେ। କରୋନା ଆକ୍ରାନ୍ତଙ୍କ ପାଇଁ ଜଟଣୀ ସହରରେ ଏକ ୫୦ଶଯ୍ୟାବିଶିଷ୍ଟ କୋଭିଡ୍ ମେଡିକାଲ ତୁରନ୍ତ ରାଜ୍ୟ ସରକାର ସ୍ଥାପନ କରିବା ପାଇଁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଓବିସି ସେଲ୍ ଅଧ୍ୟକ୍ଷ କଳିଙ୍ଗ କୁମାର ସାହୁ, ଗଡେଶ୍ୱର ବେହେରା, ସରପଞ୍ଚ ସୁନୀଲ ବେହେରା, ପୂର୍ବତନ କାଉନ୍‌ସିଲର ଲୁସେନ ରାଏ, ବିଷ୍ଣୁ ସାହୁ, ମେଘୁ ପରିଜା, ନଉସର ଅଲ୍ଲୀ, ଅଶୋକ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟଜଳକୁ ଗୁରୁତ୍ୱ



ବୈଠକରେ ଜିଲାପାଳ ସନତ୍ ମହାନ୍ତି ଏବଂ ଅନ୍ୟ ଅଧିକାରୀମାନେ।

**ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ**
- ଦୁର୍ବଳ ନଦୀ ବନ୍ଧ ମରାମତି କରାଯିବ
- ତୁରନ୍ତ ରାସ୍ତା ଅବରୋଧ ହଟାଯିବ

ଖୋର୍ଦ୍ଧା ଅଫିସ,୨୧ା୫

ସମ୍ଭାବ୍ୟ ବାତ୍ୟା 'ୟାସ'ର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁକ୍ରବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ଜିଲାପାଳ ସନତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ପରିସ୍ଥିତିରେ ମୁକାବିଲା ଲାଗି ସଜାଗ ରହିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି। ସମସ୍ତ ବାତ୍ୟା ଆଶ୍ରୟସ୍ଥଳରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖାଯିବ। ବାତ୍ୟା ସମୟରେ ଗଛପଡ଼ି କୌଣସି ସ୍ଥାନରେ ରାସ୍ତା ଅବରୋଧ ଖବର ଆସିଲେ ତୁରନ୍ତ ମେଶିନ ସାହାଯ୍ୟରେ ଗଛ କଟାଯାଇ ଯାତାୟାତ ସ୍ୱାଭାବିକ କରାଯିବ। ଏଥିଲାଗି ଅଗ୍ନିଶମ ବିଭାଗ ପ୍ରସ୍ତୁତ ରହିବେ। ପୂର୍ତ୍ତ ବିଭାଗ ଯାନ୍ତ୍ରିକ ଉପକରଣ ଜେସିବି, କଟର ବ୍ୟବସ୍ଥା କରିବେ। ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ପୂର୍ବ ପ୍ରସ୍ତୁତି କରିବେ। ବାତ୍ୟାରେ କ୍ଷତିଗ୍ରସ୍ତ ବିଦ୍ୟୁତ୍ ଖୁଣ୍ଟି, ତାର ସଜାଡିବା ସହ ସରବରାହ ପ୍ରତି ଗୁରୁତ୍ୱ ଦେବେ। ବାତ୍ୟା ପ୍ରଭାବିତ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟଜଳ, ଜେନେରେଟର ବ୍ୟବସ୍ଥା କରାଯିବ। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଣ କରାଯିବ। ଗ୍ରାମାଞ୍ଚଳରେ ଟ୍ୟୁବ୍‌ୱେଲ ମରାମତି ସହ ବ୍ଲିଚିଂ ପାଉଡର, ସ୍ୱଚ୍ଛତା ପରିଚ୍ଛନ୍ନତା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ଗୁରୁତ୍ୱ ଦେବେ। ବାତ୍ୟା ପ୍ରଭାବିତ ଅଞ୍ଚଳ ଲୋକଙ୍କୁ ତ୍ୱରିତ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବ। ଏଥିଲାଗି ସିଏଚ୍‌ସି ଏବଂ ପିଏଚ୍‌ସିରେ ଜୀବନ ରକ୍ଷାକାରୀ ଔଷଧ, ପର୍ଯ୍ୟାପ୍ତ ଓଆର୍‌ଏସ୍ ମହଜୁଦ ରଖିବା ସହ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ପ୍ରତି ସିଡିଏମ୍‌ଓ ବ୍ୟବସ୍ଥା କରିବେ। ଗୋଖାଦ୍ୟ ମହଜୁଦ ସହ ବ୍ଲକ ସ୍ତରରେ ପହଞ୍ଚାଇବା ଲାଗି ଜିଲା ପ୍ରାଣୀଧନ ବିଭାଗ ସମସ୍ତ ବ୍ୟବସ୍ଥା କରିବେ। ଜଳସମ୍ପଦ ବିଭାଗ ପକ୍ଷରୁ ବାତ୍ୟା ପ୍ରଭାବିତ ଅଞ୍ଚଳ ଜଳବନ୍ଦୀ, ଜଳ ନିଷ୍କାସନ ଏବଂ ଦୁର୍ବଳ ନଦୀବନ୍ଧ ମରାମତି କରାଯିବ। ବିଭାଗୀୟ ଅଧିକାରୀ ଏବଂ ଡ୍ରେନେଜ ବିଭାଗ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦେବେ। ବାତ୍ୟା ପ୍ରଭାବିତ ଅଞ୍ଚଳରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଯଥା ଚାଉଳ, ଚୁଡା, ଚିନି, ଗୁଡ଼ ସମେତ ଶୁଖିଲା ଖାଦ୍ୟ ଯୋଗାଣ କରାଯିବ। ଜିଲା ପାଇଁ ସମସ୍ତ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଗଚ୍ଛିତ ରହିଥିବା ଯୋଗାଣ ଅଧିକାରୀ କହିଛନ୍ତି। ଆବଶ୍ୟକ ସ୍ଥଳେ ରନ୍ଧାଖାଦ୍ୟ ମଧ୍ୟ ଦିଆଯିବା ନେଇ ଆଲୋଚନା ହୋଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ)ଅନୁଜ ଦାସ ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ପୂର୍ତ୍ତ ନିର୍ବାହୀଯନ୍ତ୍ରୀ ଦୀପକ ପାଣିଗ୍ରାହୀ, ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି, ଏଡିଏମ୍‌ଓ ଦ୍ୱାରିକାନାଥ ଶତପଥୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୟାସ୍ ପାଇଁ ୭୪ ଟ୍ରେନ୍ ବାତିଲ

ଭୁବନେଶ୍ୱର,୨୧ା୫

ୟାସ୍‌କୁ ନଜରରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ପ୍ରାୟ ୭୪ ଟ୍ରେନ୍ ବାତିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବତଟ ରେଳପଥ ପରିସରରେ ଭୁବନେଶ୍ୱର ଏବଂ ପୁରୀ ଭଳି ସ୍ଥାନରୁ ଯାତ୍ରା ଆରମ୍ଭ କରୁଥିବା ଏବଂ ଗନ୍ତବ୍ୟସ୍ଥଳ ଟ୍ରେନ ସମେତ ହାଓଡା-ଚେନ୍ନାଇ ମେନ୍ ଲାଇନରେ ଚଳାଚଳ କରୁଥିବା ବିଭିନ୍ନ ଟ୍ରେନ ଏହା ମଧ୍ୟରେ ସାମିଲ ରହିଛି। ପ୍ରମୁଖ ଟ୍ରେନ ମଧ୍ୟରେ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ସ୍ପେଶାଲ, ଭୁବନେଶ୍ୱର-ହାଓଡା ଜନଶତାବ୍ଦୀ ସ୍ପେଶାଲ, ପୁରୀ-ନୂଆଦିଲ୍ଲୀ ସ୍ପେଶାଲ, ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ସ୍ପେଶାଲ, ହାଓଡା-ପୁରୀ-ହାଓଡା ସ୍ପେଶାଲ, ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ସ୍ପେଶାଲ ଏବଂ ପୁରୀ-ଋଷିକେଶ କଳିଙ୍ଗ ଉତ୍କଳ ସ୍ପେଶାଲ ଟ୍ରେନ୍ ରହିଛି। ସେହିଭଳି ପୁରୀରୁ ବାହାରି ଅହମ୍ମଦାବାଦ, ସୁରଟ ଏବଂ ଆଜମେର ଭଳି ସ୍ଥାନକୁ ଯାଉଥିବା ଟ୍ରେନ୍ ଏହା ମଧ୍ୟରେ ସାମିଲ ରହିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

# କରୋନା ଆକ୍ରାନ୍ତଙ୍କ ଶବଦାହକୁ ବିରୋଧ

ଜଟଣୀ,୨୧ା୫(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅଧୀନ କୁଶମାଟି ଛଣଘର ପଞ୍ଚାୟତ ସ୍ଥିତ ଗୋପୀନାଥପୁର ପଥରଖଣିରେ ଗୁରୁବାର ରାତିରେ କରୋନା ଆକ୍ରାନ୍ତଙ୍କ ଶବଦାହକୁ ନେଇ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ପ୍ରଶାସନ ଓ ପୋଲିସ ଅଧିକାରୀ ବୁଝାଶୁଝା କରିବା ପରେ ମୃତଦେହ ସତ୍କାର କରାଯାଇଥିଲା। ପ୍ରକାଶ ଯେ, ଗୋପୀନାଥପୁର ପଥରଖଣିରେ ଜଣେ କରୋନା ଆକ୍ରାନ୍ତ ବ୍ୟକ୍ତିଙ୍କ ମୃତଦେହ ସତ୍କାର କରାଯିବା ପାଇଁ ପ୍ରଶାସନ ପକ୍ଷରୁ ଅଣାଯାଇଥିଲା। ଏହା ଜାଣିବା ପରେ ଗୋପୀନାଥପୁର, କୁଶମାଟି ଗୋଜସାହି ଓ ଶବର ସାହିର ବାସିନ୍ଦାମାନେ ବିରୋଧ କରିଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ମୃତଦେହ ସଂସ୍କାର କରାଯାଇଥିଲା। ଶୁକ୍ରବାର ପଥରଖଣିରେ ସଂକ୍ରମିତଙ୍କ ଶବଦାହ ନ କରିବା ପାଇଁ ସରପଞ୍ଚ ସୁନିଲ ରାଉତରାୟ ଓ ସ୍ଥାନୀୟ ଗ୍ରାମବାସୀ ବିଡିଓ ସରୋଜ ରାଉତଙ୍କୁ ଅନୁରୋଧ କରିବା ସହ ପତ୍ର ପ୍ରଦାନ କରିଥିଲେ। ଅସ୍ଥାୟୀ ଶ୍ମଶାନଠାରୁ ୩୦୦ମିଟର ଦୂରରେ ଶବଦାହ କରାଯିବା ସହ ଗାଁ ମୁରବୀଙ୍କୁ ଅବଗତ କରାଇବା, ସମ୍ପୂର୍ଣ୍ଣ ଅଞ୍ଚଳକୁ ବିଶୋଧନ କରାଯିବା ନିମନ୍ତେ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିବା ସରପଞ୍ଚ ରାଉତରାୟ କହିଛନ୍ତି।



ଆତଙ୍କବାଦ ନିରୋଧୀ ଦିବସ ଅବସରରେ ଶୁକ୍ରବାର ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ସିଂ ଶାଖା ଅଧିକାରୀ ଏବଂ ରେଳ କର୍ମଚାରୀଙ୍କୁ ଶପଥ ପାଠ କରାଉଛନ୍ତି।

# ୨୨୦୦ଟଙ୍କା ଜରିମାନା ଆଦାୟ

ଝାଁଳା,୨୧ା୫(ଡି.ଏନ୍.ଏ.)

କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ଖୋର୍ଦ୍ଧା ଜିଲା ଝାଁଳା ଅଞ୍ଚଳରେ ଏହି ନିୟମ ପାଳନ କରାଯାଉ ନ ଥିବା ଦେଖିବାକୁ ମିଳିଛି। ଗୁରୁବାର ଝାଁଳା ଫାଣ୍ଡି ଅଧିକାରୀ ଝାଁଳା, ମଦନପୁର, ଗଙ୍ଗପଡା ପଞ୍ଚାୟତର ଗ୍ରାମରେ ରହିଥିବା ଦୋକାନ ଉପରେ ଚଢ଼ାଉ କରି ତାଗିଦ୍ କରିବା ସହ ଜରିମାନା ଆଦାୟ କରିଥିଲେ। ଏପରିକି ବିନା ମାସ୍କରେ ବୁଲୁଥିବା ଲୋକଙ୍କଠାରୁ ମଧ୍ୟ ଜରିମାନା ଆଦାୟ କରାଯାଇଥିଲା। ମୋଟ୍ ୨୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗକୁ ଚଢ଼ାଉ ଜାରି ରହିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

# ବିନା କାରଣରେ ବୁଲିଲେ କାର୍ଯ୍ୟାନୁଷ୍ଠାନ

ଖୋର୍ଦ୍ଧା ଅଫିସ,୨୧ା୫

କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଖୋର୍ଦ୍ଧାରେ କେତେକ ଅମାନିଆ ଏହି ନିୟମ ନ ମାନି ବିନା କାରଣରେ ବୁଲୁଥିବା ଦେଖିବାକୁ ମିଳିଛି। ଏନେଇ ଜିଲାପାଳ ସନତ୍ ମହାନ୍ତି କହିଛନ୍ତି, ଏଣିକି ବିନା କାରଣରେ ଘରୁ ବାହାରିଲେ ଓ ବଜାରରେ ଭିଡ଼ ଜମାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବଶ୍ୟକ ପଡିଲେ ଜିଲା ପ୍ରଶାସନ ହେଲ୍ପଲାଇନ ନମ୍ବରକୁ ଯୋଗାଯୋଗ କରନ୍ତୁ। ଏଥିସହ ପୌର ପ୍ରଶାସନ ପକ୍ଷରୁ ଘରୋଇ ସଙ୍ଗରୋଧ ଏବଂ ବରିଷ୍ଠ ନାଗରିକଙ୍କ ଲାଗି ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଏହାର ସୁଯୋଗ ନେଇପାରିବେ। ସଂକ୍ରମଣ ରୋକିବା ଲାଗି ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆଯାଉଛି। ଲକ୍ଷଣ ଥିଲେ ନ ଲୁଚାଇ ପରୀକ୍ଷା କରାନ୍ତୁ। ଟିକାକରଣ କେନ୍ଦ୍ରରେ ଗହଳି କରନ୍ତୁ ନାହିଁ। ସଙ୍ଗରୋଧରେ ରହିଥିବା ରୋଗୀଙ୍କ ସହ ପ୍ରଶାସନ, ମେଡିକାଲ ଟିମ ଯୋଗାଯୋଗରେ ରହୁଛନ୍ତି। କୌଣସି ସମସ୍ୟା ହେଲେ ହେଲ୍ପଲାଇନ ନମ୍ବରକୁ ଯୋଗାଯୋଗ କରିପାରିବେ। ସତର୍କ ଓ ସଚେତନ ରହିବାକୁ ଜିଲାପାଳ ମହାନ୍ତି ପରାମର୍ଶ ଦେଇଛନ୍ତି।

# ଜିଲାରେ ୧,୬୮,୦୧୦ ନେଲେଣି ଟିକା

**ଜୁଲାଇ ସୁଦ୍ଧା ଅକ୍ସିଜେନ ଯୋଗାଣ ଲକ୍ଷ୍ୟ**

ଖୋର୍ଦ୍ଧା ଅଫିସ,୨୧ା୫

କରୋନା ସଂକ୍ରମଣ ନିୟନ୍ତ୍ରଣ ପାଇଁ ଖୋର୍ଦ୍ଧା ଜିଲାରେ ଟିକାକରଣ ଜାରି ରହିଛି। ଜିଲା(ବିଏମ୍‌ସିକୁ ବାଦ୍ ଦେଇ)ର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କୋଭିଶିଲ୍ଡ ଟିକା ଦିଆଯାଉଛି। ୩୬ଟି ସ୍ଥାନରେ କୋଭିଡ୍ ଟିକାକରଣର ବ୍ୟବସ୍ଥା କରାଯାଇଛି। ଏପର୍ଯ୍ୟନ୍ତ ୧ଲକ୍ଷ ୬୮ହଜାର ୧୦ଜଣଙ୍କୁ ଟିକା ଦିଆଯାଇଛି। ଏହା ବ୍ୟତୀତ ରେଲ୍‌ୱେ ଓ ଆଇଏନ୍‌ଏସ୍ ଚିଲିକାରେ ମଧ୍ୟ ଟିକାକରଣ ପାଇଁ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ୪୫ବର୍ଷଠାରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପ୍ରଥମ ଡୋଜ୍ ଟିକା ଦେବା ପାଇଁ ଗୁରୁତ୍ୱ ଦିଆଯାଇଛି। ଆବଶ୍ୟକ ବ୍ୟବଧାନ ପରେ ଦ୍ୱିତୀୟ ଡୋଜ୍ ଟିକା ଦିଆଯିବ। ଅଧିକ ଟିକା ଆସିଲେ ଅନ୍ୟମାନଙ୍କୁ ଦିଆଯିବ। ଏପ୍ରିଲରୁ ଗୁରୁବାର ସୁଦ୍ଧା ଜିଲାରେ ୧୭,୬୫୦ଆର୍‌ଟି-ପିସିଆର୍ ଟେଷ୍ଟିଂ ଏବଂ ୩୦,୬୨୧ଆଣ୍ଟିଜେନ ଟେଷ୍ଟ କରାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବିଶ୍ୱରଞ୍ଜନ ପତି କହିଛନ୍ତି। ଅନ୍ୟପକ୍ଷେ ଖୋର୍ଦ୍ଧା ଜିଲା ସଦର ମହକୁମା ଚିକିତ୍ସାଳୟ ପରିସରରେ ଏକ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀ କହିଛନ୍ତି। ଆଇଓସିଏଲ୍ ପକ୍ଷରୁ ଏଚ୍‌ପିସିଏଲ୍ ଅକ୍ସିଜେନ ପ୍ଲାଣ୍ଟ ପାଇଁ ଆବଶ୍ୟକ ଯାନ୍ତ୍ରିକ ଉପକରଣ ଯୋଗାଇଦେବ। ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ଜାଗା ଦିଆଯିବ ଓ ନିର୍ମାଣ କାର୍ଯ୍ୟରେ ସହାୟତା କରାଯିବ। ପାଇପଲାଇନ ଯୋଗେ ଅକ୍ସିଜେନ ଯୋଗାଣ ପାଇଁ ବ୍ୟବସ୍ଥା କରାଯିବ। ଜୁନ୍ ଶେଷ ସପ୍ତାହ ବେଳକୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଜୁଲାଇ ସୁଦ୍ଧା ଅକ୍ସିଜେନ ଯୋଗାଣ କରିବାକୁ ଲକ୍ଷ୍ୟ ରହିଛି ବୋଲି ଅତିରିକ୍ତ ଜିଲାପାଳ ପାଢୀ କହିଛନ୍ତି।



ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ ଓ ଅନ୍ୟ ଅଧିକାରୀ।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ

ବୋଲଗଡ଼,୨୧ା୫(ଡି.ଏନ୍.ଏ.)

ସମ୍ଭାବ୍ୟ ବାତ୍ୟା 'ୟାସ'ର ମୁକାବିଲା ପାଇଁ ବୋଲଗଡ଼ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଧୋବେଇ ନାଏକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ବିଭାଗ ସହିତ ସମନ୍ୱୟ ରକ୍ଷାକରି ବାତ୍ୟାକୁ ମୁକାବିଲା ପାଇଁ ସଜାଗ ରହିବାକୁ ଆଲୋଚନା ହୋଇଥିଲା। ବାତ୍ୟା ସମୟରେ କୋଭିଡ ନିୟମ ସହିତ କାର୍ଯ୍ୟ କରିବା ଏବଂ ସ୍ୱାସ୍ଥ୍ୟ ସେବା ଯେପରି ବ୍ୟାଘାତ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯାତାୟାତ ଓ ବିଦ୍ୟୁତ୍ ସେବା ବ୍ୟାହତ ହେଲେ ତୁରନ୍ତ ପଦକ୍ଷେପ ନେବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆଶ୍ରୟସ୍ଥଳ ନିରୂପଣ କରି ସଜାଗ ରଖିବାକୁ ଆଲୋଚନା ହେଇଥିଲା। ଅନ୍ୟପକ୍ଷେ ବିଡିଓ ନାଏକ ଭର୍ଚୁଆଲରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ କହିଥିଲେ। ଏହି ବୈଠକରେ ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଓ ଯୋଗାଣ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚିଲିକାରେ ଗଡ଼ିଲା ରାଜସ୍ୱ ରଥ




ତହସିଲ ପକ୍ଷରୁ ଜଣେ ହିତାଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ବାଲୁଗାଁ,୨୧ା୫(ଡି.ଏନ୍.ଏ.)

କରୋନା ସଂକ୍ରମଣ ନିୟନ୍ତ୍ରଣ ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଘର ପାଖରେ ଲୋକଙ୍କୁ ସେବା ଯୋଗାଇଦେବା ଲାଗି ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଖୋର୍ଦ୍ଧା ଜିଲା ଚିଲିକା ତହସିଲ ପକ୍ଷରୁ ରାଜସ୍ୱ ରଥର ଶୁଭାରମ୍ଭ ହୋଇଛି। ତହସିଲଦାର ପୁନମ ମହାପାତ୍ର ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିବସରେ ହରିପୁର ଏବଂ ନଇରୀ ପଞ୍ଚାୟତରେ ରଥ ପରିକ୍ରମା କରିଥିଲା। ପ୍ରଥମ ଦିବସରେ ୨୨ଟି ଜମିପଟ୍ଟା, ୩୦ଟି ଜାତିଗତ, ବାର୍ଷିକ ଆୟ ଏବଂ ଆବାସିକ ପ୍ରମାଣପତ୍ର ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଅପର୍ଣ୍ଣା ଡାଙ୍ଗୁଆ, ଅଭିଲେଖପାଳ ପ୍ୟାରୀମୋହନ ପଟ୍ଟନାୟକ ଏବଂ ତହସିଲ କର୍ମଚାରୀମାନେ ସାମିଲ ହୋଇ ସୁପରିଚାଳନା କରିଥିଲେ। ଲକ୍‌ଡାଉନ ଥିବା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ତହସିଲଦାର କହିଛନ୍ତି। ରାଜସ୍ୱ ବିଭାଗର ଏପରି ଜନହିତକର କାର୍ଯ୍ୟକୁ ହିତାଧିକାରୀମାନେ ପ୍ରଶଂସା କରିଛନ୍ତି।

# ଖଡ଼ିପଦର, ବୋରିଗାଁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍

ବେଗୁନିଆ,୨୧ା୫(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ରୋକିବା ଲାଗି ପ୍ରଶାସନ ପକ୍ଷରୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଉଛି। ଏହି ପରିପ୍ରେକ୍ଷୀରେ ବେଗୁନିଆ ବ୍ଲକ ସିକୋ ପଞ୍ଚାୟତ ଅନ୍ତର୍ଗତ ଖଡିପଦର ଓ ବୋରିଗାଁକୁ ଉପଜିଲାପାଳ ଅଶୋକ କୁମାର ବେହୁରିଆ ୧୦ଦିନ ପାଇଁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍‌ଭାବେ ଘୋଷଣା କରିଛନ୍ତି। ଶୁକ୍ରବାର ସନ୍ଧ୍ୟା ୭ଟାରୁ ଆସନ୍ତା ୩୦ତାରିଖ ରାତି ୯ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଉକ୍ତ ଅଞ୍ଚଳରେ ଜରୁରିକାଳୀନ ସେବାକୁ ଅନୁମତି ମିଳିଥିବା ବେଳେ ଅଗ୍ନିଶମ ବିଭାଗ ସାନିଟାଇଜ୍ କରାଯିବ। ଏହି କଣ୍ଟେନମେଣ୍ଟ ଅଞ୍ଚଳର ଲୋକେ ବାହାରକୁ ଯିବେ ନାହିଁ ଏବଂ ବାହାର ଲୋକେ ଏହି ଗ୍ରାମରେ ପ୍ରବେଶ କରିବାକୁ ବାରଣ କରାଯାଇଛି। ସୂଚନାଥାଉ କି, ଏହି ବ୍ଲକ ଅଞ୍ଚଳରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ୩୫୮ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

## ୨୮୮ ପଜିଟିଭ୍, ୨୧୦ ସୁସ୍ଥ

ଖୋର୍ଦ୍ଧା ଅଫିସ,୨୧ା୫

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଶୁକ୍ରବାର ୨୮୮ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨୧୦ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୪୦, ବାଲିପାଟଣା ୬୮, ଭୁବନେଶ୍ୱର ବ୍ଲକ ୨୨, ଜଟଣୀ ୨୨, ଖୋର୍ଦ୍ଧା ୨୯, ବେଗୁନିଆ ୨୧, ବୋଲଗଡ଼ ୩୩, ଟାଙ୍ଗୀ ୨୯, ଚିଲିକା ୧୫ ଏବଂ ବାଣପୁରର ୯ଜଣ ରହିଛନ୍ତି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଶୁକ୍ରବାର ସୁଦ୍ଧା ୩,୩୪,୫୪୨ ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ୧୮,୯୧୭ ପଜିଟିଭ ଚିହ୍ନଟ ହୋଇଛନ୍ତି। ୧୭,୧୯୭ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧୬୬୩ ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଶୁକ୍ରବାର ୩ଟି କେନ୍ଦ୍ରରେ ୩୬୮ ଜଣ ଟିକା ନେଇଛନ୍ତି।

# ଅଣ୍ଡାଦାନର ୯ ଘଣ୍ଟା ପରେ ଅଜଗର ଉଦ୍ଧାର

- ସ୍ନେକ୍ ହେଲ୍ପଲାଇନ ଧରି ହଳଦିଆ ବନାଞ୍ଚଳକୁ ହସ୍ତାନ୍ତର କଲା



- ସ୍କୁଲଘରେ ସଂରକ୍ଷିତ ରହିଲା ୩୦ ଅଣ୍ଡା



ଖୋର୍ଦ୍ଧା ଅଫିସ,୨୧ା୫

ଚନ୍ଦକା ବନଖଣ୍ଡ ହଳଦିଆ ବନାଞ୍ଚଳ ଅଧୀନ ଖୋର୍ଦ୍ଧା ବ୍ଲକ ମଲ୍ଲୀପୁର ପଞ୍ଚାୟତର ଗଡ଼ନିଆଳ ଗ୍ରାମ୍ୟ ଜଙ୍ଗଲରେ ଗର୍ଭିଣୀ ଅଜଗରକୁ ଗ୍ରାମବାସୀ ଏବଂ ବନ ବିଭାଗ ପକ୍ଷରୁ ସୁରକ୍ଷା ଦିଆଯାଇଥିଲା। ଏଥିସହ ଅଜଗର ରହୁଥିବା ସ୍ଥାନ ଚାରିପଟେ ବ୍ୟାରିକେଡ୍ କରାଯାଇଥିଲା। ଅସ୍ଥାୟୀ କ୍ୟାମ୍ପ କରି ଗ୍ରାମବାସୀ ଓ ବନ କର୍ମଚାରୀ ଜଗି ରହିଥିଲେ। ଶନିବାର ଏହି ଅପେକ୍ଷାର ଅନ୍ତ ଘଟିଛି। ଅଜଗର ୩୦ଟି ଅଣ୍ଡାଦାନ କରି ଉକ୍ତ ସ୍ଥାନ ଛାଡ଼ି ପଳାଇଥିଲା। ଖବରପାଇ ସ୍ନେକ ହେଲ୍ପଲାଇନ ସଦସ୍ୟ ଶୁଭେନ୍ଦୁ ମଲ୍ଲିକ ଟିମ୍ ସହ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଅପରାହ୍ନ ୪ଟାରେ ସ୍ନେକ ହେଲ୍ପଲାଇନ କର୍ମଚାରୀ ସାପକୁ ଉଦ୍ଧାର କରି ହଳଦିଆ ବନବିଭାଗକୁ ହସ୍ତାନ୍ତର କରିଥିଲେ। ଏଥିସହ ଉଦ୍ଧାର ଅଣ୍ଡାକୁ ଗଡ଼ନିଆଳ ଗ୍ରାମର ଏକ ସ୍କୁଲ ଗୃହରେ ପ୍ଲାଷ୍ଟିକ ଜାରରେ ବାଲି ବିଛାଯାଇ ସଂରକ୍ଷିତ ରଖାଯାଇଛି।

ଏହି ଅଣ୍ଡାଗୁଡ଼ିକର ଲମ୍ବ ୮ସେଣ୍ଟିମିଟର ଓ ପ୍ରସ୍ଥ ୫ ସେଣ୍ଟିମିଟର। ସମସ୍ତ ଅଣ୍ଡା ସୁରକ୍ଷିତ ଭାବେ ଠିକ୍ ତାପମାତ୍ରରେ ରହିଥିବା ମଲ୍ଲିକ କହିଛନ୍ତି। ତେବେ ସମ୍ଭାବ୍ୟ ବାତ୍ୟାରେ ଅଣ୍ଡାଗୁଡିକ ନଷ୍ଟ ହୋଇଯିବା କିମ୍ବା ଗୋଧି, ହିଂସ୍ର ଜନ୍ତୁ ଖାଇଯିବା ଆଶଙ୍କା ରହିଛି। ଏଥିପ୍ରତି ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଅଣ୍ଡାରୁ ଛୁଆ ଫୁଟିବା ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ ବୋଲି ହଳଦିଆ ରେଞ୍ଜର ଜୟକୃଷ୍ଣ ପଣ୍ଡା କହିଛନ୍ତି। ଅଜଗର ଅଣ୍ଡାଦାନ ପର୍ଯ୍ୟନ୍ତ ଗ୍ରାମବାସୀ ସୁରକ୍ଷା ଦେବା ପ୍ରଥମ ଘଟଣା ବୋଲି ରେଞ୍ଜର କହିଛନ୍ତି। ପ୍ରଥମରୁ ଏହା ଉପରେ 'ଧରିତ୍ରୀ' ପକ୍ଷରୁ ଖବର ପରିବେଷଣ କରାଯାଇଥିଲା। କିଛିଦିନ ପରେ ଅଣ୍ଡାରୁ ଛୁଆ ବାହାରିବା ପରେ ଜଙ୍ଗଲରେ ଛଡ଼ାଯିବ। ଗଡ଼ନିଆଳ ଗ୍ରାମବାସୀ, ବନ ବିଭାଗ ଏବଂ ସ୍ନେକ ହେଲ୍ପଲାଇନ ସଦସ୍ୟଙ୍କ ବନ୍ୟ ସରୀସୃପ ପ୍ରତି ଦାୟିତ୍ୱ ସମସ୍ତଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି।



୨୧.୦୫.୨୦୨୧
୧୨୫୭ ଟଙ୍କା

# କରୋନା ଉଜାଡ଼ିଲା ବେଉସା

- ଚିନ୍ତାରେ ବ୍ୟବସାୟୀ
- ପରିବାର ଚଳାଇବା କଷ୍ଟକର ହୋଇପଡୁଛି

**କଟକ ଅଫିସ,୨୧।୫**

ରାଜ୍ୟରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଅବଧିକୁ ବୃଦ୍ଧି କରିଛନ୍ତି। ଏହାର ପ୍ରଭାବ କଟକ ସହରରେ ଥିବା ଛୋଟ ଦୋକାନୀ, ଉଠାଦୋକାନୀଙ୍କ ଉପରେ ପଡିଛି। ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ବ୍ୟବସାୟୀମାନେ ସେମାନଙ୍କ ଦୋକାନ ଖୋଲିପାରୁନାହାନ୍ତି। ଫଳରେ ସେମାନଙ୍କର ବ୍ୟବସାୟ ଠପ୍ ହୋଇଯାଇଛି। ପୂର୍ବବର୍ଷ ଲକ୍‌ଡାଉନ୍ ସମୟରେ ସେମାନଙ୍କ ବ୍ୟବସାୟରେ ବ୍ୟାପକ କ୍ଷତି ହୋଇଥିଲା। ପରିସ୍ଥିତିରେ ସୁଧାର ଆସିବା ପରେ ସେମାନେ ବ୍ୟବସାୟ ଆରମ୍ଭ କରିଥିଲେ। ହେଲେ କରୋନାର ଦ୍ୱିତୀୟ ଲହର ସେମାନଙ୍କ ବେଉସା ଉଜାଡିଦେଇଛି। ରୋଜଗାର ନ ଥିବାରୁ ସେମାନେ ଘରେ ବସିଛନ୍ତି। ଏଭଳି ପରିସ୍ଥିତିରେ ପରିବାର ପ୍ରତିପୋଷଣ କରିବା, ଘରଭଡା ଓ ପିଲାଙ୍କ ପାଠପଢା ଖର୍ଚ୍ଚ ଦେବା ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ତୁରନ୍ତ ସରକାର କିଛି ଆର୍ଥିକ ସହାୟତା ଯୋଗାଇଦେଲେ ପରିସ୍ଥିତିରେ ସୁଧାର ଆସିପାରନ୍ତା ବୋଲି ବ୍ୟବସାୟୀମାନେ କହିଛନ୍ତି।



“ସିଏମ୍‌ସି ପକ୍ଷରୁ ୨୦୧୭ ମସିହାରେ ହୋଇଥିବା ସର୍ଭେ ଅନୁସାରେ ସହରରେ ୩୪୬୩ ଜଣ ଛୋଟ ଓ ଉଠା ଦୋକାନୀ ଅଛନ୍ତି। ସେଥିମଧ୍ୟରୁ ପୂର୍ବବର୍ଷ ଲକ୍‌ଡାଉନ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୯୧୯ କ୍ଷୁଦ୍ର ବ୍ୟବସାୟୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ଦିଆଯାଇଥିଲା। ଅନ୍ୟ ୧୫୪୪ ଜଣ ବ୍ୟାଙ୍କ ଡିଟେଲ୍ସ ଠିକ୍ ଭାବେ ଦେଇ ନ ପାରିବାରୁ ସେମାନେ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି।

**-ଅମ୍ରିତ ସରକାର, ସିଏମ୍‌ସି ବସ୍ତି ଉନ୍ନୟନ ଅଧିକାରୀ**



“ଗତବର୍ଷ ଲକ୍‌ଡାଉନ୍‌ବେଳେ କେନ୍ଦ୍ର ସରକାର କ୍ଷତିପୂରଣ ବାବଦକୁ ବ୍ୟବସାୟୀମାନଙ୍କୁ ୧୦ ହଜାର ଟଙ୍କା ଲେଖାଏ ଦେଇଥିଲେ। ହେଲେ ୨୦ ଦିନ ତଳେ କେତେଜଣ ବ୍ୟବସାୟୀଙ୍କୁ ବ୍ୟାଙ୍କ୍ ପକ୍ଷରୁ ଏହି ଅର୍ଥ ପ୍ରଦାନ କରାଯାଇଥିଲା। ଆହୁରି ଅନେକ ଜଣ ଏ ବାବଦ ଅର୍ଥ ପାଇନାହାନ୍ତି। ଚଳିତବର୍ଷ ଲକ୍‌ଡାଉନ୍, ଶଟ୍‌ଡାଉନ୍ ଯୋଗୁ ବ୍ୟବସାୟ ଠପ୍ ହୋଇଯାଇଛି। ସରକାର ଯଦି କିଛି ଅର୍ଥ ସହାୟତା କରନ୍ତେ ଭଲ ହୁଅନ୍ତା।

**-ଚନ୍ଦନ କୁମାର ଦତ୍ତ, ଚା’ ଦୋକାନୀ**



“ଆଗରୁ ଦିନକୁ ୪/୫ ହଜାର ଟଙ୍କା ବ୍ୟବସାୟ ହେଉଥିଲା। ଏବେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ବ୍ୟବସାୟ ବନ୍ଦ ହୋଇଯାଇଛି। ମାଲିକ ଦୋକାନ ଘର ବାବଦକୁ ଭଡା ଛାଡୁନାହାଁନ୍ତି। ଏପରିସ୍ଥିତିରେ ଚଳିବା କଷ୍ଟକର ହୋଇପଡିଛି। ସରକାର ଛୋଟ ଦୋକାନୀଙ୍କ ପ୍ରତି ଦୃଷ୍ଟି ଦେଇ ସହାୟତା ଯୋଗାଇ ଦିଅନ୍ତୁ।

**-ସତ୍ୟଜିତ୍ ରାଉତ, ଜଳଖିଆ ଦୋକାନୀ**



“ଦୋକାନ ବନ୍ଦ ରହିବାରୁ ଘରଭଡା, ପିଲାଙ୍କ ପାଠପଢ଼ା ଖର୍ଚ୍ଚ ଓ ପରିବାର ଚଳାଇବା ଆମ ପାଇଁ କଷ୍ଟକର ହୋଇଯାଇଛି। ଆୟ ତୁଳନାରେ ବ୍ୟୟ ଅଧିକ ମାତ୍ରାରେ ହେଉଛି।

**-ଶରତ ସାହୁ, ପାନଦୋକାନୀ**



ପୁରୀ ବାଲିଗୁଆଲିଠାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିଡିଓ କନ୍‌ଫରେନ୍ସରେ ଲୋକାର୍ପିତ ହୋଇଥିବା କୋଭିଡ୍ ହସ୍ପିଟାଲ।

## ରଥଖଳାରୁ

# ସୂତାବାଡ଼ିଆ ସରି ଘେରକଟା ଚାଲିଛି



ତୁମ୍ବରେ ଅର ବିନ୍ଧ ପାଇଁ ସୂତା ବାଡ଼େଇ ଦାଗ ଦିଆଯାଉଛି।

**ପୁରୀ ଅଫିସ,୨୧।୫**

କୋଭିଡ୍ ଗାଇଡଲାଇନ୍ ପାଳନ ସହ ରଥଖଳାରେ କାମ ଚାଲିଛି। ଶୁକ୍ରବାର ୭୯ ସେବକ କାର୍ଯ୍ୟରେ ନିୟୋଜିତ ଥିଲେ। ଏମାନଙ୍କ ମଧ୍ୟରେ ୩୦ ମହାରଣା, ୩୦ ଭୋଇ ସେବକ, ୪ କରତି ସେବକ, ୧୨ କମାର ସେବକ, ୨ ତୁମ୍ବବିନ୍ଧ କାରିଗର ଓ ଜଣେ ସହାୟକ ରହିଥିଲେ। ତାଳଧ୍ୱଜ ରଥର ମୋଟ ୧୪ଟି ତୁମ୍ବ ମଧ୍ୟରୁ ୧୧ଟିର ପ୍ରାଥମିକ ଗୋଲେଇ କାମ ସରିଛି। ଉକ୍ତ ତୁମ୍ବଗୁଡ଼ିକର ସୂତାବାଡ଼ିଆ କାର୍ଯ୍ୟ ସୂତାରି ମହାରଣାଙ୍କ ଦ୍ୱାରା ଶେଷ ହୋଇଛି। ଏହାପରେ ମାପ ଅନୁଯାୟୀ କରତି ସେବକମାନେ ବଳକା ଅଂଶ କାଟି ବା ଘେର କାଟି ତୁମ୍ବ ବିନ୍ଧ ଯୋଗାଇବେ। ସେହିଭଳି ଦେବଦଳନ ରଥର ୧୨ଟି ଯାକ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ପରେ ସୂତାବାଡ଼ିଆ ଓ ଘେରକଟା ସରିଛି। ନନ୍ଦିଘୋଷ ରଥର ୧୬ ତୁମ୍ବର ପ୍ରାଥମିକ ଗୋଲେଇ ଓ ସୂତାବାଡ଼ିଆ କାମ ସରିଛି। ତୁମ୍ବବିନ୍ଧ ପାଇଁ ଦୁଇଟି ତୁମ୍ବର ଘେର କାଟି କରତି ସେବକ ଯୋଗାଇଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ୩ ରଥ ପାଇଁ ଓଖା ସେବକମାନେ ଦୁଇହଳ ଲେଖାଏ ପନ୍ଦାରି ତିଆରି କରିଛନ୍ତି।

## ସଂକ୍ଷେପରେ

### ଆଜି ୪ କେନ୍ଦ୍ରରେ ଟିକା ଦିଆଯିବ

**ସାକ୍ଷୀଗୋପାଳ,୨୧।୫(ସ୍ୱ.ପ୍ର.):** ସତ୍ୟବାଦୀରେ ଶନିବାର ସକାଳ ୯ଘଟିକାଠାରୁ ୪୫ ବର୍ଷ ଓ ତଦୂର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ପ୍ରଥମ ଡୋଜ ଟିକା ପ୍ରଦାନ କରାଯିବ। ଏହି ଟିକାକରଣ ପାଇଁ ନିଜର ବୟସ ପ୍ରମାଣପତ୍ର ଆଣି ପଞ୍ଜୀକରଣ କେନ୍ଦ୍ରରେ ପଞ୍ଜୀକରଣ କରିବା ସହ କରୋନା ଗାଇଡ୍‌ଲାଇନ ପାଳନ କରିବା ପାଇଁ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଟିକା ଗ୍ରହଣ କେନ୍ଦ୍ରଗୁଡିକ ହେଲା ସୁକଲ କେନ୍ଦ୍ରୀୟ ପ୍ରାଥମିକ ବିଦ୍ୟାଳୟ, ଅଲଗୁମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସାକ୍ଷୀଗୋପାଳ ଓ ପାଣିଛତ୍ର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମହୁରା। ଏହି ୪ଟି ଟିକାକରଣ କେନ୍ଦ୍ର ପାଇଁ ୬ଶହ ଡୋଜ ଓ ପ୍ରତ୍ୟେକ କେନ୍ଦ୍ର ପାଇଁ ୧୫୦ ଡୋଜ ଦିଆଯିବ ବୋଲି ସତ୍ୟବାଦୀ ବିଡିଓ କ୍ଷୀରୋଦ କୁମାର ବେହେରା ପ୍ରକାଶ କରିଛନ୍ତି।

### ରାସ୍ତାକଡ଼ରୁ ମୃତଦେହ ଜବତ

**ଗୋପ,୨୧।୫(ଡି.ଏନ୍.ଏ.):** ଗୋପ ଥାନା ନାଗପୁର ମୁଗୁରିଆ ଛକ ନିକଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଶୁକ୍ରବାର ପୋଲିସ ଜବତ କରିଛି। ମୃତ ଜଣଙ୍କ ହେଲେ ଏହି ଥାନା ଅଧୀନ ମାଳିସାହି ଗ୍ରାମର ଶିଖେରା ନାୟକ(୫୯)। ଏ ନେଇ ପୋଲିସ ନଂ.୧୨/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଶିଖେରା ପ୍ରତ୍ୟେକ ଦିନ କୋଣସି କାର୍ଯ୍ୟରେ ନାଗପୁର ଆସିଥାନ୍ତି। ଗୁରୁବାର ରାତିରେ ସେ ନାଗପୁର ଆସିଥିଲେ ମଧ କୌଣସି କାରଣରୁ ଘରକୁ ଫେରି ନ ଥିଲେ। ଶୁକ୍ରବାର ସକାଳେ ତାଙ୍କ ମୃତଦେହ ନାଗପୁର-ବେଗୁନିଆ ରାସ୍ତାର ମୁଗୁରିଆ ଛକ ନିକଟରେ ପଡ଼ିଥିବା ସ୍ଥାନିୟ ଲୋକ ଦେଖିଥିଲେ। ଏହି କଥା ସରପଞ୍ଚ ଅକ୍ଷୟ କୁମାର ନିଶଙ୍କ ଜାଣିବା ଘଟଣାସ୍ଥଳରେ ପହଞ୍ଚି ଗୋପ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ଅବଗତ କରାଇଥିଲେ। ଥାନା ଅଧିକାରୀ ପ୍ରଧାନ, ମହିଳା ଏସ୍‌ଆଇ ପ୍ରିୟା ପ୍ରଧାନ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଡାକ୍ତରଖାନା ପଠାଇଥିଲେ। ତେବେ ମୃତକଙ୍କ ବାମ ହାତ ଖଣ୍ଡିଆ ହେବା ସହ ଶରୀରର ବିଭିନ୍ନ ସ୍ଥାନରେ ଖଣ୍ଡିଆ ହୋଇଛି।

### ୪୨ ୟୁନିଟ୍ ରକ୍ତ ସଂଗ୍ରହ

**କାକଟପୁର,୨୧।୫(ଡି.ଏନ୍.ଏ.):** କାକଟପୁର ବିଜୁ ଛାତ୍ର ଜନତା ସଭାପତି ବିଷ୍ଣୁ ପ୍ରସାଦ ନାୟକଙ୍କ ଆୟୋଜନରେ କୋଭିଡ୍ ନିୟମ ପାଳନ ପୂର୍ବକ ଦେଉଳି ମଠ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ଶିବିର ଉଦ୍‌ଘାଟନ କରି କହିଥିଲେ, କୋଭିଡ୍ ସମୟରେ ରୋଗୀମାନଙ୍କର ବହୁ ପରିମାଣରେ ରକ୍ତର ଆବଶ୍ୟକତା ପଡ଼ିଥାଏ, ଆୟୋଜିତ ରକ୍ତଦାନ ଶିବିରଟି ନିଶ୍ଚିନ୍ତ ଭାବେ ଯୁବ ଓ ଛାତ୍ରମାନଙ୍କୁ ରକ୍ତ ଦାନ କରିବାକୁ ପ୍ରେରଣା ଦେବ। ପୁରୀ ଜିଲା ପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇ, ଅସ୍ତରଙ୍ଗ ବ୍ଲକ ଅଧକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ଅଧକ୍ଷା ମନୋରମା ସ୍ୱାଇଁ, ପୁରୀ ଜିଲା ଜୀବନ ବିନ୍ଦୁ ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, କାକଟପୁର ବିଜୁ ଯୁବ ସଂଗଠନର ସଭାପତି ରଞ୍ଜନ ନାୟକ ଓ କୁଣ୍ଢେଇ ସରପଞ୍ଚ ଶୁଭ୍ରଜିତ ମଲ୍ଲଙ୍କ ସହଯୋଗରେ ଶିବିରରେ ୪୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ଅଭିଯୋଗ ସତ୍ତ୍ୱେ କିରୋସିନ କଳାବଜାର

**ଗୋପ,୨୧।୫(ଡି.ଏନ୍.ଏ.)**

ଏପ୍ରିଲରେ ଗୋପ ବ୍ଲକ ଅଧୀନ ତଥା ବନାଖଣ୍ଡି ପଞ୍ଚାୟତର ଶାରଡା ଗ୍ରାମର ଡିଲର ହିତାଧିକାରୀଙ୍କୁ କମ ପରିମାଣର କିରୋସିନ ଦେଇ ପରେ କଳାବଜାର କରିବା ଅଭିଯୋଗ ଆସିଥିଲା। ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଚଳିତ ମାସରେ ସାମ୍ଭାବ୍ୟ ବାତ୍ୟା ୟାସ୍‌କୁ ନେଇ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଥିବା ବେଳେ ଗୋପ ବ୍ଲକ ପକ୍ଷରୁ କିରୋସିନ ଓ ଚାଉଳ, ଗହମ ବଣ୍ଟନ କରାଯାଉଛି। ମାତ୍ର ଶାରଡା ଡିଲର କେନ୍ଦ୍ର ସହିତ ଆଉ କେତେକ ଡିଲର କେନ୍ଦ୍ରରେ ହିତାଧିକାରୀଙ୍କୁ କମ ପରିମାଣର କିରୋସିନ ଦିଆଯାଉଥିବା ଅଭିଯୋଗ ଆସିଛି। ଏପ୍ରିଲରେ ପ୍ରତ୍ୟେକ କାର୍ଡ ପିଛା ୪ଲିଟର କିରୋସିନ ବଣ୍ଟନ କରିବା ନିର୍ଦ୍ଦେଶ ଥିବାବେଳେ ଶାରଡା ଡିଲର ହିତାଧିକାରୀଙ୍କୁ ୧୦୦ ଗ୍ରାମ କାଟି ତେଲ ଦେଇଥିଲେ। ସାମ୍ଭାବ୍ୟ ବାତ୍ୟାକୁ ନେଇ ଏବେ ମେ, ଜୁନରେ କାର୍ଡରୁ ଅଧିକ କିରୋସିନ ବଣ୍ଟନ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ତାହା ବଣ୍ଟନ ହେଉ ନ ଥିବା ଜଣାପଡିଛି। ଏ ଅଭିଯୋଗ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, କରୋନା ପାଇଁ ଏବେ ଅନ୍ୟ କାର୍ଯ୍ୟ ରହୁଥିବାରୁ ଏହି ଅଭିଯୋଗରେ ଖୁବଶୀଘ୍ର ଦୃଷ୍ଟି ଦେବି ବୋଲି କହିଛନ୍ତି। ଜିଲାପାଳଙ୍କ ନିକଟରେ ମଧ ଏପରି ଅଭିଯୋଗ ହୋଇଥିବା ବେଳେ ଶାରଡା ଡିଲର କେନ୍ଦ୍ର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦାବି ହୋଇଛି।

# ୟାସ୍ ପାଇଁ ୭୪ ଟ୍ରେନ୍ ବାତିଲ

**ଭୁବନେଶ୍ୱର, ୨୧।୫**

ୟାସ୍‌କୁ ନଜରରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ପ୍ରାୟ ୭୪ ଟ୍ରେନ୍ ବାତିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବତଟ ରେଳପଥ ପରିସରରେ ଭୁବନେଶ୍ୱର ଏବଂ ପୁରୀ ଭଳି ସ୍ଥାନରୁ ଯାତ୍ରା ଆରମ୍ଭ କରୁଥିବା ଏବଂ ଗନ୍ତବ୍ୟସ୍ଥଳ ଟ୍ରେନ ସମେତ ହାଓଡା-ଚେନ୍ନାଇ ମେନ୍ ଲାଇନରେ ଚଳାଚଳ କରୁଥିବା ବିଭିନ୍ନ ଟ୍ରେନ ଏହା ମଧ୍ୟରେ ସାମିଲ ରହିଛି। ପ୍ରମୁଖ ଟ୍ରେନ ମଧ୍ୟରେ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ସ୍ପେଶାଲ, ଭୁବନେଶ୍ୱର-ହାଓଡା ଜନଶତାବ୍ଦୀ ସ୍ପେଶାଲ, ପୁରୀ- ନୂଆଦିଲ୍ଲୀ ସ୍ପେଶାଲ, ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ସ୍ପେଶାଲ, ହାଓଡା-ପୁରୀ-ହାଓଡା ସ୍ପେଶାଲ, ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ସ୍ପେଶାଲ ଏବଂ ପୁରୀ-ଋଷିକେଶ କଳିଙ୍ଗ ଉତ୍କଳ ସ୍ପେଶାଲ ଟ୍ରେନ୍ ରହିଛି। ସେହିଭଳି ପୁରୀରୁ ବାହାରି ଅହମ୍ମଦାବାଦ, ସୁରଟ ଏବଂ ଆଜମେର ଭଳି ସ୍ଥାନକୁ ଯାଉଥିବା ଟ୍ରେନ୍ ଏହା ମଧ୍ୟରେ ସାମିଲ ରହିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

# ୪୧୦ ଜଣ ଟିକା ନେଲେ

**ପୁରୀ ଅଫିସ,୨୧।୫**

ପୁରୀ ସହରର ୪ କେନ୍ଦ୍ରରେ ୪୧୦ ଜଣଙ୍କର ଟିକାକରଣ କରାଯାଇଛି। ସେହିଭଳି ପୁରୀ ଜିଲାର ୧୧ ବ୍ଲକ୍‌ର ୫୮ କେନ୍ଦ୍ରରେ ଟିକାକରଣ ଚାଲିଛି। ଅନ୍ୟପକ୍ଷରେ ୫୬୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୪୧ ପୁରୀ ସହରରୁ ଓ ୬୪ ଜଣ ପୁରୀ ସଦରରୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସତ୍ୟବାଦୀରୁ ୬୧, ପିପିଲିରୁ ୫୮, ଗୋପରୁ ୪୩, ବ୍ରହ୍ମଗିରିରୁ ୨୩, କୃଷ୍ଣପ୍ରସାଦରୁ ୨୨ ଓ ନିମାପଡ଼ାରୁ ୪୮ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ସେହିଭଳି ୬ଜଣ ସଂକ୍ରମିତଙ୍କର ଶୁକ୍ରବାର କୋଭିଡ୍ ଶ୍ମଶାନଘାଟରେ ଶେଷକୃତ୍ୟ କରାଯାଇଛି। କାଳିକାଦେବୀ ସାହିର ୬୫ ବର୍ଷୀୟା ମହିଳା, ଶ୍ରୀକ୍ଷେତ୍ର କଲୋନୀର ୬୨ ବର୍ଷୀୟ ପୁରୁଷ, ପୁରୁଣା ସଦର ଥାନା ନିକଟସ୍ଥ ୮୬ ବର୍ଷୀୟ ପୁରୁଷ, କାକଟପୁରର ୫୦ ବର୍ଷୀୟ ପୁରୁଷ, ଚନ୍ଦନପୁରର ୩୫ ବର୍ଷୀୟା ମହିଳା ଓ ଚନ୍ଦନପୁରର ୨୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି।

# ବାୟୋବବଲ୍ ବ୍ୟବସ୍ଥାର ସମୀକ୍ଷା କଲେ ଜିଲାପାଳ

**ପୁରୀ ଅଫିସ,୨୧।୫**

କୋଭିଡ୍ କଟକଣାକୁ ନଜରରେ ରଖି ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଶୁକ୍ରବାରଠାରୁ ରଥଖଳାକୁ ବାୟୋବବଲ୍ ବଳୟରେ ରଖାଯାଇଥିବାବେଳେ ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂ ଏହି ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ରଥଖଳରେ ନିୟୋଜିତ ସେବକମାନଙ୍କର ପ୍ରଥମ ଡୋଜ୍ ଟିକାକରଣ ସରିଛି। ଯେଉଁ ନୂଆ ସେବକ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି, ପ୍ରଥମେ ତାଙ୍କର ଟେଷ୍ଟିଂ ହେଉଛି। ରିପୋର୍ଟ ଆସିବା ପର୍ଯ୍ୟନ୍ତ ଆଇସୋଲେଶନ୍‌ରେ ରହୁଛନ୍ତି। ନେଗେଟିଭ୍ ରିପୋର୍ଟ ମିଳିଲେ ରଥଖଳାରେ ଯୋଗଦେଉଛନ୍ତି। ବର୍ତ୍ତମାନ ସୁଦ୍ଧା ୧୮ ଜଣ ପଜିଟିଭ୍ ଚିହ୍ନଟ ହେଲେଣି। ୧୨ ଜଣ ମହାରଣା ଓ ୬ ଭୋଇ ସେବାୟତ ପଜିଟିଭ୍ ହୋଇଥିବାବେଳେ ଏମାନଙ୍କ ଚିକିତ୍ସା ଜାରି ରହିଛି।

# ୪ ଜିଲାକୁ ଗଡ଼ିଲା ସଚେତନତା ରଥ

**ଭୁବନେଶ୍ୱର, ୨୧।୫ (ବ୍ୟୁରୋ)**

**୩ ମାସ ଧରି କରୋନା ସମ୍ପର୍କରେ ସଚେତନ କରିବ**

କରୋନା ମହାମାରୀଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ତୃଣମୂଳ ସ୍ତରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶୁକ୍ରବାର ସଂସ୍କୃତି ଭବନ ପରିସରରେ ସଚେତନତା ରଥ ଲୋକାର୍ପିତ ହୋଇଛି। କୋଭିଡ୍-୧୯ ସଚେତନତା ଅଭିଯାନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ସହଯୋଗରେ ୮ ରଥ ୪ ଜିଲାକୁ ଯାତ୍ରା ଆରମ୍ଭ କରିଛି। ଏହି ରଥଗୁଡିକ ଖୋର୍ଦ୍ଧା, ପୁରୀ, କଟକ ଓ ଜଗତ୍‌ସିଂହପୁର ଜିଲାରେ ୩ମାସ ପର୍ଯ୍ୟନ୍ତ ଭିଡିଓ ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରିବ। ପ୍ରତି ଜିଲାରେ ୨ଟି ରଥ ପରିକ୍ରମା କରିବ। ଏହି କାର୍ଯ୍ୟକ୍ରମକୁ ରାଜସ୍ୱ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ସଂସ୍କୃତି ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ପ୍ରୋଜେକ୍ଟ ହୋପ୍‌ର ପ୍ରକଳ୍ପ ସଂଯୋଜକ ଆଲୋକ କୁମାର ମହାନ୍ତି, ମାଇଁ ହାର୍ଟର ଉପଦେଷ୍ଟା ଡ. ପ୍ରବୋଧ କୁମାର ମିଶ୍ର, ନିର୍ଦ୍ଦେଶକ ଶକ୍ତିଧର ସାହୁ, ନେହେରୁ ଯୁବ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ନବୀନ ନାୟକ ଓ ୟୁନିସେଫ୍‌ର ରାଜ୍ୟ ସଂସ୍କୃତି ସଂଯୋଜକ ବାସୁଦେବ ମାଳବିଶୋଇ ଉପସ୍ଥିତ ଥିଲେ। ଏହି ଅବସରରେ ଅଭିଯାନ ପାଇଁ ଉତ୍ସର୍ଗୀକୃତ ୩ଟି ସଚେତନତାଧର୍ମୀ ସଂଗୀତ ଲୋକାର୍ପିତ ହୋଇଥିଲା। ‘ଭାଙ୍ଗିବା ଲକ୍‌ଡାଉନ୍, ଭାଙ୍ଗିବା ଶଟ୍‌ଡାଉନ୍’ ଓ ‘କେଉଁ ବେଳାରେ ଆସିଲା ଏହି କରୋନା ଭୂତାଣୁ’ ଗୀତକୁ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ରଚନା କରିଛନ୍ତି। ସେହିପରି ‘ଆସରେ ଆସ କରିବା ପଣ’ ଗୀତକୁ ବାସୁଦେବ ମାଳବିଶୋଇ ରଚନା କରିଛନ୍ତି। ପବିତ୍ର ପଟ୍ଟନାୟକ ଏହାର ସଂଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଗୀତଗୁଡିକୁ ସତ୍ୟଜିତ୍ ଓ ରଶ୍ମି ଗାଇଛନ୍ତି।

# ଖବରଦାତାଙ୍କ ସୁରକ୍ଷା ପାଇଁ ତହସିଲଦାରଙ୍କୁ ଦାବିପତ୍ର

**କାକଟପୁର,୨୧।୫ (ଡି.ଏନ୍.ଏ)**

ରାଜ୍ୟ ସରକାର ଖବରଦାତାଙ୍କୁ ସମ୍ମୁଖ କରୋନା ଯୋଦ୍ଧା କହୁଥିବା ବେଳେ କିନ୍ତୁ ବିଭିନ୍ନ ସମୟରେ ସେମାନେ ଅତ୍ୟାଚାର ଓ ଆକ୍ରମଣର ସମ୍ମୁଖୀନ ହେଉଛନ୍ତି। ଯାହା ରାଜ୍ୟ ପାଇଁ ଏକ ନିନ୍ଦନୀୟ ଘଟଣା। ପୁରୀରେ କାର୍ଯ୍ୟରତ ଖବରଦାତାଙ୍କ ଉପରେ ପୋଲିସ କରିଥିବା ଆକ୍ରମଣ ଘଟଣାକୁ କାକଟପୁର ପ୍ରେସ କ୍ଲବ ପକ୍ଷରୁ ନିନ୍ଦା କରିଛି। ଏଥିସହ ଖବରଦାତାଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ସରକାର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ ଓ ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ କାକଟପୁର ତହସିଲଦାର ବିରଞ୍ଚି ନାରାୟଣ ବେହେରାଙ୍କ ଜରିଆରେ ପ୍ରଦାନ କରିଥିଲେ। ସମ୍ପାଦକ ଅକ୍ଷୟ ରାଉତ, ପ୍ରଦୀପ ପଣ୍ଡା,ଶଙ୍କର ପ୍ରସାଦ ଦାସ, ପ୍ରଶାନ୍ତ ଜେନା,ସମରେନ୍ଦ୍ର ଦୀକ୍ଷିତ, ପ୍ରଭାତ ଦୀକ୍ଷିତ, ଶରତ ଦାଶ, ଶୁଭଦର୍ଶନ ମିଶ୍ର, ଆଦିତ୍ୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ତହସିଲଦାରଙ୍କୁ ଖବରଦାତାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଅଣ୍ଡାଦାନ ପରେ ଅଜଗର ଉଦ୍ଧାର

**ଖୋର୍ଦ୍ଧା ଅଫିସ,୨୧।୫**

ଚନ୍ଦକା ବନଖଣ୍ଡ ହଳଦିଆ ବନାଞ୍ଚଳ ଅଧୀନ ଖୋର୍ଦ୍ଧା ବ୍ଲକ ମଲ୍ଲୀପୁର ପଞ୍ଚାୟତର ଗଡ଼ନିଆଳ ଗ୍ରାମ୍ୟ ଜଙ୍ଗଲରେ ଗର୍ଭିଣୀ ଅଜଗରକୁ ଗ୍ରାମବାସୀ ଏବଂ ବନ ବିଭାଗ ପକ୍ଷରୁ ସୁରକ୍ଷା ଦିଆଯାଇଥିଲା। ଶନିବାର ଅଜଗର ୩୦ଟି ଅଣ୍ଡାଦାନ କରି ଉକ୍ତ ସ୍ଥାନ ଛାଡ଼ି ପଳାଇଥିଲା। ସ୍ନେକ ହେଲ୍ପଲାଇନ ସଦସ୍ୟ ଶୁଭେନ୍ଦୁ ମଲ୍ଲିକ ଟିମ୍ ସହ ପହଞ୍ଚି ସାପକୁ ଉଦ୍ଧାର କରି ହଳଦିଆ ବନବିଭାଗକୁ ହସ୍ତାନ୍ତର କରିଥିଲେ। ଏଥିସହ ଉଦ୍ଧାର ଅଣ୍ଡାକୁ ଗଡ଼ନିଆଳ ଗ୍ରାମର ଏକ ସ୍କୁଲ ଗୃହରେ ପ୍ଲାଷ୍ଟିକ ଜାରରେ ବାଲି ବିଛାଯାଇ ସଂରକ୍ଷିତ ରଖାଯାଇଛି। ଏନେଇ ପ୍ରଥମେ ‘ଧରିତ୍ରୀ’ ଖବର ପରିବେଷଣ କରିଥିଲା।



ଆର୍ଥିକ ସହାୟତା ପାଇଁ ପୁରୀ ବେଳାଭୂମି ଫଟୋଗ୍ରାଫର ଆସୋସିଏଶନ କର୍ମକର୍ତ୍ତାମାନେ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

# ୮ ଦିନ ପରେ ଯୋଡ଼ାପଦରକୁ ବାଟ ଫିଟିଲା

**କଣାସ,୨୧।୫(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ଯୋଡ଼ାପଦର ଗ୍ରାମରେ ଗତ ୧୪ତାରିଖ ଦିନ ଜଣେ ମହିଳା କରୋନାରେ ଆକ୍ରାନ୍ତ ହୋଇ ପୁରୀ କୋଭିଡ୍ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ମହିଳାଙ୍କ ମୃତ୍ୟୁ ପରେ ଯୋଡାପଦର ଗ୍ରାମବାସୀ ଏକମାତ୍ର ରାସ୍ତା ଗୁଆଡିଆ ଗ୍ରାମ ଦେଇ ବାହରକୁ ଯାଇଥାଆନ୍ତି। ହେଲେ କରୋନା ଭୟରେ ଗୁଆଡିଆ ଗ୍ରାମବାସୀ ନିଜ ଗ୍ରାମ ମୁଣ୍ଡରେ ବାଉଁଶ ପୋତିଯୋଡାପଦର ଗ୍ରାମବାସୀଙ୍କୁ ଏହି ଗ୍ରାମ ମଝିରେ ନ ଯିବା ପାଇଁ ମନାକରି ଦେଇଥିଲେ। ବନ୍ଦ ସମ୍ପର୍କରେ ଯୋଡ଼ାପଦର ଗ୍ରାମବାସୀ କଣାସ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସହଦେବ ସାହୁଙ୍କୁ ଜଣାଇଥିଲେ। ଖବର ପାଇ ପ୍ରଶାସନିକ ଅଧିକାରୀମାନେ ଆସି ଗୁଆଡିଆ ଗ୍ରାମରେ ପହଞ୍ଚି ବାଉଁଶ ହଟାଇବା ପାଇଁ ଗୁଆଡିଆ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା ସେମାନେ ନିଜ ଜିଦ୍‌ରେ ରହିଥିଲେ। ଫଳରେ ଅଧିକାରୀମାନେ ଗୁଆଡିଆ ଗ୍ରାମର ୪ଜଣ ବ୍ୟକ୍ତି ଓ ଗ୍ରାମବାସୀଙ୍କ ନାମରେ ଏକ ଏତଲା ଗଡିଶାଗୋଦା ଥାନା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କାଙ୍କୁ ଥିଲେ। ପୋଲିସ ମଧ ବୁଝାଇବା ସତ୍ତ୍ୱେ କେହି ଶୁଣି ନ ଥିଲେ।

ଦୀର୍ଘ ୮ଦିନ ହେଲା ଯୋଡାପଦର ଗ୍ରାମବାସୀ ଗ୍ରାମରେ ବନ୍ଦୀ ହୋଇ ରହିବାପରେ ଶୁକ୍ରବାର ଗଡିଶାଗୋଦା ଥାନା ଆଇଆଇସି ଲେଙ୍କା ଗୁଆଡିଆକୁ ଯାଇ ଗ୍ରାମବାସୀଙ୍କୁ ବୁଝାଇବା ସହ ଏବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିବା ପରେ ବାଉଁଶ ହଟାଇଥିଲେ। ଦୀର୍ଘ ୮ଦିନ ହେଲା ପ୍ରଶାସନିକ ଅଧିକାରୀମାନେ ଲିଖିତ ଅଭିଯୋଗ କରିଥିଲେ ମଧ ପୋଲିସ ନିଷ୍କ୍ରିୟ ଥିବାରୁ ଅଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଗଡିଶାଗୋଦା ଆଇଆଇସି ଲେଙ୍କା କହିଛନ୍ତି, ଅଭିଯୋଗ ପାଇବାଠାରୁ ଦୈନନ୍ଦିନ ସେ ଗ୍ରାମକୁ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ଶୁଣି ନ ଥିଲେ। ଶେଷରେ କାର୍ଯ୍ୟାନୁଷ୍ଠାନ ପାଇଁ କହିବା ପରେ ବାଉଁଶ ହଟାଇଛନ୍ତି।



ପୋଲିସ ଗ୍ରାମ ସୀମାନ୍ତରେ ଥିବା ବାଡ଼କୁ ଉଠାଇଦେଉଛି।